
পञ୍ଚାୟତିରାଜ ପ୍ରତିନିଧିଙ୍କୁ ଗୁରୁମନ୍ତ୍ର | ୬

# ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


୧୨ ଦେଶ ଉପରେ ଶୁଳ୍କବୃଦ୍ଧି ଘୋଷଣା | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୯୬ | Vol. 22 No-96 | 06 JULY 2025 SUNDAY, BHUBANESWAR | ରବିବାର, ୬ ଜୁଲାଇ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ବାହୁଡ଼ିଲେ ମହାବାହୁ

# ସିଂହଦ୍ୱାରେ ତିନି ରଥ



- ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଶେଷ
- ଧାର୍ଯ୍ୟ ସମୟର ୧ଘଣ୍ଟା ଆଗରୁ ରଥଟଣା
- ବଡ଼ଦାଣ୍ଡରେ ୧୦ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ
- ଭକ୍ତି ଓ ଭାବରେ ଭିଜିଲା ବଡ଼ଦାଣ୍ଡ
- ଲକ୍ଷ୍ମୀ-ନାରାୟଣ ଭେଟ କରାଇଲେ ଗଜପତି
- ବାହୁଡ଼ାରେ ସୁଧୁରିଲା ଗୁଣ୍ଡିଚା ତ୍ରୁଟି

ପୁରୀ,୫।୭(ଭାସ୍କର ନ୍ୟୁଜ) : ଜନ୍ମବେଦୀରେ ସରିଲା ଲୀଳାଖେଳା। ଗୁଣ୍ଡିଚା ମନ୍ଦିର ଛାଡ଼ି ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଲା ୩ ରଥ। ଉଛୁଳିଲା ବଡ଼ଦାଣ୍ଡ, ସୃଷ୍ଟି ହେଲା ଭାବବିହ୍ୱଳ ପରିବେଶ। ନବଦିନାତ୍ମକ ଘୋଷଯାତ୍ରା ସାରି ନୀଳକନ୍ଦରକୁ ବାହୁଡ଼ି ଯାଇଛନ୍ତି ମହାବାହୁ। ଲକ୍ଷାଧିକ ଭକ୍ତଙ୍କ ଗହଳି ଓ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ତେବେ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ପ୍ରାୟ ୧ ଘଣ୍ଟା ୧୦ ମିନିଟ ସମୟ ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି। ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଯାଇଛି। ସିଂହଦ୍ୱାରରେ ଲାଗିଛି ତିନି ରଥ। ସିଂହଦ୍ୱାର ସମ୍ମୁଖରେ ତିନି ରଥ ପହଞ୍ଚିବା ପରେ ଏହି ଅଞ୍ଚଳ ହୋଇ ଉଠିଥିଲା ଲୋକାରଣ୍ୟ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଘୋଷ ଯାତ୍ରାରେ ଯାଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ନୀଳକନ୍ଦର ଅଭିମୁଖେ ଫେରିଛନ୍ତି । ଫଳରେ ପ୍ରଭୁଙ୍କୁ ଅପେକ୍ଷା କରିଥିବା ଶ୍ରୀମନ୍ଦିର ପଣିଥରେ ହସି ଉଠିଛି। ଶ୍ରୀନହର ସମ୍ମୁଖରେ ହୋଇଥିଲା ଲକ୍ଷ୍ମୀ ନାରାୟଣ ଭେଟ। ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ଭେଟ ନୀତି ସମାପନ କରିଥିଲେ। ପୁରୀରେ ବାହୁଡ଼ା ଯାତ୍ରା ପାଇଁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବାବେଳେ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରାୟ ୨୦୫ ପ୍ଲାଟୁନ ଫୋର୍ସ ସୁରକ୍ଷାପାଇଁ ମୁତୟନ ହୋଇଥିବାବେଳେ ୫୦ ପ୍ଲାଟୁନ ପୋଲିସ ଫୋର୍ସ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିୟୋଜିତ ହୋଇଥିଲେ। ଗୁଣ୍ଡିଚା ମନ୍ଦିରରେ ଶନିବାର ପ୍ରାତଃ ୬. ୦୫ରେ ମଙ୍ଗଳ ଆଳତି, ୬. ୧୦ରେ ମଇଲମ, ୬. ୧୫ଟାରେ ତଡପ ଲାଗି, ୬. ୧୦ ରୁ ୬. ୪୦ ରୋଷହୋମ ଓ ● ପୃଷ୍ଠା ୫ ଦେଖନ୍ତୁ

### ଆଜି ପବିତ୍ର ସୁନାବେଶ

## ଆର୍ଜେଣ୍ଟିନାରେ ମୋଦୀ

# ପାରମ୍ପରିକ ଓଡ଼ିଶୀ ନୃତ୍ୟରେ ଭବ୍ୟ ସ୍ୱାଗତ



ନୂଆଦିଲ୍ଲୀ,୫।୭: ଘାନା, ତ୍ରିନିଦାଦ ଓ ଟବାଗୋ ପରେ ଆର୍ଜେଣ୍ଟିନା ଗସ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଭାରତ ମାତା କି ଜୟ, ଜୟ ଶ୍ରୀରାମ ଏବଂ ମୋଦୀ ମୋଦୀ ନାରାରେ କମ୍ପି ଉଠିଥିଲା ବୁଏନ୍ସଆଇର୍ସର ହୋଟେଲ। ପାରମ୍ପରିକ ଓଡ଼ିଶୀ ନୃତ୍ୟରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଆର୍ଜେଣ୍ଟିନା ଗସ୍ତରେ ବାହାରିଥିଲେ ପ୍ରଧାନମନ୍ତ୍ରୀ। ଏହା ତାଙ୍କର ଦ୍ୱିତୀୟ ଆର୍ଜେଣ୍ଟିନା ଗସ୍ତ। ଏହା ପୂର୍ବରୁ ୨୦୧୮ରେ ଜି-୨୦ ସମିଟିରେ ସାମିଲ ହେବାକୁ ଆର୍ଜେଣ୍ଟିନା ଯାଇଥିଲେ। ମୋଦୀ ଓ ଆର୍ଜେଣ୍ଟିନା ରାଷ୍ଟ୍ରପତିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବ। ପ୍ରତିରକ୍ଷା, କୃଷି, ପରମାଣୁ ସହଯୋଗ, ବ୍ୟବସାୟ ଓ ନିବେଶ ଉପରେ ଦୁଇଦେଶ ମଧ୍ୟରେ ଚର୍ଚ୍ଚା ହେବାର ସମ୍ଭାବନା ରହିଛି। ଦୁଇ ରାଷ୍ଟ୍ରମଧ୍ୟରେ ବିଶେଷକରି ଲିଥିୟମ ଯୋଗାଣ ଉପରେ ଚୁକ୍ତିନାମା ସ୍ୱାକ୍ଷର ହୋଇପାରେ। ସୂଚନାଯୋଗ୍ୟ ଯେ ଆର୍ଜେଣ୍ଟିନା ପାଖରେ ଦୁନିଆର ସବୁଠୁ ବଡ଼ ଲିଥିୟମ ଭଣ୍ଡାର ରହିଛି। ତ୍ରିନିଦାଦ ଓ ଟବାଗୋ ଦୁଇଦେଶ ଗସ୍ତରେ ଦ୍ୱିପାକ୍ଷିକ ସଂପର୍କକୁ ବିସ୍ତାର କରିବାକୁ ୬ଟି ବୁଝାମଣା ଉପରେ ଚୁକ୍ତିନାମା ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ଓ ତ୍ରିନିଦାଦ-ଟବାଗୋରେ ତାଙ୍କର ସମକକ୍ଷ କମଲା ପ୍ରସାଦ ବିଶେସରଙ୍କ ମଧ୍ୟରେ ଆଲୋଚନା ପରେ ଦୁଇଦେଶ ସଂପର୍କକୁ ମଜବୁତ ଦିଗରେ ଫାର୍ମାସ୍ୟୁଟିକଲ୍ସ ଏବଂ ସାଂସ୍କୃତିକ କ୍ଷେତ୍ରରେ ଅନେକ ପଦକ୍ଷେପ ନିଆଯାଇଛି। ଏହାପରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜେବିୟର ମାଇକିଙ୍କ ନିମନ୍ତ୍ରଣକ୍ରମେ ମୋଦୀ ଆର୍ଜେଣ୍ଟିନାରେ ପହଞ୍ଚିଛନ୍ତି। ଚଳିତମାସ ୨ରୁ ୧୦ ପର୍ଯ୍ୟନ୍ତ ୫ ଦେଶ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ। ଆର୍ଜେଣ୍ଟିନା ପରେ ମୋଦୀ ବ୍ରାଜିଲ ଗସ୍ତ କରି ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମୋଦୀ ତାଙ୍କ ଗସ୍ତ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଘାନାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ସହ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଥିଲା।

### ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତାକୁ ତ୍ରିନିଦାଦ-ଟବାଗୋର ସମର୍ଥନ

ନୂଆଦିଲ୍ଲୀ,୫।୭: ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତାକୁ ଆଉ ଏକ ଦେଶର ସମର୍ଥନ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯାତ୍ରା ସମୟରେ ତ୍ରିନିଦାଦ-ଟବାଗୋ ଏହି ସମର୍ଥନ ଘୋଷଣା କରିଛି। ଏ ନେଇ ଶନିବାର ରାତିରେ ଜାରି ଏକ ମିଳିତ ବୟାନରେ ତ୍ରିନିଦାଦ ଓ ଟବାଗୋ ବିସ୍ତାରିତ ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତା ନିମନ୍ତେ ଭାରତକୁ ନିଜର ପୂର୍ଣ୍ଣ ସମର୍ଥନ ଦେବାକୁ ପୁଷ୍ଟି କରିଛି। ଫଳରେ ଜାତିସଂଘରେ ବର୍ତ୍ତମାନର ବାସ୍ତବିକତାକୁ ବେଶ ଭଲଭାବରେ ପ୍ରତିବିମ୍ବିତ କରାଯାଇପାରିବ ବୋଲି କୁହାଯାଇଛି।

## ସଂକ୍ଷେପରେ...

### ଆଉଜଣେ ବିସ୍ଫୋରଣ ମୃତକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ଭୁବନେଶ୍ୱର,୫।୭(ଭାସ୍କର ନ୍ୟୁଜ): ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲ୍ଲାରେ ଥିବା ଫାର୍ମା କମ୍ପାନୀରେ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଆଉଜଣେ ବ୍ୟକ୍ତିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ୧୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ମୃତକ କଟକ ଜିଲ୍ଲା ସୁକରପଡ଼ାର ପୂର୍ଣ୍ଣଚନ୍ଦ୍ର ସାହୁ ବୋଲି ସୂଚନା ମିଳିଛି। ପୂର୍ଣ୍ଣଚନ୍ଦ୍ରଙ୍କୁ ମିଶାଇ ମୋଟ ୯ ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା କରାଯାଇଛି।

### ୩ ବ୍ୟାଙ୍କ ଉପରୁ ହଟିଲା କଟକଣା

ଭୁବନେଶ୍ୱର,୫।୭(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ବ୍ୟାନ କରିଥିବା ୩ ବ୍ୟାଙ୍କ ଏଚଡିଏଫସି, ଆଇସିଆଇସିଆଇ ଏବଂ ଆକ୍ସିସ ବ୍ୟାଙ୍କ ଉପରେ ଲଗାଇଥିବା କଟକଣାକୁ ଉଠାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା ପରେ ଏହି କଟକଣା ହଟିଛି। ଏ ନେଇ ଅର୍ଥବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶନାମା ଜାରି କରାଯାଇଛି।


### ବିଆଇଏସ୍ ସ୍ୱୀକୃତିପ୍ରାପ୍ତ ହେଲମେଟ୍ ପିନ୍ଧିବାକୁ ପରାମର୍ଶ

ନୂଆଦିଲ୍ଲୀ,୫।୭: ବିଆଇଏସ୍ ସ୍ୱୀକୃତିପ୍ରାପ୍ତ ହେଲମେଟ୍ ପିନ୍ଧିବା ପାଇଁ କେନ୍ଦ୍ର ଖାଉଟି ବ୍ୟାପାର ବିଭାଗ ପରାମର୍ଶ ଦେଇଛି। ଦେଶରେ ମୋଟ ୨୧ କୋଟି ଦୁଇଚକିଆ ଯାନ ଚଳପ୍ରଚଳ କରୁଥିବାବେଳେ ଅଣସ୍ୱୀକୃତିପ୍ରାପ୍ତ ହେଲମେଟ ପିନ୍ଧି ବହୁ ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରୁଛନ୍ତି। ଏହାକୁ ଏଡ଼ାଇବା ପାଇଁ ବିଆଇଏସ୍ ସ୍ୱୀକୃତିପ୍ରାପ୍ତ ହେଲମେଟ ପିନ୍ଧିବାକୁ ଏହି ବିଭାଗ ପରାମର୍ଶ ଦେଇଛି।

ସେନ୍ସେକ୍ସ: ୮୩,୪୩୨.୮୯
ସର୍ବାଧିକ: ୨୮ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

### ୫।୭ ।୨୦୨୫ ର ମତାମତ

ପୁରୀକୁ ମହାନଗର କରାଗଲେ ଏହାର ବିକାଶ ଘଟିବା ସମ୍ଭବ କି?




### ଆଜିର ପ୍ରସଙ୍ଗ

ଆତଙ୍କବାଦୀଙ୍କ କବଳରେ ଥିବା ଓଡ଼ିଆ ଯୁବକଙ୍କୁ ଉଦ୍ଧାର ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବା ଉଚିତ ନୁହେଁ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ବାହୁଡ଼ି ଆସିଲେ ପ୍ରଭୁ ଜଗନ୍ନାଥ
ଯାତ୍ରା ଥିଲା ସୁରୁଖୁରୁ,
ପାଗ ଭଲ ଥିଲା ଯୋଗ ଭଲ ଥିଲା
ଖୁସି ଥିଲେ ମହାପ୍ରଭୁ ।
ନିଳାଦ୍ରୀକୁ ବିଜେ ସରୁ,
ତାପରେ କରିବା ଯାତ୍ରାର ସମୀକ୍ଷା
କେତେ ମାର୍କ ହଣ୍ଡ୍ରେଡରୁ !!

## ଅଲ୍‌କାଏଦା କବ୍‌ଜାରେ ଓଡ଼ିଆ ଯୁବକ

# ପରିବାର ଆଖିରୁ ଶୁଖୁନି ଲୁହ

ବ୍ରହ୍ମପୁର/ଭୁବନେଶ୍ୱର,୫।୭(ଭାସ୍କର ନ୍ୟୁଜ): କୁଆଡ଼େ ଗଲୁ...। ମୋ ଧନକୁ କିଏ ନେଇଗଲା...। ବାହୁନି ବାହୁନି ମା ଆଖିରୁ ଶୁଖୁନି ଲୁହ। ପୁଅକୁ ଝୁରି ଝୁରି ମା କାନ୍ଦୁଛି। ଫଟୋକୁ ହାତରେ ଧରି ଅଣ୍ଡାଳି ହେଉଛି। ବିଦେଶକୁ ପୁଅ ଯାଇଥିଲା ରୋଜଗାର କରିବାକୁ। ଭଲ ଦି ପଇସା ଆଣିବ, ଘର ଚଳିବ। ହେଲେ ଏବେ ସବୁକିଛି ଓଲଟିଗଲା। ପୁଅକୁ ଉଠାଇ ନେଲେ ଆତଙ୍କବାଦୀ। ଏହି ଖବର ପାଇବା ପରେ ଘର ଲୋକଙ୍କ ହୋସ୍ ଉଡିଯାଇଛି। ପାଦତଳୁ ମାଟି ଖସିଯାଇଛି। ପୁଅ କିପରି ଆତଙ୍କବାଦୀଙ୍କ କବଳରୁ ମୁକ୍ତି ପାଇ ଘରକୁ ଫେରିବ ସେଥିପାଇଁ ପୁରା ପରିବାର ଚିନ୍ତାରେ। ପଶ୍ଚିମ ଆଫ୍ରିକାର ମାଲିରେ ୩ ଜଣ ଭାରତୀୟଙ୍କୁ ଅପହରଣ କରିଛି ଆତଙ୍କବାଦୀ ସଂଗଠନ ଅଲକାଏଦା। ଏହି ୩ ଭାରତୀୟଙ୍କ ମଧ୍ୟରେ ଅଛନ୍ତି ଗଞ୍ଜାମ ଜିଲ୍ଲା ହିଞ୍ଜଳିକାଟୁ ସମରଝୋଳ ଗାଁର ପି.ଭେଙ୍କଟରମଣ। ସେ ମାଲିରେ ବ୍ଲୁଷ୍ଟାର ନାମକ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ତେବେ ଗତ ୧ ତାରିଖରେ ଡାଇମଣ୍ଡ ସିମେଣ୍ଟ କାରଖାନା ଉପରେ ହମଲା କରିଥିଲା ଅଲକାଏଦା ଅନୁବନ୍ଧିତ ଆତଙ୍କବାଦୀ ସଂଗଠନ ଜେଏନଆଇଏମ୍। ଆଉ ୩ଜଣ ଭାରତୀୟଙ୍କୁ ଅପହରଣ କରି ନେଇଥିଲା। ଯେଉଁମାନଙ୍କ ମଧ୍ୟରେ ଥିଲେ ଗଞ୍ଜାମର ● ପୃଷ୍ଠା ୫ ଦେଖନ୍ତୁ

### ସୁରକ୍ଷିତ ଉଦ୍ଧାର ପାଇଁ ବିରୋଧୀଦଳ ନେତାଙ୍କ ଅପିଲ

## ଶୁଭାଂଶୁ ଶୁକ୍ଲାଙ୍କ ରେକର୍ଡ


# ମହାକାଶରେ ସବୁଠୁ ଦୀର୍ଘ ସମୟ




ବେଙ୍ଗାଲୁରୁ,୫।୭: ଗତମାସ ୨୬ ତାରିଖରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସଏସ୍)ରେ ପହଞ୍ଚିଥିବା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କର ମହାକାଶରେ ୧୧ ଦିନ ପୂରିଛି। ଏହା ସହିତ ଶୁକ୍ଲା ମହାକାଶରେ ଅଧିକ ସମୟ ବିତାଇବାରେ ପ୍ରଥମ ଭାରତୀୟ ମହାକାଶଚାରୀ ପାଲଟିଛନ୍ତି। ଏହି ଟିମ୍‌ରେ ଶୁକ୍ଲାଙ୍କ ସହ ଅନ୍ୟ ୩ ମହାକାଶଚାରୀ ମଧ୍ୟ ସାମିଲ ରହିଛନ୍ତି। ଏମାନେ ଚଳିତମାସ ୩ ତାରିଖ ସୁଦ୍ଧା ପୃଥିବୀକୁ ୧୧୩ଥର ପରିକ୍ରମା କରିଛନ୍ତି। ଏହି କ୍ରମରେ ମହାକାଶଚାରୀମାନେ ୪୦.୬୬ଲକ୍ଷରୁ ଅଧିକ କିମି ଦୂରତା ଅତିକ୍ରମ କରିଛନ୍ତି, ଯାହା ପୃଥିବୀ ଓ ଚନ୍ଦ୍ରମଧ୍ୟରେ ଦୂରତାର ପାଖାପାଖି ୧୨ଗୁଣ ଅଧିକ। ଶୁଭାଂଶୁ କହିଛନ୍ତି ଯେ ଆମକୁ ବିଭିନ୍ନ ଦେଶର ଭୋଜନ ମିଳୁଛି ଓ ଏହାକୁ ଆମେ ସବୁ ସଦସ୍ୟଙ୍କ ମଧ୍ୟରେ ବାଣ୍ଟୁଛୁ। ଶୁକ୍ଲା ମହାକାଶ ରହଣିରେ ପ୍ରଥମ ଭାରତୀୟ ମହାକାଶଚାରୀ ରାକେଶ ଶର୍ମାଙ୍କ ରେକର୍ଡ ମଧ୍ୟ ଭାଙ୍ଗି ଦେଇଛନ୍ତି। ୧୯୮୪ ମସିହାରେ ରାକେଶ ସୋଭିଏତ୍-ଇ-ରକ୍ ସମସ୍ କାର୍ଯ୍ୟକ୍ରମରେ ମହାକାଶରେ ୭ ଦିନ ୨୧ ଘଣ୍ଟା ୪୦ ମିନିଟ୍ ବିତାଇଥିଲେ। ତେବେ ଗୁରୁବାର ସୁଦ୍ଧା ଶୁଭାଂଶୁ ମହାକାଶ ● ପୃଷ୍ଠା ୫ ଦେଖନ୍ତୁ

## କଲେଜ କାନ୍ଥରେ ପିଟିହେଲା ଏସୟୁଭି

# ବର ସମେତ ୮ ମୃତ



ସମ୍ଭଲ,୫।୭: ମୃତ୍ୟୁ କେତେବେଳେ କାହାପାଇଁ କେମିତି ଆସେ ତାହା ଜାଣିବା ଅସମ୍ଭବ। କନ୍ୟା ଘରକୁ ଯିବାପାଇଁ ସରିଥିଲା ସମସ୍ତ ପ୍ରସ୍ତୁତି। ବର ସହ ବରଘରର ଲୋକମାନେ ଗାଡ଼ିରେ ବାହାରିଥିଲେ। ଆଉ କିଛି ସମୟ ପରେ କନ୍ୟାଘରେ ପହଞ୍ଚିଥାନ୍ତେ। ହେଲେ ବାଟରେ ସତେ ଯେପରି କାଳ ଜଗି ବସିଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ସବୁକିଛି ଓଲଟପାଲଟ ହୋଇଗଲା। ତେବେ ଏକ ସଡ଼କ ଦୁର୍ଘଟଣାରେ ବର ସମେତ ୮ଜଣଙ୍କ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇଛି। ଘଟଣାଟି ଉତ୍ତରପ୍ରଦେଶର ସମ୍ଭଲରେ ଘଟିଛି। ଉତ୍ତରପ୍ରଦେଶର ସମ୍ଭଲ ଜିଲ୍ଲାରେ ଏକ ବିବାହ ଭୋଜିପାଇଁ ଖାଦ୍ୟ ସାମଗ୍ରୀ ନେଇ ଯାଉଥିବା ଏସୟୁଭିଟି ଦୁର୍ଘଟଣାଗ୍ରସ୍ତ ହେବାପରେ ୨୪ବର୍ଷୀୟ ବର ସମେତ ପରିବାରର ୮ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ସକାଳ ୬.୩୦ ସମୟରେ ● ପୃଷ୍ଠା ୫ ଦେଖନ୍ତୁ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଗୋବର୍ଦ୍ଧନ ମଠ, ପୁରୀ ଅଧିନ ପୀଠ-ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଆନନ୍ଦ ବାହିନୀର ରାଜ୍ୟ ମହାସଚିବ କୁମାର ସତ୍ୟଜିତ ବେଜ, ବାଲେଶ୍ୱର ଜିଲ୍ଲାର କ୍ଷେତ୍ରୀୟ ସମ୍ପାଦକ ଗିରିଜା ଶଙ୍କର କର, ଜିଲ୍ଲା ସଂଯୋଜକ ତାପସ କୁମାର ପାତ୍ରଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲାରୁ ଜଳେଶ୍ୱର, ନୀଳଗିରି, ସୋରୋ, ବାଲିଆପାଳ, ବସ୍ତା, ବାଲେଶ୍ୱର ସଦର ଓ ଭୋଗରାଇ ଆଦି ବ୍ଲକରୁ ମିଶି ଶତାଧିକ ସନାତନୀ ସେନା ପୁରୀ ଶଙ୍କରାଚାର୍ଯ୍ୟଙ୍କ ପୀଠ ଗୋବର୍ଦ୍ଧନ ମଠରେ ତା-୪/୭/୨୦୨୫ ଶୁକ୍ରବାର ପହଞ୍ଚିଥିଲେ। ଶନିବାର ସକାଳ ୮ ଟା ସମୟରେ ବାହୁଡ଼ାଯାତ୍ରା ଉପଲକ୍ଷେ ଷ୍ଟ୍ରେଚର ସେବା, ଆମ୍ବୁଲାନ୍ସ, ଆଶୁ ଚିକିତ୍ସା, ପାଣି ସିଞ୍ଚନ, ପିଇବା ପାଣି ବଣ୍ଟନ, ସଫେଇ, କୋରିଡୋର ସେବା ଦେବା ନିମନ୍ତେ ବଡ଼ଦାଣ୍ଡକୁ ଗସ୍ତ କରିଥିଲେ। ଉକ୍ତ ସେବା କାର୍ଯ୍ୟକ୍ରମରେ ଶାଳୀକୋଠା ଶାଖା ସଭାପତି ପ୍ରଦୀପ କୁମାର ମହାନ୍ତି, ଶାନ୍ତନୁ ପ୍ରଧାନ, ସତ୍ୟରଞ୍ଜନ ପତି, ଅନିଲ କୁମାର ବେହେରା, ବରୁଣ କୁମାର ଜେନା, ବ୍ୟୋମକେଶ ପାତ୍ର, ଅର୍ଚ୍ଚନା ପାତ୍ର, ସନ୍ଧ୍ୟା ରାଣୀ ମହାନ୍ତି ଓ ଅନିତା ରାଣୀ ଜେନା ପ୍ରମୁଖ ଥିଲେ। ସେବା ସଂଗଠନ ସତସଙ୍ଗ ସହିତ ନିଜ ନିଜକୁ ସମର୍ପିତ ଭାବନା ଯୋଡ଼ିବା ତା' ସହିତ ଦିନକୁ ଏକ ଘଣ୍ଟା ଓ ଏକ ଟଙ୍କା ବିନିଯୋଗ କରି ନିଜକୁ ମହତ ବ୍ୟକ୍ତି ଗଢିତୋଳିବା। ସେମାନଙ୍କ ମଧ୍ୟରେ ସୁବିଚାର, ସତବୁଦ୍ଧି ଓ ପରୋପକାର ପ୍ରସ୍ଫୁଟିତ ହେବ ଯାହାକି ଆଗାମୀ କାଲି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ସକ୍ଷମ ହେବ ବୋଲି ସଂଗଠନ ସୂଚନା ଦେଇଛି। ପ୍ରତ୍ୟେକ ଦିନ ପରିବାରରେ ସଂଗଠିତ ହୋଇ ଭାଗବତ ପଠନ କରି ନିଜକୁ ଜଣେ ସନାତନୀ ହିନ୍ଦୁ ଭାବରେ ରାଷ୍ଟ୍ର, ଆଧାତ୍ମ, ବିଜ୍ଞାନ ଓ ଗୋମାତାର ରକ୍ଷା ଦିଗରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଭଗବାନଙ୍କ ମାର୍ଗଦର୍ଶନରେ କାର୍ଯ୍ୟ କରିବାର ଏହି ସଂଗଠନର ମୂଳଲକ୍ଷ୍ୟ।

# ମିଳିଲାନି ବେଡ୍, ବାରଣ୍ଡାରେ ଶୋଇଲେ ଝାଡ଼ାବାନ୍ତି ରୋଗୀ



ରାଜକନିକା(ଭାସ୍କର ନ୍ୟୁଜ୍): ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ ବେଡ଼ ନପାଇ ଶୋଇଲେ ମେଡିକାଲ ବାରଣ୍ଡାରେ। ସ୍ୱାସ୍ଥ୍ୟକେନ୍ଦ୍ରର ପରିସର ଅପରିଷ୍କାର ପରିବେଶ ସାଙ୍ଗକୁ ଡାକ୍ତର ନର୍ସଙ୍କ ସହ ସାଧାରଣ ଲୋକେ ଜୋତା ଚପଲ ପିନ୍ଧି ରୋଗୀଙ୍କ ପାଖରେ ଚଳ ପ୍ରଚଳ କରିବା ସାଙ୍ଗକୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏମିତି ପରିବେଶରେ ରୋଗୀ ଶୋଇଥିବା ବେଳେ ଡ଼ାଇରିଆ ରୋଗୀଙ୍କୁ ତୁରନ୍ତ ସେବା ଯୋଗେଇ ଦେବା ବଦଳରେ ଅଧଘଣ୍ଟା ଲେଖାଏ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହୋଇଛି। ତେଣୁ ଏନେଇ ଆଜି କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରୁ ଡାଇରିଆ ନିରାକରଣ ସୁରକ୍ଷା ସପ୍ତାହରେ ଆସିଥିବା ଡାକ୍ତର ପ୍ରଦୀପ କୁମାର ଦାସଙ୍କୁ ପଚାରିବାରୁ ସେ କିଛିଟା ତ୍ରୁଟି ଅଛି ବୋଲି କହିଥିବା ବେଳେ କିନ୍ତୁ ବାସ୍ତବରେ ରାଜକନିକାରେ କେତେ ଜଣ ଡାକ୍ତର ନିଯୁକ୍ତି ପାଇଛନ୍ତି ଓ ପ୍ରତ୍ୟେକ ଦିନ କେତେ ଜଣ ଡାକ୍ତର ଦାୟିତ୍ୱରେ ରହୁଛନ୍ତି ଏବଂ ପୂର୍ବରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡ଼ାଇରିଆ ରୋଗୀଙ୍କୁ ନେଇ କଣ ପଦକ୍ଷେପ ନିଆଯାଇଛି ତାହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ପଚାରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ରାଜକନିକା ବ୍ଲକଅଧୀନରେ ୨୯ଟି ପଞ୍ଚାୟତ ଥିବାବେଳେ ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସଂଖ୍ୟାକୁ ମାତ୍ର ୧୬ ଶଯ୍ୟା ବିଶିଷ୍ଟ ବେଡ଼ ତାହା ସମୁଦ୍ରକୁ ଶଙ୍ଖେ ମନେ ହେଉଥିବା ବେଳେ ଆବଶ୍ୟକତା ମୁତାବକ ଡାକ୍ତର ନାହାନ୍ତି। ତେବେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବେଡ଼ ଯୋଗାଇବା ସହିତ ନୂତନ ଡାକ୍ତର ନିଯୁକ୍ତି ପାଇଁ ସାଧାରଣରେ ଦାବି ହେଉଛି।

# ୪ ହଜାର ଟଙ୍କା ପାଇଁ ପିଟି ପିଟି ମାରିଦେଲେ; ୩ ଗିରଫ

ଖୋର୍ଦ୍ଧା(ଭାସ୍କର ନ୍ୟୁଜ): ବାକି ଚାରି ହଜାର ଟଙ୍କା ନ ଦେବାରୁ ଆରମ୍ଭ ହୋଇଥିଲା ବଚସା । ବଚସାରୁ ହେଲା ହତ୍ୟାକାଣ୍ଡ । ଦୁଇଭାଇଙ୍କ କାଠ ଫାଳିଆରେ ଜଣେ ଯୁବକର ମୃତ୍ୟୁଘଟିଛି । ମୃତକ ହେଲେ ଜଟଣୀ ବିକାଶ ନଗର ହିରଣ୍ୟ ବେହେରା। ପୋଲିସ୍ ମୃତ ଦେହ ଜବତ କରିବା ସହ ହତ୍ୟାକାଣ୍ଡର ଖୁଲାସା କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ଗିରଫ ମାନେ ହେଲେ ଜଟଣୀ ଥାନା ପଦନପୁର ଗ୍ରାମର ଭୀମରାଜ ମହାନ୍ତି (୩୮), ତାର ଭାଇ ସୁରେଶ ମହାନ୍ତି (୩୬) ଏବଂ ସମ୍ପର୍କିୟ ସଦରଥାନା ଅନ୍ତର୍ଗତ ଦଧିମାଛଗାଡିଆର ବିକ୍ରମ ଦାସ (୨୮)। ସେମାନଙ୍କ ଠାରୁ ଠାରୁ ଓଆର୦୨-ବିଇ-୫୬୧୧ ନଂ ର ଟାଟା ଏସିଇ, ଓଆର୦୨-ବିଡବ୍ଲ୍ୟୁ-୯୮୯୫ନଂର ସିଡି ଡିଲକ୍ସ ବାଇକ, ଓଡି୦୨-ସିସି ୯୫୭୮ନଂ ର ଓଲା ସ୍କୁଟର, ଓଆର୦୨-ବିଏଚ-୩୭୦୭ନଂ ର ଯାତ୍ରୀବାହୀ ଅଟୋ, ୨ଟି କାଠ ଫାଳିଆ, ମୃତକଙ୍କ ମୋବାଇଲ ଫୋନକୁ ପୋଲିସ ଜବତ କରିଛି ବୋଲି ଏସ୍‌ପି ସାଗରିକା ନାଥ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୋଲିସ ଘଟଣାର ସିନ ରିକ୍ରିଏସନ୍ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଥାଉକି, ଗତ ୨୮ ତାରିଖ ଅପରାହ୍ନରେ ମୃତକ ହିରଣ୍ୟ ତାର ଦୁଇ ସାଙ୍ଗ ରାମ ଓ ବାବୁଙ୍କ ସହ ରାଜାବଜାର ଅଞ୍ଚଳରେ ବୁଲୁଥିବା ସମୟରେ ଭୀମ ସହ ଦେଖା ହୋଇଥିଲା । ଭୀମ ପେଟି କଣ୍ଟ୍ରାକ୍ଟରଭାବେ କାମ କରୁଥିବାବେଳେ ହିରଣ୍ୟ ଠାରୁ ଲୋକ ନେଇ ସେ କାମରେ ଲଗାଏ । ସେଠାରେ ହିରଣ୍ୟ ବାକିଥିବା ଚାରି ହଜାର ଟଙ୍କା ଭୀମାକୁ ମାଗିବାରୁ ଆରମ୍ଭ ହୋଇଥିଲା ବଚସା । ଭୀମା ତାଙ୍କୁ ୫ଶହ ଟଙ୍କା ଦେଇଥିଲେ । ଏଥିରେ ସେ ଉତକ୍ଷିପ୍ତ ହୋଇ ବଳକା ଟଙ୍କା ଦାବି କରିଥିଲେ । ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ, ଠେଲାପେଲା ହୋଇଥିଲା । ଏପରିକି ଟଙ୍କା ନଦେଲେ ଆକ୍ରମଣ କରିବାକୁ ଧମକ ଦେଇଥିଲେ । ଭୀମର ଏକ ଟାଟାଏସିଇ ଗାଡିକୁ ହିରଣ୍ୟ ଛଡାଇନେଇଥିବାବେଳେ ଟଙ୍କା ଫେରାଇଲେ ଦେବ ବୋଲି କହିଥିଲା । ଏନେଇ ଭୀମ ତାର ଭାଇ ସୁରେଶଙ୍କୁ ଜଣାଇଥିଲା ।ସନ୍ଧ୍ୟାରେ ଭୀମ ଘରେ ଥିବା ସମୟରେ ଟାଟାଏସିଇ ଧରି ହିରଣ୍ୟ ସେଠାରେ ପହଁଚି ଗହଳି କରିଥିଲ।



ଉଭୟଙ୍କ ମଧ୍ୟରେ ବଚସା ଚାଲିଥିବା ବେଳେ ଅଭିଯୁକ୍ତଙ୍କ ଭାଇ ସୁରେଶ ପହଁଚି ପରିସ୍ଥିତିକୁ ଶାନ୍ତ କରିବାକୁ କରିବାକୁ ଚେଷ୍ଟା କରିଥିଲେ । ତେବେ ହିରଣ୍ୟ ସେମାନଙ୍କୁ ଛାଡିବେ ନାହିଁ ବୋଲି ଧମକ ଦେଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ହିରଣ୍ୟଙ୍କ ମୁଣ୍ଡକୁ ଶକ୍ତ ଆଘାତ କରିଥିଲେ ଦୁଇ ଭାଇ । ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା । ମୃତଦେହକୁ ଉଭୟ ଭାଇ ଦଧିମାଛଗାଡିର ବିକ୍ରମ ସହାୟତାରେ ଫୋପାଡିବାକୁ ଯୋଜନା କରି ପୋଖରୀ ନିକଟରେ ସୁରେଶର ଅଟୋରେ ଆଣି ଫୋପାଡି ଅଟୋକୁ ଦଧିମାଛଗଡିଆରେ ଲୁଚାଇ ରଖିଥିଲେ । ପୋଲିସ୍ ୨୯,ତାରିଖ ଦିନ ମୃତଦେହ ଜବତ କରିବା ସହ ଅନୁସନ୍ଧାନ କରିଥିଲେ । ଖୋର୍ଦ୍ଧା ଏସପିଙ୍କ ନିର୍ଦ୍ଦେଶରେ ତିନୋଟି ଟିମ୍ ଏହି ଘଟଣାର ଅନୁସନ୍ଧାନ କରିଥିଲେ । ଘଟଣାର ୫ଦିନ ପରେ ପୋଲିସ ଏହାର ପର୍ଦ୍ଦାଫାଶ କରିଛି । ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ତିନି ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଖୋର୍ଦ୍ଧା ଏସପି ସୂଚନା ଦେଇଛନ୍ତି ।

# ନଟବର ବାରିକ ତୃତୀୟଥର ଜିଲ୍ଲା କଂଗ୍ରେସ ସଭାପତି ମନୋନୀତ

ଜଗତସିଂହପୁର (ଭାସ୍କର ନ୍ୟୁଜ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଜଗତସିଂହପୁର ଜିଲ୍ଲାର ବରିଷ୍ଠ ରାଜନେତା ନଟବର ବାରିକଙ୍କୁ ତୃତୀୟ ଥର ପାଇଁ ଜିଲ୍ଲା କଂଗ୍ରେସ ସଭାପତି ରୂପେ ମନୋନୀତ କରିଥିବାରୁ ଶ୍ରୀ ବାରିକ ଅଖିଳ ଭାରତ କଂଗ୍ରେସ ସଭାପତି ମଲିକାର୍ଜୁନ ଖାଡଗେ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ,ବିରୋଧୀ ଦଳ ନେତା ରାହୁଲ



ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅଜୟ କୁମାର ଲଲ୍ଲୁଙ୍କୁ କୃତଜ୍ଞତା ଜଣାଇବା ସହ ଜଗତସିଂହପୁର ଜିଲ୍ଲାର ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନଙ୍କର ସହଯୋଗ କାମନା କରିଛନ୍ତି। ଜିଲ୍ଲା କଂଗ୍ରେସ ସଭାପତି ରୂପେ ପୁନର୍ବାର ମନୋନୀତ ହୋଇଥିବାରୁ ତାଙ୍କୁ ଜଗତସିଂହପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା,ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ,ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ଜିଲ୍ଲା କଂଗ୍ରେସ ଉପ ସଭାପତି ମହନୀ ଚରଣ ରାଉତ, ସର୍ବେଶ୍ୱର ପଣ୍ଡା, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଳିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି,ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ଼ାକ୍ତର ଜଗଦାନନ୍ଦ ବେହେରା, ସରପଞ୍ଚ ପ୍ରମୋଦ ସାହୁ, ସରପଞ୍ଚ ଦିଲ୍ଲିପ କୁମାର ମହାନ୍ତି,ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, କଂଗ୍ରେସ ନେତା ଭକ୍ତ ବଲ୍ଲଭ ଦାସ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ■ ଯୌତୁକଜନିତ ହତ୍ୟା ଘଟଣା

# ବିଜେଡି ଛାତ୍ର ସଭାପତିଙ୍କ ସମେତ ୩ ଜଣଙ୍କୁ ଜେଲ୍

ଢେଙ୍କାନାଳ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଗତ ୨୦୨୪ ଅକ୍ଟୋବର ୨୮ ତାରିଖ ଦିନ ଏକ ଯୌତୁକ ଜନିତ ହତ୍ୟାକାଣ୍ଡ ଘଟଣାର ଶୁଣାଣି କରି ବିଜେଡି ଛାତ୍ର ସଭାପତି ସୁରଜ କୁମାର ମହାପାତ୍ରଙ୍କ ସମେତ ୩ଜଣଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ସହରର ଗାନ୍ଧୀମନ୍ଦିର ରୋଡସ୍ଥିତ ହେମନ୍ତ କୁମାର ମହାପାତ୍ର (୬୪), ତାଙ୍କ ପତ୍ନୀ ସରୋଜିନୀ ମହାପାତ୍ର (୫୭), ପୁଅ ସୁରଜ ମହାପାତ୍ର (୩୪) ଓ ତାଙ୍କ ପତ୍ନୀ ଇତିଶା ଜେନା (୨୯) ଗତ ଅକ୍ଟୋବର ୨୮ ତାରିଖ ରାତିରେ ନିଜ ଭାଉଜଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ୍ ଏକ ମାମଲା ରୁଜୁ କରି କେଶ୍ ନଂ-୭୩୨/୨୪ରେ ଏକ ମାମଲା ରୁଜୁ କରି ହତ୍ୟାକାଣ୍ଡ ଘଟଣାରେ ଜଣକୁ ଗିରଫ କରିଥିଲା । ଏହି ଘଟଣାରେ ଉପରୋକ୍ତ ଅଭିଯୁକ୍ତମାନେ ହାଇକୋର୍ଟରୁ ଜାମିନ ପାଇଁ ଆବେଦନ କରିଥିଲେ । ମାନ୍ୟବର ଉଚ୍ଚନ୍ୟାୟାଳୟ ଏହାର ଶୁଣାଣି କରି ଢେଙ୍କାନାଳ ଜିଲ୍ଲା ଅଦାଲତରେ ଆତ୍ମସମର୍ପଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ଦିନ ସମସ୍ତ ଅଭିଯୁକ୍ତ ମାନ୍ୟବର ଉପଖଣ୍ଡ ସ୍ତରୀୟ ଅଦାଲତରେ ଆତ୍ମସମର୍ପଣ କରିଥିଲେ । ମାନ୍ୟବର ଏସ୍.ଡି.ଜେ.ଏମ୍. ଜାମିନି ନାମଞ୍ଜୁର କରିବାରୁ ଅଭିଯୁକ୍ତମାନେ ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ଜାମିନ ପାଇଁ ଆବେଦନ କରିଥିଲେ । ମାନ୍ୟବର ଜିଲ୍ଲା ଦୌରା ଜଜ୍ ଜାମିନ୍ ଆବେଦନକୁ ଖାରଜ କରି ହେମନ୍ତ କୁମାର ମହାପାତ୍ର, ସରୋଜିନୀ ମହାପାତ୍ର, ସୁରଜ କୁମାର ମହାପାତ୍ର ଓ ଇତିଶା ମହାପାତ୍ରଙ୍କୁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି। ଉକ୍ତ ମାମଲାକୁ ସରକାରଙ୍କ ତରଫରୁ ପବ୍ଲିକ୍ ପ୍ରସିକ୍ୟୁଟର ସୀତାକାନ୍ତ ଦାସ ପରିଚାଳନା କରିଥିଲେ ।

# ଭୁଷଣ୍ଡପୁରରେ ଡାଇରିଆ ନିୟନ୍ତ୍ରିତ

ଖୋର୍ଦ୍ଧା (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଚିଲିକା ଉପକୂଳସ୍ଥ ଭୁଷଣ୍ଡପୁର ଓ ବାଲିପାଟପୁର ପଂଚାୟତରେ ଡାଇରିଆ ବ୍ୟାପିବା ସହିତ ଦଶ ଜଣ ଆକ୍ରାନ୍ତ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଡ଼ା ନନ୍ଦିତା ଗୁପ୍ତା, ଟାଙ୍ଗୀ ଖାଦ୍ୟ ନିରାପତ୍ତା ଅଧିକାରୀ ଦେବାଶିଷ ବଳ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମଧୁମିତା ମହାନ୍ତି,ଟାଙ୍ଗୀର କନିଷ୍ଠ ଯନ୍ତ୍ରୀ ପ୍ରଶନ କୁମାର ପଣ୍ଡା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସାଧାରଣ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଅଧିକାରୀ ଝୁମାରାଣୀ ଚକ୍ରବର୍ତ୍ତୀ, ସ୍ୱାସ୍ଥ୍ୟ କର୍ମୀ ସାଗରିକା ପାତ୍ର, ସନ୍ତୋଷ କୁମାର ରାୟ, ୧୧ଜଣ ଅଙ୍ଗନବାଡି କର୍ମୀ,ସମସ୍ତ ଆଶା କର୍ମୀ ଓ ୪ଜଣ ପ୍ରଧାନ ଶିକ୍ଷକ ପ୍ରମୁଖ ଭୁଷଣ୍ଡପୁର ପଂଚାୟତ କାର୍ଯ୍ୟାଳୟରେ ସମବେତ ହୋଇ ନିରାକରଣ ଦିଗରେ ତତ୍କାଳ ଆଲୋଚନା କରାଯାଇଥିଲା।

# ବିପଦ ସଙ୍କୁଳ ଅବସ୍ଥାରେ ସେତୁ, ପ୍ରଶାସନର ନିଘାନାହିଁ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳରେ ଗମନା ଗମନର ସୁବିଧା ନିମନ୍ତେ ସରକାର କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଟାଲୋ ଗ୍ରାମପଞ୍ଚାୟତ ମାଳିଆଛକ ନିକଟରେ ୧୯ ନମ୍ବର ଡ୍ରେନେଜ କଟ ଉପରେ ଥିବା ସେତୁଟି ବିପଦ ସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ସ୍ଥାନୀୟ କଟକପଡା ଠାରୁ ମାଳିଆଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଛି। ଏହି ରାସ୍ତାକୁ ୧୯ନମ୍ବର ଡ୍ରେନେଜକଟ ଉପରେ ନିର୍ମାଣ କରାଯାଇଥିବା ସେତୁ ସଂଯୋଗ କରୁଅଛି। ଏହି ସେତୁଟିର ଉଭୟ ପାର୍ଶ୍ୱ ବାଡା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା ବେଳେ ସେତୁର ମଝି ଅଂଶ ମଧ ଫାଟିଯାଇ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହି ସେତୁ ଉପର ଦେଇ ଦୈନନ୍ଦିନ ଶହ ଶହ ଯାନବାହାନ ଯା'ଆସ କରିଥାଏ। ଏପରିକି ସ୍ଥାନୀୟ ଅସୁରେଶ୍ୱର ,କେଣ୍ଟାଲୋ, ସୁକରପଡା, ତରତ,ବାଲିଆପଡା,କଟକପଡା ପ୍ରଭୃତି ଅଞ୍ଚଳର ଶହ ଶହ ଲୋକ ଓ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଏହି ସେତୁ ଉପର ଦେଇ ଗମନା ଗମନ କରିଥାନ୍ତି। ଏହି ବିପଦ ସଙ୍କୁଳ ସେତୁ କେତେବେଳ ନିରୀହ ଲୋକଙ୍କ ଜୀବନ ଦୀପକୁ ଲିଭାଇଦେବ ତାହା କହିହେଉନାହିଁ। ଏହି ସେତୁକୁ ନିର୍ମାଣ କରାଯିବା ନିମନ୍ତେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି। ଏହି ବିପଦ ସଙ୍କୁଳ ସେତୁ ଉପରେ ବାରମ୍ବାର ଛୋଟବଡ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ହେଉଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାନଗଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

# ସାମ୍ବାଦିକ ସଂଘର ହସ୍ତକ୍ଷେପ ପରେ ନିଖୋଜ ବୃଦ୍ଧା ଉଦ୍ଧାର



ବେତନଟୀ (ଭାସ୍କର ନ୍ୟୁଜ୍): ପଶ୍ଚିମବଙ୍ଗରୁ କିଛିଦିନ ପୂର୍ବରୁ ନିଖୋଜ ହୋଇଯାଇଥିବା ଜନୈକା ବୃଦ୍ଧାଙ୍କୁ ସ୍ଥାନୀୟ ସମାଜସେବୀ ଏବଂ କିଛି ଦୋକାନୀ ଖାଦ୍ୟ ପାନୀୟ ଯୋଗାଇ ଆସୁଥିବା ବେଳେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ହସ୍ତକ୍ଷେପ କ୍ରମେ ନିଖୋଜ ବୃଦ୍ଧାଙ୍କୁ ଫେରିପାଇଲେ ଘରଲୋକ । ସୂଚନା ମୁତାବକ ପଶ୍ଚିମବଙ୍ଗ ଜାମଶୋଳା ଉପକଣ୍ଠ ସାତମା ଡମ୍ବରୁଛକ ଇଲାକାରେ ନିଖୋଜ ମହିଳା ଦିଲ୍ଲୀପ ପାତ୍ରଙ୍କ ସ୍ୱାମୀ ବାସନ୍ତୀ ପାତ୍ର(୬୦)ଙ୍କ ବାପଘର । ଶାଶୂଘର ଗୋପୀବଲ୍ଲଭପୁର ଥାନା ଅଧୀନ ରମ୍ଭା ଉପକଣ୍ଠ ସର୍ବାଣୀ ଅଞ୍ଚଳର ବୋଲି ଜଣାପଡିଛି । ସୂଚନା ମୁତାବକ ବାସନ୍ତୀଙ୍କ ମାନସିକସ୍ଥିତି ସ୍ୱାଭାବିକ ନଥିବା ବେଳେ ସେ ପ୍ରାୟ ସମୟ ଘରୁ ପଳାଇ ଯାଉଥିବାରୁ ଉଦ୍ଧାର କରିବାକୁ ଆସିଥିବା ଘରଲୋକେ ସୂଚନା ଦେଇଛନ୍ତି । ତେବେ ବାସନ୍ତୀ ପ୍ରାୟ ସପ୍ତାହକ ପୂର୍ବରୁ କୌଣସି ପ୍ରକାରେ ବେତନଟୀ ରେପହଞ୍ଚିଥିବା ବେଳେ ବଙ୍ଗଳାଛକ ଦୋକାନ ପିଣ୍ଡାରେ ଆଶ୍ରୟ ନେଇଥିଲେ । ସେଠାରେ ଦୂର୍ଗାନାଥ, ଲିପୁନ ସ୍ୱାଇଁ, ବାବୁଆ ପ୍ରମୁଖ ଦୋକାନୀମାନେ ବାସନ୍ତୀଙ୍କୁ ଦିନକୁ ତିନି ବେଳା ଖାଇବାକୁ ଦେଉଥିଲେ । ବାସନ୍ତୀଙ୍କୁ ବାରମ୍ବାର ଘର ଏବଂ ସମ୍ପର୍କୀୟଙ୍କ ବାବଦରେ ପଚାରିଥିଲେ ସୁଦ୍ଧା ଆଦୌ କଥାବାର୍ତ୍ତା କରୁନଥିଲେ । ଶେଷରେ ଗୁରୁବାର ରାତିରେ ତାଙ୍କ ଘର ପଶ୍ଚିମବଙ୍ଗ ଗୋପୀବଲ୍ଲଭପୁର ଇଲାକା ଏବଂ ତାଙ୍କ ନାମ ସମେତ ଭାଇର ନାମ ଗୋପାଳ କଳିଆ, ତାଙ୍କର ଦୁଇଝିଅ ପାରୁ ଘୋଷ ଏବଂ ଦେବୀ ବାସ୍ତୁରୀ ବୋଲି କହିଥିଲେ । ଏହାପରେ ବାସନ୍ତୀଙ୍କୁ ଖାଦ୍ୟ ଯୋଗାଇବା ସହିତ ସବୁବେଳେ ଘର ଠିକଣା ପଚାରୁଥିବା ଲିପୁନ ସ୍ୱାଇଁ ବାସନ୍ତୀ ଦେଇଥିବା ନାମ ଠିକଣା ଏବଂ ବାସନ୍ତୀଙ୍କ ଫଟୋ ବେତନଟୀ ବ୍ଲକ ସାମ୍ବାଦିକ ସଂଘକୁ ଦେଇଥିଲେ । ଏହାପରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଜାମଶୋଳା ଏବଂ ସାତମା ଡମ୍ବରୁ ଛକ ଇଲାକାର ଲୋକଙ୍କୁ ବାସନ୍ତୀଙ୍କ ଫଟୋ ପଠାଇବା ପରେ ଘରଲୋକେ ଚିହ୍ନଟ କରିଥିଲେ । ଏହାପରେ ଶୁକ୍ରବାର ଅପରାହ୍ନରେ ବାସନ୍ତୀଙ୍କ ପୁତୁରା ଏବଂ ସମ୍ପର୍କୀୟ ବେତନଟୀ ବଙ୍ଗଳା ଛକରେ ପହଞ୍ଚିଥିଲେ। ଘରଲୋକଙ୍କୁ ଦେଖୁ ବାସନ୍ତୀଙ୍କୁ ମଧ ଚିହ୍ନି ପାରିଥିବା ବେଳେ ସେମାନଙ୍କ ସହିତ ସ୍ୱାଭାବିକ ଭାବରେ କଥାବାର୍ତ୍ତା ଆରମ୍ଭ କରିଥିଲେ । ବାସନ୍ତୀ ଖୁସିରେ ଖୁସିରେ ଘରଲୋକଙ୍କ ସହିତ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ବାସନ୍ତୀଙ୍କୁ ଫେରିପାଇବାରେ ମାଧ୍ୟମ ସାଜିଥିବା ବେତନଟୀ ବ୍ଲକ ସାମ୍ବାଦିକ ସଂଘ ସମେତ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ଖାଦ୍ୟ ଯୋଗାଉଥିବା ସ୍ଥାନୀୟ ଦୋକାନୀ ଏବଂ ସ୍ୱେଚ୍ଛାସେବୀଙ୍କୁ ପରିବାର ଲୋକେ କୃତଜ୍ଞତା ଜଣାଇଥିଲେ । ନିଖୋଜ ବାସନ୍ତୀଙ୍କ ସନ୍ଧାନ ପାଇବାକୁ ଘରଲୋକେ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡର ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରି ନିରାଶ ହୋଇଥିବା ସୂଚନା ଦେଇଛନ୍ତି ।

# ସନ୍ଦେହଜନକ ଅବସ୍ଥାରେ ନବବଧୂଙ୍କ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନ କସର୍ଦା ଫାଣ୍ଡି ଅନ୍ତର୍ଗତ ଦେବୀ କନ୍ଦଳ ଦୀପାଞ୍ଚଳ ଶଗଡ଼ାଇଲୋ ପଂଚାୟତ ଦିଗୀ ଗ୍ରାମରେ ନବବଧୂଙ୍କ ମୃତ୍ୟୁ ହୋଇଥିବା ନେଇ ନିଆଳି ଥାନାରେ ଅଭିଯୋଗ ହୋଇଛି। ନବବଧୂଙ୍କ ମୃତ୍ୟୁ ସନ୍ଦେହ ଜନକ ହୋଇଥିବା ବେଳେ ପରିବାର ଲୋକ ଆଣିଛନ୍ତି ହତ୍ୟା ଅଭିଯୋଗ। ଅଭିଯୋଗ ଅନୁଯାୟୀ ପୁରୀ ଜିଲ୍ଲା ଚାରିଛକ ଥାନା ଅଧିନସ୍ଥ ବାହାରଣା ପଂଚାୟତ ଗିନାଇଲୋ ଗ୍ରାମର ସ୍ୱାଧିରି ବରାଳ ଙ୍କ ଝିଅ ଲିଜା ଜେନା (୨୫)। ୨୦୨୧ ମସିହାରେ କଟକ ଜିଲ୍ଲା ନିଆଳି ଥାନା ଅଧିନସ୍ତ ଦିଗୀ ଗ୍ରାମର ଭାଗୀରଥ ଜେନାଙ୍କ ପୁଅ ଆଲୋକ ଜେନାଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇ ବର୍ଷର ଏକ ପୁତ୍ର ସନ୍ତାନ ଅଛି।ଶୁକ୍ରବାର ଦିନ ନବବଧୂଙ୍କ ମୃତ୍ୟୁହେବା ପରେ ମା ସ୍ୱାଧିରି ବରାଳ ଶାଶୂଘର ପରିବାର ଲୋକେ ଝିଅକୁ ମାରିଦେଇଥିବା ନିଆଳି ଥାନାରେ ଅଭିଯୋଗ କରିଛନ୍ତି। ନିଆଳି ଥାନା ପୋଲିସ ୨୯୭/୨୫ ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେଲା ବେଳକୁ କସର୍ଦା ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ସ୍ୱାମୀ ଆଲୋକ ଜେନାଙ୍କୁ ଅଟକ ରଖିଥିବା କହିଛନ୍ତି । ଶବ ବ୍ୟବଚ୍ଛେଦ ହେବା ପରେ ରିପୋର୍ଟ ଆସିଲେ ବଧୂ ହତ୍ୟାର ସତ୍ୟାସତ୍ୟ ପ୍ରକାଶ ପାଇବ। ଏହି ଘଟଣାରେ ସଦର ଏସଡିପିଓ ସୁଜିତ ପ୍ରଧାନ, ନିଆଳି ଥାନା ଆଇଆଇସି ବିଜୟ କୁମାର ମଲିକ, ଫାଣ୍ଡି ଅଧିକାରୀ ଜଗନ୍ନାଥ ପାଣିଗ୍ରାହୀ ତଦନ୍ତ କରୁଛନ୍ତି।

# ଜାତୀୟସ୍ତରୀୟ ବୁଥ୍ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜାତୀୟ ସ୍ତରୀୟ ବୁଥ ସ୍ତରୀୟ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୁନିନ୍ଦ୍ର ହନେଗା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦ୍ୱିତୀୟ ଦିବସ ତାଲିମ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିବା ବେଳେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଓ ସହକାରୀ ଜିଲ୍ଲାପାଳ ନିର୍ବାଚନ ବିଭାଗ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦ୍ୱିତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୧୦୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହୋଇଥିବ ସେମାନେ ନୂତନ ଭୋଟର ଭାବେ ନିଜର ନାମକୁ ନୂତନ ଭାବେ ଫର୍ମ -୬ ଯୋଗ କରିବା, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରବାସୀ ଭୋଟରଙ୍କ ଫର୍ମ -୬ (କ) ଯୋଗ କରିବା ,ଫର୍ମ-୬ (ଖ)ରେ ନିଜର ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ,ଫର୍ମ -୭ ରେ ନାମକୁ ବାଦ କରିବା, ଫର୍ମ -୮ ରେ ଭୋଟର ତାଲିକାରେ ନିଜର ତଥ୍ୟରୁ ସଂଶୋଧନ ଏବଂ ନିଜର ସ୍ଥାନକୁ ପରିବର୍ତ୍ତନ କରିବା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଉଛି। ସେହିପରି ଯୋଗ୍ୟ ବିବେଚିତ ଭୋଟର ମାନେ ଅନଲାଇନ୍ ମାଧ୍ୟମରେ www.nvsp. voter portal.eci.gov.in ଭୋଟର ହେଲ୍ପ ଲାଇନ ଅପ୍ ବ୍ୟବହାର କରିବା ସହିତ ବୁଥସ୍ତରୀୟ ଅଧିକାରୀଙ୍କ ଠାରେ ମଧ ଫର୍ମ -୬,୭,୮ ଓ ୬ଖ ରେ ଆବେଦନ କରିପାରିବେ। ଆଜିର ତାଲିମ ପ୍ରଦାନ ପରେ ପରେ ସମସ୍ତ ବୁଥସ୍ତରୀୟ ଅଧିକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନ ତାଲିମ କାର୍ଯ୍ୟକ୍ରମରେ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀର ରାଜୁ ମଲିକ, ଶିକ୍ଷକ, ନରେଶ ପ୍ରଧାନ, ସିଆରସିସି, ନରସିଂହ ଚନ୍ଦ୍ର ମିଶ୍ର, ଜିପିଓ, ରଜନୀକାନ୍ତ ସାହୁକାର,ସିଆରସିସି ରହିଥିବାବେଳେ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୟା.ଶିବ କୁମାର, ଶିକ୍ଷକ, ଏମ.ଉମାପତି, ସିଆରସିସି,ରଶ୍ମିତା ସାମଲ ସିଆରସିସି ଓ ପି.ଭେଙ୍କଟେଶ୍ୱରଲୁ ପ୍ରମୁଖ ମାଷ୍ଟର ଟ୍ରେନର ଭାବରେ ଉପସ୍ଥିତ ରହି ବୁଥସ୍ତରୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଦବୁଛି ଲୁଣାନଦୀ ବନ୍ଧ, ଲୋକେ ଆତଙ୍କିତ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳ ଦେଇ ପ୍ରବାହିତ ଲୁଣା ନଦୀରେ ଜଳସ୍ତର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ସାଲେପୁର ପୂର୍ତ୍ତବିଭାଗ ଓ ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ତଥା କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଲୁଣାନଦୀର ବାମ ପାର୍ଶ୍ୱ ବନ୍ଧ ଏକାଧିକ ସ୍ଥାନରେ ଦବିବା ସହ ବନ୍ଧରେ ବଡବଡ ଗର୍ତ୍ତ ସୃଷ୍ଟି ହୋଇଛି। ଏହାର ପ୍ରତିକାର ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ବିଭାଗୀୟ ଅଧିକାରୀମାନେ ନିଘୋଡ ନିଦରେ ଶୋଇ ରହିବା ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇ ପଡିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ଲୁଣାନଦୀ ପ୍ରବାହିତ ହେଉଅଛି।ଏହି ଅଞ୍ଚଳଟି କେନ୍ଦୁପାଟଣା ଓ ଛତା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ରହିଛି। ଲୁଣାନଦୀ ବନ୍ଧରେ ରାସ୍ତା ନିର୍ମାଣ ନିମନ୍ତେ ସାଲେପୁର ପୂର୍ତ୍ତ ବିଭାଗ ଦାୟୀତ୍ୱ ନେଇଛି । ଏହି ରାସ୍ତା ନିର୍ମାଣରେ ଶହ ଶହ କୋଟି ଟଙ୍କା ବିନିଯୋଗ ହୋଇଛି। ଠିକାଦାର ଅତ୍ୟନ୍ତ ମନ୍ଥର ଗତିରେ ଓ ନିଜ ମର୍ଜିରେ ଦୀର୍ଘ ବର୍ଷ ହେଲା ରାସ୍ତା ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି। ଠିକାଦାର ଏହି ରାସ୍ତା ନିର୍ମାଣ ଅଟକଳ ଅନୁଯାୟୀ କରୁନଥିବାର ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କାରଣରୁ ନବ ନିର୍ମିତ ରାସ୍ତାର ବହୁ ସ୍ଥାନରେ ବିରାଟ ବିରାଟ ଗାତ ସୃଷ୍ଟି ହୋଇଛି। ନଦୀବନ୍ଧର ବହୁ ସ୍ଥାନରେ ନିମ୍ନମାନର କାମ ହେତୁ ରାସ୍ତା ଫାଟି ଆଁ କରିଛି। ଏପରିକି ନଦୀ ବନ୍ଧର ବହୁ ସ୍ଥାନରେ ଅସରାଏ ବର୍ଷାରେ ବନ୍ଧ ଫାଟିବାକୁ ଆରମ୍ଭ କଲାଣି।



ଏପରିସ୍ଥଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସାଲେପୁର ପୂର୍ତ୍ତ ବିଭାଗର ବିଭାଗୀୟ ସହକାରୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ ଏହି କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି। ସେହିପରି ଭାବେ ଲୁଣାନଦୀ ବାମ ପାର୍ଶ୍ୱର ବନ୍ଧର ରକ୍ଷଣାବେକ୍ଷଣା ଦାୟିତ୍ୱ କେନ୍ଦୁପାଟଣା ଓ କେନ୍ଦ୍ରାପଡା ଜିଲ୍ଲା ଛତା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦାୟିତ୍ୱରେ ରହିଛି। ତେବେ ଏହି ଦୁଇ ଜଣ ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ନଦୀ ବନ୍ଧର ସୁରକ୍ଷା ନେଇ କୌଣସି ଦୃଢ ପଦକ୍ଷେପ ନେଉନଥିବାର ଅଭିଯୋଗ ହୋଇଛି। ନଦୀ ବନ୍ଧର ବହୁ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଠିକାଦାର ନାମକୁ ମାତ୍ର ଏକାଧିକ ସ୍ଥାନରେ ବାଲି ମିଶ୍ରିତ ମାଟି ପକାଇଥିବାର ଦେଖିବାକୁ ମିଳିଛି। ଅସରାଏ ବର୍ଷାରେ ନଦୀବନ୍ଧର ବହୁ ସ୍ଥାନ ଭୁଶୁଡିବାକୁ ଆରମ୍ଭ କଲାଣି। ଏପରିସ୍ଥଳେ ବିଭାଗୀୟ ଅଧିକାରୀ କେବଳ ଠିକାଦାର ପୋଷିବାରେ ବ୍ୟସ୍ତ ରହୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତା ନିର୍ମାଣ ଓ ନଦୀବନ୍ଧ ମରାମତିରେ ସ୍ଥାନୀୟ ରାଜନେତା, ଯନ୍ତ୍ରୀ,ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଭାଗ୍ୟର ପରିବର୍ତ୍ତନ ହେଉଥିଲା ବେଳେ ନଦୀବନ୍ଧର ଭାଗ୍ୟ ପରିବର୍ତ୍ତନ ହେଉନଥିବାର ଅଭିଯୋଗ ହୋଇଛି। ଏହି ନଦୀରେ ଗତ କିଛି ଦିନ ହେଲା ରାଜ୍ୟରେ ମୌସୁମୀଜନିତ ବର୍ଷା ସକ୍ରିୟ ହେବା ଯୋଗୁ ଜଳସ୍ତର ଧିରେ ଧିରେ ବୃଦ୍ଧି ପାଇବାରେ ଲାଗିଛି। ସେପଟେ ଏହି ନଦୀବନ୍ଧର ବୁହାଲୋ ଗ୍ରାମପଂଚାୟତର ସାଧକନଗର, ସରପଡା ଗ୍ରାମ ପଂଚାୟତର ବଡଥାକନ, ବାଲିଆପଦା, କେଣ୍ଟାଲୋ ଗ୍ରାମ ପଂଚାୟତର ଲୋକନାଥପୁର ଏବଂ ଅସୁରେଶ୍ୱର ପଂଚାୟତର ପୁବଂଶ ନିକଟରେ ବହୁ ସ୍ଥାନରେ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ଥିଲା ବେଳେ ଏକାଧିକ ସ୍ଥାନରେ ନଦୀବନ୍ଧ ଖୋଲାମେଲାରେ ପଡି ରହିଛି। ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ଥିବା କାରଣରୁ ବନ୍ୟା ଜଳ ଆସିଲେ ଏହି ନଦୀବନ୍ଧରେ ଘାଇ ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ନଦୀରେ ଘାଇ ସୃଷ୍ଟି ହେଲେ ସ୍ଥାନୀୟ ନିଶ୍ଚିନ୍ତକୋଇଲି, ବୁହାଲୋ,ସରପଡା, ବାଲିଆପଦା, ବଡଖିର, ନତକାଇ, କଟରପଡା, କେଣ୍ଟାଲୋ, ଅସୁରେଶ୍ୱର, କଟିକଟା ସମେତ ଡେରାବିଶ ଓ ମାହାଙ୍ଗା ବ୍ଲକର ବହୁ ପଂଚାୟତ କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଠାରେ ଘାଇ ସୃଷ୍ଟି ହେଲେ ଲକ୍ଷ ଲକ୍ଷ ଲୋକ ନିଜର ଧନ ଜୀବନ ହରାଇବାର ଆଶଙ୍କା ରହିଛି। ଏପରିସ୍ଥଳେ ସ୍ଥାନୀୟ ଜଳ ସମ୍ପଦ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ସାଜିବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ଜଳସମ୍ପଦ ବିଭାଗ ମନ୍ତ୍ରୀ, କଟକ ଜିଲ୍ଲାପାଳ, ସର୍ବୋପରି ବିଭାଗୀୟ ଅଧିକାରୀ ଏହି ନଦୀବନ୍ଧ ଉପରେ ଗୁରୁତ୍ୱାରୋପ କରିବାକୁ ସାଧାରଣରେ ଦୃଢ ଦାବି ହୋଇଛି।

# ଚିତ୍ରକୋଣ୍ଡାରେ ବିଭିନ୍ନ ଉନ୍ନୟମୂଳକ ପ୍ରକଳ୍ପ ଉଦ୍‌ଘାଟିତ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଚିତ୍ରକୋଣ୍ଡା ବ୍ଲକ୍ ଠାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ଉଦ୍‌ଘାଟନ କରାଯାଇଛି । ନବରଙ୍ଗପୁର ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିତ୍ରକୋଣ୍ଡା ବ୍ଲକ ଏବଂ ଟନେଲ କ୍ୟାମ୍ପ ଠାରେ ଏକ ବହୁମୁଖୀ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଚିତ୍ରକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତା କୁମାର ଓ ତହସିଲଦାର ନଟବର ଗରଡ଼ା ଉପସ୍ଥିତ ଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ନିର୍ମିତ ଏହି ଉତ୍କର୍ଷ କେନ୍ଦ୍ରରେ ହଳଦୀ ଓ ତେନ୍ତୁଳି ପ୍ରୋସେସିଂ ୟୁନିଟ୍ କରାଯାଇଛି। ଚିତ୍ରକୋଣ୍ଡା ଅଞ୍ଚଳ ପଣସ ଉତ୍ପାଦନ ପାଇଁ ସୁନାମ ଅର୍ଜନ କରିଛି। ଏହି ଅଞ୍ଚଳର ଉତ୍ପାଦକୁ ବଜାରଯୋଗ୍ୟ କରିବା ପାଇଁ ପଣସ ଚିପ୍ସ ତିଆରି ୟୁନିଟ୍ ପ୍ରତିଷ୍ଠା କରାଯାଇଛି। ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦକୁ ଉପଯୁକ୍ତ ବଜାର ଯୋଗାଇ ଦେଇ ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ପ୍ରତିଷ୍ଠା କରାଯାଇଛି ଏହି ବହୁମୁଖି ଉତ୍କର୍ଷ କେନ୍ଦ୍ର। ସେହିପରି ସାଂସଦ ଓ ବିଧାୟକଙ୍କ ଉପସ୍ଥିତିରେ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ ମେଳା ଆୟୋଜନ କରାଯାଇଛି। ଚିତ୍ରକୋଣ୍ଡା ବ୍ଲକର ପାପଲୁର ଓ ବାଲିମେଳା ଆରଆଇସିର ସର୍ବମୋଟ ୧୦୫ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ଜନଜାତିଙ୍କ ଜୀବନ ଜୀବିକାର ମାନ ବୃଦ୍ଧି କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଛି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା। ଏହି ସଂସ୍ଥା ଦ୍ୱାରା ପାପରମେଟଲା ଗ୍ରାମ ପଞ୍ଚାୟତର ଜନ୍ତାପାଇରେ ୧୨ ଏକର ଓ ଲାଉଗୁଡ଼ା ଗ୍ରାମରେ ୧୩ ଏକର ଜମିରେ ଡ୍ରାଗନ ଫଳ ଚାଷ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି ସାଂସଦ ଶ୍ରୀ ମାଝୀ। ସେହିପରି ଚିତ୍ରକୋଣ୍ଡା ସରକାରୀ ବାଳିକା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ଓ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଭର୍ଚୁଆଲ ରିଆଲିଟି ଲ୍ୟାବ୍ ଓ ଆଷ୍ଟ୍ରୋ ଲ୍ୟାବ୍ ମଧ୍ୟ ଉଦ୍ଘାଟନ କରାଯାଇଛି ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀ ଓ ଚିତ୍ରକୋଣ୍ଡା ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।



କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ସ୍ଥାନୀୟ ସିଲିଭର ସିଟି ବୋଟ କ୍ଲବ ହାଡିଆପଠା ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ଜିଲ୍ଲା କୋର୍ଟର ଜିଲ୍ଲା ଜଜ ତଥା ଅଧ୍ୟକ୍ଷ ଏବଂ ଜିଲ୍ଲା ଆଇନସେବା ପ୍ରାଧୀକରଣର ଦାୟିତ୍ୱରେ ଥିବା ରାଜକିଶୋର ମହାପାତ୍ର ଚାରାରୋପଣ କରିଥିଲେ । ଏହି ଅବସରରେ କଟକ ଜିଲ୍ଲାର ସମସ୍ତ ବିଚାୟବିଭାଗୀୟ ଅଧିକାରୀବୃନ୍ଦ, ଜିଲ୍ଲା ଆଇନସେବା ପ୍ରାଧୀକରଣର ସଚିବ ମଧ୍ୟ ଚାରାରୋପଣ କରିଥିଲେ । ଏହି କାର୍ଯ୍ୟରେ ଜିଲ୍ଲା ବନ ବିଭାଗର ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ । ଜିଲ୍ଲା ଆଇନସେବା ପ୍ରାଧୀକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା ଶେଷ

# ବାହୁଡ଼ିଲେ ତିନି ଠାକୁର





## ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଲେ ମହାପ୍ରଭୁ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦୀର୍ଘ ନବଦିନ ଯାତ୍ରା ସାରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାଆ ସୁଭଦ୍ରା ଆଜି ବାହୁଡ଼ାରେ ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଛନ୍ତି । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଆଡ଼ମ୍ବରପୂର୍ଣ୍ଣ ଭାବେ ଶେଷ ହୋଇଛି । ପୂର୍ବାହ୍ନରେ ମଙ୍ଗଳ ଆରତୀ, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ରଥପୂଜା ଓ ପହଣ୍ଡି ଆଦି ନୀତିକାନ୍ତି ସଂପନ୍ନ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସଂପାଦିତ ହୋଇଥିଲା । ଅପରାହ୍ନ ୪ଟାରେ ଭକ୍ତମାନେ ମହାପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥକୁ ଟାଣିଥିଲେ । ଶ୍ରୀବାଣୀକ୍ଷେତ୍ର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି । ତିନି ରଥଙ୍କୁ ଗୁଣ୍ଡିଚା ମନ୍ଦିରରୁ ଶ୍ରୀବାଣୀକ୍ଷେତ୍ର ପର୍ଯ୍ୟନ୍ତ ଟଣାଯାଇଥିଲା । ବାହୁଡ଼ା ଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୪୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇ ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଦୈବୀକୃପା ଲାଭ କରିଥିଲେ । ଘଣ୍ଟଘଣ୍ଟା, ମର୍ଦ୍ଦଳ ଧ୍ୱନୀ ଓ ହୁଳହୁଳିରେ ରଥଦାଣ୍ଡ କମ୍ପିଥିଲା । ଆସନ୍ତା କାଲି ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ । ଭକ୍ତମାନେ ଯେପରି ସୁଚାରୁ ରୂପେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିପାରିବେ ସେଥିପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ।

ସରିଲା ମହାପ୍ରଭୁଙ୍କର ନବଦିନାତ୍ମକ ଯାତ୍ରା । ଜନ୍ମବେଦୀରୁ ଲୀଳାଖେଳା ସାରି ରତ୍ନବେଦୀକୁ ବାହୁଡ଼ିଛନ୍ତି ତିନିଠାକୁର । ନଅଦିନର ରହଣୀ ପରେ ଆଜି ପୁଣି କାଳିଆସାଆନ୍ତ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଜଗନ୍ନାଥମୟ ପରିବେଶ ମଧ୍ୟରେ ତିନିଠାକୁର ବାହୁଡ଼ି ଆସିଛନ୍ତି । ଶଙ୍ଖ, ଘଣ୍ଟ, ହରିବୋଲ ଓ ହୁଳହୁଳି ସାଙ୍ଗକୁ ନାମ ସଂକୀର୍ତ୍ତନରେ ପ୍ରଭୁ ରଥରେ ବସି ଶ୍ରୀମନ୍ଦିର ଅଭିମୁଖେ ଆସିଛନ୍ତି । ଏଥିପାଇଁ ଭକ୍ତଙ୍କ ମନରେ ଅଫୁରନ୍ତ ଆନନ୍ଦ ସାଙ୍ଗକୁ ଆଧ୍ୟାତ୍ମିକ ମନୋଭାବ ସୃଷ୍ଟି ହୋଇଥିଲା । ଟ୍ୱିନ୍‌ସିଟିରେ ବାହୁଡ଼ା ରଥଯାତ୍ରା ଉପଲକ୍ଷେ କମିଶନରେଟ୍ ପୋଲିସ ଭକ୍ତଙ୍କ ସୁରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା ।



## ରାଣୀହାଟରେ ମହାପ୍ରଭୁଙ୍କ ବାହୁଡ଼ା ରଥଯାତ୍ରାରେ ଛେରା ପହଁରା କଲେ ଜିଲ୍ଲାପାଳ

କଟକ(ଭାସ୍କର ନ୍ୟୁଜ୍): ଅପରାହ୍ନ ୪ଟା ୩୦ମି ସମୟରେ ରାଣୀହାଟଠାରେ ବଳଦେବଜୀଉ ରଥଯାତ୍ରା କମିଟି ପକ୍ଷରୁ ନିତିକନ୍ତି ଅନୁଯାୟୀ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେଇଥିଲା । ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରର ରଥରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସହେବ ଶିନ୍ଦେ କୀର୍ତ୍ତନ,ମୃଦ୍ଦଙ୍ଗ ବାଜା ସହ ପାଟ ପଟୁଆର ପଦଯାତ୍ରାରେ ଆସି ରଥାରୂଢ଼ ତିନି ଠାକୁରଙ୍କ ରଥର ଛେରା ପହଁରା ଓ ପୂଜା ଅର୍ଚ୍ଚନା କରିଥିଲେ । ଏହା ପରେ ପରେ ଭକ୍ତ ମାନଙ୍କ ଦ୍ୱାରା ରଥଟଣା ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରା ଅନୁଷ୍ଠିତ ହୋଇଥିବାରୁ ଆଜି ବାହୁଡ଼ା ଅବସରରେ ଜିଲ୍ଲାପାଳ ସମସ୍ତ ରଥଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସହ କଟକ ବାସୀ ତଥା ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ପୋଲିସ ପ୍ରଶାସନ ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।







## ଶେଷ ହେଲା ପବିତ୍ର ବାହୁଡ଼ା ଯାତ୍ରା

କଟକ(ଭାସ୍କର ନ୍ୟୁଜ୍): କଟକ ସହରର ବିଭିନ୍ନ ସ୍ଥାନରେ ଆଜି ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି । ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୦୬ଜଣ ଅଧିକାରୀ ନିୟୋଜିତ ହୋଇଥିଲେ । ଆସନ୍ତା କାଲି ପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହେବ । ଦୋଳମୁଣ୍ଡାଇ, ଯୋବ୍ରା, ରାଣୀହାଟ, ଚାନ୍ଦିନୀଚୌକ ଓ ମହାନଦୀବିହାର ସମେତ ସହରର ଅନ୍ୟାନ୍ୟ ମନ୍ଦିରରେ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ପ୍ରାତଃ ସମୟରୁ ଅପରାହ୍ନ ମଧ୍ୟରେ ବିଭିନ୍ନ ନୀତିକାନ୍ତି ଶେଷ ହେବା ପରେ ବିଗ୍ରହମାନଙ୍କୁ ପହଣ୍ଡିରେ ନେଇ ରଥାରୂଢ଼ କରାଯାଇଥିଲା । ବିଧି ମୁତାବକ ରଥ ଉପରେ ଛେରା ପହଁରା ପରେ ଗୁଣ୍ଡିଚା ମନ୍ଦିରରୁ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳାହୁଳି, ଘଣ୍ଟ ଓ ଶଙ୍ଖ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ଝିପିଝିପି ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତ ରଥ ଟାଣିଥିଲେ । ରଥ ଦାଣ୍ଡରେ ସନ୍ଧ୍ୟା ଆଳତୀ ପରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ଅବସରରେ ସହରରେ ଟ୍ରାଫିକ ବ୍ୟବସ୍ଥାରେ କଟକଣା କରାଯାଇଥିଲା । ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଭାବରେ ବାହୁଡ଼ା ଯାତ୍ରା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କଲେ ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି ଓ ଅନୁଷ୍ଠାନ ଦାୟିତ୍ୱ ନେବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ବନ ମହୋତ୍ସବ ପାଳନ ଅବସରରେ ଶନିବାର ରାଜ୍ୟପାଳ ରାଜଭବନ ପରିସରରେ ବୃକ୍ଷରୋପଣ କରି ଏହି ଆହ୍ୱାନ ଜଣାଇଛନ୍ତି କ୍ଷ ନ୍ତଏକ୍ ପେଡ୍ ମା କେ ନାମ' ପଦକ୍ଷେପର ଅଂଶ ସ୍ୱରୂପ ରାଜଭବନର 'ଶ୍ୟାମାନନ୍ଦ ପାର୍କ' ଠାରେ ରାଜ୍ୟପାଳ ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ । ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ



ଏନ୍‌ବିଏସ୍ ରାଜପୁତଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ବୃକ୍ଷରୋପଣ କରିଥିଲେ । ଜଳବାୟୁ ପରିବର୍ତ୍ତନ ଆହ୍ୱାନର ମୁକାବିଲା କରିବା ଏବଂ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ବୃକ୍ଷରୋପଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ପରିବେଶ ସୁରକ୍ଷା ସହିତ ସ୍ଥାୟୀ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧତାର ନିଦର୍ଶନ । ଉଲ୍ଲେଖଯୋଗ୍ୟ ଯେ, ଏହି ଦୃଷ୍ଟିକୋଣ ସହିତ ରାଜଭବନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ପୂର୍ବରୁ ଅନେକ ପଦକ୍ଷେପ ନିଆଯାଇଛି । ପାରମ୍ପରିକ ଶକ୍ତିର ବ୍ୟବହାର ହ୍ରାସ କରିବା ପାଇଁ ରାଜଭବନରେ ସୌରଶକ୍ତି ବ୍ୟବସ୍ଥା କରାଯାଇଛି ଏବଂ ବୈଦୁତିକ ଯାନର ମଧ୍ୟ ବ୍ୟବସ୍ଥା କରାଯାଇଛି । ଏ ପରି ପ୍ରୟାସ ଦ୍ୱାରା ରାଜଭବନକୁ ରାଜ୍ୟରେ ସବୁଜ ଶାସନର ଏକ ମଡେଲ ଭାବେ ଉପସ୍ଥାପିତ କରାଯାଇଛି ।

## ଜେଡ୍‌ଟପ୍ ଆଇଓଟି ସଲ୍ୟୁଶନ୍ସ ପକ୍ଷରୁ 'ଜଗା କଥା' ଉନ୍ମୋଚିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟେକ୍ନୋଲୋଜି ଓ ପରମ୍ପରାର ଏକ ଉଲ୍ଲେଖନୀୟ ମିଶ୍ରଣରେ ଓଡିଶା-ଭିତ୍ତିକ ଡିପ୍-ଟେକ ଷ୍ଟାର୍ଟଅପ ଜେଡ୍‌ଟପ ଆଇଓଟି ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡ ଏହାର ନୂତନ ସାଂସ୍କୃତିକ ପଦକ୍ଷେପ ଜଗା କଥା'ର ଉନ୍ମୋଚନ କରିଛି । ଏହା ହେଉଛି ଏକ ଏଆଇ-ଜେନେରେଟେଡ ମ୍ୟୁଜିକ ଭିଡିଓ ଯାହା ପୁରୀ ଧାମ ଓ ମହାପ୍ରଭୁ ଜଗନ୍ନାଥଙ୍କ ଲୁଚି ଯାଇଥିବା କିମ୍ବଦନ୍ତୀ, ପୁରୁଣା ପ୍ରଥା ଓ ରହସ୍ୟମୟ କାହାଣୀଗୁଡିକୁ ଜୀବନ୍ତ କରିଛି । ବିଶ୍ୱ ପାଇଁ ଭାରତରେ ନିର୍ମିତ ଏକ ମେଡିକାଲ ଡିଭାଇସ, ଏପିଡର୍ମାଲରେ ନିଡିଲ ବେସ୍‌ଡ ମେଡିକାଲ ପଦ୍ଧତି ପାଇଁ ଏକ ପେନ୍‌ଲେସ୍ ସମାଧାନର ଉଦ୍ଭାବନ କରିବା ପାଇଁ ପରିଚିତ ଜେଡ୍‌ଟପ ଏବେ ଉଦ୍ଭାବନ ପାଇଁ ସମାନ ଉତ୍ସାହର ସହ ଆଧ୍ୟାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ପ୍ରବେଶ କରିଛି, ଯାହା ଦୃଶ୍ୟାତ୍ମକ ଓ ଭାବପ୍ରବଣତା ଦୃଷ୍ଟିରୁ ଏକ ଆକର୍ଷଣୀୟ ଫର୍ମାଟରେ ଭକ୍ତିପୂର୍ଣ୍ଣ କାହାଣୀଗୁଡିକୁ ବିଶ୍ଳେଷଣ କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଆହ୍ୱାନ କରିଛି । ପ୍ରଭୁ ବେଦୀ ହନୁମାନଙ୍କ ଉପରେ କେନ୍ଦ୍ରିତ ସିରିଜରେ ଏହି ପ୍ରଥମ ମ୍ୟୁଜିକ ଭିଡିଓ ହିନ୍ଦୀ ଭାଷାରେ ଏକ ପ୍ରଥମ ଧରଣର ଏଆଇ-ନିର୍ମିତ ଭକ୍ତିପୂର୍ଣ୍ଣ ସଙ୍ଗୀତ ଅଟେ, ଯାହାକୁ ଭାରତର ବହୁସଂଖ୍ୟକ ଦର୍ଶକଙ୍କ ନିକଟରେ ପହଂଚିବା ପାଇଁ ଡିଜାଇନ କରାଯାଇଥିଲା । ଏହି ଭିଡିଓରେ ଜଗନ୍ନାଥ ସଂସ୍କୃତି ସହ ଗଭୀର ଭାବେ ଜଡିତ ଏକ ପବିତ୍ର କାହାଣୀ ପାଇଁ ସଙ୍ଗୀତ, ପୌରାଣିକ କାହାଣୀ ଓ ଆଧୁନିକ ଦୃଶ୍ୟକୁ ଏକତ୍ରିତ କରାଯାଇଛି । ଏ ସମ୍ପର୍କରେ ଜେଡ୍‌ଟପ ଆଇଓଟି ସଲ୍ୟୁଶନ୍ସର ପ୍ରତିଷ୍ଠାତା ଅବନିସ ନାୟକ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ଏହି କାଳଜୟୀ କାହାଣୀଗୁଡିକୁ ସଂରକ୍ଷିତ ରଖିବା ଏବଂ ସେଗୁଡିକୁ ଏଭଳି ଏକ ଉପାୟରେ ଉପସ୍ଥାପନ କରିବା ଯାହା ତାହାର ଆଧ୍ୟାତ୍ମିକ ସତ୍ୟତାକୁ ବଜାୟ ରଖି ଆଜିର ଯୁବପିଢିଙ୍କୁ ବାର୍ତ୍ତା ଦେଉଥିବ । ପଦକ୍ଷେପ ପୂର୍ବରୁ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ, ରବି ନାରାୟଣ ରଥଶର୍ମା, ମନୋଜ କୁମାର ଜେନା, ଅନିଲ ଧୀର୍, ପଞ୍ଚମୀ ମାନୁ ଉକିଲ ଓ ବକୁଳ ଫାଉଣ୍ଡେଶନର ସୁଜିତ ମହାପାତ୍ର, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସମର୍ଥନ ହାସଲ କରିଛି- ଯାହାଙ୍କର ପ୍ରୋତ୍ସାହନ ଏହି ପ୍ରକଳ୍ପକୁ ଅଧିକ ଶକ୍ତି ଓ ଆତ୍ମୀୟତା ଦେଇଛି ।

## ଶ୍ରମିକ ସଂଗଠନଙ୍କ ବନ୍ଦ ଡାକରାକୁ କଂଗ୍ରେସର ସମର୍ଥନ: ଭକ୍ତ ଦାସ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୯ ତାରିଖ ଭାରତ ବର୍ଷର ପ୍ରମୁଖ ଶ୍ରମିକ ସଂଗଠନ ମାନଙ୍କର ୧୭ ଦଫା ଦାବିକୁ ନେଇ ଦିଆଯାଇଥିବା ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ପୂର୍ଣ ସମର୍ଥନ ଜଣାଉଛି । ଏହି ଦାବି ଯଥାର୍ଥରେ ଦେଶର ଗରିବ ଖଟିଖିଆ ଶ୍ରମିକଠାରୁ ଆରମ୍ଭକରି କୃଷକ ଓ ଖାଉଟିମାନଙ୍କ ସ୍ୱାର୍ଥକୁ ରକ୍ଷା କରିବା ପାଇଁ । ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଶନିବାର ଏକ ପ୍ରେସ ବିବୃତିରେ ଏହି ବନ୍ଦ ଡାକରାକୁ ରାଜ୍ୟ କଂଗ୍ରେସ ସମର୍ଥନ ଜଣାଇବା ସହିତ ଜିଲ୍ଲା କଂଗ୍ରେସ, ବ୍ଲକ, ମ୍ୟୁନିସପାଲଟି, ଏନ୍‌ଏସି ତଥା ପଂଚାୟତରେ କଂଗ୍ରେସ ନେତୃବର୍ଗ ଓ କର୍ମୀମାନେ ଏହି ବନ୍ଦ ଡାକରାକୁ ସଫଳ କରିବା ସହିତ ନିଜ ନିଜ ଅଞ୍ଚଳରେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

With Best Complime-ts from :



A Well Wisher



ଓଡ଼ିଶା
ଭାସ୍କର
ଦୃଷ୍ଟିପାତ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



# ଲାଭ ବନାମ ନୈତିକତା: ବୋଇଙ୍ଗ୍ ବ୍ୟଥା



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

'ଥ୍ରଷ୍ଟ୍ ନଟ୍ ଆଚିଭ୍ଡ୍, ଫଲିଙ୍ଗ୍, ମେଡେ, ମେଡେ, ମେଡେ...' ଆଉ କିଛି କହିବାର କି ଶୁଣିବାର ନ ଥିଲା। ଆଖିଆଗରେ ଭାସି ଉଠିଥିବା ଆସନ୍ନମୃତ୍ୟୁ, ନିଜ ସହିତ ୨୪୨ଟି ଜ୍ୱଳନ୍ତ ଅମୂଲ୍ୟଜୀବନ ଏବଂ ବିଶ୍ୱର ସର୍ବୋତ୍ତମ ବିମାନର ଖଣ୍ଡବିଖଣ୍ଡିତ ଧ୍ୱଂସାବଶେଷ। ଆଖି ପିଛୁଳାକେ ସବୁ ଶେଷ। ମାତ୍ର ତିନିମିନିଟ୍‌ରେ ବିମାନର ଅବସ୍ଥା କ'ଣ ହୋଇଥିଲା ତାହା ଜାଣିବାକୁ ଅଭିଜ୍ଞ ଯୁବ ପାଇଲଟ୍ ସୁମିତ୍ ସବରୱାଲ୍ ନଥିଲେ, ନ ଥିଲେ ତାଙ୍କ ସହପାଇଲଟ୍ କ୍ଲାଇବ୍ କୁନ୍ଦର୍। ୨୦୨୫ ମସିହା ଜୁନ୍ ମାସ ୧୨ ତାରିଖ। ଏଆର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର୍ ବିମାନ ଏ ଆଇ - ୧୭୧ ଗୁଜରାଟର ଅହମ୍ମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ବିମାନବନ୍ଦରରୁ ଲଣ୍ଡନର ଗ୍ୟାଟ୍‌ୱିକ୍‌କୁ ଉଡାଣ ଭରିବା ପରେ ଆକାଶବକ୍ଷକୁ ଉଠିବାର ମାତ୍ର ତିରିଶ ସେକେଣ୍ଡ ହୋଇଥିଲା। ଏହି ସମୟରେ ବିମାନଟି ଉପରକୁ ଉଠିବା ବଦଳରେ ଭୂପୃଷ୍ଠରୁ ମାତ୍ର ୩୨୫ ଫୁଟ ଉଚ୍ଚତାରୁ ତଳକୁ ଖସି ବି.ଜେ ମେଡିକାଲ୍ କଲେଜର ଛାତ୍ରାବାସ ଭିତରେ ପଶିଗଲା। ୨୬୦ଟି ଅମୂଲ୍ୟଜୀବନ ହଜିଗଲା ମାତ୍ର କେତୋଟି ମୁହୂର୍ତ୍ତରେ। ଅର୍ଥ ଆକାରରେ କ୍ଷତି ୪୨୮୬.୮ କୋଟି ଟଙ୍କା - ବିମାନର ମୂଲ୍ୟ ୨୦୬.୮ ନିୟୁତ ଡଲାର ବା ୧୭୨୩ କୋଟି ଟଙ୍କା, ହିନ୍ଦୁସ୍ଥାନ ଟାଇମ୍ସ ଅନୁସାରେ ବୀମା ଖର୍ଚ୍ଚ ପ୍ରାୟ ୪୦୮୦ କୋଟି ଟଙ୍କା।

୧୯୮୫ ମସିହାରେ ଜାପାନ ଏଆର୍‌ଲାଇନ୍ସର ଫ୍ଲାଇଟ୍ ୧୨୩ ଆକାଶରେ କ୍ଷତିଗ୍ରସ୍ତ ହୋଇ ୫୧୯ ଜଣଙ୍କର ମୃତ୍ୟୁ ହେଲା, ୧୯୯୧ ମସିହାରେ ଅଷ୍ଟ୍ରେଲିଆ ଏଆର୍‌ଫ୍ଲାଇଟ୍ ୦୦୪ ମଝି ଆକାଶରେ ଓଲଟି ପଡ଼ିଲା, ୨୦୧୩ ମସିହାରେ ଏସିଆନା ଏଆର୍‌ଲାଇନ୍ସ ସାନ୍‌ଫ୍ରାନ୍‌ସିସ୍‌କୋରେ ରନ୍‌ୱେରେ ଧକ୍କା ଖାଇ ଭାଙ୍ଗିଗଲା, ୨୦୧୪ ମସିହାରେ ମାଲେସିଆ ଏଆର୍‌ଲାଇନ୍ସର ଫ୍ଲାଇଟ୍ ଏମ୍‌ଏଚ୍ ୩୭୦ ଅଦୃଶ୍ୟ ହୋଇଗଲା ଯାହାର ଆଜି ପର୍ଯ୍ୟନ୍ତ ସନ୍ଧାନ ମିଳିନି, ୨୦୧୩ ମସିହାରେ ସାନ୍‌ଫ୍ରାନ୍‌ସିସ୍‌କୋରେ ଆସିଆନା ଏଆର୍‌ଲାଇନ୍ସ, ୨୦୧୮ ମସିହାରେ ଲାୟନ୍ ଏଆର୍‌ଲାଇନ୍ସ ଏବଂ ୨୦୧୯ରେ ଇଥିଓପିଆର ଏଆର୍‌ଲାଇନ୍ସ ସଫ୍ଟୱେର୍ ଖରାପ କାରଣରୁ ତଳକୁ ଖସିଯିବାରୁ ୩୪୬ ନିରୀହ ଲୋକଙ୍କର ଜୀବନ ଚାଲିଗଲା। ୨୦୨୦ ମସିହାରେ କେରଳର କୋଝିକୋଡ୍ ବିମାନବନ୍ଦରରେ ଏଆର୍ ଇଣ୍ଡିଆର ଫ୍ଲାଇଟ୍ ୧୩୪୪ ପ୍ରବଳ ବର୍ଷା ଯୋଗୁଁ ରନ୍‌ୱେରୁ ଖସି ଯାଇ ଖାଇରେ ପଡ଼ିଗଲା। ୨୦୨୪ ମସିହାରେ ଆଲାସ୍କା ଏଆର୍‌ଲାଇନ୍ସର ଫ୍ଲାଇଟ୍ ୧୨୮୨ର କବାଟ ମଝି ଆକାଶରେ ଉଡ଼ାଣ ବେଳେ ଖୋଲିଗଲା। ଦୈବୀକୃପା ବଳରେ କୌଣସି ଅଘଟଣ ଘଟିଲାନି। ୨୦୨୫ରେ ଭାରତର ଅହମ୍ମଦାବାଦର ଛାତିଥରା ଦୁର୍ଘଟଣା। ବିମାନ ଦୁଇଖଣ୍ଡ ହୋଇ ତା'ର ମୁଖ ଏକ ବିରାଟ କୋଠାରେ ପଶିଗଲା। ଏ ସମସ୍ତ ବିମାନ ବିଶ୍ୱର ପ୍ରସିଦ୍ଧ ବିମାନ ନିର୍ମାଣ କମ୍ପାନୀ ବୋଇଙ୍ଗ୍‌ର। ନିର୍ମାଣ ଶୈଳୀ, ବୈଷୟିକ ଉତ୍ତୁଙ୍ଗତା ଏବଂ ସୁରକ୍ଷା ନିଶ୍ଚିତତା ପରି ଗୁଣ ସବୁକୁ ସୁନିଶ୍ଚିତ କରୁଥିବାରୁ ବିଶ୍ୱର ସବୁ ଦେଶ ବୋଇଙ୍ଗ୍ ଠାରୁ ବିମାନ କିଣି ଥାଆନ୍ତି। କିନ୍ତୁ ଲଗାତାର ଅନେକ ବର୍ଷ ଧରି ବିଭିନ୍ନ ଦେଶର ବୋଇଙ୍ଗନିର୍ମିତ ବିମାନ ଦୁର୍ଘଟଣାର ଶିକାର ହେଉଥିବାରୁ ଏହି କମ୍ପାନୀର ବିଶ୍ୱସନୀୟତା ଏବଂ ନୈତିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଆର୍ ଇଣ୍ଡିଆ ବିମାନର ଲୋମହର୍ଷଣକାରୀ ଦୁର୍ଘଟଣା ସଂପୂର୍ଣ୍ଣ ଭାବେ ବୈଷୟିକ କାରଣ ଯୋଗୁ ଘଟିଛି।

୧୯୧୬ ମସିହା। ଆମେରିକାରେ ୱିଲିୟମ୍ ଏଡ୍‌ୱାଡ୍ ବୋଇଙ୍ଗ୍ ନାମକ ଜଣେ ଲୋକ କାଠ ବ୍ୟବସାୟ କରୁଥିଲେ। କାଠର ବିଭିନ୍ନ ଆକାରକୁ ଦେଖି କୌତୁହଳବଶତଃ ସେ ତାଙ୍କ ସାଙ୍ଗ କନ୍‌ରାଡ୍ ୱେସ୍‌ଟରଭେଲ୍‌ଟ୍ ମିଶି ଛୋଟ ଉଡ଼ାଜାହାଜ ତିଆରି କଲେ। ଏହାପରେ ସେ ସିଆଟେଲ୍ ସହରରେ ପାସିଫିକ୍ ଏରୋ ପ୍ରଡକ୍ଟସ୍ ନାମରେ ଏକ ବିମାନ ନିର୍ମାଣ କମ୍ପାନୀ ଆରମ୍ଭ କଲେ। ତା' ପରବର୍ଷ ସେ କମ୍ପାନୀର ନାମ ପରିବର୍ତ୍ତନ କରି ରଖିଲେ ବୋଇଙ୍ଗ୍ ଏରୋପ୍ଲେନ୍ସ। ଦ୍ରୁତଗତିରେ କମ୍ପାନୀର ବୃଦ୍ଧି ଘଟିଲା। ୧୯୨୮ ମସିହାରେ ସେ ବୋଇଙ୍ଗ୍ ଏରୋପ୍ଲେନ୍ ଆଣ୍ଡ୍ ଟ୍ରାନ୍ସପୋର୍ଟ୍ କର୍ପୋରେସନ୍ ନାମରେ ଆଉ ଏକ ନୂଆ କମ୍ପାନୀ ଆରମ୍ଭ କଲେ। ୧୯୨୯ ମସିହାରେ ସେ ଏହାର ନାମ ୟୁନାଇଟେଡ୍ ଏଆର୍‌କ୍ରାଫ୍ଟ ଆଣ୍ଡ ଟ୍ରାନ୍ସପୋର୍ଟ କର୍ପୋରେସନ୍ ରଖିଲେ। ଧୀରେଧୀରେ ସେ ପ୍ରାଟ୍ ଆଣ୍ଡ ହ୍ୱିଟ୍‌ନୀ, ହାମିଲ୍‌ଟନ୍ ମେଟଲ୍ ପ୍ଲେନ୍ ଏବଂ ଆଭିଆନ୍ ପରି ଅନ୍ୟ ବିମାନକମ୍ପାନୀ କିଣିଲେ। ୧୯୩୧ ମସିହାରେ ସବୁ ଅଧିକୃତ କମ୍ପାନୀକୁ ମିଶେଇ ସେ ୟୁନାଇଟେଡ୍ ଏଆରଲାଇନ୍ସ ନାମକ ବଡ଼ ସଂସ୍ଥା ସ୍ଥାପନ କଲେ। ୧୯୩୪ ମସିହାରେ ଆମେରିକା ସରକାର ଯେତେବେଳେ ବିମାନ ନିର୍ମାଣ କମ୍ପାନୀ ବିମାନ ଚଳାଚଳ କରିପାରିବେନି ବୋଲି ନିୟମ କଲେ ସେତେବେଳେ ସେ ଏହି ବଡ଼ କମ୍ପାନୀକୁ ତିନିଭାଗରେ ବିଭକ୍ତ କରିଦିଆଗଲା। ବୋଇଙ୍ଗ୍ ଏରୋପ୍ଲେନ୍ କମ୍ପାନୀ ବିମାନ ନିର୍ମାଣ କଲା, ୟୁନାଇଟେଡ୍ ଏଆର୍‌କ୍ରାଫ୍ଟ ବୈଷୟିକ ଜ୍ଞାନକୌଶଳ ପ୍ରଦାନ କଲା ଏବଂ ୟୁନାଇଟେଡ୍ ଏଆର୍‌ଲାଇନ୍ସ ବିମାନ ଚଳାଚଳ କାମ କଲା। ୧୯୬୦ ମସିହାରେ ସେ ସମୟର ସବୁଠାରୁ ବଡ଼ ହେଲିକପ୍ଟର ନିର୍ମାତା ଭର୍‌ଟୋଲ୍ ଏଆର୍‌କ୍ରାଫ୍ଟ ଅଧିଗ୍ରହଣ କରିବା ସହିତ କମ୍ପାନୀ ଉଡ଼ାଜାହାଜ କାରବାରରେ ସୀମିତ ନ ରହି

## ମୁଦ୍ରା କାହାଣୀ

ନିଜର ବ୍ୟବସାୟକୁ ଜଳଜାହାଜ, ମହାକାଶ ଅଭିଯାନ, କୃଷି ଏବଂ ଶକ୍ତି ଉଦ୍ୟୋଗ ଏବଂ ପରିବହନ ଇତ୍ୟାଦି କ୍ଷେତ୍ରକୁ ସମ୍ପ୍ରସାରଣ କଲା।

ବିଶ୍ୱଯୁଦ୍ଧରୁ ଶୀତଳଯୁଦ୍ଧ ଦେଇ ଆଜି ପର୍ଯ୍ୟନ୍ତ ବୋଇଙ୍ଗ୍ ଯୁଦ୍ଧବିମାନ ଯୋଗାଇବା ସହିତ ସମସ୍ତପ୍ରକାରର ସୌଖିନ ଯାତ୍ରୀବାହୀ ବିମାନ ନିର୍ମାଣରେ ବିଶ୍ୱରେ ପ୍ରଥମସ୍ଥାନ ଅଧିକାର କରିଛି। ୭୩୭ ମାକ୍ସ, ଆକାଶର ରାଣୀ ୭୪୭, ୭୬୭, ୭୭୭ ଏବଂ ୭୮୭ ଡ୍ରିମ୍ ଲାଇନର୍ ପରି ବଡ଼ ବିମାନ ଆମେରିକାର ୱାଶିଂଟନ୍ ମିଶୋରୀ, ସାଉଥ୍ କାରୋଲିନା ଏବଂ କାଲିଫର୍ଣ୍ଣିଆସ୍ଥିତ ଫ୍ୟାକ୍ଟ୍ରିରେ ତିଆରି ହୁଏ। କିନ୍ତୁ ବିମାନର ସମସ୍ତଅଂଶ ବୋଇଙ୍ଗ୍ ନିଜେ ତିଆରି କରେନି। ଅଧିକାଂଶ ଅଂଶ ଦେଶବିଦେଶର ବିଭନ୍ନ କମ୍ପାନୀରୁ ଅଣାଯାଇ ଏହାର ଫ୍ୟାକ୍ଟ୍ରିମାନଙ୍କରେ ଯୋଡ଼ା ଯାଇ ବିମାନ ପ୍ରସ୍ତୁତ କରାଯାଏ। ବର୍ତ୍ତମାନ ବୋଇଙ୍ଗ୍ ପୃଥିବୀର ୧୫୦ ଦେଶରେ ବିମାନ ବିକ୍ରି କରୁଛି। ୧୯୯୫ ମସିହାରେ ରୁଷ, ନରୱେ ଏବଂ ୟୁକ୍ରେନ୍ ସହିତ ମିଶି କମ୍ପାନୀ ସି-ଲଞ୍ଚ୍ ସେବା ଆରମ୍ଭ କଲା। ୧୯୯୭ ମସିହାରେ ବୋଇଙ୍ଗ୍ ଏଫ୍ -୧୫ ଏବଂ ଡି ସି - ୧୦ ପରି ଯୁଦ୍ଧ ବିମାନ ନିର୍ମାଣ କରିଥିବା ମ୍ୟାକ୍ ଡୋନେଲ୍‌ଡଗ୍ଲାସ୍ କମ୍ପାନୀକୁ କିଣିଲା। ଏପଟେ କମ୍ପାନୀର କଳେବର ବଢୁଥିଲା ସେପଟେ ଦୀର୍ଘବର୍ଷର ଆଦର୍ଶ ଧୂଳିସାତ ହେବାକୁ ଯାଉଥିଲା। ଲାଭ ଠାରୁ ଉତ୍ପାଦର ଗୁଣବତ୍ତା ଏବଂ ବ୍ୟବସାୟିକ ନୈତିକତାକୁ ଉର୍ଦ୍ଧ୍ୱରେ ରଖୁଥିବା ବୋଇଙ୍ଗ୍‌ର ଇଞ୍ଜିନିୟର ଏବଂ କାରିଗରମାନେ ମ୍ୟାକଡନେଲ୍‌ର ଅର୍ଥସର୍ବସ୍ୱ ବ୍ୟାବସାୟିକ ନୀତି ଆଗରେ ହାରି ଯାଉଥିଲେ। କ୍ୱାର୍ଜ୍ ରିପୋର୍ଟ ଅନୁସାରେ ଲାଭଖୋର ମନୋବୃତ୍ତି ବୋଇଙ୍ଗ୍‌କୁ ଭିତରୁ ପୋଲ କରି ଦେଉଥିଲା। ଅର୍ଥ ଆଗରେ ମଣିଷର ଅମୂଲ୍ୟ ଜୀବନ ତୁଚ୍ଛ ହୋଇଗଲା। ଜନମତକୁ ପଦଦଳିତ କରାଗଲା। ନିରାପତ୍ତା ଗୌଣ, ଲାଭ ମୁଖ୍ୟ ହେଲା। ବୋଇଙ୍ଗ୍ ବିମାନର ମାନରେ ହ୍ରାସ କରୁଥିଲା। ସ୍ୱାଭାବିକ ଭାବରେ ସେସବୁ ଅତ୍ୟଧିକ ଦୁର୍ଘଟଣାପ୍ରବଣ ହୋଇଗଲେ।

ବିମାନର ଗୁଣବତ୍ତା ଏବଂ କାର୍ଯ୍ୟପ୍ରଣାଳୀକୁ ନୀରିକ୍ଷଣ କରିବାର ଦାୟିତ୍ୱରେ ଅଛନ୍ତି ଫେଡରାଲ ଆଭିଏସନ୍ ଆଡ୍‌ମିନିଷ୍ଟ୍ରେସନ୍ (ଏଫ୍.ଏ.ଏ.)। କିନ୍ତୁ ଏଫ୍.ଏ.ଏ. ୨୦୦୫ ମସିହାରୁ କମ୍ପାନୀର ଇଞ୍ଜିନିୟରଙ୍କୁ ସେଲଫ୍- ସାର୍ଟିଫିକେସନ୍ ପ୍ରକ୍ରିୟା ପାଇଁ ଅନୁମତି ଦେବା ପରେ କମ୍ପାନୀର କାର୍ଯ୍ୟକଳାପ ଉପରେ କୌଣସି ବାହ୍ୟନିୟନ୍ତ୍ରଣ ରହିଲାନି। ତେଣୁ ବିଭିନ୍ନ ଅଂଶ କ୍ରୟ ଠାରୁ ନିର୍ମାଣ ଶେଷ ପର୍ଯ୍ୟନ୍ତ ସବୁ କାମ ମନମୁଖୀ ହେବା ସ୍ୱାଭାବିକ। ଅନେକ ବିମାନର ଉଡାଣ ପୂର୍ବରୁ ଉଡ଼ାଣପରୀକ୍ଷଣ ହେଉ ନ ଥିଲା କି ନିରାପତ୍ତା ସୁନିଶ୍ଚିତ କରାଯାଉ ନ ଥିଲା। ଆଧୁନିକ ପୁଞ୍ଜିବାଦର ନୈତିକସ୍ଖଳନର ଉଦାହରଣ। ବାରମ୍ବାର ଦୁର୍ଘଟଣା ହେଉଥିବାରୁ ବୋଇଙ୍ଗ୍‌ରେ ବିମାନଯାତ୍ରା ବର୍ତ୍ତମାନ ବିପଦପୂର୍ଣ୍ଣ। ଲୋକଙ୍କ ଭିତରେ ଭୟ ସୃଷ୍ଟି ହୋଇଛି। ବିଭିନ୍ନ ଯାନ୍ତ୍ରିକତ୍ରୁଟି ବାରମ୍ବାର ଦେଖାଯାଉଥିବାରୁ ପାଇଲଟ୍ ଏହି ବିମାନ ଚଳେଇବାକୁ ଇଚ୍ଛା କରୁନାହାନ୍ତି।

କମ୍ପାନୀର ଅନେକ ଲୋକ ଏହା ବିରୁଦ୍ଧରେ ବାରମ୍ବାର ଅଭିଯୋଗ ଆଣୁଥିଲେ। କିଛି ଲାଭ ଆଗରେ ମଣିଷ ଜୀବନକୁ ତୁଚ୍ଛ କରି ଦିଆଯିବାକୁ ସେମାନେ ଗ୍ରହଣ କରିପାରୁ ନ ଥିଲେ। କମ୍ ସମୟରେ ଅଧିକ ବିମାନ ପ୍ରସ୍ତୁତ ପାଇଁ ତିଆରି ଓ ଯୋଡ଼ିବା ସମୟରେ ଜାଣିଜାଣି ଅନେକ ପ୍ରକ୍ରିୟା ଛାଡ଼ି ଦିଆଯାଇଛି। ଯେହେତୁ ବିଭିନ୍ନ ଜାଗାରୁ ଭିନ୍ନ ଭିନ୍ନ ଜିନିଷ ଅଣାଯାଏ, ଅସୁବିଧା ସମୟରେ କାହାକୁ ଦାୟୀ କରିବା ସହଜ ନୁହେଁ। ବିଭିନ୍ନ ଯାନ୍ତ୍ରିକଅଂଶର ମାନ ଏବଂ ସଂଖ୍ୟା ହ୍ରାସ ଯୋଗୁ ଦୁର୍ଘଟଣାର ସମ୍ଭାବନା ବଢ଼ିଯିବା ଏହାର ଅନେକ ଇଞ୍ଜିନିୟର କହନ୍ତି। ଏହା ଛଡ଼ା ଅନ୍ୟ ଏକ କାରଣ ହେଉଛି ପ୍ରବଳ ଆତ୍ମସନ୍ତୋଷ। କମ୍ପାନୀର ଅନେକ ଲୋକ ଏହାର ବ୍ୟାବସାୟିକ ସଫଳତାକୁ ସର୍ବଶ୍ରେଷ୍ଠ ଭାବିବା ଦ୍ୱାରା ଏଥିରେ ରହୁଥିବା ଦୋଷତ୍ରୁଟିକୁ ଅଣଦେଖା କରୁଛନ୍ତି। ଜନ୍ ବାର୍ନେଟ୍, ଏଡ୍‌ୱାର୍ଡ ପିଅର୍‌ସନ୍, ସାଣ୍ଟିଆଗୋ ପେରେଡେସ୍, ସିନ୍ଥିଆ କୋଲ୍ ପରି ଅନେକ ଇଞ୍ଜିନିୟର ବାରମ୍ବାର କମ୍ପାନୀ ଏବଂ ଏଫ୍.ଏ.ଏ.କୁ ସତର୍କ କରିଛନ୍ତି। ଅନେକ ଇଞ୍ଜିନିୟର, ଟେକ୍ନିସିଆନ୍ ଏସବୁ ଜାଣିଲେ ମଧ୍ୟ ଚୁପ୍ ରହୁଛନ୍ତି। ଚାକିରି ସହିତ ଜୀବନ ଚାଲିଯିବାର ଭୟ ରହିଛି। ଜନ୍ ବାର୍ନେଟ୍ କମ୍ପାନୀ ବିରୁଦ୍ଧରେ ଗୁଣାତ୍ମକ ମାନନ ପାଇଁ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଥରେ ସାକ୍ଷ୍ୟ ଦେବାକୁ ଯାଉଥିବା ବେଳେ ଶୁଣାଣିର ପୂର୍ବଦିନ ରାତିରେ ସନ୍ଦିଗ୍ଧ ଅବସ୍ଥାରେ ହୋଟେଲ୍‌ରେ ତାଙ୍କର ମୃତ୍ୟୁ ହୋଇଥିଲା। କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ଘୋଷଣା କରିଥିଲେ। ଯେତେ ବଡ଼ ବ୍ୟାବସାୟିକ ଅନୁଷ୍ଠାନ ହେଉ ନୈତିକତା ଏବଂ ଉତ୍ତରଦାୟିତ୍ୱ ବିନା ତାହା ହୁଏତ କିଛି ସମୟ ପାଇଁ ଉନ୍ନତି କରିପାରେ। ହେଲେ ଶେଷରେ ଏହାର ପରିଣାମ କେତେ ଭୟଙ୍କର ବୋଇଙ୍ଗ୍ ଦୁର୍ଘଟଣାର ଇତିହାସ ତାହାର ଜ୍ୱଳନ୍ତ ଉଦାହରଣ।

# ମୋ ପ୍ରଭୁ ଜଗନ୍ନାଥ ଧର୍ମ ନିରପେକ୍ଷତାର ଠାକୁର



ମୀରା ବେଉରା
ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

ସମଗ୍ର ପୃଥିବୀରେ ଯେତେ ଦେଶ ଅଛି ସବୁଠାରୁ ଭାରତବର୍ଷ ହେଉଛି ଶ୍ରେଷ୍ଠ ଆଧାତ୍ମିକ ପୁଣ୍ୟ ପବିତ୍ର ଭୂମିର ଦେଶ। ତାହା ମଧ୍ୟରୁ ଉତ୍କଳ ହେଉଛି ସବୁଠାରୁ ଶ୍ରେଷ୍ଠ ରାଜ୍ୟ ଯାହାର ପରିଚିତି, ମାହାତ୍ମ୍ୟ, ବୈଶିଷ୍ଟ୍ୟ ସବୁ କିଛି ତ ଜଗନ୍ନାଥଙ୍କୁ କେନ୍ଦ୍ର କରି ହୋଇଥାଏ। ସେ ଜଗନ୍ନାଥ ହେଉଛନ୍ତି କୈବଲ୍ୟ ପ୍ରଦାୟକ, ମୁକ୍ତିଦାତା, କୋଟି ଓଡ଼ିଆଙ୍କ ଆରାଧ ଠାକୁର, ମଉଡ଼ମଣି, ନୀଳାଦ୍ରିନାଥ, ପ୍ରଭୁ ଜଗନ୍ନାଥ। ସେ ପୁଣି ସମଗ୍ର ପୃଥିବୀବାସୀଙ୍କ ନିଃଶ୍ୱାସ, ବିଶ୍ୱାସ ଓ ପରମାରାଧ। ସେ କୌଣସି ନିର୍ଦ୍ଦିଷ୍ଟ ଧର୍ମ, ଜାତି ଓ ସଂପ୍ରଦାୟର ଠାକୁର ନୁହନ୍ତି, ସେ ଶୈବ, ଶାକ୍ତ, ଜୈନ୍ୟ, ବୌଦ୍ଧ, ଶବର, ବୈଷ୍ଣବ ଆଦି ସମସ୍ତଙ୍କର ଉପାସ୍ୟ ଠାକୁର। ଓଡ଼ିଆର ଜୀବନଚର୍ଯ୍ୟା, ସଂସ୍କୃତି, ପର୍ବପର୍ବାଣୀ, ପୋଷାକ, ପରିଚ୍ଛଦ, ଆଚାର ବ୍ୟବହାର ସବୁକିଛି ଜଗନ୍ନାଥ ସଂସ୍କୃତିକୁ ନେଇ। ସେଇଥିପାଇଁ ତ ପୃଥିବୀରେ ଓଡ଼ିଆ ଜାତି ଏକ ସ୍ୱତନ୍ତ୍ର ପ୍ରଦେଶ ଅଟେ। ଯେଉଁ ଜାତିର କଳା କୋଣାର୍କର ନିଦର୍ଶନ ଓ କାରୁକାର୍ଯ୍ୟ ପର୍ଯ୍ୟଟକଙ୍କ ଆଖିରୁ ନିଦ ହଜାଇ ଦିଏ ପୁଣି ଯେଉଁ ଓଡ଼ିଆ ରାଜ୍ୟର ରାଜା ରାଜ ସିଂହାସନ ପରିତ୍ୟାଗ କରି ବିଶ୍ୱ ଐତିହ୍ୟର ଜୟଯାତ୍ରା ରଥ ଯାତ୍ରାରେ ଝାଡୁଦାର ହେବା ପାଇଁ ଅଧିକ ପସନ୍ଦ କରିଥିଲେ ଇଏ ସେହି ଉତ୍କଳ ଯେଉଁଠି ରଥଯାତ୍ରା ସମୟରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତ ଭକ୍ତ ଧାଇଁ ଆସନ୍ତି ପୃଥିବୀର ବିଭିନ୍ନ କୋଣରୁ କେବଳ ପ୍ରଭୁଙ୍କ ଦର୍ଶନ ପାଇଁ। ପ୍ରଭୁ ମଧ୍ୟ ପାଗଳ ହୁଅନ୍ତି ଭକ୍ତଙ୍କୁ ଭେଟିବା ପାଇଁ।

ଏମିତି କଥାକୁହା ଠାକୁର ପୃଥିବୀରେ ଅନ୍ୟ କୌଣସି ରାଷ୍ଟ୍ରରେ ଦେଖା ଯାଆନ୍ତି ନାହିଁ। ସର୍ବଧର୍ମର ଅପୂର୍ବ ସମନ୍ୱୟ ହୋଇଥିବା ଜଗନ୍ନାଥ ସଂସ୍କୃତି ବିଶ୍ୱବିଦିତ। ପୃଥିବୀର ପ୍ରତ୍ୟେକ ଧର୍ମ ଜଗନ୍ନାଥ ସଂସ୍କୃତିରେ ସମାହିତ। ମହାପ୍ରଭୁ କେବଳ ରଥଯାତ୍ରାରେ ହିଁ ଗର୍ଭଗୃହର ରତ୍ନ ସିଂହାସନରୁ ଓହ୍ଲାଇ ଆସି ବଡ଼ଦାଣ୍ଡରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସାରା ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କୁ ଦର୍ଶନ ଦେଇଥାନ୍ତି। ସେହି ପ୍ରକୃତରେ ମାନବତାର ଜୟଯାତ୍ରାର କାରଣ। ସେ ହିଁ ପୁଣି ସର୍ବ ଧର୍ମ ସମନ୍ୱୟର ପ୍ରତୀକ। ପୁଣି ଶାନ୍ତି, ମୈତ୍ରୀ ଓ ପ୍ରୀତିର ଠାକୁର।

ଏ ସମଗ୍ର ବିଶ୍ୱରେ ମାନବ ଧର୍ମ ହିଁ ସବୁଠାରୁ ଶ୍ରେଷ୍ଠ ଧର୍ମ ଯିଏ ପତିତ ଉଦ୍ଧାର ପାଇଁ ଦୁଃଖି ଦରିଦ୍ରଙ୍କୁ ଦେଖିବା ପାଇଁ ସେମାନଙ୍କ ଠାରୁ ଦୁଃଖ ରୋଗ ଶୋକରୁ ଅପହରଣ କରିବା ପାଇଁ ପ୍ରଭୁ ନିଜେ ରତ୍ନ ବେଦୀରୁ ଓହ୍ଲାଇ ଆସିଛନ୍ତି। ସିଏ ମୋ ପ୍ରଭୁ ଜଗନ୍ନାଥ। ସର୍ବଦା ଶାନ୍ତି, ମୈତ୍ରୀ ପ୍ରୀତିର ଗୀତ ଗାଆନ୍ତି। ସେ ସବୁବେଳେ ସାଧାରଣ ମଣିଷମାନଙ୍କୁ ଚେତାଇ ଦିଅନ୍ତି ଯେ ମଣିଷ ବଡ଼ ନୁହେଁ, ମଣିଷପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ; ଜଗତ ବଡ଼, ଭକ୍ତ ବଡ଼। ହାତ ନଥାଇ ହାତ ପତାଇ ଦାସିଆ ବାଉରୀ ହାତରୁ ନଡ଼ିଆ ଖାଆନ୍ତି ପୁଣି ଗୋଡ଼ ନଥାଇ ପାଦରେ ଚାଲିଚାଲି ବାଇଗଣ କିଆରିରେ ପଶି ଜୟଦେବଙ୍କ ଗୀତଗୋବିନ୍ଦ ଶୁଣି ପାଟବସ୍ତ୍ର ଚିରନ୍ତି। ପୁଣି ବଳରାମଙ୍କ ବାଲିରଥରେ ଚାଲି ଚାଲି ଆସି ବସି ପଡ଼ନ୍ତି। ପାଟି ନଥାଇ କଥା କୁହନ୍ତି, ସବରୀ ଅଇଁଠା କୋଳି ତାଙ୍କ ପାଇଁ ପୁଣି ଦୁର୍ଲ୍ଲଭ। କାନ ନଥାଇ ଲକ୍ଷେ ଯୋଜନରୁ ଗଜ, ମୃଗୁଣୀ, ଦ୍ରୌପଦୀଙ୍କ ବିକଳ ସହି ନପାରି କଷ୍ଟ ନିବାରଣ ପାଇଁ ଧାଇଁ ଆସନ୍ତି। ସେ ହିଁ ମୋ ପ୍ରଭୁ ଜଗନ୍ନାଥ।

ପାଟି ନଥାଇ ଷାଠିଏ ପଉଟି ଖାଦ୍ୟ ସେ ଭୁଞ୍ଜନ୍ତି। ସେ ପୁଣି ଭାବର ଠାକୁର, ସ୍ୱର୍ଗର ଠାକୁର। ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ଲାଗେ। ପ୍ରତିବର୍ଷ ରଥଯାତ୍ରାରେ ମାନବପ୍ରେମରେ ଉଦ୍‌ବୁଦ୍ଧ ହୁଅନ୍ତି। କେବଳ ସେତିକି ନୁହେଁ, ଋତୁ ଓ ପର୍ବପର୍ବାଣୀ ଅନୁଯାୟୀ ତାଙ୍କର ବେଶ ବଦଳାନ୍ତି, ଚନ୍ଦନଲାଗି ହୁଅନ୍ତି। ସୁବାସିତ ପାଣିରେ ସ୍ନାନ ପୂର୍ଣ୍ଣିମାରେ ସ୍ନାନ କରନ୍ତି। ପୁଣି ବିଭିନ୍ନ ସୁବାସିତ ଫୁଲରେ ଶୃଙ୍ଗାର ହୁଅନ୍ତି। ମହାପ୍ରଭୁଙ୍କ ପୁଷ୍ପ ଅଳଙ୍କାର ପାଇଁ ଯେଉଁ ଫୁଲ ସଂଗୃହୀତ ହୁଏ ସେଥିରେ ଥାଏ ଚମ୍ପା, ଗେଣ୍ଡୁ, ଗୋଲାପ, ଡରାଟ, ମାଳତୀ, ଟଗର, ପଦ୍ମ, ଜୁଇ, ଯାଇ, ମଲ୍ଲୀ, ହେନା ଇତ୍ୟାଦି। ଏହି ପୁଷ୍ପାଳଙ୍କାରରେ



ଯାହାଙ୍କର ବେଶୀ ପ୍ରାଧାନ୍ୟ ଥାଏ ସେ ହେଲେ ତୁଳସୀ ଓ ଦୟଣା। ଶ୍ରୀଭୁଜରେ ତୁଳସୀ ଓ ଶ୍ରୀକଣ୍ଠରେ ଦୟଣା ଲଗାଇ ସେ ଦିଶନ୍ତି ଅତ୍ୟନ୍ତ ମନୋରମ। ଯାହାକୁ ଦେଖିବା ପାଇଁ ଦେବତାମାନେ ମଧ୍ୟ ଧାଇଁ ଆସନ୍ତି। ବେଳେ ବେଳେ ମନରେ ପ୍ରଶ୍ନ ଉଙ୍କି ମାରେ ପିଲାଦିନେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ କାଠ ପିତୁଳାରେ ଗଢ଼ା ଅସଂପୂର୍ଣ୍ଣ ଠାକୁରଙ୍କୁ ଦେଖିବା ପାଇଁ କାହିଁକି ବର୍ଷସାରା ଏତେ ଭକ୍ତ ଆସନ୍ତି, ଭିଡ଼ ଜମାନ୍ତି ପ୍ରଭୁଙ୍କୁ ଦେଖିବା ପାଇଁ। ସତରେ କଣ ଜଗନ୍ନାଥ ଦୁଃଖ ଶୁଣନ୍ତି, କଥା ହୁଅନ୍ତି। ଏତେ ଆକର୍ଷଣ କ'ଣ ପାଇଁ? ଇଏ ପୁଣି ସେହି ଠାକୁର ଯିଏ ଦାସଆ ଠାରୁ ଅଛୁଆଁ ହୋଇ ମଧ୍ୟ ନଡ଼ିଆ ହାତ ବଢ଼ାଇ ନେଇ ଖାଆନ୍ତି। ପୁଣି ଭକ୍ତ ସାଲବେଗ ଜାତିରେ ମୁସଲମାନ ହେଲେ ମଧ୍ୟ ତାଙ୍କୁ କୋଳେଇ ନେଇ ରୋଗମୁକ୍ତ କରିଥିଲେ। କେବଳ ସେତିକି ନୁହେଁ ବଳରାମ ଦାସଙ୍କ ପାଇଁ ସମୁଦ୍ରକୂଳ ବାଲିରେ ବଳରାମ ଦାସ ଗଢ଼ିଥିବା ରଥରେ ବସି ପଡ଼ିଲେ। ପୁଣି ସେତିକି ନୁହେଁ ବନ୍ଧୁ ମହାନ୍ତିଙ୍କୁ ସୁନା ଥାଳିରେ ଅର୍ଦ୍ଧରାତ୍ରିରେ ଅଭଡ଼ା ପରସି ଦେଇଥିଲେ। ଯେତେବେଳେ ପୁରୀର ଦଇତାପତିମାନେ ଭକ୍ତ ବଳରାମ ଦାସଙ୍କୁ ରଥରୁ ମାଡ଼ ମାରି ତଡ଼ି ଦେଇଥିଲେ, ଦୁଃଖ ଅପମାନ ଓ କ୍ଷୋଭର ଜ୍ୱାଳାରେ ହୃଦୟଫାଟି ପଡୁଥିଲା ବଳରାମଙ୍କର। ଆଖିରୁ ବୋହି ଯାଉଥିଲା ଧାର ଧାର ଅଶ୍ରୁ। ସେ ଏକ ମୁହାଁ ହୋଇ ଚାଲିଥାନ୍ତି ସମୁଦ୍ର କୂଳ ରାସ୍ତାରେ। ମନରେ ଯାତ ହେଲା ଠାକୁରଙ୍କ ପ୍ରତି ଅଜସ୍ର ଅଭିମାନ। ରଥରେ ଚଢ଼ି ଠାକୁରଙ୍କୁ କୁଣ୍ଢେଇବା କ'ଣ ମୋର ଅପରାଧ ଥିଲା? ଆଜି ଯେତେବେଳେ ଦଇତାପତିମାନେ ମୋତେ ଗାଳି କରି ତଳକୁ ଠେଲି ଦେଲେ ତୁ କେମିତି ସହିଲୁ ଯେ? କାଠରେ ଗଢ଼ା ବୋଲି ତୋର କ'ଣ ହୃଦୟ ନାହିଁ। ଅଶ୍ରୁ ବୋହୁଥିଲା ଧାର ଧାର ହୋଇ ମୁହଁରୁ। ଏହାପରେ ସେହି ସମୁଦ୍ରବାଲି ଉପରେ ଗଢ଼ିଲେ ତିନୋଟି ବାଲି ରଥ। ସେହି ବାଲି ରଥରେ ଚିତ୍ରକରି ବିଜେ କରାଇଲେ ତିନି ଠାକୁରଙ୍କୁ। ଅଶ୍ରୁଳ ନୈବେଦ୍ୟରେ ବଳରାମ ପ୍ରାର୍ଥନା କରି କହିଲେ 'ହେ ପ୍ରଭୁ! କାଳିଆ, ବଳିଆ, ମା ସୁଭଦ୍ରା! ଯଦି ମୁଁ ସତରେ ତୁମମାନଙ୍କୁ ଅନ୍ତରରୁ ଭଲ ପାଉଥିବି ଆଉ ଭକ୍ତି କରୁଥିବି, ମୋ ହୃଦୟରେ ଯଦି ପ୍ରକୃତରେ ତୁମମାନଙ୍କ ପାଇଁ ସ୍ନେହ, ଶ୍ରଦ୍ଧା, ଭକ୍ତି ଥିବ, ତେବେ ତିନି ଠାକୁର ମୋର ଏହି ବାଲିରଥରେ ବିଜେ କରିବ। ଆଉ ବଡ଼ଦାଣ୍ଡରେ ଚାଲିବ ନାହିଁ ରଥ। ଏହି ମୁହୂର୍ତ୍ତରୁ ରଥ ଅଚଳ ହୋଇଯିବ। ଗୋଟିଏ ପାଦ ଆଉ ଆଗକୁ ଯିବ ନାହିଁ। ସତକୁ ସତ ନନ୍ଦିଘୋଷ ରଥରେ ଘୋଡ଼ା ଯୋଚା ଯାଇ ରଥଟଣା ଆରମ୍ଭ ହେଲା। କିନ୍ତୁ ହଠାତ୍ ରଥ ଥମ୍ କରି ରହିଗଲା, ରଥ ଆଉ ଘୁଞ୍ଚିଲା ନାହିଁ। ସ୍ୱୟଂ ଗଜପତି ଯେତେ ନେହୁରା ହେଲେ, ପ୍ରାର୍ଥନା କଲେ ତଥାପି ରଥ ଚାଲିଲା ନାହିଁ। ସମସ୍ତେ କ୍ଷମା ମାଗିଲେ। ଏହା ପରେ ତୃତୀୟ ଦିନରେ ରାତ୍ରରେ ଜଗନ୍ନାଥ ରାଜା ପ୍ରତାପରୁଦ୍ରଦେବଙ୍କୁ ସ୍ୱପ୍ନରେ କହିଲେ ମୋର ଭକ୍ତ ବରଳରାମ ଦାସ ତା' ବାଲିରଥରେ ମୋତେ ବନ୍ଦୀ କରି ରଖିଛି। ମହାରାଜା ଚିନ୍ତା କଲେ ସାମାନ୍ୟ ବେଶ୍ୟାଯୁକ୍ତ ମଣିଷ ପାଇଁ ପ୍ରଭୁଙ୍କର ଏତେ ଦରଦ! ଗଜପତି କ୍ଷମତାର ଅହଂକାରରେ ସବୁ ଭୁଲି ଯାଇଥିଲେ। ସେ ଭାବର ଠାକୁର ବୋଲି ପ୍ରତି ମୁହୂର୍ତ୍ତରେ ଚେତାଇ ଦେଇଛନ୍ତି। ସେ ଶାସ୍ତ୍ରରେ, ଶବ୍ଦରେ, ନୀତି ନିୟମରେ, ଶ୍ଳୋକରେ, ଛୁଆଁ ଅଛୁଆଁରେ ପାପପୁଣ୍ୟ ଭିତରେ ବାନ୍ଧି ରହନ୍ତି ନାହିଁ। ସେ ଯୁଗେ ଯୁଗେ ଭକ୍ତର ଭକ୍ତିରେ ବନ୍ଧା। ଏହାପରେ ସମଗ୍ର ପୁରବାସୀ ଜାଣିବାକୁ ପାଇଲେ ବଳରାମ ଦାସଙ୍କୁ ଅପମାନ କରି ରଥରୁ ତଡ଼ି ଦେଇଥିବାରୁ ଜଗନ୍ନାଥ ଆଉ ରଥରେ ନାହାନ୍ତି। ସେଥିପାଇଁ ରଥ ଆଉ ଚାଲୁନି। ସମସ୍ତେ ଧାଇଁଲେ ସମୁଦ୍ରକୂଳ, ଯେଉଁଠି ବାଲିର ରଥ ହୋଇଥିଲା। ମହାରାଜା କ୍ଷମା ପ୍ରାର୍ଥନା କଲେ। ସମସ୍ତେ ବଳରାମଙ୍କୁ ବଡଦାଣ୍ଡରୁ ପାଛୋଟି ଆଣିଲେ। ବଳରାମ ଦାସ ଯେମିତି ଆସି ପ୍ରଭୁ ଜଗନ୍ନାଥଙ୍କ ଦଉଡ଼ିରେ ହାତ ଦେଇଛନ୍ତି ଜୟ ଜଗନ୍ନାଥ ଓ ହରିବୋଲ ମିଳିତ ଧ୍ୱନିରେ ଘର୍ଘର ନାଦ କରି ବଡ଼ଦାଣ୍ଡରେ ରଥ ଗଡ଼ିଗଲା। ଭକ୍ତର ଠାକୁରଙ୍କ ନନ୍ଦିଘୋଷ ରଥ ଗଡ଼ି ଚାଲିଲା। ଆଜି ବି ଠିକ୍ ସେହିଠାରେ ଭକ୍ତ ବଳରାମ ଦାସଙ୍କ ସ୍ମାରକୀ ସ୍ୱରୂପ ସେଠାରେ ବାଲିଗୁମ୍ଫା ରହିଛି। ସତରେ ମୋ ପ୍ରଭୁ ଜଗନ୍ନାଥଙ୍କ ଲୀଳା ଅପାର।

ପ୍ରତିବର୍ଷ ରଥଯାତ୍ରାରେ ମାନବପ୍ରେମରେ ଉଦବୁଦ୍ଧ ହୁଅନ୍ତି ପ୍ରଭୁ ଜଗନ୍ନାଥ। ଆଜି ଯେତେବେଳେ ସମଗ୍ର ବିଶ୍ୱରେ ଧର୍ମ ଧର୍ମ ଭିତରେ ଜାତି ଜାତି ଭିତରେ, ସଂପ୍ରଦାୟ ସଂପ୍ରଦାୟ ଭିତରେ ଘୃଣ୍ୟଭାବ ସୃଷ୍ଟି ହୋଇଛି। ମଣିଷ ମଣିଷକୁ ଭଲ ପାଇ ପାରୁନି, ସେଇଠି ପ୍ରଭୁ ଜଗନ୍ନାଥ ସମସ୍ତ ବିଶ୍ୱବାସୀଙ୍କୁ ଆପଣାର ବାହୁ ବନ୍ଧନ ଭିତରେ କୋଳେଇ ନେବାକୁ ପ୍ରସ୍ତୁତ ହେଉଛନ୍ତି। ସୁନ୍ଦର, ଗୌରବମୟ, ବର୍ଣ୍ଣାଢ୍ୟ, ଐତିହ୍ୟମୟ ଦେଶ ଗଢ଼ିବା ପାଇଁ ସମସ୍ତେ ମିଳିତ ହୋଇ ଗୋଟିଏ ପରିବାର ଭଳି ବସୁଧୈବକୁଟୁମ୍ବକମ୍ ରୀତିରେ ଅହଂକାର ଶୂନ୍ୟ ହୋଇ ଆମେ ଯଦି ଦେଶର ତଥା ବିଶ୍ୱର ବିଭିନ୍ନତା ମଧ୍ୟରେ ଏକତାକୁ ବଜାୟ ରଖି ପ୍ରଭୁଙ୍କୁ ସବୁ ଅହମିକା ସମର୍ପି ଦେଇ ପ୍ରତିଯୋଗିତା ମନୋଭାବ ତ୍ୟାଗ କରି ବିଶ୍ୱପ୍ରେମରେ ଉଦ୍‌ବୁଦ୍ଧ ହେବା ତେବେ ତାହା ହିଁ ହେବ ପ୍ରଭୁ ଜଗନ୍ନାଥଙ୍କ ପ୍ରତି ଆମର ପ୍ରକୃତ ପ୍ରେମଭକ୍ତି ନିବେଦନ।

# ସୁବର୍ଣ୍ଣ ଅଳଙ୍କାର ଆଭୁଷଣରେ ପରମବ୍ରହ୍ମ : ମହାପ୍ରଭୁ ଶ୍ରୀଜଗନ୍ନାଥ



ଡ. ରାମଚନ୍ଦ୍ର ଦାଶ
ଅକରପଡା, ନଳୀପୁର, ବାଲିଚନ୍ଦ୍ରପୁର
କଟକ, ମୋ: ୭୭୮୯୮୩୨୫୭୭

ସାରା ତ୍ରିଭୁବନରେ ପରମାତ୍ମା ଶ୍ରୀ ଜଗନ୍ନାଥ ପ୍ରତି ଜୀବନର ଆତ୍ମା ଭାବରେ ଶ୍ରୀ କ୍ଷେତ୍ର, ପୁରୀ ଠାରେ ଅବସ୍ଥାନ କରୁଛନ୍ତି। ମହୋଦଧି ପଦ ଧୌତ କରୁଛି। ଧରିତ୍ରୀ ଜୟ ଗାନ କରୁଛି। ଆକାଶ ଛତ୍ର ଛାୟାରେ ଦଣ୍ଡାୟମାନ। ପ୍ରଭୁଙ୍କର ବ୍ରହ୍ମଲୀଳାର ଏହି ଅବସ୍ଥାନ ସାମାଜିକ ସହାବସ୍ଥାନରେ ପାରିବାରିକ ସୁସ୍ଥ ସଦ୍‌ଭାବର ଜୀବନ ଦର୍ଶନ ପ୍ରଦାନ କରୁଅଛି। ସିଏ ଗଣ ଦେବତା ଓ ସକଳ ଐଶ୍ୱର୍ଯ୍ୟର ଠାକୁର। ଏହି ଐଶ୍ୱର୍ଯ୍ୟର ଉପଚାର ସବୁ ମାନବ ଧର୍ମକୁ ସମର୍ପିତ। ସେଥିରେ ମଣିଷ ଓ ଦେବତା ମଧ୍ୟରେ କୌଣସି ପ୍ରଭେଦ ପରିଲକ୍ଷିତ ହୁଏନାହିଁ। ମାନବିକ ଚଳଣିର ସମତାଳରେ ତାଙ୍କର ପର୍ବପର୍ବାଣି ଓ ଉତ୍ସବ ସବୁ ଲାଗି ରହିଥାଏ। ସେଥିପାଇଁ ପରମ ଆତ୍ମାଙ୍କର ଡୋରିର ଆକର୍ଷଣରେ ପ୍ରତିଦିନ ଶ୍ରୀ ମନ୍ଦିର ଗହ ଗହ ନାଦ ବ୍ରହ୍ମରେ ନିନାଦିତ ହେଉଥାଏ। ସେଥି ମଧ୍ୟରୁ ରଥଯାତ୍ରା ଅନନ୍ୟ। ନବଦିନ ବ୍ୟାପୀ ଏହି ଯାତ୍ରା ଭକ୍ତ ଓ ଭଗବାନଙ୍କ ସମ୍ପର୍କକୁ ଆହୁରି ନିବିଡ଼ କରୁଥାଏ। ଲକ୍ଷ ଲକ୍ଷ ଭକ୍ତମାନଙ୍କୁ ସାଙ୍ଗରେ ଧରି ସେ ନନ୍ଦିଘୋଷ ରଥରେ, ବଡ଼ ଭାଇ ବଳଦେବ ତାଳଧ୍ୱଜରେ ଓ ଭଉଣୀ ସୁଭଦ୍ରା ଦେବଦଳନ ରଥରେ ଗୁଣ୍ଡିଚା ମାଉସୀଙ୍କ ମନ୍ଦିରକୁ ଗଣ ବିହାର କରନ୍ତି। ପାରିବାରିକ ସ୍ୱଧର୍ମରେ ସୌଜନ୍ୟ, ଶୃଙ୍ଖଳା ଓ ଆନନ୍ଦର ଏହି ଦୃଶ୍ୟ ବିଶ୍ୱମାନବ ସଭ୍ୟତା କୁ ସୁସ୍ଥ ପରମ୍ପରା ର ବାର୍ତ୍ତା ପ୍ରଦାନ କରେ। ସେ ଦିନ ରଥ, ପଥ,ଦଉଡ଼ି ଓ ବଡ଼ ଦାଣ୍ଡର ଧୂଳି ମଧ୍ୟ ଦେବତା ପାଲଟି ଯାଏ। ଆତ୍ମାର ଠାକୁର ପରମାତ୍ମାଙ୍କ ଦର୍ଶନ ପାଇଁ ଓ ପରିତ୍ରାଣ ସକାଶେ, ଲକ୍ଷ ଲକ୍ଷ ଜୀବନ ପ୍ରଭୁପଣର ଆକର୍ଷଣରେ ସମର୍ପିତ ହୋଇଯାଏ। ମାଉସୀଙ୍କ ମନ୍ଦିରରେ ନବଦିନ ବ୍ୟାପୀ ଯାତ୍ରା ଶେଷ କରି ବାହୁଡ଼ା ଯାତ୍ରାରେ ସେ ଶ୍ରୀ ମନ୍ଦିରକୁ ଫେରି ଥାଆନ୍ତି ଓ ମନ୍ଦିର ସମ୍ମୁଖରେ ରଥ ଉପରେ ଅବସ୍ଥାନ କରି ଥାଆନ୍ତି। ତ୍ରିଜଗତର ମଙ୍ଗଳ ପାଇଁ, ଦୃଶ୍ୟ ଓ ଅଦୃଶ୍ୟର ଆତ୍ମାମାନଙ୍କ ଶାନ୍ତି ପାଇଁ ଅଧରପଣା ବାଣ୍ଟି ଥାଆନ୍ତି। ସ୍ୱର୍ଣ୍ଣ ବେଶ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରାଜାଧିରାଜ ବେଶ। ଆଷାଢ଼ ମାସ ଶୁକ୍ଳ ଏକାଦଶୀ ତିଥିରେ ଏହି ଐଶ୍ୱର୍ଯ୍ୟମୟ ସୁନାବେଶ ରଥ ଉପରେ ହିଁ ଅନୁଷ୍ଠିତ ହୋଇଥାଏ। ଏହା ବିଶ୍ୱରେ ବିରଳ ଏକ ଚମତ୍କାର ପରମ୍ପରା। ଏହା ଯେତିକି ତତ୍ତ୍ୱପୂର୍ଣ୍ଣ ସେତିକି କି ମଧ୍ୟ ମହାପ୍ରଭୁଙ୍କ ଚମତ୍କାର ଦର୍ଶନର ବେଶ ଅଟେ।

ଶ୍ରୀ ମନ୍ଦିରରେ ଚାଲୁ ରହିଥିବା ନୀତିକାନ୍ତିରେ ପ୍ରତି କାର୍ଯ୍ୟର କାରଣ ମଧ୍ୟ ରହିଛି। ଶ୍ରୀ ଜୀଉଙ୍କ ସୁନାବେଶ ତାଙ୍କର ନିତ୍ୟ ଲୀଳାରେ ଭକ୍ତ ଓ ଭଗବାନଙ୍କ ଭିତରେ ଯେତିକି ନିବିଡ଼ ସମ୍ପର୍କ ରକ୍ଷା କରେ, ସାଧାରଣ ଓ ଅସାଧାରଣର ପ୍ରାଧାନ୍ୟକୁ ସେତିକି ମଧ୍ୟ ପ୍ରତିପାଦନ କରିଥାଏ। ଜୀବ ଆତ୍ମା ଓ ପରମ ଆତ୍ମା ମଧ୍ୟରେ ପ୍ରଭୁପଣର ଗୁରୁତ୍ୱ ରକ୍ଷା ପାଇଁ ସକଳ ଐଶ୍ୱର୍ଯ୍ୟ ଓ ବିଭୁତିର ଈଶ୍ୱର ଦୃଷ୍ଟାନ୍ତକୁ ମଧ୍ୟ ପ୍ରତିପାଦନ କରିଥାଏ। ସୁନାବେଶ କାହିଁକି ହୁଏ ଏହାର କାରଣ ମଧ୍ୟ ଆହୁରି ଗୁରୁତ୍ୱପୂର୍ଣ୍ଣ। ଯେତେବେଳେ ଜନ୍ମ ବେଦିରେ ଶ୍ରୀ ଜୀଉଙ୍କ ମୂର୍ତ୍ତି ଗଠନ ଜଣେ ବୃଦ୍ଧ ମହାରଣାଙ୍କ ଦ୍ୱାରା ହେଉଥାଏ। ଏହା ସେତିକି ବେଳର କଥା। ଭିତରପଟରୁ କବାଟ ବନ୍ଦ କରି ବିନ୍ଧାଣୀ ଜଣକ ଏହି କାର୍ଯ୍ୟ କରୁଥାଆନ୍ତି। ଏକୋଇଶି ଦିନ ସଂପୂର୍ଣ୍ଣ ଉପବାସରେ ରହି କବାଟକିଳି ଭିତରେ କାର୍ଯ୍ୟ କରିବା ପାଇଁ ଉକ୍ତ ମହାରଣା ଜଣକ ସର୍ତ୍ତ ରଖିଥିଲେ। ସାତଦିନ ଯିବାପରେ ଭିତରୁ କୌଣସି ଶବ୍ଦ ଆଉ ଶୁଭିଲା ନାହିଁ। ସେଥିରେ ମହାରାଣୀ ଗୁଣ୍ଡିଚା ଉଦ୍‌ବିଗ୍ନ ହୋଇ ପଡିଲେ। ସଂପୂର୍ଣ୍ଣ ଉପବାସରେ ରହି ମୂର୍ତ୍ତି ଗଢୁଥିବା ମହାରଣାଙ୍କର କାଳେ କିଛି କ୍ଷତି ଘଟିଲା ବୋଲି ସେ କବାଟ ଖୋଲିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଗୁହାରି କଲେ ଓ ରାଣୀଙ୍କ ଅନୁରୋଧରେ ବାଧ୍ୟ ହୋଇ ରାଜା ନିର୍ଦ୍ଧାରିତ ଦିନ ପୂର୍ବରୁ ମନ୍ଦିର ଖୋଲିବା ପାଇଁ ଆଦେଶ ଦେଲେ। କବାଟ ଖୋଲିବା ପରେ ଦେଖାଗଲା ଯେ ଚତୁର୍ଦ୍ଧାମୂର୍ତ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅଧାଗଢ଼ା ହୋଇଛନ୍ତି। ଭକ୍ତ ଇନ୍ଦ୍ରଦ୍ୟୁମ୍ନ ମହାପ୍ରଭୁଙ୍କର ଏହି ଅଧାଗଢ଼ା ରୂପ ଦେଖି ଦୁଃଖିତ ହେଲେ। ଏଥିପାଇଁ ସେ ନିଜକୁ ଦାୟୀ କଲେ। ନିଜକୁ ଦୋଷୀ



ମନେକରି ନିଜର ପ୍ରାଣ ବିସର୍ଜନ ପାଇଁ ନିଷ୍ପତ୍ତି ନେଲେ। ଭକ୍ତର ମନ କଥା ଓ ଦୁଃଖକୁ ବୁଝିପାରି ମହାପ୍ରଭୁ ସ୍ୱପ୍ନାଦେଶ ଦେଇ କହିଲେ - ଏଥିରେ ତୁମର କିଛି ଦୋଷ ନାହିଁ। ଏହା ବିଧି ନିର୍ଘଣ୍ଟ। ତୁମେ ପ୍ରାଣ ତ୍ୟାଗ କରନାହିଁ। ସ୍ୱପ୍ନାଦେଶ ପାଇଲା ପରେ ମଧ୍ୟ ଇନ୍ଦ୍ରଦ୍ୟୁମ୍ନଙ୍କ ମନ ବୁଝିଲା ନାହିଁ। ସେ ଆହୁରି ଦୁଃଖିତ ହେଲେ। ଭକ୍ତର ମନ କଥା ଜାଣି ମହାପ୍ରଭୁ ପୁଣି ସ୍ୱପ୍ନାଦେଶ ଦେଇ କହିଲେ - ଯଦି ତୁମେ ମତେ ସଂପୂର୍ଣ୍ଣ କରିବାକୁ ଚାହୁଁଛ, ତେବେ ତୁମେ ସୁନାରେ ତିଆରି ହାତ ଗୋଡ ଯୋଡ଼ି ମୋତେ ସାଂଙ୍କେତିକ ବିଗ୍ରହ ରୂପେ ମଣିଷର ରୂପ ଦେଇପାରିବେ। ମହାପ୍ରଭୁଙ୍କର ସେହି ନିର୍ଦ୍ଦେଶ ଅନୁସାରେ ସ୍ୱର୍ଣ୍ଣ ଆଭୁଷଣ ତିଆରି କରି ରାଜା ଇନ୍ଦ୍ରଦ୍ୟୁମ୍ନ ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ମହାପ୍ରଭୁଙ୍କୁ ସଂପୂର୍ଣ୍ଣ ସ୍ୱରୂପ ପ୍ରଦାନ କଲେ।

ଜୟ ବିଜୟ ଦ୍ୱାରରେ ଖୋଦିତ ଶିଳା ଲେଖ ଅନୁସାରେ ୧୪୬୦ ଖ୍ରୀଷ୍ଟାବ୍ଦରେ ରାଜା କପିଳେନ୍ଦ୍ର ଦେବ ଦାକ୍ଷିଣାତ୍ୟକୁ ବିଜୟ କରି ୧୬ଟି ହାତୀ ପିଠିରେ ଆଣିଥିବା ବିପୁଳ ଧନ ସମ୍ପଦକୁ ଶ୍ରୀ ମନ୍ଦିରରେ ମହାପ୍ରଭୁଙ୍କୁ ଉତ୍ସର୍ଗ କରିଥିଲେ। ଏହି ଧନରତ୍ନକୁ ସର୍ବସାଧାରଣରେ ପ୍ରଦର୍ଶନ କରିବା ସମ୍ଭବ ନଥିବାରୁ ସେ ଏହାକୁ ରତ୍ନଭଣ୍ଡାରରେ ଗଚ୍ଛିତ ରଖିଥିଲେ। ସେତେବେଳର ରାଜ ଗୁରୁଙ୍କ ପରାମର୍ଶକ୍ରମେ ଶ୍ରୀ ଜୀଉଙ୍କ ସୁନାବେଶ ରଥଯାତ୍ରା ପରେ ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ସର୍ବସମ୍ମୁଖରେ ମହାପ୍ରଭୁଙ୍କୁ ଲାଗି କରାଯାଉ ଥିଲା। ପ୍ରତିବର୍ଷ ପ୍ରଭୁଙ୍କର ଏହି ସୁନାବେଶରେ ଲାଗି ହେଉଥିବା ସ୍ୱର୍ଣ୍ଣ ଅଳଙ୍କାରର ଓଜନ ପ୍ରାୟ ଷାଠିଏ ମହଣ। ଏହିସବୁ ଆଭୁଷଣ ପ୍ରଭୁଙ୍କ ସୁନାବେଶ ପାଇଁ ବାହାର ରତ୍ନଭଣ୍ଡାରରେ ସାଇତା ହୋଇ ରହିଥାଏ। ଆସନ୍ତୁ ଜାଣିବା ରଥାରୂଢ଼ ଏହି ତିନି ଠାକୁର ସେ ଦିନ କେଉଁ ଆଭୁଷଣରେ ଶୋଭା ପାଉଥାଆନ୍ତି। ୧୨୩୨ ଖ୍ରୀଷ୍ଟାବ୍ଦରୁ ଠାକୁରଙ୍କର ଏହି ହୀରଣ୍ୟମୟ ବେଶ ପ୍ରଚଳିତ ହୋଇ ଆସୁଛି।

ବଡ଼ଠାକୁର ବଳଭଦ୍ରଙ୍କ ଆଭୁଷଣ ଗୁଡ଼ିକ ହେଲା:- ଶ୍ରୀପୟର, ଶ୍ରୀ ଭୁଜ, କୀରିଟ କୁଣ୍ଡଳ, ସୂର୍ଯ୍ୟ, ଚନ୍ଦ୍ର, ଆଡ଼ କାନୀ, ଘାଘଡା ମାଳି, କଦମ୍ବ ମାଳି, ତିଳକ ଚନ୍ଦ୍ରିକା, ଝୋବା କଣ୍ଠି, ଅଳକା, ବାହାଡ଼ା ମାଳି, କାନ, ସେବତୀ ମାଳି, ବାଘନଖି ମାଳି, ତ୍ରିଖ ଣ୍ଡିକା, କମର ପଟି, ହଳ ଏବଂ ମୁଷଳ। ମା' ଦେବୀ ସୁଭଦ୍ରାଙ୍କ ସ୍ୱର୍ଣ୍ଣ ଆଭୁଷଣ ଗୁଡ଼ିକ ହେଲା:- କୀରିଟ, ଓଡ଼ିଆଣୀ, କାନ, ଚନ୍ଦ୍ର, ସୂର୍ଯ୍ୟ, ଘାଘଡା ମାଳି, କଦମ୍ବ ମାଳି, ସେବତୀ ମାଳି ଏବଂ ତଡ଼ପ। ମହାପ୍ରଭୁ ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ହେଲା:- କୀରିଟ, କୁଣ୍ଡଳ, ଓଡ଼ିଆଣୀ, ସୂର୍ଯ୍ୟ, ଚନ୍ଦ୍ର, କାନ, ଆଡକାନୀ, ଶ୍ରୀପୟର, ଶ୍ରୀଭୁଜ, ଘାଗଡା ମାଳି, କଦମ୍ବ ମାଳି, ତିଳକ ଚନ୍ଦ୍ରିକା, ବାହାଡ଼ା ମାଳି, ଅଳକା, ଝୋବା କଣ୍ଠି, ସ୍ୱର୍ଣ୍ଣ ଚକ୍ର, ରୌପ୍ୟ ଶଙ୍ଖ, ତାବିଜ, ହରିଡା ମାଳି, ସେବତୀ ମାଳି, ତ୍ରାଖଣ୍ଡିକା, କମର ପଟି, ଇତ୍ୟାଦି।

ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଲୀଳା, ମାନବିକ ଚଳଣୀର ପ୍ରତୀକ। ମଣିଷ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କର ସେତୁ ତିଆରି କରି ପରମାତ୍ମା ଶ୍ରୀ ଜଗନ୍ନାଥ ସାରା ଜଗତରେ ନିଳାଦ୍ରୀ ବିହାର କରୁଛନ୍ତି। ପ୍ରଭୁଙ୍କ ସୁନାବେଶ ସେହି ଲୀଳା ବିହାରରେ ଐଶ୍ୱର୍ଯ୍ୟର ପ୍ରତୀକ। ବିଶ୍ୱାସ ର ଶବର ଭକ୍ତ ବିଶ୍ୱାବସୁ ଯାହାଙ୍କୁ ନିଜ ଶ୍ରଦ୍ଧାରେ ବଣ ଫଳମୂଳ ଦେଇ ସନ୍ତୁଷ୍ଟ କରୁଥିଲା। ସେ ଅଧାୟକୁ ସମାପ୍ତ କରି ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଭକ୍ତିକୁ ଘେନା କରି ଶ୍ରୀମନ୍ଦିରକୁ ଆସିଲେ। ଏହାଦ୍ୱାରା ସର୍ବଧର୍ମର ସମନ୍ୱୟ ସ୍ଥାପିତ ହେଲା। ଶବର କନ୍ୟା ଲଳିତାଙ୍କ ସହ ବ୍ରାହ୍ମଣ ଯୁବକ ବିଦ୍ୟାପତିର ବୈବାହିକ ସମ୍ପର୍କ ସ୍ଥାପନ କଲେ। ସେହି ବଂଶର ଦାୟାଦମାନେ ପରମ୍ପରା କ୍ରମେ ଦୈତାପତି ରୂପରେ ପ୍ରଭୁଙ୍କର ସେବା କାର୍ଯ୍ୟ ସମ୍ପାଦନ କରିଆସୁଛନ୍ତି। ଏହାଦ୍ୱାରା ସେ ପ୍ରମାଣ କରିଦେଲେ ଯେ ସେ ବ୍ରାହ୍ମଣ ଓ ଚଣ୍ଡାଳର ଉର୍ଦ୍ଧ୍ୱରେ ଭକ୍ତ ସାଲବେଗ ର ଠାକୁର। ଦାସିଆ ବାଉରୀ ଓ ବନ୍ଧୁ ମହାନ୍ତିର ଠାକୁର। ରାଜ ସେବକ ଗାଲମାଧବଙ୍କ ଘୋଡ଼ା ଟାପୁ ବାଜି ଯେଉଁ ଶ୍ରୀମନ୍ଦିରର ଆବିଷ୍କାର ହେଲା, ମହାରାଜା ଅନଙ୍ଗ ଭୀମ ଦେବଙ୍କ ଦ୍ୱାରା ତାହାର ପୂର୍ଣ୍ଣାଙ୍ଗ ନିର୍ମାଣ ଶେଷ ହେଲା ପରେ ଜନ୍ମ ବେଦୀରୁ ଶ୍ରୀ ଗୁଣ୍ଡିଚା ମନ୍ଦିର ଛାଡ଼ି ଶ୍ରୀକ୍ଷେତ୍ରରେ ଅବସ୍ଥାନ କଲେ। ଏହା ଭାରତବର୍ଷର ଚାରିଧାମ ଭିତରକୁ ଗୋଟିଏ - ନୀଳାଚଳ ଧାମ। ଜନ୍ମ ବେଦୀର ନାମ ରକ୍ଷା ନିମନ୍ତେ ଏହା ମାଉସୀ ମା'ଙ୍କ ମନ୍ଦିର ହୋଇ ରହିଲା। ଶ୍ରୀକ୍ଷେତ୍ରର ରତ୍ନ ବେଦୀରେ ବସି ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ଚତୁର୍ଦ୍ଧାମୂର୍ତ୍ତି ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଶେଷ କରି ବାହୁଡ଼ା ଯାତ୍ରାରେ ଶ୍ରୀ ମନ୍ଦିରକୁ ଫେରନ୍ତି। ଏହି ରଥ ଉପରେ ହିଁ ସୁନାବେଶ ଅନୁଷ୍ଠିତ ହୋଇଥାଏ। ଶ୍ରୀ ଜୀଉଙ୍କ ସୁନାବେଶ ଏକ ଐଶ୍ୱର୍ଯ୍ୟର ବେଶ। ଯିଏ ଅନନ୍ତ ଐଶ୍ୱର୍ଯ୍ୟରେ ହୀରଣ୍ୟମୟ ଓ ଅଲୌକିକ, ତାକୁ ଲୌକିକ ଚେତନାରେ କଳ୍ପନା କରି ହୁଏନା। ତଥାପି ଏହା ଯଥାର୍ଥ ଯେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଏଇ ସ୍ୱର୍ଣ୍ଣ ସମ୍ପର୍କ କାଳ କୁ କାଳ ସେମିତି ଅତୁଟ ରହିଥାଉ ଓ ଯୁଗ ଧର୍ମକୁ ଶାନ୍ତି ଶୃଙ୍ଖଳାରେ ଉଜ୍ଜ୍ୱଳ କରୁଥାଉ। ଏତିକି କି ମାତ୍ର ଭକ୍ତି ପୂର୍ଣ୍ଣ କାମନା କରୁଅଛି।



ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଦୀର୍ଘବର୍ଷ ଧରି ନିର୍ମାଣ ହୋଇଥିବା ମିଶନ ଶକ୍ତି ଗୃହ ଅଧାପନ୍ତରିଆ ଭାବେ ପଡ଼ିଥିବା ବେଳେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏ ଦିଗରେ ଦୃଷ୍ଟି ଦେଇ ମିଶନ ଶକ୍ତି ଗୃହ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଗୃହ କାର୍ଯ୍ୟ ସରିଯାଇଛି । ଶୌଚାଳୟ କାର୍ଯ୍ୟ ମଧ୍ୟ ସରିଥିବା ବେଳେ ଶୌଚାଳୟ ଗୃହର କବାଟ ଲାଗିପାରୁ ନାହିଁ କିମ୍ବା ପାଣି ସଂଯୋଗ ହୋଇପାରୁ ନାହିଁ । ଯାହାକୁ ନେଇ ମିଶନ ଶକ୍ତି କାର୍ଯ୍ୟ କେତେଜଣ ବ୍ୟକ୍ତିଙ୍କ ଘରେ ଚାଲିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ଗ୍ରାମ ପଂଚାୟତ ଡ଼ଗରାସାହି ନିକଟସ୍ଥ ବେଦବନ୍ତ ଡୋଟା ନିକଟରେ ମିଶନ ଶକ୍ତି ଗୃହ ତିନିବର୍ଷ ତଳୁ ବିଜେଡ଼ି ସରକାର ଅମଳରୁ ଆରମ୍ଭ ହୋଇଥିବା ବେଳେ ତାହା ଅଧାପନ୍ତରିଆ ଭାବେ ପଡ଼ି ରହିଥିଲା । ଅନେକ ମହିଳା ଓ ଦଳୀୟ କର୍ମୀ ଏ ସମ୍ପର୍କରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କୁ ଜଣାଇବା ପରେ ତୁରନ୍ତ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ପରେ ଗୃହ କାର୍ଯ୍ୟ ସରିଥିବା ବେଳେ ଶୌଚାଳୟ କାର୍ଯ୍ୟ ମଧ୍ୟ ସରିଯାଇଛି । ଅଳ୍ପକିଛି କାମ ରହିଥିବା ବେଳେ ଜାଣିଶୁଣି ତାହାକୁ ବିଭାଗୀୟ ଅଧିକାରୀ ବିଳମ୍ବ କରୁଛନ୍ତି । ଏହି ଘଟଣାକୁ ନେଇ ଅନେକ ବ୍ୟକ୍ତି ଉପ-ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରୀ ଜଣାଇବେ ବୋଲି ଗଣମାଧ୍ୟମରେ ସୂଚନା ଦେଇଛନ୍ତି ।

## ଶିଳ୍ପ ପ୍ରତିଷ୍ଠା ପାଇଁ ଅଣ୍ଟାଭିଡ଼ିଲେ ଶିଳ୍ପମନ୍ତ୍ରୀ

# ଯୁଗାନ୍ତକାରୀ ପଦକ୍ଷେପକୁ ସାଧାରଣରେ ଉଚ୍ଚ ପ୍ରଶଂସା

ପାରାଦୀପ, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ଲୋକଙ୍କ ପାଇଁ ପ୍ରମୁଖ ବିକାଶ ସ୍ୱରୂପ ତିର୍ତୋଲର ବନ୍ଦ ହୋଇ ପଡ଼ିଥିବା ସାରଳା ସୂତାକଳ ସ୍ଥାନରେ ଏକ ଆଧୁନିକ, ଶ୍ରମିକ କୈନ୍ଦ୍ରିକ ବୟନ ଓ ପୋଷାକ ଶିଳ୍ପ କ୍ଲଷ୍ଟର ପ୍ରତିଷ୍ଠା ପାଇଁ ଅଣ୍ଟା ଭିଡ଼ିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ । ଦୀର୍ଘ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ହୋଇ ରହିଥିବା ସାରଳା ସୂତାକଳ ସ୍ଥାନରେ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଶନିବାର ଶିଳ୍ପ ମନ୍ତ୍ରୀଙ୍କ ସାରଳା ସୂତାକଳ ପରିସର ଗସ୍ତ କରି ସ୍ଥାନୀୟ ଲୋକ ଏବଂ ଜିଲ୍ଲାର ଶିଳ୍ପ ପର୍ଯ୍ୟବେକ୍ଷକଙ୍କ ମଧ୍ୟରେ ନୂତନ ଆଶା ଜାଗ୍ରତ କରିଛି, ଯାହା ତିର୍ତୋଲ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧି ପାଇଁ ଥିବା ସମ୍ଭାବନା ଆଡକୁ ଏକ ନୂତନ ସଙ୍କେତ ଦେଇଛି । ଚଳିତବର୍ଷ ଜିଲ୍ଲା ମହୋତ୍ସବ ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିର୍ତୋଲ ଠାରେ ଅବସ୍ଥିତ ସାରଳା ସୂତାକଳ ସ୍ଥାନରେ ଯୁଗୋପଯୋଗୀ ଶିଳ୍ପ ସ୍ଥାପନ କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ । ସେହି ପ୍ରତିଶୃତିକୁ ରକ୍ଷା କରି ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ ଶିଳ୍ପ ମନ୍ତ୍ରୀଙ୍କ ନେତୃତ୍ୱରେ ସାରଳା ସୂତାକଳ ପରିଦର୍ଶନ କରିଛନ୍ତି । ତିର୍ତୋଲ ନିକଟବର୍ତ୍ତୀ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀର ଜଣେ ବାସିନ୍ଦା ଭାବରେ ସମ୍ପଦ ସ୍ୱାଇଁ, ଏକଦା ଏହି ବ୍ୟସ୍ତବହୁଳ ସୂତାକଳ ସହିତ ଜଡିତ ତାଙ୍କର ପିଲାଦିନର ଅନେକ ସ୍ମୃତିକୁ ମନେପକାନ୍ତି । ସେ ଓଡ଼ିଶାର ଶିଳ୍ପ ମନ୍ତ୍ରଣାଳୟର ଦାୟିତ୍ୱ ପାଇବା ପରେ ସାରଳା ସୂତାକଳ ଠାରେ ନୂତନ ଯୁଗୋପଯୋଗୀ ଶିଳ୍ପ ପ୍ରତିଷ୍ଠା ପାଇଁ ନିଜର ପ୍ରୟାସ ଜାରି ରଖିଛନ୍ତି ବୋଲି ଜଣାଇଛନ୍ତି । ଏହି ଅଞ୍ଚଳରେ ଦୀର୍ଘସ୍ଥାୟୀ ଦୃଷ୍ଟିକୋଣ ରଖି କାର୍ଯ୍ୟ କରିବାକୁ ସେ ଗୁରୁତ୍ୱ ଦେଉଛନ୍ତି । ଉତ୍କର୍ଷ ଓଡ଼ିଶା କନକ୍ଲେଭ ୨୦୨୫ ସମୟରେ, ଶିଳ୍ପ ମନ୍ତ୍ରୀ ଓଡ଼ିଶାରେ ନିବେଶ ସୁଯୋଗ ଅନୁସନ୍ଧାନ କରିବା ପାଇଁ ବୟନ ଏବଂ ପୋଷାକ ପ୍ରସ୍ତୁତି କ୍ଷେତ୍ରରେ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଙ୍କୁ ଆହ୍ୱାନ କରିଥିଲେ । ସେହି ଜାତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀଙ୍କ



ଦ୍ୱାରା ଉପସ୍ଥାପିତ ବିଭିନ୍ନ ପ୍ରସ୍ତାବ ମଧ୍ୟରେ ମନ୍ତ୍ରୀ, ସାରଳା ସୂତାକଳ ସ୍ଥାନକୁ ବିଶେଷ ଭାବରେ ଗୁରୁତ୍ୱ ଦେଇଥିଲେ । ସୂତାକଳର ଅବସ୍ଥିତି, ବିଦ୍ୟମାନ ଭିତ୍ତିଭୂମି ଏବଂ ସ୍ଥାନୀୟ ଦକ୍ଷ ଶ୍ରମଶକ୍ତି ଭଳି ପ୍ରମୁଖ ସୁବିଧା ସବୁକୁ କମ୍ପାନୀ ଗୁଡିକ ଆଗରେ ସେ ଉଲ୍ଲେଖ କରିଥିଲେ । ପରିଣତି ସ୍ୱରୂପ ଅନେକ ବୟନଶିଳ୍ପ ଏବଂ ପୋଷାକ କମ୍ପାନୀ ଆଗ୍ରହ ଦେଖାଇ ପୁରୁଣା ସାରଳା ସୂତାକଳ ପରିସରକୁ ପରିଦର୍ଶନ କରିଥିଲେ । ବିଭିନ୍ନ ସମ୍ଭାବନା ଦ୍ୱାରା ପ୍ରଭାବିତ ହୋଇ ସାରଳା ସୂତାକଳ ପରିସରରେ ଯୁଗୋପଯୋଗୀ, ପରିବେଶ ଅନୁକୂଳ ଏବଂ ଶ୍ରମିକ କୈନ୍ଦ୍ରିକ ବୟନଶିଳ୍ପ ଉତ୍ପାଦନ ୟୁନିଟ୍ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ କମ୍ପାନୀଗୁଡିକ ପ୍ରସ୍ତାବ ଦାଖଲ କରିଛନ୍ତି । ସେହି ମହତ ଉଦେଶ୍ୟ ନେଇ ମନ୍ତ୍ରୀ ସ୍ୱାଇଁ, ଜଗସିଂହପୁର କଲେକ୍ଟର ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହିତ ସାରଳା ସୂତାକଳ ପରିସରକୁ ପରିଦର୍ଶନ କରି ଏହାର ବାସ୍ତବ ଚିତ୍ର ମୂଲ୍ୟାଙ୍କନ କରିବା ସହ ବିଭିନ୍ନ ଆନୁସାଙ୍ଗିକ ବିଷୟରେ ଆଲୋଚନା କରିଛନ୍ତି । ମନ୍ତ୍ରୀଙ୍କ ଏହି ଗସ୍ତ ଶିଳ୍ପ ବିକାଶ ହୋଇନଥିବା ଅଞ୍ଚଳଗୁଡ଼ିକୁ ଶିଳ୍ପ ଆଣିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଏକ ଦୃଢ଼ ବାର୍ତ୍ତା ଭାବରେ ଦେଖାଯାଉଛି । ସାରଳା ସୂତାକଳ ପୂର୍ବରୁ ଜଗତସିଂପୁର ଜିଲ୍ଲାର ହଜାର ହଜାର ଲୋକଙ୍କ ପାଇଁ ଗର୍ବ ଏବଂ ଜୀବିକାର ପ୍ରତୀକ ଥିଲା । ମୁଁ ସେହି ଗର୍ବକୁ ଫେରାଇ ଆଣିବା ପାଇଁ ପ୍ରତିବଦ୍ଧ ବୋଲି ସମ୍ପଦ ଗଣମାଧ୍ୟମ ଆଗରେ ପ୍ରକଶ କରିଛନ୍ତି । ଆମେ ଏଠାରେ ଏକ ଆଧୁନିକ ବୟନଶିଳ୍ପ ହବ୍ ପ୍ରତିଷ୍ଠା କରିବା ପାଇଁ ସମସ୍ତ ବିକଳ୍ପ ଅନୁସନ୍ଧାନ କରୁଛୁ ଯାହା ନିଯୁକ୍ତି ସୃଷ୍ଟି କରିବ ଏବଂ ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେବ ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି । ବିଗତ ୨୬ ବର୍ଷ ମଧ୍ୟରେ ସାରଳା ସୂତାକଳ ପାଇଁ କୌଣସି ଦଳ ବା ରାଜନୈତିକ ନେତା କେବେ ବି ପ୍ରୟାସ କରିନାହାଁନ୍ତି । ବିଜେଡି ହେଉ କି କଂଗ୍ରେସ ସାରଳା ସୂତାକଳ ବର୍ଷ ବର୍ଷ ଧରି ସରକାରୀ ଉଦାସୀନତା ଏବଂ ଭଙ୍ଗ ପ୍ରତିଶ୍ରୁତିର ପ୍ରତୀକ ପାଲଟି ସାରିଥିଲା । ତେଣୁ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଏହି ପଦକ୍ଷେପକୁ ଏକ ଦୀର୍ଘ ସମୟ ଧରି ପ୍ରତୀକ୍ଷିତ ପଦକ୍ଷେପ ଭାବରେ ଦେଖାଯାଉଛି । ଜଗତସିଂହପୁର ଜିଲ୍ଲାବାସୀ, ଯୁବପିଢ଼ି ଏବଂ ବୁଦ୍ଧିଜୀବୀମାନେ ଏହାକୁ ହୃଦୟର ସହିତ ସ୍ୱାଗତ କରିଛନ୍ତି । ସାରଳା ସୂତାକଳ ସ୍ଥାନରେ ଯୁଗପୋଯୋଗୀ ଶିଳ୍ପ ପ୍ରତିଷ୍ଠା, ସ୍ଥାନୀୟ ଯୁବବର୍ଗ ଏବଂ ଅଞ୍ଚଳବାସୀଙ୍କ ମନରେ ଆନନ୍ଦ ଏବଂ ଆଶାର ଲହରୀ ଆଣିଦେଇଛି । ପ୍ରାରମ୍ଭିକ ଭିତ୍ତିଭୂମି କାର୍ଯ୍ୟ ସମାପ୍ତ ହେବା ପରେ, ବଡ଼ ଧରଣର ନିବେଶକୁ ଆକର୍ଷିତ କରିବା ପାଇଁ ବିଭିନ୍ନ କେନ୍ଦ୍ର ଏବଂ ରାଜ୍ୟ ଯୋଜନା ଅଧୀନରେ ଏହି ସ୍ଥାନକୁ ବୟନଶିଳ୍ପ ଏବଂ ପୋଷାକ କ୍ଲଷ୍ଟର ଭାବରେ ପ୍ରଦାନ କରାଯିବାର ସମ୍ଭାବନା ରହିଛି ।

## ୧୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଶୁକ୍ରବାର କେନ୍ଦୁଝର ସଦର ଥାନା ଇନ୍ସପେକ୍ଟର ଅମିତ କୁମାର ଭୂୟାଁ ଏକ ବିଶେଷ ସୁତ୍ରରୁ ଖବର ପାଇ ସବ ଇନ୍ସପେକ୍ଟର ସ୍ୱରୂପ ରଞ୍ଜନ ନାଏକ ଓ ସୂର୍ଯ୍ୟନାରାୟଣ ରାଉତରାୟ ଜାତୀୟ ରାଜପଥ ୪୯ ନିକଟବର୍ତ୍ତୀ ବେଲେଦା ଠାରେ ନାକା ବନ୍ଦୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହି ସମୟରେ କେନ୍ଦୁଝର ପଟୁ ପଶ୍ଚିମବଙ୍ଗ ଆଡ଼କୁ ଦୃତ ଗତିରେ ଧଳାରଙ୍ଗର ହୋଣ୍ଡା ଇମେଜ କାରରେ ଗଞ୍ଜେଇ ଯାଉଥିବାର ପୋଲିସକୁ ଏକ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା । ୮ ବସ୍ତା ଗଞ୍ଜେଇ ସମୁଦାୟ ୧ କ୍ୱିଣ୍ଟାଲ ୪୦ କିଲୋ ୪୪୦ ଗ୍ରାମ ଏହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପ୍ରକାଶ କରିଛି । ଏହି ଘଟଣାରେ ଦୁଇଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯିବା ସମୟରେ ସେମାନେ ଦୁଇଜଣ ବୌଦ୍ଧ ଜିଲ୍ଲାର ରଘୁନାଥପୁର ଥାନା ଅଞ୍ଚଳର ଅମଲ ଦେହୁରୀ ଓ ଏହି ଜିଲ୍ଲାର ସରସରା ଥାନାର ଶୁଭେନ୍ଦୁ ବେହେରା ବୋଲି ଜଣାପଡିଛି । ସଦର ଥାନା ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ରଥଖଳାରେ ପହଞ୍ଚିଲା ତିନି ରଥ



ଭୁବନ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଭୁବନର ତୃତୀୟା ଜିଉଙ୍କ ବାହୁଡ଼ାଯାତ୍ରା ଅତ୍ୟନ୍ତ ଶ୍ରଦ୍ଧା, ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ ଓ ଶହଶହ ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ରଥ ଟାଣିଥିଲେ । ସକାଳ ୬ ଘଟିକା ସମୟରେ ବଡ଼ହାଟ ସ୍ଥିତ ଗୁଣ୍ଡିଚା ମନ୍ଦିରରେ ଦେଉଳ ଫିଟା, ମଙ୍ଗଳ ଆଳତି, ୮ଘଟିକାରେ ପାଟବସ୍ତ୍ର ଆନୟନ, ୧୦ ଘଟିକାରେ ଆଜ୍ଞାମାଳ ବିଜେ, ୧୧ ଘଟିକାରେ ମହାପ୍ରସାଦ ନୀତି, ୧୨ଘଟିକାରେ ରଥ ପ୍ରତିଷ୍ଠା ପରେ ୧ ଘଟିକାରେ ସେବାୟତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ । ଅପରାହ୍ନ ୨ ଘଟିକାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ ଛେରା ପହଁରା କରିଥିଲେ ଓ ଅପରାହ୍ନ ୩ ଘଟିକା ସମୟରେ ରଥଟଣା ଆରମ୍ଭ ହୋଇଥିଲା । ତିନି ରଥ ବଡହାଟରୁ ବାହାରି ଗୋଡ଼ିପୋଖରୀ ଛକ, ନୂଆବଜାର, ଗଣେଶ ବଜାର, ଗୁଜୁରୀ ହାଟ, ବଡ଼ଦାଣ୍ଡ ଦେଇ ସନ୍ଧ୍ୟା ସୁଦ୍ଧା ଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ପହଞ୍ଚିଥିଲା । ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ମନ୍ଦିର ପରିଚାଳନା କମିଟି ସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସେବାୟତ, ମାତୃ ମଣ୍ଡଳୀ, ସଙ୍କୀର୍ତ୍ତନ ମଣ୍ଡଳୀ, ଭୁବନ ଥାନା ଆରକ୍ଷୀ ନିରୀକ୍ଷକ ଧୀରେନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀ ଏହି ପବିତ୍ର ରଥ ଯାତ୍ରାରେ ସାମିଲ ହୋଇ କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଆନନ୍ଦ ଉଲ୍ଲାସ ମଧ୍ୟରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ଦୁଇ ବାଇକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ନିମାପଡ଼ା, (ଭାସ୍କର ନ୍ୟୁଜ୍) : ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଫଳରେ ଜଣେ ମୃତ ଓ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଦ୍ରୁତ ଗତିରେ ବାଇକ ଚଲାଉଥିବାରୁ ଏପରି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକମାନଙ୍କ ଠାରୁ ଶୁଣିବାକୁ ମିଳୁଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ଶୁକ୍ରବାର ବିଳମ୍ବିତ ରାତ୍ରରେ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକ ପ୍ରାଣ ହରାଇଛନ୍ତି । ଅନ୍ୟଜଣେ ଆହତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ନିଆଳି ଥାନା ଅନ୍ତର୍ଗତ ବାଘସାହିର ସାଗର ଭୋଇ (୨୫) ଏକ ବିବାହ ଭୋଜି ଖାଇ ଘରକୁ ଫେରୁଥିବା ସମୟରେ ନିମାପଡ଼ା-ଚାରିଛକ ରାସ୍ତା ବିଶିମାତ୍ରି ଛକ ନିକଟରେ ଚାରିଛକ ଥାନା ଅନ୍ତର୍ଗତ ଓଳାଂଶ ଗ୍ରାମର ସାଗର ଦାସ ଏକ ବାଇକ୍‌ରେ ନିମାପଡ଼ା ପଟୁ ଦ୍ରୁତ ଗତିରେ ଆସି ସାଗର ଭୋଇକୁ ଧକ୍କା ଦେଇଥିଲେ । ଦୁଇ ସାଗର ରାସ୍ତା ଉପରେ ଚିତ୍କାର କରି ଛିଟିକି ପଡ଼ିଥିବା ବେଳେ ସ୍ଥାନୀୟ ଲୋକମାନେ ଦୁହିଁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ବାଘସାହିର ସାଗର ଭୋଇକୁ ଡ଼ାକ୍ତର ମୃତ ଘୋଷଣା କରିଥିବା ବେଳେ ଓଳାଂଶ ଗ୍ରାମର ସାଗର ଦାସ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ଜଣାପଡ଼ିଛି । ମୃତ ସାଗରର ଭାଇ ଜିତେନ୍ଦ୍ର ଭୋଇଙ୍କ ଅଭିଯୋଗ ଆଧାରରେ ଚାରିଛକ ଥାନା ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି ।

## 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ଓ 'ପାରାଦୀପ ସାମ୍ବାଦିକ'ଙ୍କ ପକ୍ଷରୁ ମୃଦୁପାନୀୟ ଓ ଚାରା ବଣ୍ଟନ



ପାରାଦୀପ, (ଭାସ୍କର ନ୍ୟୁଜ): ଜଗତର ନାଥ ଜଗନ୍ନାଥ ବଡ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ମାଉସୀ ମା' ଘରେ ଆଠଦିନର ରହଣି ପରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ନାମ ସଙ୍କୀର୍ତ୍ତନରେ ଶନିବାର ବଡ ଦେଉଳ (ମନ୍ଦିର)କୁ ବାହୁଡ଼ିଛନ୍ତି । ଏହି ବାହୁଡ଼ା ଯାତ୍ରା ଅବସରରେ 'ଗ୍ରୀନ ପାରାଦୀପ ଟ୍ରଷ୍ଟ'ର ସଦସ୍ୟ ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କ ତରଫରୁ ଶ୍ରଦ୍ଧାଳୁମାନଙ୍କୁ ଚାରା ସମେତ ମୃଦୁ ପାନୀୟ ବଣ୍ଟନ କରାଯାଇଥିଲା । ସୂଚନା ଥାଉ କି, ପବିତ୍ର ରଥଯାତ୍ରା ଦିନ ମଧ୍ୟ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଷ୍ଟଲରେ ମୃଦୁପାନୀୟ ଓ ଚାରା ବଣ୍ଟନ କରାଯାଇଥିଲା । ଗ୍ରୀନ ପାରାଦୀପ ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଟ୍ରଷ୍ଟର ସଦସ୍ୟ ତଥା ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବୀନ୍ଦ୍ର କୁମାର ଜେନା, ସୁଧାଂଶୁ ନାୟକ, ପ୍ରୀତିରଞ୍ଜନ ମହାପାତ୍ର, ପ୍ରଶାନ୍ତ ସ୍ୱାଇଁ, ପ୍ରଭାକର ସାହୁ, ସଞ୍ଜୟ ରାଉତ, ତ୍ରିଲୋଚନ ମହାପାତ୍ର, ବିବେକାନନ୍ଦ ରାଉତ, ପ୍ରଭାସ ଦାସ, ସନ୍ତୋଷ ଭାରତୀ, ବିରଜା ତ୍ରିପାଠି, ଗୌରାଙ୍ଗ ଚରଣ ଜେନା, ପ୍ରଶାନ୍ତ ରାଉତ, ସୁଦର୍ଶନ ବିଶ୍ୱାଳ, ଅବଦୁଲ ଆବିଦ୍ ଖାଁ, ଅଜିତ ଦାସ, ବିରଜା ସେଠୀ, ନାରାୟଣ ବେହେରାଙ୍କ ସମେତ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରିଥିଲେ ।

## ଅଭିଯୁକ୍ତଙ୍କ ଜାମିନି ନାମଞ୍ଜୁର

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ଦୌରା ଜଜ୍ ମାନ୍ୟବର ପ୍ରଣବ କୁମାର ରାଉତରାୟ ଗତ ୨୦୨୪ ଅକ୍ଟୋବର ୨୮ ତାରିଖ ଦିନ ଏକ ଯୌତୁକ ଜନିତ ହତ୍ୟାକାଣ୍ଡ ଘଟଣାର ଶୁଣାଣି କରି ବିଜେଡି ଛାତ୍ର ସଭାପତି ସୁରଜ କୁମାର ମହାପାତ୍ରଙ୍କ ସମେତ ୩ଜଣଙ୍କ ଜାମିନୀ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି । ସହରର ଗାନ୍ଧୀମନ୍ଦିର ରୋଡସ୍ଥିତ ହେମନ୍ତ କୁମାର ମହାପାତ୍ର (୬୪), ତାଙ୍କ ପତ୍ନୀ ସରୋଜିନୀ ମହାପାତ୍ର (୫୭), ପୁଅ ସୁରଜ ମହାପାତ୍ର (୩୪) ଓ ତାଙ୍କ ପତ୍ନୀ ଇତିଶା ଜେନା (୨୯) ଗତ ଅକ୍ଟୋବର ୨୮ ତାରିଖ ରାତିରେ ନିଜ ଭାଉଜଙ୍କୁ ହତ୍ୟା କରିବା ଘଟଣାରେ ପୋଲିସ ମାମଲା ରୁଜୁ କରି ହତ୍ୟାକାଣ୍ଡ ଘଟଣାରେ ଜଣକୁ ଗିରଫ କରିଥିଲା । ଏହି ଘଟଣାରେ ଉପରୋକ୍ତ ଅଭିଯୁକ୍ତମାନେ ହାଇକୋର୍ଟରୁ ଜାମିନି ପାଇଁ ଆବେଦନ କରିଥିଲେ । ଉଚ୍ଚନ୍ୟାୟାଳୟ ଏହାର ଶୁଣାଣି କରି ଢେଙ୍କାନାଳ ଜିଲ୍ଲା ଅଦାଲତରେ ଆତ୍ମସମର୍ପଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗୁରୁବାର ଦିନ ସମସ୍ତ ଅଭିଯୁକ୍ତମାନେ ଉପଖଣ୍ଡ ସ୍ତରୀୟ ଅଦାଲତରେ ଆତ୍ମସମର୍ପଣ କରିଥିଲେ । ଏସ୍‌ଡିଜେଏମ୍ ଜାମିନି ନାମଞ୍ଜୁର କରିବାରୁ ଅଭିଯୁକ୍ତମାନେ ଜିଲ୍ଲା ଜଜଙ୍କ ଅଦାଲତରେ ଜାମିନି ପାଇଁ ଆବେଦନ କରିଥିଲେ । ମାନ୍ୟବର ଜିଲ୍ଲା ଦୌରା ଜଜ୍ ଜାମିନ୍ ଆବେଦନକୁ ଖାରଜ କରି ହେମନ୍ତ କୁମାର ମହାପାତ୍ର, ସରୋଜିନୀ ମହାପାତ୍ର, ସୁରଜ କୁମାର ମହାପାତ୍ର ଓ ଇତିଶା ମହାପାତ୍ରଙ୍କୁ ଜେଲ୍ ହାଜତକୁ ପଠାଇ ଦେଇଛନ୍ତି ।

## ବାଇକ୍ ଧକ୍କାରେ ସ୍ତ୍ରୀ ମୃତ ସ୍ୱାମୀ ଗୁରୁତର

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଝୁମ୍ପୁରା ବ୍ଲକ ବାରିଆ ଥାନା ଅନ୍ତର୍ଗତ ଗଣ୍ଡବରେଇ ନାଳ ନିକଟରେ ବାହୁଡ଼ା ଯାତ୍ରା ଦିନ ବୋଲୋର ଓ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାଯାଇଛି । ମିଳିଥିବା ସୂଚନା ରୁ ଜଣାଯାଏ ଯେ ଚଉଠିଆ ପଞ୍ଚାୟତ ଚୈତନପୁର ଗ୍ରାମର ଗୌର ମହାନ୍ତ ଏବଂ ତା ସ୍ତ୍ରୀ ଯୋଶବନ୍ତି ମହାନ୍ତ ବରହାପଶି ଗ୍ରାମକୁ ନିଜର ବାଇକ ରେ ଘରେଇ କାର୍ଯ୍ୟ ନେଇ ଯାଇଥିଲେ । ସେଠାରୁ ତାଙ୍କ କାମ ସାରି ଘରକୁ ଫେରୁଥିବା ସମୟରେ ଗଣ୍ଡବରେଇ ନାଳ ନିକଟରେ ପହଞ୍ଚି ଥିବା ସମୟରେ ଚମ୍ପୁଆ ପଟୁ ଉଖୁଣ୍ଡାକୁ ଯାଉଥିବା ବୋଲେରୋ ସହିତ ମୁହାଁ ମୁହିଁ ଧକ୍କା ଦେଇଥିଲା । ଗୌର ହେଲମେଟ ପିନ୍ଧି ଥିବାରୁ ସେ ବଞ୍ଚି ଯାଇଛନ୍ତି ସତ କିନ୍ତୁ ତାର ଗୋଟାଏ ଗୋଡ଼ ଭାଙ୍ଗି ଯିବା ସହିତ ମୁହଁରେ ମାଡ ହୋଇଛି ଯାହା ଫଳରେ ଦାନ୍ତ ଗୁଡ଼ିକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଘଟଣା ସ୍ଥଳରେ ଯୋଶବନ୍ତୀ ର ମୃତ୍ୟୁ ହୋଇ ଯାଇଥିଲା । ସ୍ଥାନୀୟ ଲୋକ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ମଗାଇ ଉଭୟଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିବା ଜଣାଯାଇଛି । ବୋଲେରଟି ଝାରଖଣ୍ଡ ଅଞ୍ଚଳରୁ ଉଖୁଣ୍ଡା ଠାରେ ରହିଥିବା ତା ଝିଅ ଘରକୁ ପରିବାର ସହିତ ଆସୁଥିଲେ । ବାରିଆ ପୁଲିସ ଦୁର୍ଘଟଣା ଘଟିଥିବା ସମ୍ପର୍କରେ ଖବର ପାଇ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇ ଥିବା ବୋଲୋର ସହିତ ବାଇକକୁ ବାରିଆ ପୁଲିସ ଜବଦ କରିବା ଜଣାଯାଇଛି । ଦୁର୍ଘଟଣା ଘଟାଇ ଥିବା ବୋଲୋର ଡ୍ରାଇଭରକୁ ମଧ୍ୟ ବାରିଆ ପୁଲିସ ଅଟକ ରଖିବା ଜଣା ଯାଇଛି ।

## ନୂତନ ସେତୁରେ ପାଣି ଜମି ଯାତାୟାତ ପାଇଁ ଉପୁଜୁଛି ବାଧା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକର ଦୀପୋଟି ଗଡା ଛିଣ୍ଡା ନଦୀ ପୋଲ ଗତ ଦୁଇ ମାସ ହେଲା ନିର୍ମିତ ହୋଇଛି । ପୋଲର ବାମପାର୍ଶ୍ୱ ସତସଙ୍ଗ ଛକ ପୂର୍ତ୍ତବିଭାଗ ରାସ୍ତାକୁ ଢଳେଇ ରାସ୍ତା ସଂଯୋଗ କରୁଥିବା ବେଳେ ଦକ୍ଷିଣ ପାର୍ଶ୍ୱ କସର୍ଦା ହାଟ ପିଚୁ ରାସ୍ତାକୁ ସଂଯୋଗ କରିଛି ! ମାତ୍ର ପୋଲ ଉପରେ ଢଳେଇ ସଠିକ ଭାବେ ହୋଇନଥିବାରୁ ବର୍ଷା ଜଳ ଜମିରହୁଛି । ଯାହାଫଳରେ ଏହି ସେତୁ ଉପରେ ପଥଚାରୀ ମାନଙ୍କ ପାଇଁ ବାଧା ଉପୁଜୁଛି । ଏବେ ପୋଲର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଲୋକମାନେ ଯାତାୟାତ କଲାବେଳେ ଓଦା ହେବାକୁ ପଡୁଛି । ଏଣୁ ଏହି ପୋଲ ଗିଡିଙ୍ଗ ଉପଯୁକ୍ତ ଭାବେ କରିବା ସହିତ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଉ । ଏଥିପ୍ରତି ଡ୍ରେନେଜ ଅଧିକାରୀ ଓ ଲୋକ ପ୍ରତିନିଧି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

## ଆଦାନୀ ଗ୍ରୁପର ପରିବେଶ ଅନୁକୂଳ ପ୍ରସାଦ ସେବା ବିତରଣ



ପୁରୀ, (ଭାସ୍କର ନ୍ୟୁଜ୍): ଆଦାନୀ ଗ୍ରୁପ ଏବଂ ଇସ୍କନ ପକ୍ଷରୁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ପ୍ରସାଦ ସେବା କେବଳ ସେବା ନୁହେଁ, ବରଂ ମହାପ୍ରଭୁଙ୍କୁ ସମର୍ପିତ ଏକ ଭକ୍ତିପୂତ ମହାର୍ଘ୍ୟ । ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଚେତନା ମଧ୍ୟରେ ପରିବେଶ ସନ୍ତୁଳନକୁ ବଜାୟ ରଖି ନୀରବ ବିପ୍ଳବ ଭାବେ ଏହି ସହଭାଗିତା ୪ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ପରିବେଷଣ କରିବାରେ ସକ୍ଷମ ହୋଇପାରିଛି । ଜୁନ ମାସ ୨୭ ତାରିଖରୁ ପୁରୀ ବଡ଼ଦାଣ୍ଡରେ ଆରମ୍ଭ ହୋଇଥିବା ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଉତ୍କଳୀୟ ପରମ୍ପରାରେ ଦେଖିବାକୁ ମିଳିଲା ଏକ ନୀରବ ବିପ୍ଳବ । ସେବା, କରୁଣା, ପରିବେଶ ସଚେତନତା ଏବଂ ଗୋଷ୍ଠୀ ସମୁଦାୟ ଆଧାରରେ ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ 'ସେବା ହିଁ ସାଧନା' ଦ୍ୱାରା ଏହି ବିପ୍ଳବ ସମ୍ଭବ ହୋଇପାରିଛି । ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ସହଭାଗିତାରେ ଏହି ପ୍ରୟାସ ୯ ଦିନ ଧରି ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀଙ୍କୁ ୪ ନିୟୁତରୁ ଅଧିକ ସାତ୍ତ୍ୱିକ ଭୋଜନ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ଗରମକୁ ପ୍ରତିହତ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କୁ ଫଳରସ ମଧ୍ୟ ବଣ୍ଟନ କରାଯାଇଥିଲା । ପୁଷ୍ଟିକର ଖାଦ୍ୟ ବ୍ୟତୀତ ଏହି ପ୍ରୟାସ ସାମୂହିକ ଯତ୍ନର ଭାବନାକୁ ପ୍ରକାଶ କରୁଛି । ଏହି ସେବାର ଅନ୍ୟ ଏକ ଦିଗ ହେଉଛି ପରିବେଶ ସଚେତନତା ଭିତ୍ତିକ ପ୍ରୟାସ । ଭାରତୀୟ ପରମ୍ପରାକୁ ବଜାୟ ରଖି ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ, ଆଦାନୀ ଗ୍ରୁପ ଏକକ-ବ୍ୟବହାର ପ୍ଲାଷ୍ଟିକ ଏବଂ ଥର୍ମୋକୁଲକୁ ଦୂର କରିଦେଇଛି । ଖାଦ୍ୟ ପରିବେଷଣ କରାଯାଉଥିବା ପ୍ଲାଷ୍ଟିକ ଓ ଥର୍ମୋକୁଲ ପ୍ଲେଟ୍‌କୁ ଜୈବ ବିଘଟନଶୀଳ ସାମଗ୍ରୀରେ ପରିବର୍ତ୍ତନ କରି ଆବର୍ଜନାମୟ ପରିବେଶକୁ ହ୍ରାସ କରିଛି । ଏହି ପଦକ୍ଷେପ ଦୀର୍ଘକାଳୀନ ପରିବେଶଗତ ବିପଦକୁ କମାଇବାରେ ସାହାଯ୍ୟ କରିଥାଏ । ଖାଦ୍ୟ ବିତରଣ ସ୍ଥଳରେ ବଡ଼ବଡ଼ ପଲିଥିନ ବ୍ୟାଗ୍‌ର ବ୍ୟବହାର କରାଇବା ସ୍ୱଚ୍ଛତା ବଜାୟ ରଖିବା ଏବଂ ବର୍ଜ୍ୟ ପରିଚାଳନାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । 'ଏହା କେବଳ ଭୋଜନ ନୁହେଁ- ମହାପ୍ରଭୁଙ୍କୁ ମହାର୍ଘ୍ୟ ଅର୍ପଣ' ବୋଲି ଇସ୍କନର ଜଣେ ସ୍ୱେଚ୍ଛାସେବୀ କହିଛନ୍ତି । ଇସ୍କନ ରୋଷଶାଳାରେ ପରିଷ୍କାର, ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଇ ସ୍ୱେଚ୍ଛାସେବୀଙ୍କ ପାଇଁ ଆପ୍ରନ, ଗ୍ଲୋଭ୍ସ, ଉର୍ଜା ଉପଯୋଗୀ ଉପକରଣ, ଜଳ ବଞ୍ଚାଇବା ଉପରେ ମଧ୍ୟ ଆଧୁନିକ ପ୍ରଣାଳୀ, ଖାଦ୍ୟରେ ପାରମ୍ପରିକ ମସଲା ଓ ଶୁଦ୍ଧ ଦେଶୀ ଘିଅର ବ୍ୟବହାର ଏକ ସାତ୍ତ୍ୱିକ ଭାବନାକୁ ପ୍ରତିପାଦନ କରିଛି । କେବଳ ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀଙ୍କ ପାଇଁ ଏହି ନ ସେବା ସୀମିତ ନ ଥିବା ବେଳେ କାର୍ଯ୍ୟରତ ପୋଲିସ ବାହିନୀ, ସୁରକ୍ଷାକର୍ମୀ, ସଫେଇ କର୍ମଚାରୀ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀମାନଙ୍କୁ ସମ୍ମାନର ସହ ଖାଦ୍ୟ ପରିବେଷଣ କରୁଛି । ସ୍ୱଚ୍ଛ ରୋଷଶାଳା, ଶୂନ୍ୟ ପ୍ଲାଷ୍ଟିକ ଲଜିଷ୍ଟିକ, ବର୍ଜ୍ୟ ପରିଚାଳନା ଆଦି ବ୍ୟବସ୍ଥା ବର୍ଗରେ ସମସ୍ତ ପ୍ରଂଶସିତ ହୋଇପାରିଛି । ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରାରେ ଏହି ଉତ୍କଳୀୟ ମହାନ ପର୍ବର ସମାପ୍ତି ହେବ ମାତ୍ର ସେବା ଓ ସମର୍ପଣର ଗଭୀର ଛାପ ଛାଡ଼ିଯାଇଛି, ଯାହା ଲକ୍ଷ ଲକ୍ଷ ଲୋକଙ୍କ କ୍ଷୁଧାକୁ ନୁହେଁ ବରଂ ଆତ୍ମାକୁ ଜିଣିବାରେ ସକ୍ଷମ ହୋଇପାରିଛି ।

## ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ପବିତ୍ର ବାହୁଡ଼ା ଦଶମୀ ଅବସରରେ ଭକ୍ତ ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲାର ବାଲିଗାଁଠାରେ ଶ୍ରୀ ଜଗନ୍ନାଥ, ମା'ମହାଲକ୍ଷ୍ମୀ, ମା'ବିମଳା, ସିଦ୍ଧ ମହାବୀର ଓ ଶ୍ରୀ ଗଣେଶ ମନ୍ଦିରର ୧୬ତମ ପ୍ରତିଷ୍ଠା ଦିବସ ଆନନ୍ଦ ଉଲ୍ଲାସ, ଭଜନ ଓ ସଂକୀର୍ତ୍ତନ, ଜଣାଣ ସହ ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରାତଃ ୬ ଘଟିକା ଠାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତପୀଠସ୍ଥ ସମସ୍ତ ଦେବାଦେବୀଙ୍କ ସ୍ୱତନ୍ତ୍ର ଦେବ ନୀତି, ନୂତନ ବସ୍ତ୍ର ପରିଧାନ ନାମଯଜ୍ଞ ଇତ୍ୟାଦି କାର୍ଯ୍ୟକ୍ରମ ମୁଖ୍ୟ ପୁରଧା ୱେଲେଟ ଫର୍ ୱେଲ୍‌ଥର ଏମ୍‌ଡି ତ୍ରିନାଥ ଲେଙ୍କା ଓ ତାଙ୍କର ଧର୍ମପତ୍ନୀ ପ୍ରାଚୀ ଲେଙ୍କା କାର୍ଯ୍ୟ ନିର୍ବାହ କରିଥିବା ବେଳେ ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ବାପିନା ଦାଶ, ସହାୟକ ସାଥୀ ପଣ୍ଡିତ ଚନ୍ଦ୍ର ଶେଖର ଓ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଯଜ୍ଞକର୍ମ ସମ୍ପାଦିତ କରିଥିବା ବେଳେ ଭକ୍ତଙ୍କ ପୀଠସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ଲିଙ୍ଗରାଜ ପଣ୍ଡା ଓ ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡା ଓ ପ୍ରହଲ୍ଲାଦ ପଣ୍ଡା ସମସ୍ତ ଦେବାଦେବୀଙ୍କ ନୀତି ସମ୍ପର୍ଣ୍ଣ କରିଥିଲେ । ଏହି ଅବସରରେ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତ୍ତନ ପ୍ରେମୀ ଓ ରାଧାକାନ୍ତ ସଂକୀର୍ତ୍ତନ ମଣ୍ଡଳୀର କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ହରିହର ସ୍ୱାଇଁଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ମହିଳା ସଂକୀର୍ତ୍ତନ ସଦସ୍ୟାଙ୍କ ଦ୍ୱାରା ନଦିଆ ସଂକୀର୍ତ୍ତନର ପରିବେଷଣରେ ପୀଠ ଉତ୍ସବମୁଖର ହୋଇ ଉଠିଥିଲା । ଆୟୋଜିତ ସଭାରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୂଳପତି, ଡଃ ବିନାୟକ ରଥ, ମୁଖ୍ୟ ଅତିଥି ଜିଲ୍ଲା ଦୋରାଜଜ୍ ସୂର୍ଯ୍ୟନାରାୟଣ ମିଶ୍ର, ରେଳ ବିଭାଗ ପ୍ରାକ୍ତାନ ଅଧିକାରୀ ପ୍ରତାପ ଚନ୍ଦ୍ର ନାୟକ, ପ୍ରାଣନାଥ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାକ୍ତନ ପ୍ରଧାପିକା ଡ଼ଃ ବାସନ୍ତି ଦାସ, ଜୋଡ଼ା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ସବିତା ଖଟୋଇ, ସଂଯୁକ୍ତା ନାୟକ, ରମେଶ ଚନ୍ଦ୍ର ପ୍ରଧାନ, ଚିତରଂଜନ ସେନାପତି, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା, ବିଶିଷ୍ଟ ସମାଜ ସେବକ ଆଶୁତୋଷ ସାମନ୍ତରାୟ ତଥା ଗ୍ରାମବାସୀ ମାନେ ସହଯୋଗ କରିଥିଲେ । ଉକ୍ତ ସଭାରେ ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ସଂପାଦକ ଡ଼ଃ ଘନଶ୍ୟାମ ସଭା ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପବିତ୍ର ବାହୁଡ଼ା ଦଶମୀରେ ଆମନ୍ତ୍ରୀତ ଅତିଥି ମାନଙ୍କ ଦ୍ୱାରା ନୂତନ ଅଣସର ଗୃହର ଶିଳାନ୍ୟାସ କରାଯାଇଥିଲା । ସର୍ବଶେଷରେ ସମସ୍ତ ଶ୍ରଦ୍ଧାଳୁମାନେ ଆନନ୍ଦରେ ପ୍ରସାଦ ସେବନ କରିଥିଲେ ।

## ନିମାପଡ଼ା-ପିପିଲି ମୁଖ୍ୟ ରାଜପଥରେ ଗୋରୁ ଆତଙ୍କ



ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା-ପିପିଲି ମୁଖ୍ୟ ରାଜପଥରେ ଗୋରୁଙ୍କର ମେଳି ବଢୁଛି ଦୁର୍ଘଟଣା । ବାରମ୍ବାର ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଅବଗତ କଲେ ମଧ୍ୟ ହେଉନି କାର୍ଯ୍ୟାନୁଷ୍ଠାନ । ଯାହାକୁ ନେଇ ଲୋକମାନେ ଦୁର୍ଘଟଣାର ଶୀକାର ହୋଇ ଜୀବନହାନୀ ଘଟୁଛି । ଏପରି ଘଟଣାକୁ ନେଇ ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଛନ୍ତି । କଟକଣା ନଥିବାରୁ ୧୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣାରେ ଆହତ ହୋଇଥିବା ବେଳେ ବାଇକ୍ ଭାଙ୍ଗି ଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତା ତଳଅଣ୍ଡିଆ ଠାରୁ ଗୋଲେଇ ଛକ ପର୍ଯ୍ୟନ୍ତ ରାସ୍ତାରେ ହଜାର ହଜାର ଗୋରୁଙ୍କର ମେଳି ହୋଇଥିବା ବେଳେ ଅନେକ ଗାଡ଼ି ଦୁର୍ଘଟଣାର ଶୀକାର ହେଉଥିବା ବେଳେ ଲୋକମାନେ ଗୁରୁତର ହେଉଛନ୍ତି । କେତେକ ବ୍ୟକ୍ତି ନିଜ ଗୋରୁଗାଇ ମାନଙ୍କୁ ରାସ୍ତା ଉପରକୁ ଛାଡ଼ି ଦେଉଥିବା ବେଳେ ଗୋରୁମାନେ ରାସ୍ତା ଉପରେ ମେଳି ହେଉଛନ୍ତି । ଶନିବାର ବାହୁଡ଼ା ଥିବାରୁ ଲୋକମାନେ ପୁରୀ ଜଗନ୍ନାଥ ଦର୍ଶନ କରିବାକୁ ଯାଉଥିଲେ । ଗୋରୁମାନଙ୍କ କାରଣରୁ ୧୦ରୁ ଊର୍ଦ୍ଧ୍ୱ ବାଇକ୍, ଦୁଇଟି କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ଦୀର୍ଘଦିନ ହେବ ମୁଖ୍ୟ ରାସ୍ତା ସମେତ ନିମାପଡ଼ା ବଜାର ଦୋଳବେଦୀ ଛକ, ହାଟଛକ, ପାଟପୁର ଛକ ସମେତ ଗୋରୁମାନଙ୍କର ଗହଳି ଲାଗିଥିବା ବେଳେ ଥାନା ସମ୍ମୁଖରେ ପ୍ରତ୍ୟେକ ଦିନ ଶତାଧିକ ଗୋରୁ ରାସ୍ତା ଉପରେ ଶୋଇ ରହି ରାସ୍ତା ବନ୍ଦକରୁଛନ୍ତି । ଜନସାଧାରଣ ଯାତାୟତ କରି ନପାରି ଡ଼େଲଟା ଛକ ଦେଇ ଯାଉଛନ୍ତି । ଅନେକ ବ୍ୟକ୍ତିଙ୍କ ବ୍ୟାଗ୍‌ରେ ନିତ୍ୟ ବ୍ୟବହାର ସାମଗ୍ରୀକୁ ଗୋରୁମାନେ ଖାଇ ଯାଉଥିବା ବେଳେ ବାଇକ୍ ପୋପାଡ଼ି ଭାଙ୍ଗୁଛନ୍ତି । ପ୍ରତ୍ୟେକ ଦିନ ଗୋରୁ ଓ ଷଣ୍ଢ ମରାମରି ହେବା କାରଣରୁ ଜୀବନ ହାନି ଘଟୁଛି । ସମସ୍ତ ବିଷୟ ପରିଷଦ ଜାଣୁଥିଲେ ମଧ୍ୟ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଅନେକ ବ୍ୟକ୍ତି ପରିଷଦ ନିକଟରେ ଏପରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଗୋଟିଏ ଉତ୍ତର ମିଳୁଛି କାଞ୍ଜିଆହୁଦା ତିଆରି ହେଉଛି, କାଞ୍ଜିଆହୁଦା କାର୍ଯ୍ୟ ସରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହା ଲୋକ ଦେଖାଣିଆ ଭାବେ କହୁଥିବା ବେଳେ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ବାରି ହୋଇପଡୁଛି ।

## ଟିପିସିଓଡିଏଲ୍ ପକ୍ଷରୁ ରଥଯାତ୍ରାରେ ସ୍ୱଚ୍ଛ ଶକ୍ତି ଅଭିଯାନ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ପବିତ୍ର ରଥଯାତ୍ରା ଅବସରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ଅନ୍ତର୍ଗତ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜିଳି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବଡ଼ଦାଣ୍ଡ ପାଖରେ ଏକ ଷ୍ଟଲ୍ ସ୍ଥାପନ କରାଯାଇଥିଲା । ପ୍ରତିଦିନ ଏହି ଷ୍ଟଲ୍ ଶହ ଶହ ଭକ୍ତ ଓ ସ୍ଥାନୀୟ ଲୋକଙ୍କୁ ଆକର୍ଷିତ କରିବା ସହ ସେମାନଙ୍କୁ ରୁଫ୍‌ଟପ୍ ସୋଲାର ସ୍ଥାପନ, ସରକାରୀ ସବ୍‌ସିଡି, ଆର୍ଥିକ ଲାଭ ଓ ଯୋଗ୍ୟତାର ମାନଦଣ୍ଡ ସମ୍ପର୍କରେ ସଚେତନ କରିଛି । ତାଲିମପ୍ରାପ୍ତ ପେସାଦାରଙ୍କ ଦ୍ୱାରା ପରିଚାଳିତ ଏହି ଷ୍ଟଲ୍‌ରେ ବ୍ରୋସର, ଲିଫ୍‌ଲେଟ୍, ଏଲ୍‌ଇଡି ସ୍କ୍ରିନ୍‌ରେ ଟେଷ୍ଟିମୋନିଆଲ୍‌ସ ଓ ଖର୍ଚ୍ଚ-ଲାଭର ଭିଜୁଆଲ୍ ପ୍ରଦର୍ଶିତ ହେଉଛି । ରଥଯାତ୍ରାରେ ଲକ୍ଷ ଲକ୍ଷ ଲୋକ ଆସୁଥିବା ବେଳେ ଏହି ଅଭିଯାନ ସ୍ୱଚ୍ଛ ଶକ୍ତିର ପ୍ରସାର ପାଇଁ ଶକ୍ତିଶାଳୀ ପ୍ଲାଟଫର୍ମ ପ୍ରଦାନ କରୁଛି । ସମଗ୍ର ଓଡ଼ିଶାରେ ନାଗରିକମାନଙ୍କୁ ସଶକ୍ତ କରିବା ଏବଂ ସ୍ଥାୟୀ ସୌର ଶକ୍ତି ସମାଧାନକୁ ଆଗକୁ ବଢ଼ାଇବା ପାଇଁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଞ୍ଚଳଗୁମା ସ୍ଥିତ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ନବରଙ୍ଗପୁର ମହାଦେବ ଭଜନ ଗ୍ରୁପ ତରଫରୁ ଏକ ଜଗନ୍ନାଥ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ତରଫରୁ ଆୟୋଜିତ ଏହି ଭଜନ ସମାରୋହରେ ଏକ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଭକ୍ତିରସରେ ମଜ୍ଜି ଯାଇଥିଲେ ଓ ସଂଗୀତରେ ତାଳ ଦେଇ କିଛି ଭକ୍ତ ନୃତ୍ୟ କରିବାର ମଧ୍ୟ ଦେଖିବାକୁ ମିଳିଥିଲା ଏବଂ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ପ୍ରକାଶ ଥାଉ କି ରଥଯାତ୍ରା ଠାରୁ ବାହୁଡ଼ା ଯାତ୍ରା ଯାଏଁ ନଅ ଦିନ ଯାକ ଦିବାରାତ୍ରୀ ସମସ୍ତ ଭକ୍ତ ବୃନ୍ଦଙ୍କ ନିମନ୍ତେ ଅନ୍ନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି ସମାରୋହରେ ମନ୍ଦିର କମିଟି ତରଫରୁ ମହାଦେବ ଭଜନ ଗ୍ରୁପର ସମସ୍ତ ଗାୟକ ଗାୟିକାମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ପ୍ରତିଦିନ ସଂଧ୍ୟା ସମୟରେ ସଂକୀର୍ତ୍ତନ କରିବା ସହ ସଂଧ୍ୟା ଆଳତିରେ ଶତାଧିକ ମହିଳା ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରୁଥିବାବେଳେ ଆଜି ବାହୁଡ଼ାରେ ତାରିଫହର ନାମଯଜ୍ଞ ଅନୁଷ୍ଠିତ କରାଯାଇଥିଲା । ରଥଯାତ୍ରାର ସୁପରିଚାଳନା ଓ ଭଜନ ସମାରୋହ ଆୟୋଜନରେ କମିଟିର ସୁବ୍ରତ ଚୌଧୁରୀ, ଅଭିମନ୍ୟୁ ନାୟକ, ରିଙ୍କୁ ପଟ୍ଟନାୟକ, ବିରେନ ଚୌଧୁରୀ, ବାପି ପ୍ରଧାନୀ, ସଚିନ ସାହୁ, ଟୁନୁ ମହାରଣା, ଶକ୍ତିପ୍ରସାଦ ପାତ୍ର, ସୁଶୀଳ ବିଷୋୟୀ, ରୁଦ୍ର ବିଷୋୟୀ,ଚିନୁ ସାହୁ,ସୀମାଞ୍ଚଳ ବିଷୋୟୀ, ଭିକି ବିଷୋୟୀ ଓ ମନ୍ଦିର ପରିଚାଳନା ସମିତିର ସମସ୍ତ ସଦସ୍ୟ ଏବଂ ଅଞ୍ଚଳଗୁମା ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ ।

## ଟ୍ରେନ୍ ଲାଇନରେ ନାବାଳକଙ୍କ ବିପଦପୂର୍ଣ୍ଣ ଷ୍ଟଣ୍ଟର ଭିଡିଓ ଭାଇରାଲ



କଣ୍ଟାମାଳ(ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଖୋର୍ଦ୍ଧା ନୂତନ ଭାବରେ ନିର୍ମିତ ରେଳ ଲାଇନରେ ଜଣେ ନାବାଳକ ବିପଦପୂର୍ଣ୍ଣ ଭାବରେ ଷ୍ଟଣ୍ଟ୍ କରୁଥିବା ଭିଡିଓ ମୋବାଇଲ ରୁ ମୋବାଇଲ କୁ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ବୌଦ୍ଧ ଜିଲ୍ଲା ପୁରୁଣାପାଣି ଓ ମସିଣାପଡ଼ା ମଧ୍ୟରେ ଥିବା ଟ୍ରେନ ଟ୍ରାକ୍‌ରେ ଜଣେ ନାବାଳକ ନିଜ ଜୀବନକୁ ବାଜି ଲଗାଇ ଟ୍ରେନ୍ ଯାଉଥିବା ସମୟରେ ଶୋଇ ଅନ୍ୟ ଜଣେ ସାଥି ଭିଡିଓ ଶୁଟ କରୁଥିବା ଭିଡିଓରେ ଦେଖାଦେଇଛି । ଟ୍ରାକ୍‌ରେ ଶୋଇଥିବା ବେଳେ ସାଥି ନାବାଳକ ମାନେ ଖୁସିରେ ଚିତ୍କାର କରି ତାକୁ ଉତ୍ସାହିତ କରୁଥିବା ସହ ଶୋଇରୁହ ବୋଲି କହୁଥିବା ଶୁଣାଯାଉଛି । ନାବାଳକଙ୍କ ଘର କେଉଁଠି ତାର ପ୍ରକୃତ ପରିଚୟ ମିଳି ପାରିନାହିଁ । ତେବେ ଉକ୍ତ ନାବାଳକଙ୍କ ଟ୍ରେନ ଟ୍ରାକରେ ବିପଦପୂର୍ଣ୍ଣ ଷ୍ଟଣ୍ଟକୁ ନେଇ ସାଧାରଣରେ ତୀବ୍ର ଉଦବେଗ ପ୍ରକାଶ ପାଇଛି ।

## ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଡାବରଧୁଆ ପାଟଣା ପଞ୍ଚାୟତ ଡାବରଧୁଆ ଠାରେ ଶୁକ୍ରବାର ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ସାଂସଦ ଅପରାଜିତା ଷଡଙ୍ଗୀ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ର ଦ୍ୱାରା ୯ଟି ମୌଜାର ୭ହଜାର ଜନସାଧାରଣ ଚିକିତ୍ସା ସେବା ପାଇପାରିବେ। ବୋଲଗଡ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ଆବାହକତ୍ୱରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସରପଞ୍ଚ ବିଜୟ କୁମାର ସେଠି, ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଡ଼. ଅସିତ ମୋହନ ମହାପାତ୍ର, ବରିଷ୍ଠ ସମାଜସେବୀ ରବୀନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ। ଏବିଡ଼ିଓ ଡ଼ ରତିକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପିଏଚଇଓ ଅରୁଣାଭ ପଟ୍ଟଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପିଏମ ନେପୋଲିଆନ କୁମାର, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କାଞ୍ଚନବାଳା, ସୁକାନ୍ତି ସେଠି,ମାନସ କୁମାର ସାହୁ ଓ ଦୀପକ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।ଏହି କେନ୍ଦ୍ରରେ ଜଣେ ପରିଦର୍ଶିକା ଓ ୯ଜଣ ଆଶାକର୍ମୀ କାର୍ଯ୍ୟ କରିବେ। ପରିଶେଷରେ ବିଡ଼ିଏମ ଆଲୋକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁନିୟର୍ ରେଡକ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ, ଲୁଣିବାହାଲ ଠାରେ ଜିଲ୍ଲା ଜୁନିୟର ରେଡକ୍ରସ୍ ପରାମର୍ଶଦାତାଙ୍କ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡିର ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୁବାଷ ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ,ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଜିଲ୍ଲା ଜୁନିୟର୍ ରେଡକ୍ରସ୍ ସମ୍ପାଦକ ଆନନ୍ଦ କୁମାର ବେହେରା, ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୃପ୍ତି ରଞ୍ଜନ ଦାନୀ, ବୌଦ୍ଧ ଜିଲ୍ଲା ଜୁନିୟର୍ ରେଡ଼କ୍ରସ୍ ଅଧିକାରୀ ନବ କିଶୋର ଦୀପ ମଞ୍ଚାସୀନ ଥିଲେ। ଏହାର ଉଦ୍ଘାଟନୀ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୧୭୧ଜଣ ରକ୍ତଦାନ କରିଥିଲେ ଏବଂ ଅତିଥିଙ୍କ ଦ୍ୱାରା ସମୂହ ବୃକ୍ଷଚାରାରୋପଣ କରାଯାଇଥିଲା। ଅଗ୍ନିଶମ ବିଭାଗ ତରଫରୁ ବିପତ୍ତି ସମୟରେ ଉଦ୍ଧାର କାର୍ଯ୍ୟ, ଟ୍ରାଫିକ୍ ପୋଲିସ ପକ୍ଷରୁ ଅଶୋକ ପାଣ୍ଡିଆ ସଡ଼କ ସୁରକ୍ଷା ଉପରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ନବ କିଶୋର ଦୀପ, ସନ୍ତୋଷ କୁମାର ସ୍ୱାଇଁ ଓ ବନମାଳୀ ମେହେର ତିନି ଦିନ ଧରି ଜୁନିୟର୍ ରେଡ଼କ୍ରସ୍ କାଉନସେଲରମାନଙ୍କୁ ରେଡ଼କ୍ରସ ୟୁନିଟ ପ୍ରସ୍ତୁତି ଓ ତାହାର ଇତିହାସ ସଂପର୍କରେ ଅବଗତ କରାଇବା ସହ ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା,ବିଦ୍ୟାଳୟ ସୁରକ୍ଷା ବିଷୟରେ ତାଲିମ୍ ପ୍ରଦାନ କରିଥିଲେ।




## ଜୟପୁର-ମାଲକାନଗିରି ନୂତନ ରେଳପଥ ପାଇଁ ଜମି ଅଧିଗ୍ରହଣ କ୍ଷତିପୂରଣ ରାଶି ବଣ୍ଟନ

ମାଲକାନଗିରି(ଭାସ୍କର ନ୍ୟୁଜ୍): ଜିଲ୍ଲା ପ୍ରଶାସନ ପକ୍ଷରୁ ରେଳ ପ୍ରକଳ୍ପ କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ତ୍ୱରାନ୍ୱିତ କରାଯାଇଛି । ମାଥିଲି ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ନିମନ୍ତେ ଜମି ଅଧିଗ୍ରହଣ ହୋଇଥିବା ହିତାଧିକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଲୋକସଭା ସାଂସଦ ଇଂ. ବଳଭଦ୍ର ମାଝୀ ଉପସ୍ଥିତ ଥିବାବେଳେ ସମ୍ମାନୀତ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ରଙ୍କ ସମେତ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଥିଲି ତହସିଲଦାର ମାନସୀ ଭୋଇ, ଖଇରପୁଟ ତହସିଲଦାର ପି ମନସ୍ମିତା ଏବଂ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ବେହେରା ଉପସ୍ଥିତ ଥିଲେ। ରେଳପଥ ସ୍ଥାପନ ହେବାଦ୍ୱାରା ଜିଲ୍ଲାରେ ଆହୁରି ବିକାଶ ହେବା ସଙ୍ଗେ ଜିଲ୍ଲାବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ସାକାର ହେବାକୁ ଯାଉଛି। ଏହା ଏହି ଅଞ୍ଚଳର ଲୋକ ଓ ବିଶେଷ ଭାବେ ଜନଜାତିଙ୍କ ପାଇଁ ଅପୂର୍ବ ସମ୍ଭାର ନେଇ ଆସିବ।



ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ରେଳପଥ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସାଂସଦ ମତବ୍ୟକ୍ତ କରିଛନ୍ତି। ଏହି ପ୍ରକଳ୍ପ ବାବଦକୁ ପ୍ରଥମ ପର୍ଯ୍ୟାୟରେ ମାଥିଲିର ୩୫ ଜଣ ଓ ଖଇରପୁଟ ତହସିଲର ୪ ଜଣ ହିତାଧିକାରୀଙ୍କୁ ମୋଟ ୨ କୋଟି ୪୫ ଲକ୍ଷ ୫୫ ହଜାର ୩୯୯ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ମାଥିଲି ତହସିଲର ଧଉଡ଼ାଗୁଡ଼ା, ପୂଜାରିଗୁଡ଼ା କର୍ତ୍ତିମାଝିଗୁଡ଼ା ଓ ଖଇରପୁଟ ତହସିଲର ପାରୁଗୁଡ଼ାର ହିତାଧିକାରୀ ରହିଛନ୍ତି। ସୂଚନା ଥାଉ କି ରେଳପଥ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଉକ୍ତ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ପର୍ଯ୍ୟାୟ କ୍ରମେ ଜମି ଅଧିଗ୍ରହଣ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସ୍ୱାଗତ ଜଣାଇ ଥିବାବେଳେ ଉପ ଜିଲ୍ଲାପାଳ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲ୍ମିକୀ ପ୍ରଧାନ ହେଲେ ଘଣ୍ଟାପଡ଼ା ଥାନାର ପ୍ରଥମ ଆଇଆଇସି



କଣ୍ଟାମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଘଣ୍ଟାପଡ଼ା ଥାନାରେ ଆଇଆଇସି ଭାବେ ଯୋଗ ଦେଲେ ଇନ୍ସପେକ୍ଟର ବାଲ୍ମିକୀ ପ୍ରଧାନ। ଘଣ୍ଟାପଡ଼ା ଥାନା ମାନ୍ୟତାର ଠିକ ଅଢ଼େଇ ବର୍ଷରେ ପ୍ରଥମ ଇନ୍ସପେକ୍ଟର ଭାବେ ଯୋଗ ଦେଇଥିବାରୁ ଘଣ୍ଟାପଡ଼ା ଥାନା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯାଇଛି। ଶ୍ରୀ ପ୍ରଧାନ ପୂର୍ବରୁ ଏସ୍‌ଆଇ ଭାବେ ପୁରୁଣାକଟକରେ କାର୍ଯ୍ୟକରୁଥିଲେ। ବିଭାଗୀୟ ପଦୋନ୍ନତି ପାଇବା ପରେ ବୌଦ୍ଧ ଆରକ୍ଷୀ ଅଧିକ୍ଷକଙ୍କ ଆଦେଶରେ ଘଣ୍ଟାପଡ଼ା ଥାନାରେ ନିଜ ଜୀବନର ପ୍ରଥମ ଇନ୍ସପେକ୍ଟର ଭାବେ ଘଣ୍ଟାପଡ଼ା ଥାନାରେ ପ୍ରଥମ ଥାନାଧିକାରୀ ଭାବେ ଯୋଗଦେବା ସୌଭାଗ୍ୟର କଥା ବୋଲି ପ୍ରକାଶ କରିବା ସଂଗେ ସଂଗେ ଥାନା ଅଞ୍ଚଳର ଟ୍ରାଫିକ ସମସ୍ୟା, ଅସାମାଜିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖି ଜନସାଧାରଣଙ୍କ ସହ ମିଶି ସଚେତନତା କରିବା ମୋର ପ୍ରଥମ ଲକ୍ଷ୍ୟ ରହିବ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ଦୁର୍ଘଟଣାରେ ମହିଳା କନେଷ୍ଟବଳଙ୍କ ମୃତ୍ୟୁ

ରାୟଗଡ଼ା(ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଗୁନାଖାଲ ଛକ ଠାରେ ଏକ ସ୍କୁଟିକୁ ଏକ ଟ୍ରଲର ପଛ ପଟୁ ଧକ୍କା ଦେବା ଫଳରେ ସ୍କୁଟି ଚଲାଉଥିବା ମହିଳା କନେଷ୍ଟବଳ ଟ୍ରଲର ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ମୃତକଜଣକ ହେଲେ କାର୍ଯ୍ୟରତ ପୋଲିସ କନେଷ୍ଟବଳ ଲାବଣ୍ୟା ଗାଣ୍ଟା (୨୪)। ତାଙ୍କ ଘର ଖେଦାପଡ଼ା ପଞ୍ଚାୟତରେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ସ୍କୁଟି ଧକ୍କା ଲାଗିବାରୁ ବାଇକ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଦୁଇଜଣ ହେଲେ ବିଷମକଟକ ବ୍ଲକ ବେଠିଆପଡ଼ା ପଞ୍ଚାୟତର ମୁନିଗାଁର କାନ୍ତାରାଓ କାଡ୍ରାକା(୪୦) ଓ ସୁବାରାଓ କାଡ୍ରାକା(୪୦) । ଗୁରୁତର ଅବସ୍ଥାରେ ବାଇକର ଦୁଇଜଣ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାରୁ ପ୍ରକାଶ ଯେ, ଲାବଣ୍ୟା ସକାଳୁ ଘରୁ ବାହାରି ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରକୁ ବାହୁଡ଼ା ଯାତ୍ରା ଡ୍ୟୁଟିରେ ଆସୁଥିଲେ। ଉକ୍ତ ରାସ୍ତାରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ଦୁଇଜଣ ଆସୁଥିଲେ। ତେବେ ନିକଟସ୍ଥ ହମ୍ପସରେ ବ୍ରେକ ମାରିବାବେଳେ ପଛପଟୁ ସ୍କୁଟିକୁ ଟ୍ରଲର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲାବଣ୍ୟା ସ୍କୁଟିରୁ ପଡିଯିବାବେଳେ ଟ୍ରଲର ତାଙ୍କ ଉପରେ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁଘଟିଥିଲା। ଖବର ପାଇ ପୋଲିସ ଘଟଣସ୍ଥଳରେ ପହଞ୍ଚି ଟ୍ରଲରକୁ ଜବତ କରିଛି। ବାଇକରେ ଆସୁଥିବା ଦୁଇଜଣ ଜେକେପୁରରୁ ଗାଁକୁ ଫେରୁଥିବା ପ୍ରକାଶ କରିଛନ୍ତି।

## ବିଦାୟକାଳୀନ ସମ୍ବର୍ଦ୍ଧନା ଓ କବିତା ପାଠୋତ୍ସବ

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁଙ୍କର ଗଞ୍ଜାମ ଜିଲ୍ଲା ଛତ୍ରପୁରକୁ ବଦଳି ହୋଇଥିବାରୁ ସ୍ଥାନୀୟ ଆଓମା ଗୁରୁକୁଳ ଠାରେ ଗୁରୁବାର ରାତ୍ରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ପ୍ରମିଳା ମାଝୀ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ତହସିଲଦାର ଶଶାଙ୍କ ମିଶ୍ର, ଅଧ୍ୟାପକ ଡ଼ଃ ରଞ୍ଜନ କୁମାର ସ୍ୱାଇଁ, ଡାକ୍ତର ଦୁର୍ଗାପ୍ରସାଦ ରାଜ, ଅନ୍ୟତମ ଅତିଥି ଭାବେ ବିଜୟ ଦଣ୍ଡସେନା, ଭୀମସେନ ଖିଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଆଓମା ଗୁରୁକୁଳ ସଭାପତି ରତ୍ନାକର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଆଓମା ଗୁରୁକୁଳ ମୁଖ୍ୟ ପ୍ରତିଷ୍ଠାତା ବିନାଶକୁମାର ମିଶ୍ର ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କେକ୍ କଟାଯାଇ ସମସ୍ତଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଶ୍ରୀମତୀ ସ୍ୱାଇଁଙ୍କୁ କିଛି ସ୍ମୃତି ସନ୍ତକ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କବିତାପାଠ ଉତ୍ସବର ଆୟୋଜନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଫିସର ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ ମହାନ୍ତି,ଆଓମା ଗୁରୁକୁଳର ଅନ୍ତେବାସୀ ଉପସ୍ଥିତ ଥିଲେ।



### ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଦିନିକିଆ ଗଜପତି ଜିଲ୍ଲା ଗସ୍ତ

## ୧୧ଟି ପ୍ରକଳ୍ପର କଲେ ଭିତ୍ତିପ୍ରସ୍ତର ସ୍ଥାପନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍) : ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି କାଶୀନଗର ବ୍ଲକ ଅନ୍ତର୍ଗତ ଶିଆଳି ଗ୍ରାମ ପଞ୍ଚାୟତ ଓ ଅଲଡା ଗ୍ରାମ ପଞ୍ଚାୟତର ସ୍ଥିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରି ହେଉଥିବା ଅମୃତ ସରୋବର ଯୋଜନାରେ ବୃକ୍ଷ ରୋପଣ ଦେଖିବା ସହିତ ସ୍ଥାନୀୟ ହିତାଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଖଣ୍ଡଭା ଗ୍ରାମ ପଞ୍ଚାୟତ ସ୍ଥିତ ପାଲାସିଂ ଠାରେ ନିର୍ମିତ ହେଉଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ବୁଲି ଦେଖିବା ସହ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ଓ ତୁରନ୍ତ କାମ ସାରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିକଶିତ ଗାଁ ବିକଶିତ ଓଡ଼ିଶାର ୧୧ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ମନ୍ତ୍ରୀ ଶ୍ରୀଯୁକ୍ତ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପାଳ ବିଜୟ କୁମାର ଦାଶ, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏନ୍. ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲାପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସମେତ ଅନ୍ୟ ସମସ୍ତ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ । ସେହିପରି ପଡି ରହିଥିବା ଅନ୍ୟ ସମସ୍ତ କାମକୁ ତୁରନ୍ତ ସାରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ତାଲିମ୍ ନେଇ ସାରିଥିବା ୧୮ଜଣ ଛାତ୍ରୀମାନଙ୍କୁ ମାନ୍ୟବର ମନ୍ତ୍ରୀ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ।

### ୭୯.୬ କେଜି ଗଞ୍ଜେଇ ଜବତ ଘଟଣା

## ଫେରାର ମୁଖ୍ୟ ଅଭିଯୁକ୍ତ ଗିରଫ




ବେଲପାହାଡ (ଭାସ୍କର ନ୍ୟୁଜ୍) : ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ରେଙ୍ଗାଲି ପୋଲିସ ଗତ ୪ ତାରିଖରେ ଏକ ଟ୍ରକ ସହ ସେଥିରୁ ୭୯.୬ କେଜି ଗଞ୍ଜେଇ ଜବତ କରିଥିଲା। ପୋଲିସ ଏହି ଗଞ୍ଜେଇ କାରବାରରେ ସଂପୃକ୍ତ ଅଭିଯୁକ୍ତ ଟ୍ରକ ଚାଳକ ମଧ୍ୟପ୍ରଦେଶ ରେୱା ଜିଲ୍ଲା ବୈକୁଣ୍ଠପୁର ଥାନା ଅନ୍ତର୍ଗତ ବଡ଼ି ହାର୍ଡି ଅଞ୍ଚଳର ସୁନୀଲ ତିୱାରୀ (୪୫)କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଏନେଇ ରେଙ୍ଗାଲି ଥାନା ପୋଲିସ କେସ ନମ୍ବର ୧୨୮/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା। ତେବେ ରେଙ୍ଗାଲି ପୋଲିସ ମୁଖ୍ୟ ଅଭିଯୁକ୍ତ ଛତିଶଗଡ଼ ନେତନଗର ଗ୍ରାମର କିରଣ ବାସୋଦକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ଏକ କାର (ସିଜି-୦୭ବିକ୍ୟୁ-୫୨୬୯)କୁ ମଧ ଜବତ କରିଛି। ଅଭିଯୁକ୍ତ କିରଣ ବୌଦ୍ଧ ଓ କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଚାଲାଣ କରି ମଧ୍ୟପ୍ରଦେଶ, ଛତିଶଗଡ଼ ରାଜ୍ୟ ସମେତ ଓଡ଼ିଶାର ସୀମାନ୍ତ କନକତୋରା ଅଞ୍ଚଳରେ ବେଆଇନ ଗଞ୍ଜେଇ କାରବାରରେ କାୟା ବିସ୍ତାର କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ "ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁରେଶ କୁମାର ପାତ୍ର, ଅନୁଷ୍ଠାନର କୋଷାଧ୍ୟକ୍ଷ ପ୍ରମୋଦ କୁମାର ପାଢ଼ୀ, ଶିକ୍ଷାବିକାଶ ସମିତିର କାର୍ଯ୍ୟକର୍ତ୍ତା ଅରୁଣ କୁମାର ବାଗ, ସରୋଜ ପଟ୍ଟନାୟକ, ପ୍ରକାଶଚନ୍ଦ୍ର ତ୍ରିପାଠୀ, ସଂଗ୍ରାମ ମହାନ୍ତି, ବିଦ୍ୟାଳୟର ଆଚାର୍ଯ୍ୟ ଦୁର୍ଗା ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଡେରାବିଶ ହାଇସ୍କୁଲରେ ପୋଲିସ୍ କ୍ୟାଡେଟ୍ ସଚେତନତା




ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ହାଇସ୍କୁଲରେ ଗୁରୁବାର ପୁଲିସ୍ କ୍ୟାଡେଟ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଶିଶୁ ସାହିତ୍ୟିକ ତଥା ଶିକ୍ଷାବିତ୍ ଶୁସାନ୍ତ କୁମାର ପାତ୍ର, ସମ୍ମାନିତ ଅତିଥିଭାବେ ଶିକ୍ଷକ ଚିତରଞ୍ଜନ କର ଓ ଶିକ୍ଷୟିତ୍ରୀ ଟିକିଲି ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଡେରାବିଶ ଥାନା ଅଧିକାରୀ ସରୋଜକାନ୍ତ ସାହୁ ଯୋଗ ଦେଇ ଟ୍ରାଫିକ ନିୟମ, ସାଇବର ଠକେଇ, ବାଲ୍ୟ ଅପରାଧ, ନାବାଳକମାନେ ମୋଟର ବାଇକ ଚଳାଇଲେ ସେମାନଙ୍କ ପ୍ରତି ହେଉଥିବା ଦଣ୍ଡବିଧି ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ କହିଥିଲେ । ଶେଷରେ ଶିକ୍ଷକ ପ୍ରିୟଦର୍ଶୀ ଗଗନ ବିହାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀମାନେ ଡେରାବିଶ ଥାନା ପରିସରକୁ ଯାଇ ସେଠାକାର ପରିବେଶ ଓ ବିଧି ବ୍ୟବସ୍ଥା ସମ୍ପର୍କରେ ବୁଲି ଦେଖିଥିଲେ ।

## ଗଛ ତଳେ ଚାପି ହୋଇଥିବା ଦୁଇ ମଇଁଷି ଉଦ୍ଧାର

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍):କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ସଦର ଚକ୍ଷମି କଟା ଓ ଖରିକେଣା ସାହିକୁ ଯିବା ରାସ୍ତାରେ ଲଗାଣ ବର୍ଷା ଯୋଗୁଁ ଏକ ବିରାଟ କାୟ ତେନ୍ତୁଳି ଗଛ ମୂଳରୁ ଉପୁଡି ପଡିଥିଲା। ଗଛ ତଳେ ଚରୁଥିବା ଦୁଇଟି ମଇଁଷିଙ୍କ ସମେତ ଅନେକ ଗୃହପାଳିତ ପଶୁ ଚାପି ହୋଇ ଯାଇଥିଲେ। ସେଥିରୁ କିଛି କଷ୍ଟେ ମାଷ୍ଟେ ବାହାରି ପଡ଼ିଥିବା ବେଳେ ଗୋଟିଏ ମଇଁଷି ଗଛ ତଳେ ଚାପି ହୋଇ ରହି ଯାଇଥିଲା। ଅପର ପଟେ ଗଛଟି ଏକ ଇଲେଭେନ କେଭି ତାର ଉପରେ ପଡିଥିବାରୁ ସେଠାକୁ ଯିବା ପାଇଁ ଲୋକେ ଭୟ କରିଥିଲେ। ପରେ ବିଜୁଳି ବିଭାଗକୁ ଫୋନ କରି ସଂଯୋଗ କାଟିବା ପରେ ଦମକଳ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ ଗଛ ପଡିବାର କିଛି ସମୟ ପୂର୍ବରୁ ସେଠାରେ ଠିଆ ହୋଇଥିବା କେତେକ ଚାଲିଯାଇଥିବାରୁ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତୀ ଯାଇଥିଲେ।



## ବାହୁଡ଼ିଲେ ପରଂବ୍ରହ୍ମ, ବର୍ଷାରେ ଭିଜି ଭିଜି ରଥଟାଣିଲେ ଭକ୍ତ

କଣ୍ଟାମାଳ (ଭାସ୍କର ନ୍ୟୁଜ୍): ପବିତ୍ର ବାହୁଡ଼ା ଯାତ୍ରା ପାଇଁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ବାହୁଡ଼ାଯାତ୍ରା ସଂପନ୍ନ ହୋଇଯାଇଛି। ନିଜ ନିଜ ମନ୍ଦିରକୁ ଫେରିଲେ ପ୍ରଭୁ ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା। ସେଥିପାଇଁ ଆଜି କଣ୍ଟାମାଳ ବ୍ଲକର ବିଭିନ୍ନ ଗାଁ ଗୁଡିକ ବାହୁଡ଼ା ଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି। ଗାଁ ଠୁ ସହର ସବୁଠି ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ଜୟ ଜଗନ୍ନାଥ ଶବ୍ଦରେ ଗଗନ ପବନ ମୁଖରିତ ହୋଇଯାଉଛି। ଅନେକ ଜାଗାରେ ନାମ ସଙ୍କୀର୍ତ୍ତନ ସହ ଠାକୁରଙ୍କ ପହଣ୍ଡି ଅନୁଷ୍ଠିତ ହେବା ପରେ ଠାକୁର ରଥାରୂଢ଼ ହୋଇଥିଲେ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରିବା ସହ ଭକ୍ତମାନେ ଆନନ୍ଦ ମନରେ ରଥ ଟାଣିଥିଲେ। ବର୍ଷା ପାଇଁ ଅନେକ ସ୍ଥାନରେ ରଥ ଟଣାରେ ସାମାନ୍ୟ ବିଳମ୍ବ ହୋଇଥିବା ବେଳେ ଭକ୍ତଙ୍କ ସମାଗମରେ ବର୍ଷାର କୌଣସି ପ୍ରଭାବ ଦେଖିବାକୁ ମିଳି ନ ଥିଲା । ବର୍ଷା ସତ୍ତ୍ୱେ ମଧ୍ୟ ଭକ୍ତମାନେ ଭିଜି ଭିଜି ରଥ ଟାଣି ଥିଲେ । କଣ୍ଟାମାଳ, ଘଣ୍ଟାପଡ଼ା, ପଲସାଗୋରା, ଗୁଡଭେଲିପଦର, ଶଗଡା, ମନମୁଣ୍ଡା, ଲୋକାପଡା, ଗବଜୋର ଆଦି ଅନେକ ଅଞ୍ଚଳରେ ବେଶ୍ ଭକ୍ତଙ୍କ ସମାଗମରେ ଶାନ୍ତିଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଯାଇଛି ।



## ଝାଡ଼ରାଜିଙ୍ଗ ସେବାଶ୍ରମରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ



ବୌଦ୍ଧ (ଭାସ୍କର ନ୍ୟୁଜ୍) : ହରଭଙ୍ଗା ବ୍ଲକ ଚାରିଛକ ସ୍ଥିତ ଝାଡ଼ରାଜିଙ୍ଗ ସେବାଶ୍ରମ ପରିସରରେ ଶୁକ୍ରବାର ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କନିଷ୍ଠ ଯନ୍ତ୍ରୀ ଜ୍ଞାନଦୀପ୍ତ ବେହେରା, ସୁରକ୍ଷା ଅଧିକାରୀ ଦେବଦତ୍ତ ଶଙ୍ଖୁଆ, ସୁରକ୍ଷା ପ୍ରଶିକ୍ଷକ ଦିବ୍ୟରଞ୍ଜନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା ତ୍ରିପାଠୀ ଉପସ୍ଥିତ ଥିଲେ। ସଚେତନତା ତଥା ସତର୍କତା ଦ୍ୱାରା ଆମେ ଅନେକ ବିଦ୍ୟୁତ ଜନିତ ଦୁର୍ଘଟଣାକୁ ରୋକିପାରିବା ବୋଲି ଅତିଥି ଗଣ ମତ ରଖିଥିଲେ। ବହୁମୂଲ୍ୟ ଜୀବନକୁ ରକ୍ଷା କରିବାର ସରଳ ଉପାୟ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟ କ୍ରମରେ ବିଦ୍ୟୁତ କର୍ମଚାରୀଙ୍କ ସହ ଶିକ୍ଷୟତ୍ରୀ ରୂପଶ୍ରୀ ମିଶ୍ର, ମମତା ସାହୁ, ସରିତା ପ୍ରଧାନ, ଲୋପାମୁଦ୍ରା ପାଣିଗ୍ରାହୀ, କଳ୍ପନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମୋହନାରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍) : ମୋହନା, ଗଜପତି ଜିଲ୍ଲା ମୋହନାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଛି। ଆଜି ସକାଳ ୬ଟାରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଏସ୍‌ଏସ୍‌ଡ଼ି) ଛକଠାରେ ଭାରତ ମୁକ୍ତି ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ, ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା, ରାଷ୍ଟ୍ରୀୟ ମୁସଲିମ ମୋର୍ଚ୍ଚା, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା ଡାକରାରେ ଗଜପତି ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ଭାରତ ବନ୍ଦକୁ ସଫଳ କରିବା ପାଇଁ ଜାତୀୟ ରାଜପଥ ୩୨୬କୁ ସାଢ଼େ ସାତ ଘଣ୍ଟା ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ସେମାନଙ୍କର ଦାବି ମୁତାବକ ଇଭିଏମ ବନ୍ଦ କରି ବାଲାଟ ପେପର ମାଧ୍ୟମରେ ଭୋଟ ଦେବା, କେନ୍ଦ୍ର ସରକାରଙ୍କ ଦ୍ୱାରା ଓବିସି ମାନଙ୍କର ଜାତିଭିତ୍ତିକ ଜନଗଣନକୁ ବନ୍ଦ କରିବା, ଆର୍‌ଏସ୍‌ଏସ୍ ଓ ବିଜେପି ଦ୍ୱାରା ମୂଳ ନିବାସୀ ବହୁଜନ ମହାପୁରୁଷମାନଙ୍କୁ ଅପମାନିତ କରାଯିବା, ବୌଦ୍ଧ ଗୟା ମନ୍ଦିର ଆକ୍ଟ ୧୯୪୯ ବିରୋଧରେ ଓ ଅସାମ୍ବିଧାନିକ ୱାକଫ୍ ସଂଶୋଧନ ବିଧେୟକ ୨୦୨୫କୁ ବିରୋଧ କରି ହାଇସ୍କୁଲ ଛକଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ମୋହନା-ବ୍ରହ୍ମପୁର-ରାୟଗଡ଼ା-ପାରଳାଖେମୁଣ୍ଡି ଜାତୀୟ ରାଜପଥ ୩୨୬ ଓ ରାଜ୍ୟ ରାଜପଥ ସୋରଡା ଯିବା ରାସ୍ତାକୁ ଘେରାବନ୍ଦି କରି ସାଢ଼େ ସାତ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ରାସ୍ତାରୋକ ଫଳରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ଥିବା ଶହ ଶହ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୂର ଦୂରାନ୍ତର ଯିବାକୁ ଥିବା ଯାତ୍ରୀମାନେ ଆଜିର ବନ୍ଦ ସଂପର୍କରେ କିଛି ଜାଣିନଥିବା ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ। ଆଜିର ଏହି ରାସ୍ତାରୋକ ବନ୍ଦ ଡାକରାରେ ବିଭିନ୍ନ ସଂଗଠନର ଆବ୍ରାହାମ ଗମାଙ୍ଗ, ଦେବାନନ୍ଦ ନାୟକ, ପ୍ରମୋଦ ନାୟକ, ହାଡ଼ିବନ୍ଧୁ ନାୟକ, ସାଗର ବଳିଆର ସିଂ, ପ୍ରଫୁଲ୍ଲ ପରିଚ୍ଛା, ସୁଶାନ୍ତ ନାୟକ, ପାଶକାଲ ବେହେରା, ରାଜୀବ ନାୟକ, ଫେଲିସ ନାୟକ, ଲରେନସ ନାୟକ, ରମାକାନ୍ତ ନାୟକଙ୍କ ସମେତ ଦୁଇ ଶହରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବରାଳଙ୍କ ତତ୍ତ୍ୱାବଧାନରେ ଭାରତ ବର୍ଷର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବୀଣ ରାଜନେତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଶତବାର୍ଷିକ ପାଳିତ ହୋଇଯାଇଛି । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୀବନ ସମ୍ପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ବିଚାରକ ଭାବେ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ, ଶାଶ୍ୱତୀ ପ୍ରିୟା ସାହୁ, ଅଧ୍ୟାପକ ବରଦା ପ୍ରସାଦ ଜେନା, ଶଶିଭୂଷଣ ଜେନା ଓ ବିଶ୍ୱରଞ୍ଜନ ମିଶ୍ର ଯୋଗଦେଇଥିଲେ । ଏହି ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ୱେତା ପ୍ରିୟଦର୍ଶିନୀ ରାଉତ, ନମ୍ରତା ରାଉତ ଓ ଲିଜ୍ଞା ପ୍ରିୟଦର୍ଶିନୀ ରାଉତଙ୍କୁ ଅଧକ୍ଷ ଶ୍ରୀ ବଳ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନେ ପରିଚାଳନା କରିଥିଲେ ।



## ଆନ୍ଧ୍ର ବ୍ୟବସାୟୀଙ୍କ ଦଖଲରେ ଗୋଚର ଓ ଜଙ୍ଗଲ ଜମି

### ଗଛ କାଟି କପା ଚାଷ ପାଇଁ ପ୍ରସ୍ତୁତି

ବୌଦ୍ଧ (ଭାସ୍କର ନ୍ୟୁଜ୍) : ବୌଦ୍ଧ ତହସିଲ ଅନ୍ତର୍ଗତ ସରକାରୀ, ଜଙ୍ଗଲ ଜମି ଓ ଗୋଚର ଜମିରେ ଆନ୍ଧ୍ର ବ୍ୟବସାୟୀମାନେ ଶହ ଶହ ଏକର ଜମିରେ କପା ଚାଷ କରିବା ପାଇଁ ଜମି ପ୍ରସ୍ତୁତି କରୁଥିବା ଜଣାପଡିଛି । ବୌଦ୍ଧ ତହସିଲ ଅନ୍ତର୍ଗତ ତେଲିବନ୍ଧ, ବ୍ରାହ୍ମଣୀପାଲି, ବଘିଆପଡ଼ା, ଟିକରପଡ଼ା, ଆମ୍ବଝରି ଆଦି ପଞ୍ଚାୟତରେ ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଆନ୍ଧ୍ର ପ୍ରଦେଶର ଅନେକ କପା ବେପାରୀ ଏହି ଅଞ୍ଚଳକୁ ସେମାନଙ୍କର ଅଭୟାରଣ୍ୟ ଭାବେ ବାଛି ନେଇଛନ୍ତି । ଅଞ୍ଚଳରେ ଚାଷ କରୁଥିବା ଗରିବ ଆଦିବାସୀ ହରିଜନ ଲୋକଙ୍କୁ ଭୁଆଁ ବୁଲାଇ ତାଙ୍କ ଠାରୁ ଏକର ପିଛା ୫ ଶହରୁ ହଜାରେ ଟଙ୍କା ମଧ୍ୟରେ ବାର୍ଷିକ ଜମି ଲିଜ୍ ନେଇ କିମ୍ବା ଏକର ପିଛା ୫ହଜାରରୁ ୧୦ହଜାର ଟଙ୍କା ମଧ୍ୟରେ ଜମି କ୍ରୟ କରି କପା ଚାଷ କରୁଛନ୍ତି । ଆନ୍ଧ୍ର ବ୍ୟବସାୟୀଙ୍କ ନଜର ଏହି ଅଞ୍ଚଳରେ ଥିବା ସରକାରୀ ଅନାବାଦୀ, ଗୋଚର ଓ ଜଙ୍ଗଲ ଜମିକୁ ଜବର ଦଖଲ କରି କପା ଚାଷ କରୁଥିବାବେଳେ ବର୍ତ୍ତମାନ ଜଙ୍ଗଲ ଜମିରେ ଥିବା ଗଛଗୁଡିକ ବ୍ୟାପକ ଭାବେ କାଟି କପା ଚାଷ କରିବାକୁ ପଛେଇ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସୂଚନାମତେ ବଘିଆପଡା ପଞ୍ଚାୟତ ଅନ୍ତର୍ଗତ ଆମଠାପଡା ଛକ ନିକଟ ଡାହାଣ ପାର୍ଶ୍ୱରେ ଥିବା ଗଛ ଗୁଡିକ କାଟି କପା ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗାଁ ମୁଣ୍ଡରେ ଏକ ପୋଖରୀ ଅଛି । ଏ ସମ୍ପର୍କରେ ଗ୍ରାମବାସୀ ବଘିଆପଡ଼ା ରାଜସ୍ୱ ନିରୀକ୍ଷକ ଓ ବୌଦ୍ଧ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ କିଛି



ସୁଫଳ ମିଳିନାହିଁ । ବଘିଆପଡା ଓ ମୁଣ୍ଡାପଡ଼ା ରାଜସ୍ୱ ସର୍କଲର ଚାରପାଲି, ଖଲିଆପାଲି, ବାରକୋଡ଼ା, ଭୁକ୍ତାପଡା, ଦେବନ୍ଧ, ନେନ୍ଦନ, ତରଭା, ନାଗପାଲି, ଗୁହିରାଖଣ୍ଡି, ଝାରମୁଣ୍ଡା ଓ ମଲ୍ଲିକପଦର ଆଦି ଗାଁର ଶହ ଶହ ଏକର ସରକାରୀ ଓ ଜଙ୍ଗଲ ଜମିରେ ସେମାନେ କପା ଚାଷ କରିଥିବା ଅଭିଯୋଗ ହେଉଛି । କେତେ ଜଣ ସ୍ଥାନୀୟ ଦଲାଲଙ୍କ ଜରିଆରେ ଆନ୍ଧ୍ର କପା ବେପାରୀମାନେ ସେମାନେ ତାଙ୍କର ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି । ଆନ୍ଧ୍ର କପା ବ୍ୟବସାୟୀଙ୍କ ଜବରଦଖଲ ଫଳରେ ଏସବୁ ଗାଁର ଅନାବାଦୀ, ଗୋଚର ଓ ଜଙ୍ଗଲ ଜମି ସଙ୍କୁଚିତ ହେବା ଫଳରେ ଅଞ୍ଚଳର ଗୃହପାଳିତ ପଶୁଙ୍କ ଚାରଣରେ ଅସୁବିଧା ହେଉଛି । ବିଭିନ୍ନ ବିଷାକ୍ତ ରାସାୟନିକ ଔଷଧ କପା ଗଛରେ ପ୍ରୟୋଗ ଫଳରେ ଜଙ୍ଗଲର ପଶୁ ପକ୍ଷୀଙ୍କ ସମେତ ଗୃହ ପାଳିତ ପଶୁପକ୍ଷୀ ମାନେ ଅକାଳରେ ମୃତ୍ୟୁବରଣ କରୁଥିବା ସହ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି । ବନବିଭାଗ, ରାଜସ୍ୱ ବିଭାଗ ଓ ଗାଁର ପ୍ରଭାବଶାଳୀ ଲୋକଙ୍କୁ ହାତ କରି ଆନ୍ଧ୍ର କପା ବ୍ୟବସାୟୀମାନେ ଏସବୁ ବେନିୟମ କାମ କରୁଥିବାବେଳେ ଅଭିଯୋଗ ପରେ ବି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନନେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ରାସ୍ତାକଡ଼ ଜଙ୍ଗଲ ଜମିରୁ ବେଆଇନ ଭାବେ ଗଛ କାଟି କପା ଚାଷ କରାଯାଉଥିବାରୁ ବହୁ ମୂଲ୍ୟବାନ ବିରଳ ପ୍ରଜାତିର ଗଛ ମଧ ନଷ୍ଟ ହେଉଛି । ଏହି ପ୍ରକ୍ରିୟା ଦୀର୍ଘଦିନ ଧରି ଚାଲିଥିଲେ ମଧ ଜଙ୍ଗଲ ବିଭାଗ ପାଖରେ ଖବର ନାହିଁ ନା ମୋଟାଅଙ୍କର ଅର୍ଥ ନେଇ ନଜାଣିଲା ପରି ନିରବ ରହୁଛନ୍ତି ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି । ଅନ୍ୟପଟେ ଏହି କଟା ଯାଇଥିବା ଗଛଗୁଡ଼ିକୁ ସ୍ଥାନୀୟ ଦଲାଲଙ୍କ ଜରିଆରେ ଲୋକଙ୍କୁ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ଆନ୍ଧ୍ର କପା ଚାଷୀ ରୋଜଗାର କରୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ସ୍ଥାନୀୟ ପ୍ରଶାସନର କେତେକ ଦୁର୍ନୀତଗ୍ରସ୍ତ ଅଧିକାରୀଙ୍କ ପରୋକ୍ଷ ପ୍ରୋସ୍ତାହନରେ ଏପରି ବେଆଇନ କାରବାର ଚାଲିଥିବା ଗୁରୁତର ଅଭିଯୋଗ ହେଉଛି । ଏନେଇ ଗ୍ରାମବାସୀ ବଘିଆପଡା ରାଜସ୍ୱ ନିରୀକ୍ଷକ ଓ ବୌଦ୍ଧ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ କିଛି ଫଳପ୍ରଦ ହୋଇନାହିଁ । ଏନେଇ ଅତିରିକ୍ତ ତହସିଲଦାର ମହମ୍ମଦ ରଜାଇ ରସୁଲଙ୍କୁ ଯୋଗାଯୋଗ କରିବାରୁ ଯଦି ସରକାରୀ, ଗୋଚର ଜମି ଓ ଜଙ୍ଗଲ ଜମିରେ କପା ଚାଷ ହୋଇଛି ସମ୍ପୃକ୍ତ ଆର୍‌ଆଇ ମାନଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯିବ ଓ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ବୁଲା ଗୋରୁଙ୍କ କବ୍‌ଜାରେ ୧୬ନଂ ଜାତୀୟ ରାଜପଥ



ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ ଫାଣ୍ଡି ଓ ବଡଚଣା ଥାନା ଅଧୀନ ଚଣ୍ଡିଖୋଲ-ଭୁବନେଶ୍ୱର ୧୬ନଂ ଜାତୀୟ ରାଜପଥ ବୁଲା ଗାଈ ଗୋରୁଙ୍କ କବ୍‌ଜାରେ । ରାସ୍ତା ଉପରେ ସେମାନେ ଆଶ୍ରୟ ନେଉଥିବା ବେଳେ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ରାତି ସମୟରେ ପାରାଦ୍ୱୀପକୁ ଆସୁଥିବା ଓ ଯାଉଥିବା ଭାରୀଯାନ ରାସ୍ତାରେ ଶୋଇଥିବା ଗାଈ, ଗୋରୁ ଓ ଷଣ୍ଢଙ୍କୁ ଦେଖି ନପରି ଦୁର୍ଘଟଣା ଘଟାଉଛନ୍ତି । ଅନ୍ୟପଟେ ଦୁଇ ଚକିଆ ଚାଳକ ମଧ୍ୟ ଏମାନଙ୍କ ପାଇଁ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି । ଏସବୁ ପରେ ବି ପ୍ରଶାସନ ନିରବ ରହିବାକୁ ନେଇ ଅଭିଯୋଗ ହେଉଛି । ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱବର୍ତ୍ତୀଗ୍ରାମର ବହୁଲୋକ ଘରେ ଗାଈ ଗୋରୁ ପାଳନ କରିଥାନ୍ତି । ସକାଳ ହେଲେ ସେମାନଙ୍କୁ ଚରିବା ପାଇଁ ପଦାକୁ ଛାଡ଼ି ଦେଇଥାନ୍ତି । ଗୋଚର ଜମି ଜବରଦଖଲ ହୋଇଥିବାରୁ ଚରାଭୂମିର ଅଭାବ ଯୋଗୁ ପାର୍ଶ୍ୱରେ ଥିବା ଗାଈ ଗୋରୁ ରାସ୍ତା ମଝିରେ ଓ ପାର୍ଶ୍ୱ ଘାସ ଏବଂ ଗଛକୁ ଖାଇବାକୁ ପହଞ୍ଚି ଯାଇଥାନ୍ତି । ନିଜର ପେଟ ଭରିବା ପରେ ଗାଈ ଗୋରୁ ରାସ୍ତା ମଝିରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି । ଅନ୍ୟପଟେ ବହୁଲୋକ ଘରେ ଗୃହପାଳିତ ପଶୁ ପାଳନ କରୁଥିବା ବେଳେ ସେମାନଙ୍କୁ ଆଶ୍ରୟ ଦେବାକୁ ଗୁହାଳ ନିର୍ମାଣ କରୁନଥିବାରୁ ସେମାନଙ୍କ ଗାଈଗୋରୁ ଜାତୀୟ ରାଜପଥରେ ବୁଲାବୁଲି କରିବା ସହିତ ରାତିରେ ରାସ୍ତା ଉପରେ ଆଶ୍ରୟ ନେଉଛନ୍ତି । ଏବେ ବର୍ଷା ଯୋଗୁ ଗାଡ଼ି ଚଳାଇବାରେ ସମସ୍ୟା ହେଉଥିବା ବେଳେ ରାତିରେ ରାସ୍ତା ମଝିରେ ଶୋଇଥିବା ଗାଈଗୋରୁଙ୍କୁ ଦେଖି ନପାରି ଦୁର୍ଘଟଣା ଘଟୁଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଫଳ ଓ ଖାଦ୍ୟ ସାମଗ୍ରୀ ଦୋକାନରେ ଚଢ଼ାଉ

ଜଳେଶ୍ୱର (ଭାସ୍କର ନ୍ୟୁଜ): ସାରା ଓଡ଼ିଶାରେ ହଇଜା ଲାଗିଥିବା ଦୃଷ୍ଟିରୁ ଜଳେଶ୍ୱର ପୌର ପ୍ରଶାସନ ତତ୍ପର ହୋଇ ଉଠିଛି । ଜଳେଶ୍ୱର ଷ୍ଟେସନ ବଜାରରେ ଥିବା ଚନ୍ଦନ ସୁଇଟସ୍ ଓ ପଙ୍କଜ ସୁଇଟସ୍ ଦୁଇଟି ମିଠା ଦୋକାନ ଉପରେ ଶୁକ୍ରବାର ଜଳେଶ୍ୱର ପୌର ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ନିମ୍ନମାନର ଖାଦ୍ୟ ସାମଗ୍ରୀ ନଷ୍ଟ ସହ ଜରିମାନା କରାଯାଇଛି । ଷ୍ଟେସନ ବଜାରର ଏହି ଦୁଇ ମିଠା ଦୋକାନରେ ନିମ୍ନମାନର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେବା ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବା ନେଇ ପୌର ପ୍ରଶାସନ ନିକଟରେ ଅଭିଯୋଗ ହୋଇ ଆସୁଥିଲା । ଶୁକ୍ରବାର ଦୁଇ ମିଠା ଦୋକାନରେ ଚଢ଼ାଉ କରାଯାଇ ଦୋକାନରେ ଟ୍ରେଡ ଲାଇସେନ୍ସ ଓ ଫୁଡ୍ ଲାଇସେନ୍ସ ନଥିବା ଜାଣିବାକୁ ପାଇଥିଲେ । ପରେ ଦୋକାନରେ ବିକ୍ରି ହେଉଥିବା ଅସ୍ୱାସ୍ଥ୍ୟକର ମିଠା ଓ ତେଲଭାଜି ଇତ୍ୟାଦିକୁ ନଷ୍ଟ କରାଯାଇ ଦୁଇ ଦୋକାନୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଥିଲା । ଦୋକାନ ପାଇଁ ବୈଧ ପ୍ରମାଣପତ୍ର ପ୍ରାପ୍ତ ନହେବା ଯାଏ ଦୋକାନକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଚଢ଼ାଉରେ ସାମିଲ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି । ଏହି ଚଢ଼ାଉରେ ଜଳେଶ୍ୱର ଖାଦ୍ୟ ସୁରକ୍ଷା ଅଧିକାରୀ ଶଶିକାନ୍ତ ବେହେରା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ପରେ ସହରର ଅନ୍ୟ କେତେକ ଫଳ ଦୋକାନ ଓ ଖାଦ୍ୟ ସାମଗ୍ରୀ ଦୋକାନରେ ମଧ୍ୟ ଚଢ଼ାଉ କରାଯାଇଥିଲା ।

## ବିଧାୟକ ଓ ସଂସାଦଙ୍କ ଦ୍ୱାରା ମାରାଥନ ଉଦ୍‌ଘାଟନ



ଚିକିଟୀ (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ନିର୍ବାଚନ ମଣ୍ଡଳୀରେ ଆଜି ମାରାଥନ ଉଦ୍‌ଘାଟନ ପର୍ବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ କରି ସୁମାଣ୍ଡି ଠାରେ ନୂତନ ମେଡିକାଲ କୋଠା ପଞ୍ଚାଅଶୀ ଲକ୍ଷ ବ୍ୟୟ ବରଦାରେ, ସେହିପରି ସୁରଳ ଠାରେ ପ୍ରାୟ ପଞ୍ଚନବେ ଲକ୍ଷ ବ୍ୟୟ ବରାଦରେ ନୂତନ ମେଡିକାଲ କୋଠା, ଚିକିଟି ବ୍ଲକ ପରିସରରେ ସୁଭଦ୍ରା ସାଧନା କେନ୍ଦ୍ର, କୋଟଲିଙ୍ଗି ଠାରେ ନୂତନ ମେଡିକାଲ କୋଠାକୁ ମାନ୍ୟବର ବ୍ରହ୍ମପୁର ସଂସଦ ପ୍ରଦୀପକୁମାର ପାଣିଗ୍ରାହି, ସ୍ଥାନୀୟ ବିଧାୟକ ମନରଞ୍ଜନ ଦ୍ୟାନ ସାମନ୍ତରାଙ୍କ କରକମଳରେ ଲୋକାର୍ପଣ କରାଯାଇଥିଲା । ଏହି ପର୍ବରେ ଉଭୟ ସୁରଳ ଓ ସୁମାଣ୍ଡିରେ ବିଭାଗୀୟ ମୁଖ୍ୟ ଅଧିକାରୀ ଆର୍‌ଆଣ୍ଡବି, ଠିକାଦାର ନିରଞ୍ଜନ ବେହେରା, କାଁହୁ ନାହାକ, ରିଙ୍କୁ ପଢାଲଙ୍କ ସହ ବିଜେପିର ପିତଟୋଳି ମଣ୍ଡଳ ସଭାପତି ରେଣୁକିଶୋର ରେଡ୍ଡୀ ଯୋଗ ଦାନ କରିଥିବା ବେଳେ ବିଡିଓ ପ୍ରୋମଦ ନାୟକ, ତହସିଲଦାର ବିଶ୍ୱରଞ୍ଜନ କଁହରଙ୍କ ସହ ଦେବଦତ୍ତ ପଣ୍ଡା ସାମାଜିକ ମଙ୍ଗଳ ଅଧିକାରୀ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଦିଲୀପ କୁମାର ସାହୁଙ୍କ ସହ ଅନେକ ଯୋଗଦାନ କରିବା ସହ ବିଜେପି ମହିଳା କାର୍ଯ୍ୟକାରିଣୀ ସଦସ୍ୟା ମିନା ଦ୍ୟାନ ସାମନ୍ତରା ମଧ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ଇନରହୁଇଲ୍ କ୍ଲବର ଅଧିଷ୍ଠାନ ଉତ୍ସବ

ଯାଜପୁର (ଭାସ୍କର ନ୍ୟୁଜ୍) : ଯାଜପୁର ଇନରହୁଇଲ କ୍ଲବର ଅଧିଷ୍ଠାନ ଉତ୍ସବ ଏବଂ ଚିକିତ୍ସିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସ୍ଥାନୀୟ ରୋଟାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ବିଦାୟୀ ସଭାପତି ଯାଜ୍ଞସେନୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଲବର ଡିଷ୍ଟ୍ରିକ୍ଟ ଚେୟାରମେନ ସନ୍ଧ୍ୟାରାଣୀ ମିଶ୍ର ଓ ସ୍ୱତନ୍ତ୍ର ଅତିଥି ଭାବେ ଚାର୍ଟର ପ୍ରେସିଡେଣ୍ଟ ଗୌରପ୍ରିୟା ଦେବୀ ଯୋଗ ଦେଇଥିଲେ । ବିଦାୟୀ ସଭାପତି ଶ୍ରୀମତୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦାୟୀ ସମ୍ପାଦିକା ପ୍ରତିମା ସାହୁ ବିଗତ ବର୍ଷରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ନୂତନ ସଭାପତି ସତ୍ୟଭାମା ପତି ଓ ସମ୍ପାଦିକା ଲିଲି ରାଣୀ କର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ ପରେ ନୂତନ ସଭାପତି ଶ୍ରୀମତୀ ପତି ସଭା ପରିଚାଳନା କରିଥିଲେ । ପ୍ରାକ୍ ସୂଚନା ସହ ଚେୟାରମେନଙ୍କୁ ସ୍ୱାଗତ କରିଥିଲେ ଅଧ୍ୟାପିକା ସ୍ୱୟଂପ୍ରଭା ପଣ୍ଡା । ବରିଷ୍ଠ ସଭ୍ୟା ତିଳୋତ୍ତମା ଦାଶ ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ସନ୍ଧ୍ୟାରାଣୀ ମିଶ୍ର ତାଙ୍କ ବକ୍ତବ୍ୟରେ ଏହି କ୍ଲବ ସେବା ସ୍ନେହ ତ୍ୟାଗ ନିଷ୍ଠା ଓ ବନ୍ଧୁତ୍ୱ ର ମୁଖ୍ୟ ପରିଚୟ ବୋଲି କହିବା ସହିତ କ୍ଲବର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ । ଚାର୍ଟର ପ୍ରେସିଡେଣ୍ଟ ଗୌରପ୍ରିୟା ଦେବୀ ସମସ୍ତେ ମିଳିମିଶି କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଇନରହୁଇଲ କ୍ଲବ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ସମ୍ପାଦନ କରିଥିବା ପୂର୍ବତନ ରୋଟାରୀ କ୍ଲବ ସଭାପତି ଡ଼ା ରାଜ କିଶୋର ପଣ୍ଡା ବକ୍ତବ୍ୟ ରଖି ଅନୁଷ୍ଠାନର ଅଗ୍ରଗତି ନେଇ ପ୍ରଶଂସା କରିଥିଲେ ।

## ଅବକାରୀ ବିଭାଗର ଚଢ଼ାଉ ବେଳେ ବିପୁଳ ମଦ ଜବତ

ବ୍ରହ୍ମପୁର (ଭାସ୍କର ନ୍ୟୁଜ୍) : ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଚିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜରଡା ଥାନା ଅନ୍ତର୍ଗତ ଥଳିବାଡ, ଜରଡା ନାଇକ ସାହି, ସାମନ୍ତରାପୁର, କନ୍ଧବିଜିପୁର, ମହୁଲଥଳି ଆଦି ଗ୍ରାମରେ ଚଢ଼ଉ କରାଯାଇ ମହୁଲଥଳି ଗ୍ରାମର ଗୋଲାପି ଶବର, କନ୍ଧବିଜିପୁରର ଟୁବା ଦଳେଇ, ଦ୍ରୌପଦୀ ଦଳେଇ, ବାରିକ ଦଳେଇ ଓ କାହ୍ନୁ ଦଳେଇ ମାନଙ୍କ ଠାରୁ ମୋଟ ୧୧୨ ଲିଟର ଅପମିଶ୍ରିତ ଦେଶୀ ଚୋରା ରନ୍ଧା ମଦ ଜବତ କରାଯାଇ ସେମାନଙ୍କୁ ଘଟଣା ସ୍ଥଳରେ ଗିରଫ କରାଯାଇଛି ଏବଂ ମାନ୍ୟବର ପାତ୍ରପୁର ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ଫରୱାର୍ଡ କରିବା ସହ ସେମାନଙ୍କର ଜାମିନ



ନାମଞ୍ଜୁର ହେବାରୁ ସେମାନଙ୍କୁ ବ୍ରହ୍ମପୁର କାରାଗାରକୁ ପଠାଇ ଦିଆଯାଇଛି । ଏହି ଚଢ଼ାଉ ରେ ଡିଷ୍ଟ୍ରିକ୍ଟ ଷ୍ଟ୍ରିକିଂ ଫୋର୍ସ ଇନ୍ସପେକ୍ଟର ମନିଷା ଭୋଳ, ଚିକିଟି ଅବକାରୀ ଥାନା ଅଧିକାରୀ ସଞ୍ଜୟ କୁମାର ଭୁକ୍ତା, ଏଏସ୍‌ଆଇ ଆର୍. ଲକ୍ଷ୍ମୀ ରେଡ୍ଡୀ, ବସନ୍ତ କୁମାର ମଲ୍ଲିକ, ଅବକାରୀ କର୍ମଚାରୀ ସାହେବ ଶବର, ହର ପ୍ରସାଦ ମଲ୍ଲିକ, ପଦ୍ମାବତି ସେଠୀ, ବଳରାମ ପାତ୍ର, ପ୍ରଫୁଲ୍ଲ କୁମାର ବେହେରା, ଗୋବିନ୍ଦ ବେହେରା, ଅନିଲ ବେହେରା ପ୍ରମୁଖ ସାମିଲ ଥିଲେ ।

## ଡେରାବିଶ ମହାବିଦ୍ୟାଳୟରେ ଜାତୀୟ କର୍ମଶାଳା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ସହାୟତାରେ ଆଇକ୍ୟୁଏସି ତରଫରୁ 'Date to Dissertation with Qualitative Approaches for Student Projects' ଶୀର୍ଷକରେ ଦୁଇଦିନ ବ୍ୟାପୀ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଚନ୍ଦ୍ରଶେଖର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜନେସ୍ ଆଡମିନିଷ୍ଟ୍ରେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଶାରଦା ପ୍ରସାଦ ସାହୁ, ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଷ୍ଟାଟିଷ୍ଟିକ୍ସ ଆଣ୍ଡ ଆପ୍ଲାଏଡ଼ ମାଥମେଟିକସ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସରଡ. ଭବାନୀ ଶଙ୍କର ମହାନ୍ତି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ଫେଲୋ ଡ. ମହମ୍ମଦ ଇମରାନ ଯୋଗ ଦେଇଥିଲେ । ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପ୍ରାପ୍ତି ପାଇଁ ପ୍ରାୟୋଜିତ କାର୍ଯ୍ୟମାନଙ୍କର ଏକ ସମୟବଦ୍ଧ ଏବଂ ସଂସାଧନର ସୀମିତ




ପ୍ରୟାସ ହେଉଛି ପ୍ରକଳ୍ପ । ଏଥିପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବା ପାଇଁ ନୂତନ ପ୍ରତ୍ୟାଶାମୂଳକ ପ୍ରୟାସ ଆବଶ୍ୟକ । ସଂସାଧନ ସହିତ ସାଧନର ମଧ ଆବଶ୍ୟକତା ରହିଛି । ଗବେଷକ ହେବାକୁ ଉପଲବ୍ଧି ଦରକାର ଏବଂ ଉଚ୍ଚତର ଜ୍ଞାନ ପାଇଁ ଅଧ୍ୟବସାୟ ଓ ଅର୍ନ୍ତଦୃଷ୍ଟି କାରକ ଭାବେ କାର୍ଯ୍ୟକରେ ବୋଲି ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ବୃନ୍ଦାବନ ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଆଇକ୍ୟୁଏସି କୋଡିନେଟର ଅଧ୍ୟାପକ ବିଶ୍ୱଜିତ ସାହୁ କାର୍ଯ୍ୟକ୍ରମର ଆବାହକ ଭାବେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅର୍ଥନୀତି ବିଭାଗ ଅଧ୍ୟାପକ ସଞ୍ଜୟ କୁମାର ମିଶ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଡ. ରୁଦ୍ରାଙ୍ଗୀ ପଟ୍ଟନାୟକ, ଡ. ଭାଗ୍ୟଲକ୍ଷ୍ମୀ ସାହୁ ଏବଂ ଆକାଂକ୍ଷା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ନଗେନ୍ଦ୍ରନାଥ ପାଣି, ଗୁରୁଚରଣ ସେଠୀ, ରଘୁନାଥ ସାହୁ, ଡ. ସନ୍ଦୀପ ବଳ, ଅଧ୍ୟାପିକା ଡ. ପ୍ରଜ୍ଞା ପଟ୍ଟନାୟକ, ଅଧ୍ୟାପକ ଡ. କିଶୋର ଚନ୍ଦ୍ର ମଲ୍ଲିକ, ଜ୍ୟୋର୍ତିମୟ ବ୍ରହ୍ମା, ଷ୍ଟାଲିନ ଦିଗଲ, ଅଧ୍ୟାପିକା ଡ. ସୁଶ୍ରୀ ପଣ୍ଡା, ଶୁଭଶ୍ରୀ ପଣ୍ଡା, ସୁଭାଷିନୀ ମିଶ୍ର, ପ୍ରଜ୍ଞା ରାଉତରାୟ, ବନିତା ମହାରଣା, ଶୁଭଶ୍ରୀ ବେହେରା ଏବଂ ଡେମୋନଷ୍ଟ୍ରେଟର ଶରତ ଚନ୍ଦ୍ର ରାଉତ ଓ ସ୍ୱର୍ଣ୍ଣଲତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନାବାଳିକା ଅପହରଣ, ଥାନାରେ ଅଭିଯୋଗ !

ବଡ଼ଚଣା (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଧାନ ମଣ୍ଡଳ ଫାଣ୍ଡି ଅଧିନସ୍ଥ ରାମଚନ୍ଦ୍ରପୁର ଗ୍ରାମର ନାବାଳିକା ଅପହରଣ ହୋଇଥିବାର ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ଖବରରୁ ପ୍ରକାଶ ଯେ ଧାନମଣ୍ଡଳ ଫାଣ୍ଡି ପଛପଟରେ ଏକ ପରିବାର ରହୁଥିବାବେଳେ ରବିବାର ରାତି ଆନୁମାନିକ ସମୟ ତିନି ଟାରେ ବର୍ଷା (ଛଦ୍ମନାମ) ବୟସ (୧୪) ଏକାକୀ ସ୍ୱଚ୍ଛ କରିବାକୁ ଉଠି ବାରି ପଛକୁ ଯାଇଥିଲେ, ଆଉ ଘରକୁ ଆସିନଥିଲେ । ବହୁ ସମୟ ପରେ ପରିବାର ଲୋକେ ଉଠି ଦେଖି ବହୁ ଖୋଜାଖୋଜି କରି ସାହି ପଡିଶା ଲୋକଙ୍କୁ ଉଠାଇ ପଚରାଉଚରା ପରେ ନାବାଳିକା ଝିଅକୁ ପାଇନଥିଲେ । କେହି ଦୁର୍ବୃତ୍ତ ତାଙ୍କୁ ଜୋର୍ ଜବରଦସ୍ତ ଉଠାଇ ନେଇଛନ୍ତି ବୋଲି ପିତା ମାତା ଥାନାରେ ଅଭିଯୋଗ କରିଛନ୍ତି । ଏହି ନାବାଳିକା ଝିଅ ଧାନ ମଣ୍ଡଳ ସରକାରୀ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣାପଡ଼ିଛି । ପିତା ଭରତ ଚନ୍ଦ୍ର ନାୟକଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଥାନା ଅଧିକାରୀ ମଧୁସ୍ମିତା ବେହେରା ଏହି ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାୟିତ୍ୱ ମାନସୀ ବରାଳଙ୍କୁ ହସ୍ତାନ୍ତର କରିଛନ୍ତି । ତଦନ୍ତ ଅଧିକାରୀ କେସ୍ ନମ୍ବର ୧୨୯/୨୫ ଏକ ନାବାଳିକା ଅପହରଣ ମାମଲା ରୁଜୁ କରି ବିଭିନ୍ନ ସ୍ଥାନ ଚଢ଼ାଉ କରି ଗୋପି ଦେଉରିର ପୁତ୍ର ଲିଲୁ ଦେଉରି (୨୧ବର୍ଷ) ଅପହରଣ କରି ନେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଧର୍ମଶାଳା ଥାନା ଚଢ଼େଇ ଧରା ନିମ ସାହି ନୂଆ ବରଢ ଅଧିବାସୀ ଅଟନ୍ତି । ପୋଲିସ ଆସାମୀ ଘର ଲୋକଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଜାଣିପାରି ଲିଲୁ ଫେରାର ହୋଇଯାଇଛି । ନାବାଳିକା ଝିଅର କୌଣସି ପତ୍ତା ମିଳିନାହିଁ । ଖୁବଶୀଘ୍ର ଏମାନଙ୍କୁ ଠାବ କରାଯିବା ସହିତ ଏଥିରେ ସମ୍ପୃକ୍ତ ଥିବା ଆସାମୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗିରଫ କରାଯିବ ବୋଲି ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କ ଠାରୁ ପ୍ରକାଶ ।

## ଜନନେତା ସୁରେନ୍ଦ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ବର୍ଷିୟାନ ଜନନେତା ତଥା ପୂର୍ବତନ ମନ୍ତ୍ରୀ ତଥା ସ୍ୱର୍ଗତଃ ସୁରେନ୍ଦ୍ର ନାଥ ନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଅବସରରେ ଶନିବାର ପୂର୍ବାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ସୁରେନ୍ଦ୍ରନାଥ ବିଦ୍ୟାପୀଠ, ସୁନ୍ଦର ବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥି ଭାବେ କାକଟପୁର ନିର୍ବାଚନ ମଣ୍ଡଳୀ ବିଧାୟକ ଇଂ ତୁଷାରକାନ୍ତି ବେହେରା, ଗାନ୍ଧୀବାଦୀ ପ୍ରବକ୍ତା ପ୍ରହ୍ଲାଦ ସିଂ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରକାଶ ବେହେରାଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ସୁରେନ୍ଦ୍ର ନାଥ ନାୟକଙ୍କ ପ୍ରତିମୂର୍ତ୍ତି




ଉନ୍ମୋଚନ ହେବା ସହ ବିଦ୍ୟାଳୟ ତରଫରୁ ଏକ ସ୍ମରଣିକା 'ଅମ୍ଳାନ 'ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହା ପରେ ଅସ୍ତରଙ୍ଗ ସ୍ଥିତ ବାସଭବନ ପରିସରରେ ସ୍ୱର୍ଗତଃ ସୁରେନ୍ଦ୍ରନାଥ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଥିଲା । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିକୁ ଆସିଥିଲେ ସୁରେନ୍ଦ୍ର ନାଥ ନାୟକ । ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ବିକାଶର ସେ ଥିଲେ ପ୍ରକୃତ ବିନ୍ଧାଣୀ । ସ୍ୱର୍ଗତଃ ସୁରେନ୍ଦ୍ର ନାଥ ନାୟକଙ୍କର ପରଲୋକ ଜୁଲାଇ ୫ ତାରିଖ ସକାଳ ୬ଘଟିକାରେ ଭୁବନେଶ୍ୱରସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଦେହାନ୍ତ ସମୟରେ ତାଙ୍କୁ ୯୩ବର୍ଷ ବୟସ ହୋଇଥିଲା । ୧୯୬୦ମସିହାରେ ଅସ୍ତରଙ୍ଗ ପଞ୍ଚାୟତ ସମିତିର ଅଧକ୍ଷ ଭାବେ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ । ୧୯୭୧ମସିହାରେ କାକଟପୁର ନିର୍ବାଚନ ମଣ୍ଡଳୀରୁ ଉତ୍କଳ କଂଗ୍ରେସର ପ୍ରାର୍ଥୀ ଭାବେ ପ୍ରଥମେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ଏହା ପରେ ୧୯୭୭ ଓ ୧୯୮୫ରେ ଜନତା ପାର୍ଟି ଏବଂ ୧୯୯୦ ଓ ୧୯୯୬ରେ ଜନତା ଦଳରୁ ବିଧାୟକ ଥିଲେ । ୨୦୦୦ ଓ ୨୦୦୪ମସିହାରେ ବିଜେଡି ଦଳରୁ ୨ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ସେ କାକଟପୁର ନିର୍ବାଚନ ମଣ୍ଡଳୀ ରୁ ୭ଥର ବିଧାନସଭା କୁ ପ୍ରତିନିଧିତ୍ୱ କରିଥିବା ବେଳେ କୃଷି, ଶିକ୍ଷା, ପଞ୍ଚାୟତିରାଜ, ରାଜସ୍ୱ ଓ ଅବକାରୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିଲେ । ୧୯୭୭ମସିହାରେ ଶ୍ରୀ ନାୟକ ବିଧାନସଭାର ଉପବାଚସ୍ପତି ହୋଇଥିଲେ । ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସେ ଅନ୍ୟତମ ଘନିଷ୍ଠ ସହଯୋଗୀ ଥିଲେ । ୨୦୦୯ରୁ ୨୦୧୪ଯାଏଁ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ଦାୟିତ୍ୱରେ ରହିଥିଲେ । ତେବେ ୨୦୧୯ଶ୍ରୀ ନାୟକ ଅସୁସ୍ଥ ଥିଲେ । ଶନିବାର ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ସୁରେନ୍ଦ୍ର ନାଥ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ସୁରେନ୍ଦ୍ର ନାଥ ନାୟକ ଜ୍ୟେଷ୍ଠ ପୁତ୍ର ତଥା ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ସୁରେନ୍ଦ୍ର ନାଥ ବିଦ୍ୟାପୀଠର ଶିକ୍ଷକ, ଶିକ୍ଷୟିତ୍ରୀ, କାକଟପୁର ନିର୍ବାଚନ ମଣ୍ଡଳୀ ର ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା, ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତର ବର୍ତ୍ତମାନ ସରପଞ୍ଚ ଓ ପୂର୍ବତନ ସରପଞ୍ଚ, ବୁଦ୍ଧିଜୀବୀଙ୍କ ସମେତ ଅସ୍ତରଙ୍ଗ, ଅଞ୍ଚଳର ଜନସାଧାରଣ ଅଂଶଗ୍ରହଣ କରିଥିଲେ ।

## ରାଶିଫଳ


ରବିବାର, ୦୬ ଜୁଲାଇ ୨୦୨୫



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ । ବ୍ୟବସାୟ ଯାତ୍ରା ଲାଭଦାୟକ ହେବ । ଲାଭ ସୁଯୋଗ ଆସିବ । ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବିନିଯୋଗ ଶୁଭ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ପାରିବାରିକ ସୁଖ ଏବଂ ଶାନ୍ତି ରହିବ ।




**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ । ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ । ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ । ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ । ସମ୍ମାନ ପାଇବେ । ଟଙ୍କା ମିଳିବା ସହଜ ହେବ ।



**ମିଥୁନ:** ଯେକୌଣସି ବଡ ସମସ୍ୟାର ସମାଧାନ ସହଜ ହେବ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କ ସହିତ ରହିବ ।




**କର୍କଟ :** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ । ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ । ଚିନ୍ତା ଏବଂ ଟେନସନ ରହିବ ।



**ସିଂହ:** ଶତ୍ରୁତା ରହିବ । ପୂଜାରେ ନିୟୋଜିତ ହେବେ । ବ୍ୟବସାୟରୁ ଲାଭ ବୃଦ୍ଧି ହେବ । କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ । ଏକ ବିବାଦରେ ବିଜୟ ହାସଲ କରାଯାଇପାରେ । ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ । ଚିନ୍ତିତ ହେବେ ।




**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ । ପରିବାରରେ ଯେ କୌଣସି ଚାହିଦା କାମ ସମ୍ଭବ । ଅସ୍ଥିରତା ହୋଇପାରେ । ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ । ତତ୍ପରତା ନାହିଁ । ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ପ୍ରୟାସ ସଫଳ ହେବ । ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ । କିଛି ବଡ କରିବାର ଇଚ୍ଛା ହେବ । ବ୍ୟବସାୟ ଭଲ କରିବ । ଟଙ୍କା ମିଳିବା ସହଜ ହେବ ।




**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ । ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ । ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ । ବେପରୁଆ ହୁଅନ୍ତୁ ନାହିଁ । କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି । ଚିନ୍ତା ଏବଂ ଟେନସନ ରହିବ । ବ୍ୟବସାୟ ଭଲ କରିବ ।




**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି । ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ । ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ । କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ । ବ୍ୟବସାୟ ଭଲ କରିବ । ଆୟରେ ନିଶ୍ଚିତତା ରହିବ । ଚିନ୍ତିତ ହେବେ ।



**ମକର:** କାରବାରରେ ସାବଧାନ ରୁହ । ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ଆୟ ବୃଦ୍ଧି ପାଇବ । ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ । କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ । ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ । ବିବାଦର ସମାଧାନ ହୋଇପାରିବ । ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ । ଖୁସି ହେବେ । ପାରିବାରିକ ସହାୟତା ଜାରି ରହିବ । ଆୟ ବୃଦ୍ଧି ପାଇବ ।



**ମୀନ:** ସୁଖ ବୃଦ୍ଧି ପାଇବ । ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ । ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ । ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ । ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ । ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ ।



ପ୍ରସ୍ତୁତି
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): କୋଷାଗୁମୁଡା ସଦର ମହକୁମାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ କୋଷାଗୁମୁଡା ଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର ହାଲଦାରଙ୍କ ଅଧ୍ୟକ୍ଷତାରେ 'ବନ ମହୋତ୍ସବ' ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର, ସମ୍ମାନୀୟ ଅତିଥି ଭାବରେ ସାହିତ୍ୟିକ ସହଦେବ ପରିଡା, ସରପଞ୍ଚ ଡାଳିମ୍ବ ମାଝୀ, ପୂର୍ବତନ ସରପଞ୍ଚ ହରିବନ୍ଧୁ ମାଝୀ, ସମିତି ସଭ୍ୟ ଲକ୍ଷ୍ମଣ ପୂଜାରୀ, ଫରେଷ୍ଟ ଗାର୍ଡ ରଶ୍ମିତା ତ୍ରିପାଠୀ, କୋଡ଼ିଙ୍ଗା ଜଙ୍ଗଲ ବିଭାଗର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ବିଦ୍ୟାଳୟର ଜୁନିୟର ରେଡକ୍ରସ, ଭାରତ ସ୍କାଉଟ ଓ ଗାଇଡ୍, ଇକୋ କ୍ଳବ ଓ ଶକ୍ତି କ୍ଳବର ସମସ୍ତ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ବୃକ୍ଷଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ନଳିନୀ କାନ୍ତ ପାତ୍ର, ବିଶ୍ୱେଶ୍ୱର ସାହୁ, ଅଭୟ କୁମାର ସାମଲ, ନୀଳାମ୍ବର ତ୍ରିପାଠୀ, ଲୋକନାଥ ଭତ୍ରା, ଗୀତାଞ୍ଜଳି ଚଲାଣ, ସୁଜାତା ପାତ୍ର, ନୂତନ କୁମାର ନାୟକ, କର୍ମଚାରୀ ତପନ କୁମାର ଖୋସଲା, ବିନାୟକ ପ୍ରହରାଜ ଓ ଯଶରାଜ କୁମାର ପରିଡା ଉପସ୍ଥିତ ଥିଲେ ।



# ଜିଆଇଇଟି ବିଶ୍ୱବିଦ୍ୟାଳୟ ଓ ସର୍ଭିସ୍ ନାଓ କମ୍ପାନୀ ମଧ୍ୟରେ ଏକାଡେମିକ୍ ପାର୍ଟନର ଚୁକ୍ତିନାମା




ଗୁଣୁପୁର(ଭାସ୍କର ନ୍ୟୁଜ୍):ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରର ମେଗା ଅଡିଟୋରିମରେ ସର୍ଭିସ୍ ନାଓ କମ୍ପାନୀ ଓ ଜିଆଇଇଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକାଡେମିକ୍ ପାର୍ଟନର ଭାବେ ଅନୁବନ୍ଧିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ସର୍ଭିସ୍ ନାଓ କମ୍ପାନୀର ଏଲ ଆଣ୍ଡ ଡି ନିର୍ଦ୍ଦେଶକ ଭାସ୍କର ଗନ୍ଦୱାଡି ଯୋଗଦେଇ ବିଶ୍ୱବିଦ୍ୟାଳୟକୁ ଏକାଡେମିକ୍ ପାର୍ଟନର ଭାବେ ଘୋଷଣା କରିଥିଲେ।ଏହା ସହ ଛାତ୍ର ଛାତ୍ରୀ ମାନଙ୍କୁ ଆଧୁନିକ ଜ୍ଞାନ କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯିବ ଯାହା ଫଳରେ ଛାତ୍ରଛାତ୍ରୀ ମାନଙ୍କୁ ନିଯୁକ୍ତି ପାଇବା କ୍ଷେତ୍ରରେ ଦକ୍ଷତା ହାସଲ କରିପାରିବେ। ଏହା ସହ ନାମୀ ଦାମୀ କମ୍ପାନୀରେ ନିଯୁକ୍ତି ପ୍ରାପ୍ତ କରିପାରିବେ। ଏହି ସଭାରେ କୁଳପତି ଡ. ଏଭିଏନଲ ଶର୍ମା, ରେଜିଷ୍ଟ୍ରାର ଡ .ଏନଭିଜେ ରାଓ, କମ୍ପୁଟର ବିଭାଗର ଡେପୁଟି ଡିନ୍ କେ. ମୁରଲୀ ଗୋପାଳ, ତାଲିମ ଓ ନିଯୁକ୍ତି ବିଭାଗ ମୁଖ୍ୟ ଡ. ଜ୍ୟୋତିର୍ମୟ ମିଶ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଶାନ୍ତି ଶୃଙ୍ଖଳା ସହ ବାହୁଡ଼ା ଯାତ୍ରା ସମ୍ପନ୍ନ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମା ସମେତ, ଜୋଡ଼ିଙ୍ଗା, ତୁରୁଡ଼ି, ବାଗବେଢ଼ା, ହଟଭରାଣ୍ଡି ହତୀଙ୍ଗା, ଚିଙ୍ଗିଡ଼ା ଭାଟା, ମୁଣ୍ଡି ବେଢ଼ା ଆଦି କେତେକ ସ୍ଥାନରେ ଜଗତର ନାଥ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ସଂପନ୍ନ ହୋଇଯାଇଛି। ରୀତି ନୀତି ଅନୁଯାୟୀ ପୂଜାଚର୍ନା ପରେ ଘଣ୍ଟକାହାଳୀ ମୃଦଙ୍ଗ ରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ଓ ଭଉଣୀ ସୁଭଦ୍ରା ରଥାରୁଢ ହୋଇ ନିଜ ଘରକୁ ଫେରିଛନ୍ତି ।ହଜାର ହଜାର ଭକ୍ତଙ୍କ ଗହଣ ରଥ କୁ ବିଜେ କରିଥିଲେ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ଦେବୀ ସୁଭଦ୍ରା। ତାପରେ ଦିନ ୩,୩୦ ମିନିଟ ରେ ରଥ ଟଣା ଆରମ୍ଭ ହୋଇଥିଲା । ପ୍ରଭୁଙ୍କ ସୁନା ବେଶ, ଅଧର ପଣା, ସହ ଠାକୁର ନିଜର ଜନ୍ମ ସ୍ଥାନକୁ ବିଜେ କରିବେ।ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ୍ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଯୁବକ ସଂଘ ତଥା ସ୍ଥାନୀୟ ଲୋକ ରଥ ଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବେ ସହଯୋଗ କରିଥିବା ଦେଖିବାକୁ ମିଳିଥିଲା। ରଥ ଯାତ୍ରା ଠାରୁ ବାହୁଡା ଯାତ୍ରା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଅନ୍ନଭୋଗ ସହ କାକରା ଭୋଗ ଏବଂ ସନ୍ଧ୍ୟା ସମୟରେ ମଧ ଭୋଗ କରାଯାଇ ବଣ୍ଟାଯାଉଥିଲା।

## ତେଲେଙ୍ଗାନା ଫାର୍ମା କମ୍ପାନୀ ଫ୍ୟାକ୍ଟ୍ରି ବିସ୍ଫୋରଣ ଘଟଣା

# ଡିଏନ୍ଏ ଟେଷ୍ଟ ପରେ ଗାଁରେ ପହଞ୍ଚିଲା ମୃତଦେହ



ଉମରକୋଟ(ଭାସ୍କର ନ୍ୟୁଜ୍): ତେଲେଙ୍ଗାନାର ସାଙ୍ଗାରେଡ୍ଡି ଜିଲ୍ଲାର ପଶାମୟାଲାରାମରେ ଥିବା ସିଗାଚି ଇଣ୍ଡଷ୍ଟ୍ରିଜ ଔଷଧ କାରଖାନାରେ ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୩୪ କୁ ବୃଦ୍ଧି ପାଇଥିବା ବେଳେ ସେଥିମଧ୍ୟରୁ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଭିକ୍ଷା ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ କୋଦଭଟ୍ଟା ଗ୍ରାମର ୨ ଯୁବ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କୃଷ୍ଣ ଗୌଡ଼ଙ୍କ ୨୨ ବର୍ଷର ପୁଅ ରମେଶ ଗୌଡ଼ ଏବଂ ହରିଚନ୍ଦ୍ର ଭତ୍ରାଙ୍କ ୨୩ ବର୍ଷ ର ପୁଅ ଚଇତୁ ଭତ୍ରା। ବିସ୍ଫୋରଣ ଘଟଣାରେ ଦୁହିଁଙ୍କ ମୃତ୍ୟୁ ହୋଇଥିବା ନେଇ ଗତ ମଙ୍ଗଳବାର ସକାଳ ପ୍ରାୟ ୯ ଟା ସମୟରେ ଝରିଗାଁ ବ୍ଲକରୁ ଯାଇଥିବା ଅନ୍ୟ ଯୁବକମାନେ ଏନେଇ ଖବର ଦେଇଥିଲେ । ଦୁଇ ମୃତକଙ୍କ ଶବ ନେବା ସକାଶେ ଉଭୟ ପରିବାରର ସଦସ୍ୟଙ୍କୁ ଡିଏନଏ ଟେଷ୍ଟ କରାଯିବା ନେଇ କୁହାଯାଇଥିଲା । ଏଥି ସକାଶେ ରମେଶଙ୍କ ବଡ଼ ଭାଇ ବଳି ଗୌଡ଼, ଏବଂ ଚଇତୁଙ୍କ ସମ୍ପର୍କୀୟ ଭାଇ କୁମ ଭତ୍ରା ବୁଧବାର ଦିନ ତେଲେଙ୍ଗାନା ବାହାରିଥିଲେ । ଡିଏନଏ ରିପୋର୍ଟ ଆସିବା ପରେ ଦୁଇ ମୃତକଙ୍କ ଶବ ଗୁରୁବାର ସନ୍ଧ୍ୟା ସମୟରେ କୋଦଭାଟା ଗ୍ରାମ ରେ ପହଞ୍ଚିଥିଲା । ଏହି ଶବ ପହଞ୍ଚାଇବା ପାଇଁ ତେଲେଙ୍ଗାନାରୁ ଆମ୍ବୁଲାନ୍ସ ଆସିଥିଲା ଏବଂ ଏଥିରେ ତେଲେଙ୍ଗାନା ପୋଲିସ କର୍ମଚାରୀ ଆସିଥିଲେ । ଫଟୋ ପ୍ରମାଣ ସହ ମୃତଦେହ ଗୁଡ଼ିକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ। ମୃତଦେହ ପହଞ୍ଚିବା ପରେ ଗାଁ ରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା । କାନ୍ଦ ବୋବାଳିରେ ଫାଟି ପଡୁଥିଲା ଗାଁ ଦାଣ୍ଡ। ତେଲେଙ୍ଗାନା ସରକାରଙ୍କ ତରଫରୁ ମୃତକଙ୍କ ପରିବାରଙ୍କୁ ଏକ ଲକ୍ଷ ଲେଖାଏ ସହାୟତା ରାଶି ଦିଆଯାଇଛି । ଉକ୍ତ କମ୍ପାନୀ ତରଫରୁ ପରବର୍ତ୍ତୀ ସମୟ ରେ ଏକ କୋଟି ଲେଖାଏଁ ସହାୟତା ଦିଆଯିବ ବୋଲି ସୂଚନା ମିଳିଛି । ଜିଲ୍ଲା ଶ୍ରମ ଅଧିକାରୀ ମାନସ ଖୋସଲା କୋଦଭାଟାରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ ଭେଟି ସମସ୍ତ ସୂଚନା ନେଇଛନ୍ତି। ଏହି ମୃତକ ଙ୍କ ପରିବାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ରୁ ୧୦ ଲକ୍ଷ ଲେଖାଏଁ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି । ଶୋକାକୁଳ ପରିବେଶରେ ଉଭୟ ମୃତ ଦେହକୁ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି ।

## ଅବକାରୀ ବିଭାଗର ମୋବାଇଲ ସ୍କ୍ୱାର୍ଡ଼ର ଚଢାଉ, ୫୪ ମାମଲା ରୁଜୁ

ବରଗଡ(ଭାସ୍କର ନ୍ୟୁଜ୍):ବରଗଡ଼ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ତରଫରୁ ଏକ ମାସ ଧରି ଚାଲିଥିବା ଚଢାଉରେ ସମଗ୍ର ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ୫୪ ଟି ଅବକାରୀ କେଶ୍ ହୋଇଥିବା ବେଳେ ୧୦ ଜଣ ବେଆଇନ ଚୋରା ଚାଲାଣକାରୀ ଗିରଫ ହୋଇ କୋର୍ଟ ଫରଓ୍ୱାର୍ଡ ହୋଇଛନ୍ତି । ୨୧୧୭ ଲିଟର ମହୁଲି ମଦ, ୫୫୦ ଲିଟର ମହୁଲ ପୋଚ ନଷ୍ଟ ହେବା ସହିତ ଭାଟିରନ୍ଧା ମହୁଲି ମଦ ୨୪୮ ଲିଟର, ବିଦେଶୀ ମଦ ୭.୫୬୦ ଲିଟର ଜବତ ହୋଇଥିବା ବେଳେ, ଏହାର ଆନୁମାନିକ ମୂଲ୍ୟ ୨୪ ଲକ୍ଷ ୨୦ ହଜାର ୪୬୦ ଟଙ୍କା ବୋଲି ଜଣାଯାଇଛି । ଜିଲ୍ଲା ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ମୋବାଇଲ ସ୍କ୍ୱାର୍ଡ ଚଢାଉରେ ମୋବାଇଲ ଅବକାରୀ ଇନ୍ସପେକ୍ଟର ରଶ୍ମିତା ଲାକ୍ରା, ଗୋକୁଳ ଧର, ଏଏସଆଇ ନନ୍ଦିକେଶ୍ୱର ପ୍ରଧାନ, ଦୟାନିଧି କଲେତ୍ ପ୍ରମୁଖ ଅବକାରୀ ଷ୍ଟାଫ୍ ଯୋଗ ଦେଇଥିଲେ ।

## ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୫ ଅସୁସ୍ଥ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗଞ୍ଜାପାରା ପଂଚାୟତ ଅନ୍ତର୍ଗତ ମାରଙ୍ଗ ପାଲ୍ଲୀ ଗ୍ରାମରେ ବିଷାକ୍ତ ଛତୁ ଖାଇ ଗୋଟାଏ ପରିବାର ର ୫ ଜଣ ଅସୁସ୍ଥ ହୋଇଥିବା ଜଣାଯାଇଛି। ସମସ୍ତେ ଚିକିତ୍ସା ପାଇଁ ରାଇଘର ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ସ୍ୱାସ୍ଥ୍ୟ ସ୍ଥିର ଥିବା କାର୍ଯ୍ୟରତ ଡକ୍ଟର ପ୍ରକାଶ କରିଛନ୍ତି। ଖବର ନେବାରେ ଜଣାଯାଇଛି ଯେ ନିକଟରେ ଥିବା ପାଳ ଗଦାରୁ ହୋଇଥିବା ଛତୁ ଆଣି ରୋଷେଇ କରି ପରିବାର ଲୋକେ ଖାଇଥିଲେ। ଖାଇବା ପରେ ମୁଣ୍ଡ ବୁଲାଇବା ସହ ଝାଡ଼ାବାନ୍ତି ହୋଇଥିଲା। ତାପରେ ସେମାନଙ୍କୁ ରାଇଘର ମେଡିକାଲକୁ ଅଣାଯାଇଥିଲା।

# ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ବନାଞ୍ଚଳ ପକ୍ଷରୁ ବଳଙ୍ଗୀବାହାଲ ଗ୍ରାମ୍ୟ ଜଙ୍ଗଲରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଆଞ୍ଚଳିକ ବନ ସଂରକ୍ଷକ, ସମ୍ବଲପୁର ମଣ୍ଡଳ ଟି. ଅଶୋକ କୁମାର, ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ୍ଟ, ପ୍ରହଲ୍ଲାଦ ନାୟକ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରଜରାଜନଗର ରେଞ୍ଜର ରିସନା ଜାମଡାଲିଆ କାର୍ଯ୍ୟକ୍ରମର ଅଧକ୍ଷତା କରିଥିଲେ। ମଞ୍ଚ ପରିଚାଳନା ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ କରିଥିଲେ। ଏହି ଉପଲକ୍ଷେ ଅତିଥିମାନଙ୍କ ଦ୍ୱାରା ସବୁଜ ରଥ ଉଦ୍ଘାଟନ ହୋଇଥିଲା। ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରିବା ସହିତ ଚାରା ବିତରଣ କରିବ ବୋଲି ସୂଚନା ଦିଆଯାଇଥିଲା। ଅତିଥିଗଣ, ବନ ସୁରକ୍ଷା ସମିତି ତଥା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବଳଙ୍ଗୀବାହାଲ ଗ୍ରାମ୍ୟ ଜଙ୍ଗଲରେ ଏକ ହଜାର ଚାରାରୋପଣ କରିଥିଲେ। ଫରେଷ୍ଟର ସରୋଜ ଭୋଇ, ଅଜୟ ବିଶ୍ୱାଳ, ଗୌରାଙ୍ଗ ସାହୁ, ସଞ୍ଜୀବ ଚୌଧୁରୀ, ଉପେନ୍ଦ୍ର ବେସନ, ହରିପ୍ରିୟା ଭୋଇ ଓ ଫରେଷ୍ଟ ଗାର୍ଡ କିଶୋର ଷଣ୍ଢ, ରିମା ପଟେଲ, ସୋନମ ପଟେଲ, ସଂଘମିତ୍ରା ସାମଲ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ



ସମ୍ବଲପୁର (ଭାସ୍କର ନ୍ୟୁଜ୍): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଶୁଭାରମ୍ଭ ସହ ସମ୍ବଲପୁର ଆରଡ଼ିସି କାର୍ଯ୍ୟାଳୟ ପରିସରରେ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ଶ୍ରୀ ପ୍ରଧାନ ଏହି ଗସ୍ତ କାଳରେ ପ୍ରଥମେ ସମ୍ବଲପୁରର କଣ୍ଟାପାଲି ଠାରେ ବରଗଡ଼ ପାର୍ଶ୍ୱ ଏବଂ ପରଢିଆପାଲୀ ଝାରସୁଗୁଡ଼ା ପାର୍ଶ୍ୱ 'ଐତିହ୍ୟ ସ୍ୱାଗତମ୍ ସମ୍ବଲପୁର ତ୍ୱରଣ'ର ଉଦଘାଟନ କରିଥିଲେ । ସମ୍ବଲପୁର ଦୁର୍ଗାପାଲି ଛକରେ ବିଭିନ୍ନ ସୌନ୍ଦର୍ଯ୍ୟମୂଳକ ପ୍ରକଳ୍ପର ଲୋକାର୍ପଣ କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ସେ କହିଥିଲେ ସ୍ଥାନୀୟ ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଝଲକ ଥିବା ଲୋକାର୍ପିତ ସ୍ୱାଗତ ତୋରଣ ସହରକୁ ଯାଉଥିବା ପଥଚାରୀଙ୍କ ଶୋଭାବର୍ଦ୍ଧନ କରିବ । ସମ୍ବଲପୁର ମହାନଗର ନିଗମକୁ ଅଧିକ ସୁନ୍ଦର କରିବାରେ ଏହି ପଦକ୍ଷେପ ପ୍ରଶଂସନୀୟ। ସମ୍ବଲପୁରକୁ ଏକ ଆକର୍ଷଣୀୟ ସହର କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ । ପରବର୍ତ୍ତୀ ସମୟରେ ଶ୍ରୀ ପ୍ରଧାନ ସମ୍ବଲପୁର ଆରଡ଼ିସି କାର୍ଯ୍ୟାଳୟକୁ ଯାଇ ସେଠାରେ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମିଳନୀ କକ୍ଷକୁ 'ସ୍ୱଭାବ କବି ଗଙ୍ଗାଧର ମେହେର କକ୍ଷ'ରେ ନାମିତ ଏବଂ ଓଡ଼ିଶାର ବରପୁତ୍ର ମାନଙ୍କର ପେନସିଲ୍ ଫଟୋଚିତ୍ର ଲୋକାର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ବୈଠକରେ କୁଦୋପାଲିରେ ଯୁଦ୍ଧ ସ୍ମାରକୀ ପ୍ରତିଷ୍ଠା, କୋଣାର୍କରେ ଲାଇଟ୍ ଆଣ୍ଡ ସାଉଣ୍ଡ୍ ସୋ' ଓ ବାଖ୍ୟାନ କେନ୍ଦ୍ର ଭଳି ବ୍ୟବସ୍ଥା କରିବା ତଥା ଏକ କଳା ମହାବିଦ୍ୟାଳୟ ସ୍ଥାପନ କରିବା ଦିଗରେ ପ୍ରଶାସନିକ ଅଧିକାରୀ ମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ । ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଅଇଁଠାପାଲି ଠାରେ ନବନିର୍ମିତ ସିଦ୍ଧି ବିନାୟକ ମନ୍ଦିରରେ ଦର୍ଶନ କରିଥିଲେ ।

## ■ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମହାଦୁର୍ନୀତିର ପର୍ଦ୍ଦାଫାଶ

# ବଦଳି ପାଇଁ ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଚିଠି

## ତଦନ୍ତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱୀକାରୋକ୍ତି ଓ ଭରଣା ଦେବାକୁ ସହମତି

କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା, କୁଚିଣ୍ଡା ଉପଖଣ୍ଡ ଓ ବ୍ଲକ ଅନ୍ତର୍ଗତ କୁସୁମୀ ବଳରାମ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲିଲି ପୁନମ୍ ସୋରେନଙ୍କ ମହାଦୁର୍ନୀତିର ୮ଥର ତଦନ୍ତ ପରେ ଚଞ୍ଚକତାର ପରଦା ଫାସ୍ ହୋଇଛି। ପୂର୍ବରୁ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ବର୍ତ୍ତମାନର ନୂତନ ଶିକ୍ଷା ଜିଲ୍ଲା ଅଧିକାରୀ ଲକ୍ଷ୍ମଣ ଭୋଇ ଘଟଣାର ଅଷ୍ଟମ ତଦନ୍ତ ଉପଜିଲ୍ଲା ଶିକ୍ଷା ଅଧିକାରୀ ତଦନ୍ତ ପରେ, ସମସ୍ତ ଅଭିଯୋଗ ସତ୍ୟ ଜଣାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କରିଥିବା ଚଞ୍ଚକତା ଭରଣା ନିମନ୍ତେ ସ୍ୱୀକାରନାମା ଲିଖିତ ଭାବେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରେ ପ୍ରଦାନ କରିଛନ୍ତି ବୋଲି ଏହି ସୂତ୍ରରୁ ଜଣାପଡିଛି। ଶିକ୍ଷା ଜିଲ୍ଲା ଅଧିକାରୀ ଓଡିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି ନିମନ୍ତେ ଚିଠି କରିଛନ୍ତି। ସ୍କୁଲରେ ଥିବା ମୂଲ୍ୟବାନ ଗଛ ଓ



'ଓଡିଶା ଭାସ୍କର'ର ପ୍ରଭାବକୁ ଉପଖଣ୍ଡରେ ପ୍ରଶଂସା

ପୁରୁଣାଫର୍ଣ୍ଣିଚରକୁ ହଷ୍ଟେଲର ଜାଳେଣୀ କାଠ ଭାବେ ବ୍ୟବାହାରରେ ଲଗାଇ ମିଥ୍ୟା ବିଲ ଭାଉଚର ଦେଇ ଅର୍ଥ ଆତ୍ମସାତ୍ କରିବା, ବିନା ବନ ବିଭାଗ ମଞ୍ଜୁରିରେ ବେଆଇନ ଭାବେ ଗଛକଟା ଯାଇଛି। ସ୍କୁଲଛାତ୍ରଙ୍କୁ ମଜୁରିଆ କାର୍ଯ୍ୟରେ ନିୟୋଜିତ, ଓ ଫର୍ଜରୀ ବିଲ କରିବା, ସରକାରୀ ନିୟମ ଉର୍ଦ୍ଧ୍ୱରେ ସ୍କୁଲ ଆଲୁମିନି ନିଜକୁ ସୁହାଇବା ଭିତ୍ତିରେ ରଖି, ବେଆଇନ ମହାଦୁର୍ନୀତି କରିଚାଲିବା, ନିଯୁକ୍ତି ସ୍ଥାନ ଠାରୁ ୨୦ କିଲୋମିଟର ଦୂରରେ ରହି ଘର ଭଡା ଉଠାଇବା ପରି ସଙ୍ଗୀନ କାର୍ଯ୍ୟଗୁଡିକୁ ସ୍ୱୀକାର କରିବା ସହ ଏ ସମ୍ପର୍କରେ ଆତ୍ମସାତ କରିଥିବା ଅର୍ଥ ଭରଣା କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରେ ଲିଖିତ ରାଜିନାମା ପ୍ରଦାନ କରିଛନ୍ତି ବୋଲି ଏହି ସୂତ୍ରରୁ ଜଣାପଡିଛି। ଏବେ ପୁଣି ବୋର୍ଡ ତ୍ରୁଟିପୂର୍ଣ୍ଣ ମାଟ୍ରିକ ସାର୍ଟିଫିକେଟ ଓ ମାଟ୍ରିକ୍ ସାର୍ଟିଫିକେଟ ସଂଶୋଧିତ ପରେ ପୁଣି ସେହି ତ୍ରୁଟି ଦୋହରାଇବା, ଶେଷରେ ତ୍ରୁଟି ଥିବା ଜାଗାକୁ ହ୍ୱାଇଟନରରେ ଲିଭାଇ ଛାତ୍ରୀ ଅଭିଭାବକଙ୍କୁ ଦେବା ପରେ, ଉଚ୍ଚଶିକ୍ଷା ନାମଲେଖାରେ ୨ ବର୍ଷ ହେଲା ଛାତ୍ରୀ ବଞ୍ଚିତ ହେଉଛନ୍ତି। ଏ କଥା କୁଚିଣ୍ଡା ବ୍ଲକ୍ ଶିକ୍ଷା ଅଧିକାରୀଣୀ ଗୀତା ପ୍ରଧାନ ସାମ୍ବାଦିକଙ୍କ ଆଗରେ ସ୍ୱୀକାର ମଧ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରଠାରେ ମୁଖ୍ୟମନ୍ତ୍ରୀଙ୍କ ପୋର୍ଟାଲ ଅଭିଯୋଗ କାର୍ଯ୍ୟକ୍ରମରେ ଅଞ୍ଚଳବାସୀ ଦାବୀ କରିବାପରେ ଏହି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏପରି ଦୁର୍ନୀତିରେ ଲିପ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି କରିବା ସୁପାରିସ କରାଯାଇଛି। କିନ୍ତୁ ବଦଳି ପରେ ପୁଣି ପର ବର୍ତ୍ତିକାଳରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ସବୁମହଲରେ ଦୃଢ଼ ଦାବି ହେଉଛି।

# ସ୍କୁଲରେ ଛାଉଣୀ ନଥିବାରୁ ତେଜୁଛି ଅସନ୍ତୋଷ, ବର୍ଷାରେ ଭିଜୁଛନ୍ତି ଅଭିଭାବକ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଇବ ଭ୍ୟାଲି ଡିଏଭି ସ୍କୁଲରେ ଛାଉଣୀ ନଥିବାରୁ ବର୍ଷା ଦିନରେ ଅଭିଭାବକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ହଠାତ୍ ବର୍ଷା ହେଲେ ପିଲାକୁ ଅପେକ୍ଷା କରିଥିବା ଅଭିଭାବକ ମାନେ ସମ୍ପୂର୍ଣ୍ଣ ଭାବେ ଭିଜି ଓଦା ହେଇ ଯାଉଛନ୍ତି। ଖରା ଦିନରେ ମଧ ଅଭିଭାବକ ମାନେ ସମଦଶା ଭୋଗୁଥିବା କାରଣରୁ ବର୍ତ୍ତମାନ ସେମାନଙ୍କ ଭିତରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଅବ୍ୟବସ୍ଥିତ ଢ଼ଙ୍ଗରେ ପିଲାଙ୍କୁ ସ୍କୁଲର ଗେଟ ଗୁଡ଼ିକରେ ପ୍ରବେଶ କରାଯାଉଥିବାରୁ ପ୍ରତିଦିନ ସକାଳୁ ବ୍ରଜରାଜନଗର ମୁଖ୍ୟ ରାସ୍ତାରେ ଟ୍ରାଫିକ ଜାମ ଲାଗି ରହିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ କଟକଣା ନଥିବାରୁ ଅନେକ ଅଳ୍ପ ବୟସ୍କ ପିଲାମାନେ ବାଇକରେ ବିପଦଜନକ ଭାବେ ଯାତାୟତ କରୁଥିବା ପଥଚାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଭଳି ପରିପ୍ରେକ୍ଷୀରେ ଅଭିଭାବକଙ୍କୁ ଖରା ଓ ବର୍ଷାରୁ ରକ୍ଷା ପାଇଁ ସାମାନ୍ୟ ଛାଉଣୀର ବ୍ୟବସ୍ଥା ନହେବା ପରିତାପର ବିଷୟ ବୋଲି ମତ ପ୍ରକାଶ ପାଇଛି। ସେପଟେ ପୂର୍ବରୁ ସ୍କୁଲ ପରିସରରେ କେତେକ ଗଛ ଥିଲା। ଯାହା ଖରା ଦିନରେ ଅଭିଭାବକଙ୍କୁ ପ୍ରଚଣ୍ଡ ରୌଦ୍ରରୁ ସୁରକ୍ଷା ଦେଉଥିଲା। ହେଲେ ତାହା କେଉଁ କାରଣରୁ କଟାଗଲା ବୋଲି ଅଭିଭାବକ ପ୍ରଶ୍ନ କରିଛନ୍ତି। ତେଣୁ ସ୍କୁଲ କର୍ତ୍ତୃପକ୍ଷ ବର୍ଷା ଦିନରେ ଅଭିଭାବକଙ୍କ ସୁରକ୍ଷା ଲାଗି ସୁ ବ୍ୟବସ୍ଥା କରିବାକୁ ଦାବି ହେଉଛି। ନଚେତ ଏନେଇ ସରକାରଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଚେତାବନୀ ଦିଆଯାଇଛି।

## ୨ଚୋର ଗିରଫ

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଓରିଏଣ୍ଟ ଥାନା ଅନ୍ତର୍ଗତ ରାମଗଡ଼ ଅଂଚଳର ଏକ ଚୋରି ଘଟଣାରେ ପୋଲିସ ଦୁଇ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାମଗଡ଼ ଅଂଚଳର କବି ସିଂହ (୨୮) ଓ ଅବିନାଶ ଶର୍ମା (୨୦)। ପୋଲିସ ଅଭିଯୁକ୍ତଙ୍କ ଠାରୁ ୬ ଗ୍ରାମ ସୁନାର ଗୋଟିଏ ଯୋଡ଼ା କାନ ଫୁଲ, ଗୋଟିଏ ମୋବାଇଲ ଫୋନ ଓ ନଗଦ ୩୧୫୦ ଟଙ୍କା ଜବତ କରିଥିବା ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଗତ କାଲି ସନ୍ଧ୍ୟାରେ କେତେକ ଦୁର୍ବୃତ୍ତ ରାମଗଡ଼ ସ୍ଥିତ ବାସନ୍ତୀ ବାରିକଙ୍କ ଘର ମୁଖ୍ୟଦ୍ୱାରର ତାଲା ଭାଙ୍ଗି ଭିତରୁ ଦୁଇଟି ସୁନା କାନଫୁଲ, ଗୋଟିଏ ମୋବାଇଲ ଫୋନ ଓ ନଗଦ ୭ ହଜାର ଟଙ୍କା ଚୋରି କରି ନେଇଥିବା ନେଇ ଶ୍ରୀମତୀ ବାରିକ ଓରିଏଣ୍ଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଦୁଇକିମି ରାସ୍ତାରେ ୧୦୦ରୁ ଅଧିକ ଖାଲ

ކୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ସରକାରଙ୍କ ତରଫରୁ ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନ୍ୟୟନ ସଂସ୍ଥା ମାଧ୍ୟମରେ ବହୁ ଅଞ୍ଚଳକୁ ପିଚୁ ରାସ୍ତା ନିର୍ମାଣ କରାଯାଉଛି । କିନ୍ତୁ ବିଭିନ୍ନ ସମୟରେ ଉକ୍ତ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ହେଉଥିବା ନେଇ ବହୁ ନଜିର ରହିଥିବା ବେଳେ ଆଉ କିଛି ରାସ୍ତା ମରାମତି ମଧ୍ୟ ହେଉନଥିବା ଦେଖିବାକୁ ମିଳୁଛି । ଯାହାକି ସରକାରଙ୍କ ନିୟମ ଅନୁଯାୟୀ ଯେକୌଣସି ରାସ୍ତା ନିର୍ମାଣ କରାଯିବ ତାହାକୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ମରାମତି କରାଯିବା ନିୟମ ରହିଛି, ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ହେଉ କିମ୍ବା ଠିକାଦାରଙ୍କ ମନମୁଖୀ ଶାସନ ହେଉ କିଛି ରାସ୍ତା ପାଞ୍ଚବର୍ଷରେ ଥରେ ମଧ ମରାମତି ହେଉନଥିବା ବହୁ ନଜିର ରହିଛି। ଏଣୁ କମ ଦିନରେ ରାସ୍ତା ପୁଣି ଥରେ ତାର ପୂର୍ବ ଅବସ୍ଥାକୁ ଫେରି ଆସୁଛି । ଯାହା ପାଇଁ ଉକ୍ତରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣଙ୍କ ସମେତ ବିଦ୍ୟାଳୟକୁ ଯିବା ଆସିବା କରୁଥିବା ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏମିତି ଏକ ରାସ୍ତା ଦେଖିବାକୁ ମିଳିଛି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ଅଧୀନ କାମୱାଡା ଗ୍ରାମ ପଞ୍ଚାୟତ ଏମଭି- ୨୯ ଗ୍ରାମ ଠାରୁ ଏମଭି-୩୦ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ । ଗ୍ରାମବାସୀଙ୍କ କହିବା ଅନୁଯାୟୀ ଉକ୍ତ ରାସ୍ତାଟି ଦୁଇ ବର୍ଷ ପୂର୍ବେ ନୂତନ ଭାବେ ନିର୍ମାଣ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା ଥରେ ମଧ ମରାମତି ହୋଇନାହିଁ । ଯାହାକି ବର୍ତ୍ତମାନ ସେହି ରାସ୍ତାରେ ୧୦୦ରୁ ଅଧିକ ଗାତ ହୋଇ ପାଣି ଜମି ରହୁଛି। ଏଣୁ ଛାତ୍ରଛାତ୍ରୀ ଙ୍କ ସମେତ ଲୋକେ ଯିବା ଆସିବାରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ସୂଚନା ଥାଉ କି ଏମଭି-୩୦ ଗ୍ରାମର ପ୍ରାୟ ୧୫ରୁ ଅଧିକ ଛାତ୍ରଛାତ୍ରୀ ଏମଭି-୨୯ଗ୍ରାମଠାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ପାଠ ପଢିବାକୁ ଆସୁଥିବାବେଳେ ସେହି ରାସ୍ତା ଦେଇ ଉକ୍ତ ଗ୍ରାମ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଯେମିତିକି ପିଡିଏସ ସାମଗ୍ରୀ ନେବା, ବାର୍ଦ୍ଧକ୍ୟ ଭତ୍ତା ସମେତ ଅନ୍ୟାନ୍ୟ କାମରେ କାମୱାଡା ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁବାକୁ ପଡେ, ସେହିପରି ଭାବେ କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ୟାଙ୍କ ସମେତ ଜିଲ୍ଲା ସଦର ମହକୁମାକୁ ଉକ୍ତ ଗ୍ରାମବାସୀ ଯିବା ପାଇଁ ସେହି ମୁଖ୍ୟ ରାସ୍ତା ହୋଇଥିବାବେଳେ ବର୍ଷାଦିନ ଆସିଲେ ରାସ୍ତାର ଏପରି ଅବସ୍ଥା ହେତୁ ଗ୍ରାମବାସୀଙ୍କ ଦୁଃଖ ବଢିଯାଏ। ରାସ୍ତାର ଏପରି ଅବସ୍ଥାରେ ଯଦି ଗୁରୁତର ରୋଗୀକୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପାଇଁ ଆମ୍ବୁଲାନ୍ସ ଆସେ, ତେବେ ପ୍ରାୟ ୧୦କିମିରୁ ଅଧିକ ରାସ୍ତା ବୁଲି ପୋଟରେଲ ଛକକୁ ବାହାରିକି କୋରୁକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି। ସେହିପରି ଭାବେ ଯଦି କାମୱାଡା କିମ୍ବା ତାର ଆଖପାଖର ଗ୍ରାମ ବାସୀ ଯଦି ବାଲିମେଳାକୁ କୌଣସି କାମରେ ଯିବାକୁ ପଡେ ତେବେ ସେମାନଙ୍କୁ ପ୍ରାୟ ୧୦କିମିରୁ ଅଧିକ ରାସ୍ତା ବୁଲି ସୋରଲୁକୁଣ୍ଡା ବାହାରିଇ ଯିବାକୁ ପଡୁଛି ବୋଲି ସ୍ଥାନୀୟ ସରପଞ୍ଚ ରାମାକାନ୍ତ ମାଡକାମି କହିଛନ୍ତି । ଏନେଇ ଆମେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଲବରାମ ମାଝିଙ୍କ ପ୍ରତିକ୍ରିୟା ନେବାକୁ ବାରମ୍ବାର ଚେଷ୍ଟା କରିଥିଲୁ । ହେଲେ ସେ ଆମ କଲ ଗ୍ରହଣ କରିନଥିବାରୁ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନଥିଲା । ଏଣୁ ଆମେ ବିଭାଗୀୟ ଏସଡ଼ିଓ ଭୋଳାନାଥ ସେଠୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲୁ। ଯୋଗାଯୋଗ ହୋଇନଥିବା କାରଣରୁ ବିଭାଗ ତରଫରୁ କୌଣସି ପ୍ରତିକ୍ରିୟା ମିଳି ପାରିନଥିଲା ।



# ଘର ଭିତରେ ବର୍ଷାଜଳ, ଦୁର୍ଦ୍ଦଶାରେ ପାଞ୍ଚ ପରିବାର



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ମହକୁମା ସତ୍ୟମଗୁଡା ୩୨୬ ନଂ ଜାତୀୟ ରାଜପଥ କଡରେ ଥିବା ପାଂଚଟି ପରିବାର ନିର୍ମଳ ବିଶ୍ୱାସ, ବିଶ୍ୱଜିତ ରାୟ, ଦିପକ ଢାଲି, ସୁକେଶ ଢାଲି ଓ ପ୍ରେମାନନ୍ଦ ଭଦ୍ରଙ୍କ ଘରେ ବର୍ଷାଜଳ ପ୍ରବେଶ କରିଥିବାରୁ ରାତିସାରା ଭୋକ ଉପାସରେ ଡହଳ ବିକଳ ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି, ଗତ କିଛିଦିନ ହେବ ଲଗାଣ ବର୍ଷା ହେବାରୁ ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳ ପଶି ଧନ ଜୀବନ ନଷ୍ଟ ହୋଇଥିବାବେଳେ, ମାଲକାନଗିରି ସହରର ଜୟପୁରିଆଗୁଡା, ସତ୍ୟମ ଗୁଡା, ପାତ୍ରଗୁଡାକୁ ଲାଗି ରହିଥିବା ଗୋଇ ପର୍ବତ ଉପରୁ ବର୍ଷା ଜଳ ପ୍ରବାହିତ ହୋଇ ନିଷ୍କାସନର ବାଟ ପାଇପାରୁନଥିବାରୁ ସତ୍ୟମଗୁଡାର ପାଞ୍ଚଟି ପରିବାରଙ୍କ ଘରେ ଏହି ବର୍ଷାଜଳ ପ୍ରବେଶ କରିଛି। ମୁଖ୍ୟ ରାସ୍ତାର ନାଳ ସମ୍ପୃକ୍ତ ଜାତୀୟ ରାଜପଥ ବିଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ କରି ନଥିବା ଏବଂ ମାତ୍ର ୫୦ ମିଟର ଦୂରତା ମଧ୍ୟରେ ଦୁଇଟି କଲଭର୍ଟ ଛଅବର୍ଷ ପୂର୍ବରୁ ପାଟିଲ କନଷ୍ଟ୍ରକ୍ସନ ଦ୍ୱାରା ୧୯ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିଲା। ସେହି କଲଭର୍ଟ ଦେଇ ବର୍ଷାଜଳ ନିଷ୍କାସନ ହେଉଥିଲା। କିନ୍ତୁ କଲଭର୍ଟ ସମ୍ମୁଖରେ ଜନୈକ ବ୍ୟକ୍ତିଙ୍କ ପଟ୍ଟା ଜମିଥିବାରୁ ତାଙ୍କର ଅସ୍ଥାୟୀ ଘର ବର୍ଷାଜଳରେ କ୍ଷତିଗ୍ରସ୍ତ ହେବା ଯୋଗୁଁ ଜାତୀୟ ରାଜପଥ ବିଭାଗ ପୁରୁଣା ନାଳ ଉପରେ ଚାରିଫୁଟର କଂକ୍ରିଟ୍ ପାଚେରୀ ନିର୍ମାଣ କରିବା ଦ୍ୱାରା ଉପର ମୁଣ୍ଡରୁ ଆସୁଥିବା ବର୍ଷା ଜଳ ଅନ୍ୟତ୍ର ପ୍ରବାହିତ ହୋଇ ପାରୁନାହିଁ। ଗୋଇ ପର୍ବତକୁ ଲାଗିରହିଥିବା ପ୍ରାୟ ୧୦ ଏକର ଜମିରେ ବର୍ଷାଜଳ ଭର୍ତ୍ତି ହୋଇଥିବାରୁ ଜଳ ନିଷ୍କାସନ ନ ହେବାରୁ ଘର ଭିତରେ ପାଣି ପଶିଥିବା ବେଳେ ଏ ସମ୍ବନ୍ଧରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀ ପ୍ରକାଶ କରିଛନ୍ତି ଯେ, ପାଣି ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ।



ପୁରୀ/ଭୁବନେଶ୍ୱର,୫।୭(ଭାସ୍କର ନ୍ୟୁଜ): ଶୁକ୍ରବାର ଥିଲା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା। ପୁରୀରେ ଏଥିପାଇଁ ଲକ୍ଷାଧିକ ଯାତ୍ରୀଙ୍କ ସମାଗମ। ଦେଶ ଓ ଦେଶ ବାହାରୁ ଶ୍ରଦ୍ଧାଳୁଙ୍କ ଭିଡ଼। ରାସ୍ତାଘାଟ ସବୁ ଜାମ୍। ଆଉ ଏହାରି ଭିତରେ ପୁରୀ ଡାକ୍ତରଖାନାରେ ପହଞ୍ଚିଥିଲା ଏକ ଆମ୍ବୁଲାନ୍ସ। ସମସ୍ତେ ଭାବୁଥିଲେ ଆମ୍ବୁଲାନ୍ସରେ କୌଣସି ଗୁରୁତର ରୋଗୀଙ୍କୁ ଅଣାଯାଇଛି। ହେଲେ ଡାକ୍ତରଖାନା ସମ୍ମୁଖରେ ଆମ୍ବୁଲାନ୍ସ ଗେଟ୍ ଖୋଲିବା ପରେ ସାମ୍ନାକୁ ଆସିଲା ଆଶ୍ଚର୍ଯ୍ୟଜନକ ଘଟଣା। ୧୦୮ ଆମ୍ବୁଲାନ୍ସରେ ନଥିଲେ ରୋଗୀ। ଥିଲେ ଏକାଧିକ ବ୍ୟକ୍ତି। ଜଣେ ମହିଳା ମଧ୍ୟ ପଦାକୁ ବାହାରିଲେ। ସେମାନଙ୍କ ବେକରେ ପରିଚୟପତ୍ର ଝୁଲୁଥିଲା। ସମାନେ ସରକାରୀ ଅଧିକାରୀ ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ପୁରୀରେ ରଥଯାତ୍ରା ସମୟରେ ଭିଡ଼ ଭିତରେ କାହାର କିଛି ଅଘଟଣ ହେଲେ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ରଖାଯାଇଛି ଆମ୍ବୁଲାନ୍ସ। ହେଲେ ଏଠି ଆମ୍ବୁଲାନ୍ସ ରୋଗୀ ନୁହେଁ ଯାତ୍ରୀ ବୋହୁଛି। ଏଥିପାଇଁ କିଏ ଅନୁମତି ଦେଇଛି ? ପୁରୀ ଡାକ୍ତରଖାନା ପରିସରରେ ଆମ୍ବୁଲାନ୍ସ ଭିତରୁ ସୁସ୍ଥ ଲୋକ ବାହାରୁଥିବା ଦେଖି ଏମିତି କିଛି ପ୍ରଶ୍ନ କରିଛନ୍ତି ଉପସ୍ଥିତ ଲୋକେ। ଏହି ଘଟଣାକୁ ସ୍ୱାସ୍ଥ୍ୟ ବିଭାଗ ଗମ୍ଭୀରତାର ସହ ନେଇଛି। ଏହି ଘଟଣାର ତଦନ୍ତ କରାଯାଇ ଯିଏ ବି ଦୋଷୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ଜିନ୍ଦଲ ନଗରରେ ଭକ୍ତିମୟ ପରିବେଶରେ ସମ୍ପନ୍ନ ହେଲା ବାହୁଡ଼ା ଯାତ୍ରା



ଅନୁଗୁଳ(ଭାସ୍କର ନ୍ୟୁଜ) : ଦେବଭୂମି ଜିନ୍ଦଲ ନଗରରେ ବାହୁଡ଼ା ଯାତ୍ରା ବେଶ ଆଧାତ୍ମିକ ଓ ଭକ୍ତି ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି । ହଜାର ହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଚତୁର୍ଦ୍ଧାମୂର୍ତ୍ତୀ, ବଡ଼ଠାକୁର ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ ଏବଂ ଶ୍ରୀ ସୁଦର୍ଶନ ଗୁଣ୍ଡିଚା ମନ୍ଦିରରୁ ଦେବଭୂମି ସ୍ଥିତ ଶ୍ରୀ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଦେବଭୂମିର ପ୍ରଥମ ସେବିକା ଓ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ତଥା ପ୍ରଥମ ସେବକ ଓ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଅଧ୍ୟକ୍ଷ ତଥା କୁରୁକ୍ଷେତ୍ରରୁ ୩ଥର ନିର୍ବଚିତ ହୋଇଥିବା ସାଂସଦ ଶ୍ରୀ ନବୀନ ଜିନ୍ଦଲଙ୍କ ପତ୍ନୀ ଶ୍ରୀମତି ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣରେ ସହ ଛେରାପହଁରା ଓ ପହଣ୍ଡି ନୀତି ତୁଲାଇ ଥିଲେ । ଏହା ପୂର୍ବରୁ ବଡ଼ି ଭୋର ୫ଟା ସମୟରେ ମନ୍ଦିରର ଦ୍ୱାର ଫିଟା ନୀତି ପରେ ମଙ୍ଗଳ ଆରତୀ, ମଇଲମ, ତଡ଼ପ ଲାଗି, ଅବକାଶ ନୀତି ଏବଂ ଅନ୍ୟାନ୍ୟ ନୀତିକାନ୍ତି ମନ୍ଦିରର ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା । ବାହୁଡ଼ା ଯାତ୍ରା ଅବସରରେ ଜିନ୍ଦଲ ନଗର ବାସିନ୍ଦାଙ୍କ ସମେତ ଆଖପାଖ ଗ୍ରାମ ଗୁଡ଼ିକରୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଭକ୍ତମାନେ ଶ୍ରୀ ଜଗନ୍ନାଥ,ଭଉଣୀ ସୁଭଦ୍ରା ଏବଂ ବଡ ଭାଇ ବଳଭଦ୍ରଙ୍କ ରଥ ଗୁଡ଼ିକୁ ଉତ୍ସାହ ଉଦ୍ଦୀପନାର ସହ ଟାଣି ଥିଲେ। ଚତୁର୍ଦ୍ଧାମୂର୍ତ୍ତୀ ଆସନ୍ତା ତିନି ଦିନ ଯାଏ ରଥ ଉପରେ ରହିବେ । ରବିବାର, ସୋମବାର ଓ ମଙ୍ଗଳବାର ଯଥାକ୍ରମେ ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ନୀତି ସମ୍ପନ୍ନ ହେବ । ଏହି ତିନି ଦିନ ଧରି ଭକ୍ତମାନେ ରଥ ଉପରେ ମହାପ୍ରଭୁଙ୍କ ଦର୍ଶନ ଓ ଆର୍ଶୀବାଦ ଲାଭ କରିପାରିବେ ।

## ଛାତ୍ର ବିଜେଡ଼ି ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା

କଟକ(ଭାସ୍କର ନ୍ୟୁଜ୍): ଅବ୍ୟବସ୍ଥା ଘେରରେ କଟକ ବଡ଼ ମେଡ଼ିକାଲ । ଆନ୍ଦୋଳନକୁ ଓହ୍ଲାଇଲା ଛାତ୍ର ବିଜେଡ଼ି । ଏସସିବି ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର ବିଜେଡ଼ି ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି । ଗତ ସରକାର ସମୟରେ ମେଡ଼ିକାଲ ପରିସର ମଧ୍ୟରେ ଯେଉଁ ଦୃଶ୍ୟ ଥିଲା, ସଂପ୍ରତି ତାହାଠୁ ଅଧିକ ଭାବରେ କଟକ ବଡ଼ ମେଡ଼ିକାଲ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଛାତ୍ର ବିଜେଡ଼ି ପକ୍ଷରୁ ଅଭିଯୋଗ ହୋଇଛି । ମେଡ଼ିକାଲର ବିଭିନ୍ନ ବିଭାଗରେ ଡାକ୍ତର ଓ ଷ୍ଟାଫ ସଂଖ୍ୟା କମ ରହିଥିବା ଏବଂ ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ଛାତ୍ର ବିଜେଡ଼ି ପକ୍ଷରୁ ଅଭିଯୋଗ ହୋଇଛି । ଏହାବ୍ୟତୀତ ଏସସିବିରେ ଦଲାଲମାନଙ୍କ ସଂଖ୍ୟା ବୃଦ୍ଧି ପାଇ ରୋଗୀମାନଙ୍କ ନିୟମିତ ଲୁଟୁଥିବା ଅଭିଯୋଗ ହୋଇଛି। ତେଣୁ ବିଶ୍ୱସ୍ତରୀୟ ମେଡ଼ିକାଲ ହେବାର ସ୍ୱପ୍ନ ଦେଖିଥିବା ଓ ତାକୁ ନେଇ କାର୍ଯ୍ୟ ଆରମ୍ଭ କରିବାର ଫଳ ବର୍ତ୍ତମାନ ନିମ୍ନସ୍ତରକୁ ଯାଉଥିବା ଛାତ୍ର ବିଜେଡ଼ି ପକ୍ଷରୁ କୁହାଯାଇଛି । ଯଦି ଏ ଦିଗରେ ସୁଧାର ନଆସେ ତେବେ ରାଜ୍ୟ ସରକାରଙ୍କୁ ଯୋରଦାର ବିରୋଧ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି । ଏହି ଅବସରରେ ଛାତ୍ର ବିଜେଡ଼ି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ମହାନଗର ଛାତ୍ର ବିଜେଡି ସଭାପତି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ପିଡବ୍ଲ୍ୟୁଏସ୍‌ର କାର୍ଯ୍ୟକାରିତା ସମ୍ପର୍କିତ ଉଚ୍ଚସ୍ତରୀୟ ଆନ୍ତଃ ବିଭାଗୀୟ ସମନ୍ୱୟ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାରେ ମେଗା ପାଇପ ଜଳ ଯୋଗାଣ (ପିଡବ୍ଲ୍ୟୁଏସ୍) ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା, ସେସବୁର ପରିଚାଳନା ଓ ରକ୍ଷଣାବେକ୍ଷଣ ପରିପ୍ରେକ୍ଷୀରେ ସଂପୃକ୍ତ ବିଭିନ୍ନ ବିଭାଗର ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚସ୍ତରୀୟ ଆନ୍ତଃ ବିଭାଗୀୟ ସମନ୍ୱୟ କମିଟି ବୈଠକ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସଂପଦ ବିଭାଗ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ଶକ୍ତି ଆଦି ସଂପୃକ୍ତ ବିଭାଗର ସଚିବ, ସର୍ବୋଚ୍ଚ ଯନ୍ତ୍ରୀ, ବୈଷୟିକ ମୁଖ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତପକ୍ଷଙ୍କ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ହୋଇଥିବା ଜଳଯୋଗାଣ ପ୍ରକଳ୍ପଗୁଡିକର ସ୍ଥିତି ସମୀକ୍ଷା କରାଯାଇଥିଲା ଏବଂ ଯେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟାନ୍ୱୟନ ନେଇ ସଂପୃକ୍ତ ବିଭିନ୍ନ ବିଭାଗୀୟ ସମସ୍ୟା ରହିଛି, ସେସବୁକୁ ଏକ ମାସ ମଧ୍ୟରେ ସମାଧାନ କରିବାକୁ ବିଭାଗଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଥିଲା । ଏହାକୁ ସହଜ କରିବା ପାଇଁ ସାପ୍ତାହିକ କିମ୍ବା ପାକ୍ଷିକ ଯୁଗ୍ମ ସମୀକ୍ଷା ବୈଠକ କରାଯିବ ଏବଂ ଏଥିପାଇଁ ସଂପୃକ୍ତ ବିଭିନ୍ନ ବିଭାଗର ନୋଡାଲ ଅଧିକାରୀମାନଙ୍କର ଏକ ନିର୍ଦ୍ଦିଷ୍ଟହ୍ୱାଟସ୍‌ଆପ୍ ଗ୍ରୁପ୍ କରାଯିବ, ଯଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଉପଯୁକ୍ତ ସମନ୍ୱୟ କରାଯାଇପାରିବ । ଉନ୍ନୟନ ଆୟୁକ୍ତ ଶ୍ରୀମତୀ ଗର୍ଗ ପାନୀୟ ଜଳ ଯୋଗାଣର ପରିଚାଳନା ଓ ରକ୍ଷଣାବେକ୍ଷଣର ଉନ୍ନତି ପାଇଁ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ । ଭିତିଭୂମି-କେନ୍ଦ୍ରିକ ଦୃଷ୍ଟିକୋଣରୁ ସେବା-ବିତରଣ ମୂଳକ ମଡେଲକୁ ପରିବର୍ତନ କରିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇ କମିଟି ତରଫରୁ ସଂସ୍ଥାଗତ ପୁନର୍ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଦକ୍ଷ, ଉତ୍ତରଦାୟୀ ଓ ନିରନ୍ତରତା ଭିତିରେ ଗ୍ରାମୀଣ ପାନୀୟ ଜଳ ଯୋଗାଣ ପରିଚାଳନା ନିମନ୍ତେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଜାତୀୟ ସ୍ତରରେ ଅବଲମ୍ବନ କରାଯାଉଥିବା ସର୍ବୋତମ ଅଭ୍ୟାସଗୁଡ଼ିକୁ ଅଧ୍ୟୟନ କରାଯାଇ ତଦନୁସାରେ ବିଭାଗରେ ରହିଥିବା ସଂସ୍ଥାଗତ ଗଠନାତ୍ମକ ପୁନର୍ବିନ୍ୟାସ କରିବାକୁ ପ୍ରସ୍ତାବ ଦିଆଯିବ।

## 'ସବୁ ପାନୀୟ ଜଳର ମାନ ଯାଞ୍ଚ କରାଯିବ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡାଇରିଆ ମୃତ୍ୟୁ ପରେ ଚେତିଲେ ସରକାର । ସବୁ ପାନୀୟଜଳର ମାନ ଯାଞ୍ଚ କରାଯିବ । ଏସଏଚଜି ମହିଳା କରିବେ ପାନୀୟଜଳ ଯୋଗାଣର ଯାଞ୍ଚ । ଏହି ମହିଳାଙ୍କୁ ଟ୍ରେନିଂ ସହିତ ଫିଲ୍ଡ ଟେଷ୍ଟିଂ କିଟ୍ ଦିଆଯିବ । ଠିକ ଭାବରେ ପାନୀୟଜଳ ପହଁଞ୍ଚିବ, ଅପରେସନ ଓ ପରିଚାଳନାରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରାଯିବ । ପାନୀୟଜଳ ଅପବ୍ୟବହାର ରୋକିବ ଏସସିଏଡିଏ । ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବିନା ଅନୁମୋଦନରେ ଖୋଳା ଯାଇପାରିବନି ପାଣି ପାଇବ । ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଉନ୍ନୟନ କମିଶନର ଅନୁ ଗର୍ଗ ।

## ସୀମାନ୍ତରେ ଗୁଳି ବିନିମୟ: ମାଓବାଦୀ ନିହତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ଜାତୀୟ ଉଦ୍ୟାନରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ତେବେ ଏହି ଗୁଳି ବିନିମୟରେ ଜଣେ ମାଓବାଦୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଯବାନ ମାନେ ଘଟଣା ସ୍ଥଳରେ ତଲାସି ଅଭିଯାନ ଜାରି ରଖିଥିବା ବେଳେ କିଛି ଅସ୍ତ୍ରଶସ୍ତ୍ର ଏବଂ ଜଣେ ମାଓବାଦୀର ମର ଶରୀର ଉଦ୍ଧାର କରିଥିବା ଜଣା ପଡିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାକାଶରେ...

କେନ୍ଦ୍ରରେ ୯ ଦିନ ବିତାଇଛନ୍ତି। ସେ କହିଛନ୍ତି, ଏହି ମିଶନର ସବୁଠୁ ରୋମାଞ୍ଚକର ମୁହୂର୍ତ୍ତ ହେଉଛି ଆଇଏସଏସରୁ ପୃଥିବୀକୁ ଦେଖିବା। ଏକ୍ସ-୪ ମହାକାଶ ଯାତ୍ରୀମାନେ ବୈଜ୍ଞାନିକ ଗବେଷଣାରେ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିବାବେଳେ ଶୁକ୍ଳା ଚଳାଇଥିବା ଗବେଷଣାରୁ କୋଷିକୀୟ ଆଣବିକ ତନ୍ତ୍ର ସଂପର୍କରେ ସୂଚନା ମିଳିପାରିବ, ଯାହାକି ପୃଥିବୀରେ ଚିକିତ୍ସକୀୟ ଜ୍ଞାନରେ ପରିବର୍ତ୍ତନ ଆଣିପାରିବ।

### ପରିବାର ଆଖିରୁ...

ପି.ଭେଙ୍କଟରମଣ। ପୁଅର ଅପହରଣ ଖବର ପାଇବା ପରେ ଭେଙ୍କଟରମଣଙ୍କ ମାଆ ହିଞ୍ଜିଳିକାଟୁ ଥାନାରେ ଅଭିଯୋଗ କରିଛନ୍ତି। ଏଥିପାଇଁ ସହଯୋଗ ନିମନ୍ତେ ଜିଲ୍ଲାପାଳଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏହି ଘଟଣାକୁ ଭାରତର ବିଦେଶ ମନ୍ତ୍ରଣାଳୟ ନିନ୍ଦା କରିବା ସହ ଅପହୃତ ୩ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ମାଲି ସରକାରଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ଅପହୃତ ଯୁବକଙ୍କୁ ଶୀଘ୍ର ଉଦ୍ଧାର କରିବା ପାଇଁ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ଅପିଲ କରିଛନ୍ତି ହିଞ୍ଜିଳି ବିଧାୟକ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ତେବେ କେବେ ଆତଙ୍କବାଦୀଙ୍କ କବଳରୁ ଭେଙ୍କଟରମଣ ଉଦ୍ଧାର ହେବେ ତାକୁ ନେଇ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଛି। ଉଦ୍ଧାର ପାଇଁ ବିଦେଶ ମନ୍ତ୍ରଣାଳୟ ଓ ଓଡ଼ିଶା ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାକୁ ନେଇ ଅପେକ୍ଷା।

### ବର ସମେତ...

ଏହି ଅଘଟଣ ଘଟିଛି। ଜନତା ଇଣ୍ଟରକଲେଜ ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଏସୟୁଭିଟି କଲେଜ କାନ୍ଥରେ ପିଟିହୋଇ ଯାଇଥିଲା। ବୋଲେରୋଟି ଦ୍ରୁତଗତିରେ ଯାଉଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗାଡ଼ିଟି କଲେଜ କାନ୍ଥରେ ପିଟିହେବା ପରେ ଓଲଟି ପଡ଼ିଥିଲା। ଏହି ଏସୟୁଭିରେ ମୋଟ ୧୦ଜଣ ଯାତ୍ରୀ ଥିଲେ। ଘଟଣାସ୍ଥଳରେ ବର ସୂରଜଙ୍କର ମୃତ୍ୟୁ ହୋଇଥିଲା। ସେମାନେ ସମ୍ବଲର ହରଗୋବିନ୍ଦପୁର ଗ୍ରାମରୁ ପଡ଼ୋଶୀ ବୁଡାଉନ ଜିଲ୍ଲା ସିଲଉର୍‌ରେ କନ୍ୟାଙ୍କ ଘରକୁ ଯାଉଥିଲେ। ଘଟଣାସ୍ଥଳରେ ୫ଜଣଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୩ଜଣଙ୍କର ସ୍ଥାନୀୟ ହସ୍ପିଟାଲରେ ମୃତ୍ୟୁ ହୋଇଥିଲା। ଆହତ ହୋଇଥିବା ୨ଜଣଙ୍କର ଅବସ୍ଥା ଗୁରୁତର ଥିବାବେଳେ ସେମାନଙ୍କୁ ଆଲିଗଡ଼ର ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବରର ମୃତ୍ୟୁ ପରେ କନ୍ୟାଘରେ ଦୁଃଖର ପରିବେଶ ସୃଷ୍ଟି ହୋଇଛି।

### ସିଂହଦ୍ୱାରେ...

ଅବକାଶ ପୂଜା ଶେଷ, ୮. ୦୫ରେ ସୂର୍ଯ୍ୟପୂଜା ସମ୍ପନ୍ନ ହେବା ପରେ ୮. ୩୦ରୁ ୯. ୧୦ ମଧ୍ୟେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ଖେଚୁଡ଼ି ଭୋଗ ଖାଇ ୯. ୫୫ରେ ମହାପ୍ରଭୁଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ୯. ୫୫ ରେ ପ୍ରଥମେ ଚକ୍ରରାଜ ସୁଦର୍ଶନ ପଛକୁ ପଛ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସୁସଜ୍ଜିତ ଟାହିଆ ପରିଧାନ କରି ୧୨. ୩୦ ସୁଦ୍ଧା ଚତୁର୍ଦ୍ଧା ବିଗ୍ରହ ରଥାରୂଢ଼ ହୋଇଥିଲେ। ଏହା ପରେ ୧. ୦୫ରେ ରାମକୃଷ୍ଣ ଓ ମଦନ ମୋହନ ରଥାରୂଢ଼ ହେବା ପରେ ୨. ୪୦ରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ତିନି ରଥର ଛେରା ପହଁରା କାର୍ଯ୍ୟ ସମାପନ କରାଯାଇଥିଲା। ଛେରାପହଁରା ପରେ ଚାରମାଳ ଖୋଲାଯାଇ ଘୋଡା ଯୋଚାଯାଇଥିଲା। ଏହା ପରେ ଆରମ୍ଭ ହୋଇଥିଲା ରଥଟଣା। ପ୍ରଥମେ ୨. ୫୦ ରେ ଗଡିଥିଲ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ୩. ୪୦ରେ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ୪. ୦୩ ସମୟରେ ଶ୍ରୀମନ୍ଦିର ଅଭିମୁଖେ ଗଡିଥିଲା। ଲକ୍ଷଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ଆଧାତ୍ମିକ ପରିବେଶ ସୃଷ୍ଟି ହେବା ସହ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ପରିଲକ୍ଷିତ ହୋଇଥିଲା। ଅନ୍ୟପଟେ ମହାପ୍ରଭୁ ଆଜି ବାହୁଡ଼ି ଆସିବାରୁ ଏବେ ଝୁରୁଛି ଗୁଣ୍ଡିଚା ମନ୍ଦିରର ଆଡ଼ପମଣ୍ଡପ ସହ ଶରଧାବାଲି। ଗତ ନଅ ଦିନ ଧରି ମହାପ୍ରଭୁଙ୍କୁ ପାଇଁ ଆଡ଼ପମଣ୍ଡପ ନିଜକୁ ଧନ୍ୟ ମନେ କରୁଥିବା ବେଳେ ଶରଧାବାଲି ଅଞ୍ଚଳ ଏବେ ମହାପ୍ରଭୁଙ୍କ ଅନୁପସ୍ଥିତିରେ ନିରବୀ ପଡିଯାଇଛି। ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନି ଓ ହରିବୋଲ ହୁଳହୁଳିରେ କମ୍ପୁଥିଲା ବଡଦାଣ୍ଡ। ବାଟରେ ଚତୁର୍ଦ୍ଧାମୂରତି ତାଙ୍କ ପ୍ରିୟ ମାଉସୀ ପ୍ରସ୍ତୁତ କରିଥିବା ପୋଡ଼ପିଠା ଖାଇଥିଲେ। ଶେଷରେ ଆସୁଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନହର ସମ୍ମୁଖରେ ପହଂଚିବା ପରେ ସେଠାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଲକ୍ଷ୍ମୀନାରାୟଣ ଭେଟ କରାଇଥିଲେ। ଲକ୍ଷ୍ମୀନାରାୟଣ ଭେଟ ସରିବା ପରେ ନନ୍ଦିଘୋଷ ରଥ ଟଣା ହୋଇ ସିଂହଦ୍ୱାର ସମ୍ମୁଖ ଠାରେ ପହଂଚି ଥିଲା। ଆଜି ବାହୁଡ଼ାଯାତ୍ରାର ସମସ୍ତ ନୀତିକାନ୍ତି, ନିର୍ଦ୍ଧାରିତ ସମୟ ଆଗରୁ ସଂପନ୍ନ କରାଯାଇଥିଲା। ଏବଂ ନିର୍ଦ୍ଧାରିତ ସମୟର ପ୍ରାୟ ୧ ଘଣ୍ଟା ୧୦ ମିନିଟ ଆଗରୁ ରଥଟଣା ଆରମ୍ଭ ହୋଇଥିଲା। ପୂର୍ବରୁ ସ୍ଥିରୀକୃତ ହୋଇଥିଲା କି ଅପରାହ୍ନ ୪ଟା ସମୟରେ ରଥଟଣା ଆରମ୍ଭ ହେବ। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସବୁ ନୀତିକାନ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ଅପରାହ୍ନ ୨. ୫୦ ମିନିଟରେ ବଳଭଦ୍ରଙ୍କ ତାଳଧ୍ୱଜ ରଥଟଣା ଆରମ୍ଭ ହୋଇଥିଲା। ଚଳିତବର୍ଷ ପୁଣି ଇତିହାସ ରଚିଲା ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା। ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ମାନଙ୍କ ଜନସମାଗମ ହୋଇଥିଲା ବାହୁଡ଼ାଯାତ୍ରାରେ। ଆସନ୍ତାକାଲି ମହାପ୍ରଭୁ ଙ୍କ ହରିଶୟନ ଏକାଦଶୀ ନୀତି କରାଯିବ। ତଥା ତିନିରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏଥି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ବ୍ୟବସ୍ଥା ମଧ୍ୟ ହୋଇଛି। ତେବେ ଗୁଣ୍ଡିଚା ଯାତ୍ରାରେ ଦେଖା ଦେଇଥିବା ଅବ୍ୟବସ୍ଥା ବାହୁଡ଼ା ଯାତ୍ରାରେ ଦେଖିବାକୁ ମିଳିନଥିଲା।


**AFFIDAVIT**

By virtue of an affidavit sworn before the Executive Magistrate, Kutra, dated: 01.07.2025, I GJS Uttam Barla, Address: village- Kutra, Po- Kutra, Ps- Kutra, Dist- Sundargarh, Odisha, PIN-770018, declare that I have changed my name from Gjs Uttam Barla to GJS Uttam Barla. Henceforth, I shall be known as GJS Uttam Barla. Henceforth, I shall be known GJS Uttam Barla for all purposes.

**Sd/- GJS Uttam Barla**

**AFFIDAVIT**

By virtue of an affidavit sworn before the Executive Magistrate, Cuttack Sadar, dated: 04.07.2025, I Banita Bhoi, Address: At- Gobindpur, Bentakarpada, Ps- Cuttack Sadar, Dist- Cuttack, Odisha, PIN-754112, declare that I have changed my daughter's name from E Krishnabani to Krishna Bhoi. Henceforth, She shall be known as Krishna Bhoi for all purposes.

**Sd/- Banita Bhoi**

**AFFIDAVIT**

By virtue of an affidavit sworn before the Executive Magistrate, Khariar, dated: 25.06.2025, I Madhusmita Bakul, Address: village- Bartansil, Po- Babebir, Ps- Boden, Dist- Nuapada, Odisha, PIN-766118, declare that I have changed my name from Madhumita Hans to Madhusmita Bakul. Henceforth, I shall be known as Madhusmita Bakul for all purposes.

**Sd/- Madhusmita Bakul**

**AFFIDAVIT**

By virtue of an affidavit sworn before the Executive Magistrate, Athagarh, dated: 26.06.2025, I Bhuban Mohan Bihari, Address: At- Parbatia, Po- Chhagaon, Ps- gurudijhatia, Dist- Cuttack, Odisha, PIN-754028, declare that I have changed my daughter's name from Sukriya Bihari to Kumari Sukriya Bihari. Henceforth, She shall be known as Kumari Sukriya Bihari for all purposes.

Sd/- Bhuban Mohan Bihari

**AFFIDAVIT**

By virtue of an affidavit No.08 sworn before the Executive Magistrate, Nimapara on dated: 30.06.2025, I Prasanna Kumar Sharma, S/o- Budha Nath Lenka, resident of village- Kurunjipur, Post- Dalakasoti, Ps- Balipatana, Dist- Khordha, declares that I have changed my minor son's name from Kanaklata Das to Satya Swarupaya Sharma. Henceforth, He shall be known as Satya Swarupaya Sharma for all purposes.

**Sd/- Prasanna Kumar Sharma**

**AFFIDAVIT**

By virtue of an affidavit No.192 sworn before the Executive Magistrate, Junagarh on dated: 06.05.2025, I Uttam Kumar Shukla, S/o- Gopala Chandra Sukla, resident of village/post/ps- Junagrh, Dist- Kalahandi, declares that my actual name is Uttam Kumar Shukla which is mentioned in Aadhar Card and Birth Certificate of my daughter. But wrongly mentioned as Uttam Sukla in daughter's Aadhar Card. Uttam Kumar Shukla & Uttam Sukla is one and same person myself. This affidavit is to be produce before concerned authority for correction of my daughter Basundhara Sukla's Aadhar Card.

**Sd/- Uttam Kumar Shukla**

GOVERNMENT OF ODISHA
OFFICE OF THE EXECUTIVE ENGINEER,
P.H. DIVISION, BALASORE
Phone : 9438660004, e-mail-eephbls@gmail.com
C-610

NATIONAL COMPETITIVE BIDDING THROUGH e-Procurement (Online Mode)
Invitation for Bids (IFB) dt.01.07.2025

The Superintending Engineer, P.H. Division, Balasore on behalf of Governor of Odisha, invites Item Rate bids in Double cover system in ONLINE mode only.

| Sl. No. | Name of the Work | Bid-Identification No. | Value of Work (Rs. In Lakh) | Class of contractor | Period of Completion | Availability of bid documents for online bidding From | To | Last date and time of seeking clarification | Date & Time of opening of technical bid |
|---|---|---|---|---|---|---|---|---|---|
| 1 | Laying of Clear Water Rising Main to Zonal Reservoir from WTP for Jaleswar Town under AMRUT 2.0 | SEPHBLS-02 dt.01.07.2025 | 379.35 | 'A' Class | 08 (Eight) Months | 11:00 Hrs. of dt.09.07.2025 | 17:00 Hrs. of dt.28.07.2025 | 17:00 Hrs. Of 23.07.2025 | 11:00 Hrs. Of 29.07.2025 |

The bidders shall have to participate in ONLINE bidding only. Further details can be seen from the website: http://tendersodisha.gov.in. Any addendum/corrigendum/cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Name and Address of the officer inviting bid :- The Superintending Engineer, P.H. Division, Balasore-756056, Odisha, Phone : 9438660004

Sd/- Superintending Engineer,
P.H. Division, Balasore.

OIPR 13053/11/0026/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE BOLANGIR
O-352

e Procurement Notice

| | | | |
|---|---|---|---|
| 1. | Name of work | : | Construction of Court Building for JMFC at Muribahal in the District of Bolangir for the year 2023-24 |
| 2. | No. of works | : | 1 (One) work. |
| 3. | Time for completion | : | 18 (Eighteen) Calendar Months |
| 4. | Approximate estimated cost | : | Rs. 709.44 lakhs |
| 5. | Mode of Submission of tender | : | Tender should be submitted online in www.tendersodisha.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender on line for bidding From | To | Lastdate and time of seeking tender clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| Chief Construction Engineer, Rural Works Circle. Bolangir | BLGR-Online-04/2025-26 | 08.07.2025 at 11.00 A.M. | 23.07.2025 upto 5.00 P.M. | 22.07.2025 upto 5.00 P.M. | 24.07.2025 at 11.00 A.M. | The date will be intimated later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd/-Chief Construction Engineer
R.W.Circle, Bolangir

OIPR 25118/11/0036/2526

INVITATIONS FOR BIDS (IFB) GOVERNMENT OF ODISHA
AGRICULTURE& FARMERS' EMPOWERMENT DEPARTMENT
DIRECTORATE OF SOIL CONSERVATION AND WATERSHED DEVELOPMENT
ODISHA, BHUBANESWAR
EXECUTIVE ENGINEER (AGRIL.), CENTRAL ZONE, BHUBANESWAR
e- Procurement Notice
Tender Call Notice No- 5789 Date- 01.07.2025
INVITATIONS FOR BIDS THROUGH e-Procurement
L-34

Bid Identification No/e – Procurement Notice No. – E.E. (A), DSC& WD (O), C/Z-03 of 2025-26

Online Bids are invited from intending eligible bidders to carry out eight nos. of civil works under the jurisdiction of The EXECUTIVE ENGINEER (AGRIL.) DSC&WD (O) CENTRAL ZONE, BHUBANESWAR ODISHA, for details and other terms and condition of bidding visit the website http://tendersodisha.gov.in

| Sl. No. | Nos. of the work/nature of work | Estimated Cost (Rs. In lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 08 (Eight) Nos. of Civil Works | Rs. 4.00 lakhs to Rs. 63.00 lakhs | Rs 2000 to Rs 10000/- | 1% of estimated cost | B, C &D | 90 days to 150 Days |

| | |
|---|---|
| Period of availability of tenders on-line / Date of time of bidding on-line | Dt. 07.07.2025 at 11.00 AM to Date.25.07.2025 up to 5.30 P.M. |
| Submission of hard copies of documents | 28.07.2025 at 10.30 AM to Date. 29.07.2025 up to 03.00 P.M. |
| Date of Opening of Tenders | 3.00 PM on Dt.30.07.2025 |
| Venue for Opening | (Board Room-I Ground Floor Krushi Bhawan), Odisha, PIN: 751001. |

Sd/-
Executive Engineer (Agril.)
DSC & WD, Central Zone
Bhubaneswar

OIPR 01470/11/0005/2526

Estd. 1974
OFFICE OF THE MUNICIPAL COUNCIL, ANANDAPUR
email:-executiveofficer_andp@rediffmail.com
Phone No:- 06731-24088
E-PROCUREMENT NOTICE
Notice No- 2502 Dt-04.07.2025
Bid Reference No:- AM-ANDP-02/2025-26
C-619

INVITATION FOR BID

Executive Officer, Anandapur Municipality on behalf of the Anandapur Municipality has invited on-line e-tender **Percentage Rate Bids** in **Single bid system (General & Technical)** from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

1. Total No. of works for which Tenders invited: **1** No
2. Place of Execution: Anandapur Municipality
3. Estimated Cost of Individual Work: Rs. **10,53,088.93**
4. Eligible Class of Contractors: Registered Contractors of **Class- 'D', 'C'** work mentioned in the tender call notice.
5. Intending bidders have to participate through "**On-Line**" bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **12.00 P.M on 05.07.2025** to **5.00 P.M on 15.07.2025** for online bidding.
7. Bids received online will be opened at **11.00 A .M on 16.07.2025**
8. The bidder must possess valid and compatible **Digital Signature Certificate (DSC)**.
9. The DTCN for **1**No. of work shall be available in the e-procurement portal www.tendersodisha.gov.in for on-line bidding.

Sd/- Executive Officer,
Anandapur Municipality

OIPR 13049/11/0017/2526

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ** IDFC FIRST Bank

(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
**ସିଆଇଏନ: ଏଲ୬୫୧୧୦ଟିଏନ୨୦୧୪ପିଏଲସି୭୭୯୨**
**ପଞ୍ଜିକୃତ କାର୍ଯ୍ୟାଳୟ**-କେଆରଏମ ଟାୱାର,ଅଷ୍ଟମ ମହଲା, ହ୍ୟାରିଂଟନ ରୋଡ,ଚେଟପେଟ,ଚେନ୍ନାଇ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

**ସିକ୍ୟୁରିଟାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ**

ନିମ୍ନଲିଖିତ ରଣଗ୍ରହୀତା ଓ ସହ ରଣଗ୍ରହୀତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ **(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ। ନିମ୍ନ ଲିଖିତ ରଣଗ୍ରହୀତା ଓ ସହ- ରଣ ଗ୍ରହିତାଙ୍କ ରଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି। ଯେ ହେତୁ ସେମାନେ ରଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ରଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ, ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ।

| କ୍ର. ନଂ | ରଣ ଆକାଉଣ୍ଟ ନଂ | ରଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୧ | ୪୧୭୬୮୬୧୬ | ଗୃହ ରଣ | ୦୯.୦୬.୨୦୨୫ | ୫,୭୧,୭୩୬.୧୭/- |

ରଣଗ୍ରହୀତା ଏବଂ ସହ ରଣଗ୍ରହୀତାଙ୍କ ନାମ: ୧. ଅଗାଧୁ ଚରଣ ଜେନା, ୨. ପୂର୍ଣ୍ଣିମା ଜେନା

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ପ୍ଲଟ ନଂ ୧୧୦, ପ୍ଲଟ ଏରିଆ- ୨୧୭୮୯ ବର୍ଗଫୁଟ, ଖାତା ନଂ-୪୯୮/୫୨, ମୌଜା ଅବସ୍ଥିତି: ସରସୁଧା, ଏସଆରଓ/ତହସିଲ- ଜଗତସିଂହପୁର, ଜିଲ୍ଲା- ଜଗତସିଂହପୁର, ଓଡ଼ିଶା-୭୫୪୧୦୩ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ରାସ୍ତା, ପଶ୍ଚିମ-ବିକ୍ରେତା, ଉତ୍ତର- ମାଲିକ, ଦକ୍ଷିଣ- ସୁଧାକର ଜେନ ।

| କ୍ର. ନଂ | ରଣ ଆକାଉଣ୍ଟ ନଂ | ରଣର ପ୍ରକାର | ଧାରା ୧୩(୨) ନୋଟିସ ତାରିଖ | ଧାରା ୧୩ (୨) ନୋଟିସ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ୨ | ୪୪୯୭୮୩୫୯ ଏବଂ ୯୮୩୭୧୩୬୬ | ସମ୍ପତ୍ତି ବଦଳରେ ରଣ | ୧୮.୦୬.୨୦୨୫ | ୯,୬୯,୭୯୯.୯୧/- |

ରଣଗ୍ରହୀତା ଏବଂ ସହ ରଣଗ୍ରହୀତାଙ୍କ ନାମ: ୧. କୈଳାଶ ଚନ୍ଦ୍ର ଦାସ, ୨. ବନଲତା ଦାସ

ସମ୍ପତ୍ତି ଠିକଣା: ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ, ପ୍ଲଟ ନଂ ୭୫/୨୮୪, ଏରିଆ- ଏ.୦.୧୪୦ ଡିସିମିଲ, ଖାତା ଅଧୀନ ୧୪୦/୩୫, ମୌଜା ଅବସ୍ଥିତି: ଅସରଣା, ତହସିଲ- ଏରସମା, ନଂ ୪୦୧, ପିଏସ୍- ଏରସମା ନଂ ୭୩, ଏସଆର-କୁଜଙ୍ଗ, ଜିଲ୍ଲା- ଜଗତସିଂହପୁର, ଓଡ଼ିଶା-୭୫୪୧୩୯ ଏବଂ ବାଉଣ୍ଡରୀ ଯଥା: ପୂର୍ବ- କୈଳାଶ ଚନ୍ଦ୍ର ବିଶ୍ୱାଳ, ପଶ୍ଚିମ- ଦାମୋଦର ପ୍ରଧାନ, ଉତ୍ତର- କେନାଲ, ଦକ୍ଷିଣ- କେନାଲ ଏବଂ ରାସ୍ତା ।

ଏତଦ୍ ଦ୍ୱାରା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଉପରେ ପ୍ରଦତ୍ତ ଟେବୁଲରେ ଉଲ୍ଲିଖିତ ବିବରଣୀ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖରୁ କଣ୍ଟ୍ରାକଟେଡ ରେଟ୍ ଅଫ ଇଣ୍ଟ୍ରେଷ୍ଟ ଓ ଅନ୍ୟାନ୍ୟ କଷ୍ଟ ଓ ଚାର୍ଜେସ ସହିତ ମୋଟ ଦେୟ ନୋଟିସ ପ୍ରକାଶ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ଆପଣଙ୍କୁ ଆହ୍ୱାନ କରା ଯାଉଛି। ଏଥିରେ ବିଫଳ ହେଲେ ନିମ୍ନ ସ୍ୱାକ୍ଷରିତ ସର୍ଫେଶୀ ଆଇନର ଧାରା ୧୩(୪) ଓ ଧାରା ୧୪ ଅଧିନରେ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ଦେବା ପାଇଁ ଥିବା ଆମାଉଣ୍ଟ ପାଇବା ସକାଶେ ବନ୍ଧକ ସମ୍ପତ୍ତି ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ସହିତ ସଂପୃକ୍ତ ଆଇନର ଧାରା ୧୩(୧୩) ଅଧିନରେ ସିକ୍ୟୁର୍ଡ ସମ୍ପତ୍ତିକୁ କୌଣସି ପ୍ରକାରେ ବିକ୍ରି କିମ୍ବା ଅନ୍ୟ ଭାବେ ହସ୍ତାନ୍ତର କରିବା ପାଇଁ ଆପଣଙ୍କୁ ବାରଣ କରା ଯାଉଛି।

**ସ୍ୱା/-**
**ଅଧିକୃତ ଅଧିକାରୀ**

**ତାରିଖ: ୦୬.୦୭.୨୦୨୫** **ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)**
**ସ୍ଥାନ: ଓଡିଶା**




ନୂଆଦିଲ୍ଲୀ: ରାମବନର ଚନ୍ଦରକୋଟ ଲାଙ୍ଗରରେ ଅମରନାଥ ଯାତ୍ରାର ପହଲଗାମ କାଫଲାର ଶେଷ ଗାଡ଼ି ନିୟନ୍ତ୍ରଣ ହରାଇ ଫସି ରହିଥିବା ଗାଡ଼ି ସହିତ ଧକ୍କା ହୋଇଛି, ଯାହା ଫଳରେ ୪ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି ଏବଂ ୩୬ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଆହତମାନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲ ରାମବନରେ ଭର୍ତ୍ତି କରାଯାଇଛି। ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଯାତ୍ରା ଜାରି ରଖିବା ପାଇଁ ଅନ୍ୟ ଗାଡ଼ିରେ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଦୁର୍ଘଟଣା ପରେ, ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ଏଲଜି ମନୋଜ ସିହ୍ନା ଅମରନାଥ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ଗାଡ଼ି ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ସମସ୍ତ ପ୍ରମୁଖ ସ୍ଥାନରେ ସୁରକ୍ଷା ଯାଞ୍ଚ ଏବଂ ଯାତ୍ରା ମାର୍ଗରେ ଖାଦ୍ୟ ଏବଂ ଔଷଧର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସୋହରୀ ପତ୍ରରେ ଖାଇଲେ ପ୍ରଧାନମନ୍ତ୍ରୀ ମୋଦି



ତ୍ରିନିଦାଦ/ଟୋବାଗୋ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ତ୍ରିନିଦାଦ ଏବଂ ଟୋବାଗୋ ଗସ୍ତରେ ଅଛନ୍ତି। ସେଠାରେ ତାଙ୍କ ସମ୍ମାନାର୍ଥେ ଏକ ରାତ୍ରୀଭୋଜନର ଆୟୋଜନ କରାଯାଇଥିଲା। ଏହି ସମୟରେ ତାଙ୍କୁ ଏକ ସ୍ୱତନ୍ତ୍ର ପତ୍ର ସୋହରୀରେ ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ, ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଏହି ପତ୍ର ତାଙ୍କ ସଂସ୍କୃତି ପାଇଁ ବହୁତ ସ୍ୱତନ୍ତ୍ର। ସେ ସୋସିଆଲ ମିଡିଆରେ କିଛି ଫଟୋ ମଧ ଶେୟାର କରିଛନ୍ତି, ଯେଉଁଥିରେ ସେ ତ୍ରିନିଦାଦ ଏବଂ ଟୋବାଗୋର ପ୍ରଧାନମନ୍ତ୍ରୀଙ୍କ ସହିତ ଖାଉଥିବାର ଦେଖାଯାଉଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ସୋହରୀ ପତ୍ର ତ୍ରିନିଦାଦ ଏବଂ ଟୋବାଗୋର ଲୋକଙ୍କ ପାଇଁ, ବିଶେଷକରି ଭାରତୀୟ ବଂଶୋଦ୍ଭବ ଲୋକଙ୍କ ପାଇଁ ବହୁତ ସ୍ୱତନ୍ତ୍ର। ଏଠାରେ ପର୍ବ ଏବଂ ବିଶେଷ କାର୍ଯ୍ୟକ୍ରମରେ ଏହି ପତ୍ରରେ ଖାଦ୍ୟ ପରିବେଷଣ କରାଯାଏ। ଏହି ପତ୍ର ଏକ ଉଷ୍ମକଟିବନ୍ଧୀୟ ଉଦ୍ଭିଦରୁ ଆସିଥାଏ, ଯାହା ଭାରତରେ କଦଳୀ ଗଛ ପରି। ଭାରତୀୟ ବଂଶୋଦ୍ଭବ ଲୋକମାନେ ଏବେ ବି ବିଶେଷ ଅବସରରେ ପତ୍ରରେ ଖାଦ୍ୟ ଖାଇବାର ପରମ୍ପରା ପାଳନ କରୁଛନ୍ତି। ରାତ୍ରୀଭୋଜନ ସମୟରେ, ପ୍ରଧାନମନ୍ତ୍ରୀ ରାଣା ମୋହିପଙ୍କୁ ଭେଟିଥିଲେ। ସେ କିଛି ବର୍ଷ ପୂର୍ବେ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକୀରେ 'ବୈଷ୍ଣବ ଜନ ତୋ' ଭଜନ ଗାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ରାଣା ମୋହିପଙ୍କର ଭାରତୀୟ ସଙ୍ଗୀତ ଏବଂ ସଂସ୍କୃତି ପ୍ରତି ଗଭୀର ପ୍ରେମ ଅଛି। ରାତ୍ରୀ ଭୋଜନ ସମୟରେ ସେ ତ୍ରିନିଦାଦ ଏବଂ ଟୋବାଗୋର ପ୍ରଧାନମନ୍ତ୍ରୀଙ୍କୁ ଅଯୋଧ୍ୟାର ରାମ ମନ୍ଦିରର ଏକ ପ୍ରତିକୃତି ପ୍ରଦାନ କରିଥିଲେ। ଏହା ସହିତ, ସେ ସରୟୁ ନଦୀ ଏବଂ ଚଳିତ ବର୍ଷ ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭର ପବିତ୍ର ଜଳ ମଧ ପ୍ରଦାନ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଏହି ଉପହାରଗୁଡ଼ିକ ଭାରତ ଏବଂ ତ୍ରିନିଦାଦ-ଟୋବାଗୋ ମଧ୍ୟରେ ଗଭୀର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମ୍ପର୍କର ପ୍ରତୀକ। ୧୯୯୯ ପରେ ତାଙ୍କର ଏହି ଗସ୍ତ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଦ୍ୱିପାକ୍ଷିକ ଗସ୍ତ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତ୍ରିନିଦାଦ ଏବଂ ଟୋବାଗୋ ସରକାର ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଦି ଅର୍ଡର ଅଫ ଦି ରିପବ୍ଲିକ ଅଫ ତ୍ରିନିଦାଦ ଏବଂ ଟୋବାଗୋ' ପ୍ରଦାନ କରାଯାଇଛି।

## ଠକେଇ ମାମଲା: ଆମେରିକାରେ ଗିରଫ ହେଲା ନେହଲ ମୋଦୀ




ନୂଆଦିଲ୍ଲୀ: ଠକେଇ ମାମଲାରେ ମିଳିଲା ବଡ଼ ସଫଳତା। ଆମେରିକାରେ ଗିରଫ ହେଲେ ନୀରବ ମୋଦୀଙ୍କ ଭାଇ ନେହଲ ମୋଦୀ। ନୀରବ ମୋଦୀଙ୍କ ଭାଇ ନେହଲ ମୋଦୀଙ୍କୁ ପିଏନବି ଋଣ ଠକେଇ ମାମଲା ଏବଂ ଏଲଏଲଡି ଡାଇମଣ୍ଡସ୍ ୟୁଏସଏ ସହ ଜଡିତ ୨.୬ ନିୟୁତ ଡଲାର ଠକେଇ ମାମଲାରେ ତାଙ୍କ ସମ୍ପୃକ୍ତି ନେଇ ଆମେରିକାରେ ଗିରଫ କରାଯାଇଛି। ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ମିଳିତ ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜୁଲାଇ ୪ରେ ନେହଲ ମୋଦୀଙ୍କୁ ଗିରଫ କରାଯାଇଛି। ଗିରଫ ପରେ ବର୍ତ୍ତମାନ ତାଙ୍କୁ ଆମେରିକାରୁ ପ୍ରତ୍ୟାର୍ପଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କୁହାଯାଉଛି ଯେ, ଦୁଇଟି ଅଭିଯୋଗ ଆଧାରରେ ନେହଲ ମୋଦୀଙ୍କ ବିରୋଧରେ ପ୍ରତ୍ୟାର୍ପଣ ପ୍ରକ୍ରିୟା ଚାଲିଛି। ଗୋଟାଏ ହେଲା ପିଏନବି ଋଣ ଠକେଇ ଘଟଣା। ଅନ୍ୟଟି ହେଲା ମାନହାଟନରେ ଅବସ୍ଥିତ ବିଶ୍ୱର ସବୁଠାରୁ ବଡ଼ ହୀରା କମ୍ପାନି ମଧ୍ୟରୁ ଗୋଟିଏ, ଏଲଡି ଡାଇମଣ୍ଡସ୍ ୟୁଏସଏରୁ ବେଆଇନ ଭାବେ ୨.୬ ନିୟୁତ ଡଲାରରୁ ଅଧିକ ମୂଲ୍ୟର ହୀରା ହାସଲ କରିବା ଘଟଣା। ଏହି ୨ଟି ଘଟଣା ପାଇଁ ତାଙ୍କୁ ଗିରଫ କରାଯାଇଛି। ୧୭ ଜୁଲାଇ ୨୦୨୫ରେ ପ୍ରତ୍ୟାର୍ପଣ ପ୍ରକ୍ରିୟା ନେଇ ଶୁଣାଣି ହେବ। ଶୁଣାଣି ସମୟରେ ମୋଦୀ ଜାମିନ ଆବେଦନ କରିବେ ବୋଲି ଆଶା କରାଯାଉଛି। ସୂଚନା ମିଳିଛି ଯେ, ନେହଲ କଷ୍ଟକୋ ସହିତ ଏକ ଚୁକ୍ତି ପାଇଁ ହୀରା ନେଉଛି ବୋଲି ମିଥ୍ୟା ଦାବି କରି କମ୍ପାନିଠାରୁ ହୀରା ଆଣିଥିଲେ। ହେଲେ ଦେୟ ସର୍ତ୍ତାବଳୀ ପାଳନ କରିବା ପରିବର୍ତ୍ତେ, ସେ ନିଜ ଆର୍ଥିକ ଲାଭ ପାଇଁ ହୀରାଗୁଡ଼ିକୁ ବିକ୍ରି କରିଦେଇଥିଲେ। ପିଏନବି ଋଣ ଠକେଇ ମାମଲା ଏବଂ ଏଲଏଲଡି ଡାଇମଣ୍ଡସ୍ ୟୁଏସଏ ସହ ଜଡିତ ୨.୬ ନିୟୁତ ଡଲାର ଠକେଇ ମାମଲାରେ ତାଙ୍କ ସମ୍ପୃକ୍ତିର ତଦନ୍ତ କରୁଥିବା ଇଡି ଏବଂ ସିବିଆଇ ଦ୍ୱାରା ପ୍ରତ୍ୟାର୍ପଣ ଅନୁରୋଧ ପରେ ତାଙ୍କୁ ଗିରଫ କରାଯାଇଛି।

## ପାଣିଟାଙ୍କିକୁ ଡେଇଁ ପରିବାରର ଚାରି ସଦସ୍ୟଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ: ରାଜସ୍ଥାନର ବାଡ଼ମେରରୁ ଏକ ଅଜବ ଏବଂ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି। ଏଠାରେ ଏକ ପରିବାର ପାଣି ଟାଙ୍କିରେ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଏବଂ ଦୁଇଟି ଛୋଟ ପିଲା ଅଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ସାନ ପୁଅକୁ ପ୍ରଥମେ ବଧୂ ପରି ସଜାଇ ଦିଆଯାଇଥିଲା। ତାଙ୍କର ଅନେକ ଫଟୋ ଉଠାଯାଇଥିଲା ଏବଂ ତା'ପରେ ପରିବାର ଆତ୍ମହତ୍ୟା କରିଥିଲା। ପରିବାରର ଜଣେ ସଦସ୍ୟ ସେମାନଙ୍କୁ ଫୋନ କରିବା ପରେ ଘଟଣାଟି ସାମ୍ନାକୁ ଆସିଥିଲା। କିନ୍ତୁ ବହୁତ ସମୟ ପର୍ଯ୍ୟନ୍ତ କେହି ଫୋନ ଉଠାଇ ନଥିଲେ। ତା'ପରେ ସେ ପଡ଼ୋଶୀମାନଙ୍କୁ ସେମାନଙ୍କ ବିଷୟରେ ପଚାରିଲେ। ତା'ପରେ ଏହି ଘଟଣା ସାମ୍ନାକୁ ଆସିଲା। ଶିବ ଥାନା ଅଞ୍ଚଳର ଉଣ୍ଡୁ ଗ୍ରାମର ବ୍ରାହ୍ମଣୋନ କି ଧନୀରେ ଏହି ଘଟଣା ଘଟିଛି। ପରେ ପୋଲିସ ଟାଙ୍କିରୁ ସମସ୍ତଙ୍କ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ କରିଛି। ମୃତକଙ୍କ ନାମ ୩୫ ବର୍ଷୀୟ ଶିବଲାଲ, ତାଙ୍କ ୩୨ ବର୍ଷୀୟ ପତ୍ନୀ କବିତା ଏବଂ ସେମାନଙ୍କର ଦୁଇ ପିଲା (୮ ଏବଂ ୬ ବର୍ଷ) ବୋଲି ଚିହ୍ନଟ କରାଯାଇଛି। ପୋଲିସ ଅନୁଯାୟୀ, ଶିବପାଲ ପ୍ରଥମେ ତାଙ୍କ ଘର ବନ୍ଦ କରି ଦେଇଥିଲେ। ତା'ପରେ ସେ ସମଗ୍ର ପରିବାର ସହିତ ଟାଙ୍କିରେ ଡେଇଁ ଆତ୍ମହତ୍ୟା କରିଥିଲେ।

## ୧୨ ଦେଶ ଉପରେ ଶୁଳ୍କ ବୃଦ୍ଧି ଘୋଷଣା ପତ୍ରରେ ସ୍ୱାକ୍ଷର କଲେ ଟ୍ରମ୍ପ



ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୧୨ଟି ଦେଶ ଉପରେ ରପ୍ତାନି ଶୁଳ୍କ ବୃଦ୍ଧି ଘୋଷଣା ପତ୍ରରେ ସ୍ୱାକ୍ଷର କରିଛନ୍ତି। ଘୋଷଣା ପତ୍ରରେ ସମ୍ପୃକ୍ତ ଦେଶଗୁଡିକ ଆମେରିକାକୁ ରପ୍ତାନି କରୁଥିବା ସାମଗ୍ରୀ ଉପରେ ଲାଗୁ ହେବାକୁ ଥିବା ବିଭିନ୍ନ ଶୁଳ୍କ ହାରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଛି। ସେହି ପ୍ରସ୍ତାବଗୁଡ଼ିକୁ ଆସନ୍ତା ସୋମବାର ସଂପୃକ୍ତ ଦେଶଗୁଡିକୁ ପଠାଯିବ। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ, ଟ୍ରମ୍ପ କହିଛନ୍ତି ଯେ ଚିଠିଗୁଡ଼ିକରେ ବିଭିନ୍ନ ଶୁଳ୍କ ହାର ଏବଂ ପରିମାଣ ଅନ୍ତର୍ଭୁକ୍ତ। ସେ ଏହା ମଧ ସୂଚିତ କରିଛନ୍ତି ଯେ କିଛି ଶୁଳ୍କ ୭୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ଏବଂ ତାହା ଚଳିତ ବର୍ଷ ଅଗଷ୍ଟ ୧ରୁ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି। ଗତ ଏପ୍ରିଲରେ, ଟ୍ରମ୍ପ ଅଧିକାଂଶ ଆମଦାନୀ ଉପରେ ମୂଳ ୧୦ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଚୀନ୍ ସମେତ କିଛି ଦେଶ ପାଇଁ ଉଚ୍ଚ ଶୁଳ୍କ ହାର ଘୋଷଣା କରାଯାଇଛି। ଏହି ବର୍ଦ୍ଧିତ ଶୁଳ୍କଗୁଡ଼ିକୁ ଜୁଲାଇ ୯ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଥିଲା। ଏପର୍ଯ୍ୟନ୍ତ, ଆମେରିକା ଲଣ୍ଡନ ଏବଂ ଭିଏତନାମ ସହିତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିଛି। ତଥାପି, ଭାରତ କୌଣସି ଚୁକ୍ତିରେ ପହଞ୍ଚିନାହିଁ। ମୁଖ୍ୟ ବିବାଦ ହେଉଛି ଭାରତର କୃଷି ଏବଂ ଦୁଗ୍ଧ ବଜାରରେ ଅଧିକ ପ୍ରବେଶ ପାଇଁ ଆମେରିକା ଦାବି କରୁଥିବା ବେଳେ ଭାରତ ସରକାର ଛୋଟ ଚାଷୀଙ୍କ ଉପରେ ଏହାର ପ୍ରଭାବ ପଡିବା ସମ୍ଭାବନା ଥିବା କହିଛି। ଭାରତ ଜୁଲାଇ ୯ ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା କରି ଟ୍ରମ୍ପଙ୍କ ପ୍ରସ୍ତାବିତ ୨୬ ପ୍ରତିଶତ ଶୁଳ୍କକୁ ଏଡାଇବାକୁ ଆଶା କରୁଛି, ଏବଂ ବସ୍ତ୍ର ଏବଂ ଜୋତା ଭଳି ରପ୍ତାନି ପାଇଁ ଶୁଳ୍କ ହ୍ରାସ ମଧ ଚାହୁଁଛି। ତଥାପି, ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଭାରତ ସମୟସୀମା ଚାପରେ କୌଣସି ଚୁକ୍ତି କରିବ ନାହିଁ, ଏବଂ କେବଳ ଜାତୀୟ ସ୍ୱାର୍ଥ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିବ।

## ସ୍ତ୍ରୀଙ୍କୁ ଟ୍ରେନ୍ ଆଗକୁ ଠେଲିଦେଲା ସ୍ୱାମୀ


ରାଞ୍ଚି: ଝାଡ଼ଖଣ୍ଡର ରାମଗଡ଼ରେ ପ୍ରେମ ବିବାହ ଜଣେ ଯୁବତୀଙ୍କ ପାଇଁ ମହଙ୍ଗା ପଡ଼ିଛି। ସେ ତାଙ୍କ ପରିବାର ବିରୋଧରେ ଯାଇ ପ୍ରେମିକଙ୍କୁ ବିବାହ କରିଥିଲେ। ସେହି ପ୍ରେମିକ ହିଁ ବିଶ୍ୱାସଘାତକ ସାବ୍ୟସ୍ତ ହୋଇଛନ୍ତି। ପ୍ରେମିକରୁ ସ୍ୱାମୀ ହେବା ମାତ୍ରେ ସେ ତାଙ୍କ ସ୍ତ୍ରୀଙ୍କୁ ହନିମୁନ୍‌ରେ ଯିବା ପାଇଁ କହିଥିଲେ। ହନିମୁନ୍‌ରୁ ଫେରିବା ବାଟରେ ସେ ଭିଣୋଇ ତାଙ୍କ ଭଉଣୀଙ୍କୁ ଚଳନ୍ତା ଟ୍ରେନ୍‌ରୁ ଠେଲି ଦେଇଥିଲେ। ତାଙ୍କ ଭଉଣୀଙ୍କୁ ରକ୍ତ ଜୁଡୁବୁଡୁ ଟ୍ରେନ୍‌ରେ ପଡ଼ିଥିବା ଦେଖିବାକୁ ମିଳିଥିଲା। କିଛି ଗାଁ ଲୋକ ତାଙ୍କୁ ଦେଖି ତୁରନ୍ତ ଆରପିଏଫ୍‌କୁ ଖବର ଦେଇଥିଲେ ନବବିବାହିତାଙ୍କ ଭଉଣୀ। ମହିଳାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣାଟି ପାତ୍ରାଟୁ ଷ୍ଟେସନ ନିକଟବର୍ତ୍ତୀ କିରିଗରା ଗାଁର।

## ଗ୍ରାମ୍ୟ ଉନ୍ନୟନର ମେରୁଦଣ୍ଡ ପଞ୍ଚାୟତିରାଜ ସଂସ୍ଥା: ବିଷ୍ଣୁଦେବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଶନିବାର ଜିଲ୍ଲା ପଞ୍ଚାୟତ ସଭାପତି ଏବଂ ଉପସଭାପତିଙ୍କ ଏକ ତିନିଦିନିଆ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି । ଠାକୁର ପ୍ୟାରେଲାଲ୍ ରାଜ୍ୟ ପ୍ରତିଷ୍ଠାନରେ ଆୟୋଜିତ ଏହି ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ ଯେ, ଗ୍ରାମ୍ୟ ଉନ୍ନୟନର ମେରୁଦଣ୍ଡ ହେଉଛି ପଞ୍ଚାୟତିରାଜ ସଂସ୍ଥା । ନୂତନ ଭାବେ ନିର୍ବାଚିତ ହୋଇଥିବା ଜିଲ୍ଲା ପଞ୍ଚାୟତ ସଭାପତି ଏବଂ ଉପସଭାପତିଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ସାଏ କହିଥିଲେ ଯେ, ଏ କ୍ଷେତ୍ରରେ ଆପଣମାନଙ୍କର ଗୁରୁଦାୟିତ୍ୱ ରହିଛି । ଆପଣମାନେ ଚାହିଁଲେ ପଞ୍ଚାୟତିରାଜ ସଂସ୍ଥାରେ ବ୍ୟାପକ ପରିବର୍ତ୍ତନ ଘଟିପାରିବ । ଯେଉଁ ପଞ୍ଚାୟତିରାଜ ସଂସ୍ଥା ଲୋକଙ୍କ ସେବାରେ ନିଷ୍ଠାର ସହ କାର୍ଯ୍ୟ କରିବେ ସେମାନଙ୍କୁ ଜନସାଧାରଣ ନିଃସର୍ତ୍ତ ସମର୍ଥନ ଦେବାକୁ ଆଦୌ କୁଣ୍ଠା ପ୍ରକାଶ କରିବେ ନାହିଁ । ମୁଁ ପଞ୍ଚାୟତ ସ୍ତରରୁ କାର୍ଯ୍ୟ କରି ଆଜି ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟଲାଭ କରିଛି । ମୋତେ ଯେତେବେଳେ ଦଶ ବର୍ଷ ହୋଇଥିଲା ସେତେବେଳେ ମୁଁ ରାଜନୀତିରେ ପାଦ ଦେବି ବୋଲି କେବେ ବି କଳ୍ପନା କରିନଥିଲି । ମୋ ବାପାଙ୍କ ମୃତ୍ୟୁପରେ ପରିବାରର ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ମୋ ଉପରେ ପଡ଼ିଥିଲା । ମୁଁ ସେସବୁ କଠିନ ସମସ୍ୟାର ଦୃଢ଼ତାର ସହିତ ସମ୍ମୁଖୀନ ହୋଇ ସରପଞ୍ଚ ହେବାର ସୌଭାଗ୍ୟଲାଭ କରିଥିଲି । ଲୋକଙ୍କ ଆଶୀର୍ବାଦରେ ମୁଁ ପ୍ରଥମେ ବିଧାୟକ, ପରେ ସାଂସଦ ଏବଂ ଏହାପରେ ମୁଖ୍ୟମନ୍ତ୍ରୀ ହୋଇପାରିଛି । ପଞ୍ଚାୟତିରାଜ ସଂସ୍ଥାର ଲୋକପ୍ରତିନିଧିମାନେ ଲୋକଙ୍କ ନିକଟକୁ ଯାଇ ସେମାନଙ୍କ ସମସ୍ୟା ବୁଝି ସମାଧାନ କରିପାରିଲେ ସେମାନେ ଲୋକଙ୍କ ପ୍ରିୟ ହୋଇପାରିବେ ବୋଲି ସେ କହିଥିଲେ ।

# ବାଣିଜ୍ୟ



ମୁମ୍ବାଇ: ଓପୋ ଇଣ୍ଡିଆ ପକ୍ଷରୁ ରେନୋ୧୪ ସିରିଜର ଶୁଭାରମ୍ଭ କରାଯାଇଛି, ଯାହା ପ୍ରତ୍ୟେକ ଫିଚରରେ କାର୍ଯ୍ୟଦକ୍ଷତା, ଶକ୍ତି ଓ ସଠିକତା ଚାହୁଁଥିବା ଉପଭୋକ୍ତାଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ସ୍ମାର୍ଟଫୋନ ଅନୁଭୂତି ଦେଉଛି ଯେଉଁଥିରେ ରେନୋ୧୪ ଓ ରେନୋ୧୪ ପ୍ରୋ ରହିଛି। ଏହି ସ୍ମାର୍ଟଫୋନଗୁଡିକ ଲସ୍‌ଲେସ୍ ୩.୫ଏକ୍ସ ଅପ୍ଟିକାଲ ଜୁମ୍+ ୧୨୦ଏକ୍ସ ପର୍ଯ୍ୟନ୍ତ ଡିଜିଟାଲ ଜୁମ୍, ଆଡ୍‌ଭାନ୍ସଡ ଏଆଇ ଏଡିଟିଂ ଟୁଲ୍ ଓ ୱାଟର-ରେଜିଷ୍ଟାଣ୍ଟ ଡ୍ୟୁରାବିଲିଟିକୁ ଏକ ଶକ୍ତିଶାଳୀ ଅଲ୍‌ରାଉଣ୍ଡରରେ ସମନ୍ୱିତ କରିଛି। ଏହାସହିତ ରେନୋ୧୪ ସିରିଜ ନିଜ ସେଗ୍‌ମେଣ୍ଟରେ ସର୍ବାଧିକ ସଂଖ୍ୟକ ଏଆଇ ଇମେଜିଂ ଓ ପ୍ରଡକ୍ଟିଭିଟି ଫିଚରଗୁଡିକୁ ଅନ୍ତର୍ଭୁକ୍ତ କରିଛି, ଯାହା ରେନୋ୧୪ ସିରିଜକୁ ପ୍ରକୃତରେ ମୂଲ୍ୟସାପେକ୍ଷ କରିଛି। ଗ୍ରାହକମାନେ ପ୍ରଥମ ସେଲ୍ ଅବଧି ସମୟରେ ପ୍ରଭାବୀ ମୂଲ୍ୟ ଭାବେ ୩୪,୨୦୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ରେନୋ ସିରିଜକୁ କ୍ରୟ କରିପାରିବେ। କର୍ଣ୍ଣିଙ୍ଗ ଗରିଲା ଗ୍ଲାସ ୭ଆଇ ଏବଂ ଆଇପି୬୬, ଆଇପି୬୮ ଏବଂ ଆଇପି୬୯ ରେଟିଙ୍ଗ୍ ସହିତ ଓପୋ ସ୍ଥାୟିତ୍ୱକୁ ବୃଦ୍ଧି କରିଛି, ଯାହା ଧୂଳି, ଜଳରେ ବୁଡିବା ଓ ୮୦° ସେଲ୍‌ସିଅସ ପର୍ଯ୍ୟନ୍ତ ଉଚ୍ଚ ଚାପର ଗରମ ପାଣି ବିରୋଧରେ ସୁରକ୍ଷା ପ୍ରଦାନ କରୁଛି। ରେନୋ୧୪ ପ୍ରୋ ୫ଜି ର ମୂଲ୍ୟ ୧୨ଜିବି+୨୫୬ଜିବି ପାଇଁ ୪୯,୯୯୯ ଟଙ୍କା ଏବଂ ୧୨ଜିବି+୫୧୨ଜିବି ପାଇଁ ୫୪,୯୯୯ ଟଙ୍କାରୁ ଆରମ୍ଭ ହେଉଛି।

## 'ହାଲ୍' ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସୁନାବେଡ଼ା/କୋରାପୁଟ(ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର କୋରାପୁଟ ଗସ୍ତରେ ସୁନାବେଡ଼ା ସ୍ଥିତ ରାଷ୍ଟ୍ରାୟ□ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିଃ (ହାଲ୍) ପରିଦର୍ଶନ କରିବା ସହ ଆୟୋଜିତ ଏକ ବୈଠକରେ ଯୋଗଦେଇ ହାଲର ପ୍ରତିନିଧି ଦଳକୁ ବିଭିନ୍ନ ପ୍ରସ୍ତାବମାନ ଦେଇଛନ୍ତି । ଏମ୍‌ଆଇଜି ଓ ସୁଖୋଇ ସିରିଜ୍ ବିମାନ ପାଇଁ ଇଞ୍ଜିନ ଓ ଯନ୍ତ୍ରାଂଶ ନିର୍ମାଣ କରୁଥିବା ହାଲ୍ ବିଶ୍ୱରେ ସ୍ୱତନ୍ତ୍ର ଗୌରବ ଅର୍ଜନ କରିଛି । ଏଭିଓନିକ୍ସ, ଏରୋସ୍ପେସ୍, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ଏହାର ବର୍ଦ୍ଧିତ କ୍ଷମତାକୁ ପ୍ରଶଂସା କରିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଅବସରରେ ଅନୁଷ୍ଠିତ ଏକ ବୈଠକରେ ଶ୍ରୀ ପ୍ରଧାନ କୋରାପୁଟରେ ଥିବା ସୁବିଧା ଅନୁସାରେ ହାଲ୍ ଆଧାରିତ ଏକ ସୁଦୃଢ଼ ଏମଏସଏମଇ କ୍ଲଷ୍ଟର ବିକଶିତ କରିବା ପାଇଁ ନେତୃତ୍ୱକାରୀ ଟିମକୁ ପରାମର୍ଶ ଦେଇଛନ୍ତି । ଏହା ସ୍ଥାନୀୟ ଲୋକମାନଙ୍କ ପାଇଁ ବୃହତ ନିଯୁକ୍ତି ଏବଂ ଉଦ୍ୟମିତା ସୁଯୋଗ ସୃଷ୍ଟି କରିବ । ଏହା ଦ୍ୱାରା ସ୍ଥାନୀୟ ବ୍ୟବସାୟ ମଧ ବୃଦ୍ଧି କରାଇବାରେ ସହାୟକ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି, ସାମାଜିକ-ଆର୍ଥିକ ବିକାଶକୁ ଆଗେଇ ନେବା, ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବାରେ କୋରାପୁଟ ଡିଭିଜନର ହାଲ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ମଧ ଅତ୍ୟନ୍ତ ଆନନ୍ଦର ବିଷୟ ଯେ ହାଲ୍ ସାମାଜିକ ଦାୟିତ୍ୱ ପଦକ୍ଷେପ(ସିଏସଆର) ମାଧ୍ୟମରେ ସ୍ଥାନୀୟ ଅଞ୍ଚଳରେ କ୍ରୀଡ଼ା, ଦକ୍ଷତା ବିକାଶ, ଶିକ୍ଷା ଓ ସବୁଜ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ କରୁଛି । ଏହି ପରିଦର୍ଶନ କାଳରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭୋକାଲ୍ ଫର୍ ଲୋକାଲ ଆହ୍ୱାନ କ୍ରମେ କୋରାପୁଟ କଫି, କୋଟପାଡ ହସ୍ତତନ୍ତ ଏବଂ ଜିଲ୍ଲାର ଆଦିବାସୀ ଐତିହ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଶ୍ରୀ ପ୍ରଧାନ ହାଲର ପ୍ରତିନିଧିଟିମକୁ ପରାମର୍ଶ ଦେଇଥିଲେ ।

## ରାଜକୋଟରେ ସର୍ବବୃହତ୍ ସୋଲାର ପ୍ୟାନେଲ ଫ୍ରେମ୍ ପ୍ଲାଣ୍ଟ ଉଦ୍‌ଘାଟିତ




ଅହମଦାବାଦ: ଗୁଜରାଟସ୍ଥିତ ଏଚ୍‌ଆଣ୍ଡଏଚ୍ ଆଲୁମିନିୟମ ପ୍ରାଇଭେଟ ଲିମିଟେଡ ଭାରତର ସର୍ବବୃହତ ଏବଂ ସର୍ବାଧିକ ଉନ୍ନତ ଆଲୁମିନିୟମ ସୋଲାର ଫ୍ରେମ ଉତ୍ପାଦନ ପ୍ଲାଣ୍ଟ ଗୁଜରାଟ (ଭାରତ)ର ରାଜକୋଟରେ ଶୁଭାରମ୍ଭ କରିଛି। ଚିଭଦେନ୍ ରାଜକୋଟ ଗ୍ରାମରେ ଅବସ୍ଥିତ ବାର୍ଷିକ ୨୪,୦୦୦ ମେଟ୍ରିକ ଟନ୍ (ଏମ୍‌ଟି) କ୍ଷମତା ବିଶିଷ୍ଟ ଏହି ପ୍ଲାଣ୍ଟ ଭାରତରେ ୬ ଗିଗାୱାଟ (ଜିଡବ୍ଲ୍ୟୁ) ପର୍ଯ୍ୟନ୍ତ ସୌର ଶକ୍ତି ପ୍ରକଳ୍ପ ସ୍ଥାପନକୁ ଶକ୍ତି ଓ ସମର୍ଥନ ଯୋଗାଇ ପାରିବ। ଭାରତ ସରକାରଙ୍କ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲ ଏହି ପ୍ଲାଣ୍ଟକୁ ଜୁଲାଇ ୪ରେ ବରିଷ୍ଠ ସରକାରୀ ପଦାଧିକାରୀ, ଏଚ୍‌ଆଣ୍ଡଏଚ୍ ଆଲୁମିନିୟମର ନେତୃତ୍ୱ ପ୍ରଦାନକାରୀ ଟିମ୍ ଏବଂ ସମସ୍ତ ନିମନ୍ତ୍ରିତ ବିଶିଷ୍ଟ ଅତିଥିଗଣଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ସୋଲାର ପ୍ୟାନେଲ ଆଲୁମିନିୟମ ଫ୍ରେମ୍ ଉତ୍ପାଦନ ନିମନ୍ତେ କମ୍ପାନୀ ୨୮,୦୦୦ ବର୍ଗମିଟର ପରିମିତ ଅଞ୍ଚଳରେ ସ୍ଥାପିତ ଏହି ଅନ୍ୟତମ ସର୍ବାଧୁନିକ ପ୍ଲାଣ୍ଟରେ ପ୍ରାୟ ୧୫୦ କୋଟି ଟଙ୍କା ନିବେଶ କରିଛି। ପ୍ଲାଣ୍ଟରେ ପରୀକ୍ଷାମୂଳକ ଉତ୍ପାଦନ ୨୦୨୫ ଜୁନ୍ ମାସରେ ଆରମ୍ଭ ହୋଇଛି ଏବଂ ବ୍ୟବସାୟିକ ଉତ୍ପାଦନ ମାସକ ମଧ୍ୟରେ ଆରମ୍ଭ ହେବା ଆଶା କରାଯାଉଛି। ପୂର୍ଣ୍ଣ କ୍ଷମତାର ଉପଯୋଗରେ ଏହି ପ୍ଲାଣ୍ଟ ବର୍ଷକୁ ୭୦୦-୭୫୦ କୋଟି ଟଙ୍କାର ବିକ୍ରି ଲକ୍ଷ୍ୟ ହାସଲ କରିବାକୁ ସମର୍ଥ ହେବ। ଏହି ପ୍ଲାଣ୍ଟ ୩୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଉତ୍ତମ ପଟେଲ, ଡାଇରେକ୍ଟର, ଏଚ୍‌ଆଣ୍ଡଏଚ୍ ଆଲୁମିନିୟମ ପ୍ରାଇଭେଟ ଲିମିଟେ କହିଥିଲେ, ଏହା ଗୋଟିଏ ସ୍ଥାନରେ ଭାରତର ସର୍ବବୃହତ ଏବଂ ସର୍ବାଧୁନିକ ସୋଲାର ପ୍ୟାନେଲ ଆଲୁମିନିୟମ ଫ୍ରେମ୍ ପ୍ଲାଣ୍ଟ ହେବ ଏବଂ ଏହାକୁ ଆମେ ରେକର୍ଡ ସମୟ ମାତ୍ର ବର୍ଷକ ମଧ୍ୟରେ ସ୍ଥାପନ କରିବାରେ ସମର୍ଥ ହୋଇଥିଲୁ। ଏଥିପାଇଁ ଆମେ ରାଜ୍ୟ ସରକାର ଏବଂ ସମସ୍ତ ସଂପୃକ୍ତ ବିଭାଗକୁ ସେମାନଙ୍କର ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଉଛୁ। ବିଜୟ କାନେରିଆ, ଡାଇରେକ୍ଟର, ଏଚ୍‌ଆଣ୍ଡଏଚ୍ ଆଲୁମିନିୟମ ପ୍ରାଇଭେଟ ଲିମିଟେଡ କହିଥିଲେ, ଭାରତ ୨୦୨୫ରେ ୧୦୦ ଗିଗାୱାଟ ସୌର ଶକ୍ତି କ୍ଷମତା ସ୍ଥାପନର ଐତିହାସିକ ମାଇଲଖୁଣ୍ଟ ହାସଲ କରିସାରିଛି। ସରକାର ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ସ୍ଥାପନର ଆକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି, ଯେଉଁଥିରେ ଉଲ୍ଲେଖନୀୟ ଅଂଶ ଅର୍ଥାତ୍ ପ୍ରାୟ ୨୮୦ ଗିଗାୱାଟ ସୌର ଶକ୍ତିରୁ ଉତ୍ପାଦିତ ହେବା ଆଶା କରାଯାଉଛି। ଏହା ଆଗାମୀ ୫-୧୦ ବର୍ଷ ଧରି ସୌର ଶକ୍ତି ଏବଂ ଆନୁସଙ୍ଗିକ ଶିଳ୍ପଗୁଡିକ ନିମନ୍ତେ ଏକ ବିପୁଳ ସୁଯୋଗର ପ୍ରତିନିଧିତ୍ୱ କରୁଛି। କମ୍ପାନୀର ଆଲୁମିନିୟମ ଫ୍ରେମଗୁଡିକ ଆର୍‌ଓଏଚଏସ୍ ଏବଂ ଆର୍‌ଇଏସିଏଚ୍ ଅନୁପାଳନକାରୀ, ଯାହା ବିପଜ୍ଜନକ ଉପାଦାନରୁ ମୁକ୍ତ ଏବଂ ପରିବେଶ-ଅନୁକୂଳ ଶକ୍ତି ପ୍ରୟାସ ଅନୁରୂପ ୧୦୦ ପ୍ରତିଶତ ପୁନଃ ବ୍ୟବହାର ଯୋଗ୍ୟ ଅଟେ।

## ପ୍ରାଇମ୍‌ଡେ ଡିଲ୍ ଘୋଷଣା କଲା ଆମାଜନ୍

ନୂଆଦିଲ୍ଲୀ: ଆମାଜନ ଇଣ୍ଡିଆ ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ବହୁ ପ୍ରତୀକ୍ଷିତ ପ୍ରାଇମ୍ ଡେ ୨୦୨୫ର ଆକର୍ଷଣୀୟ ଡିଲ୍ ଘୋଷଣା କରିଛି। ଜୁଲାଇ ୧୨ ତାରିଖ ରାତି ୧୨.୦୦ ରୁ ଜୁଲାଇ ୧୪ ତାରିଖ ରାତି ୧୧.୫୯ ପର୍ଯ୍ୟନ୍ତ, କ୍ରେତାମାନେ ୭୨ ଘଣ୍ଟାର ନନ୍-ଷ୍ଟପ୍ ସପିଂ, ଅଦ୍ଭୁତ ଡିଲ୍ ଏବଂ ବ୍ଲକବଷ୍ଟର ମନୋରନ ଉପଭୋଗ କରିପାରିବେ। ପ୍ରାଇମ୍ ଡେ ସ୍ମାର୍ଟଫୋନ୍, କ୍ୟୁମର ଇଲେକ୍ଟ୍ରୋନିକ୍ସ, ଟିଭି, ଉପକରଣ, ଆମାଜନ ଡିଭାଇସ୍, ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ, ଘର ଏବଂ ରୋଷେଇ ଘର, ଫର୍ଣ୍ଣିଚର, ପ୍ରତିଦିନର ଆବଶ୍ୟକୀୟ ସାମଗ୍ରୀ ଏବଂ ଆହୁରି ଅନେକ ବର୍ଗରେ ଅତୁଳନୀୟ ସଂଚୟ ଆଣିଥାଏ। ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଅଫର୍ ସହିତ ସପିଂ କରିବା, ଆନନ୍ଦ ନେବା ଏବଂ ଆପଣଙ୍କର ପ୍ରାଇମ୍ ସଦସ୍ୟତାର ସର୍ବାଧିକ ଲାଭ ଉଠାଇବା ପାଇଁ ଏହା ଉପଯୁକ୍ତ ସମୟ। ଗ୍ରାହକମାନେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ, ଏସବିଆଇ କ୍ରେଡିଟ୍ କାର୍ଡ ଏବଂ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ଏବଂ ଏସବିଆଇ କ୍ରେଡିଟ୍ କାର୍ଡରେ ଇଏମଆଇ କାରବାର ବ୍ୟବହାର କରି ପେମେଂଟରେ ୧୦% ସଂଚୟ ସହିତ ସର୍ବାଧିକ ସଂଚୟ କରିପାରିବେ। ଏହାବ୍ୟତୀତ ପ୍ରାଇମ୍ ଭିଡିଓ ଏହି ପ୍ରାଇମ୍ ଡେ ପୂର୍ବରୁ ବିଭିନ୍ନ ଭାଷାରେ ୧୭ ଭାରତୀୟ ଏବଂ ଅନ୍ତର୍ଜାତୀୟ ସିରିଜ୍ ଏବଂ ଚଳଚ୍ଚିତ୍ରଗୁଡ଼ିକର ଏକ ରୋମାଂଚକର ଶୃଙ୍ଖଳର ଘୋଷଣା କରିଛି। ପ୍ରାଇମ୍ ସଦସ୍ୟମାନେ ଭାରତ ଏବଂ ଆମେରିକା, ଜାପାନ ଏବଂ କୋରିଆ ସମେତ ସାରା ବିଶ୍ୱରୁ ସର୍ବୋତମ ମନୋରଞ୍ଜନର ଆନନ୍ଦ ନେଇପାରିବେ। ଭାରତରେ ଯେକୌଣସି ବ୍ୟକ୍ତି ପ୍ରାଇମରେ ଯୋଗଦାନ କରିପାରିବେ, ବାର୍ଷିକ ପ୍ରାଇମ ସଦସ୍ୟତା ପାଇଁ ୧,୪୯୯ ଟଙ୍କାରେ - ସମ୍ପୂର୍ଣ୍ଣ ସପିଂ ଏବଂ ମନୋରନ ପ୍ରାଇମ ସୁବିଧା ସହିତ; ପ୍ରାଇମ ଲାଇଟ୍ ୭୯୯ଟଙ୍କାରେ - ସମ୍ପୂର୍ଣ୍ଣ ସପିଂ ସୁବିଧା ଏବଂ ସୀମିତ ପ୍ରାଇମ ଭିଡିଓ ସୁବିଧା ସହିତ, କିମ୍ବା ପ୍ରାଇମ ସପିଂ ସଂସ୍କରଣ ୩୯୯ଟଙ୍କା ରେ - ଯାହା କେବଳ ପରିବହନ ଏବଂ ସପିଂ ସୁବିଧା ଖୋଜୁଥିବା ଗ୍ରାହକମାନଙ୍କ ପାଇଁ ଉପଯୁକ୍ତ ଏବଂ ଏଥିରେ ପ୍ରାଇମ ଭିଡିଓ କିମ୍ବା ଆମାଜନ ମ୍ୟୁଜିକ୍ ଭଳି କୌଣସି ଡିଜିଟାଲ୍ କିମ୍ବା ମନୋରନ ସୁବିଧା ଅନ୍ତର୍ଭୁକ୍ତ ନାହିଁ। ବର୍ତ୍ତମାନ ପ୍ରାଇମରେ ଯୋଗଦାନ କରିବାକୁ amazon.in/prime କୁ ଯାଆନ୍ତୁ।

## ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ କଲା ସ୍ୟାଡୋଫ୍ୟାକ୍ସ

ମୁମ୍ବାଇ: ଭାରତର ଅଗ୍ରଣୀ ଲଜିଷ୍ଟିକ୍ସ ସେବା ପ୍ରଦାନକାରୀ ସ୍ୟାଡୋଫ୍ୟାକ୍ସ ଟେକ୍ନୋଲୋଜିସ ଲିମିଟେଡ୍ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଜରିଆରେ ପାଣ୍ଠି ସଂଗ୍ରହ କରିବା ଲାଗି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। କମ୍ପାନି ପକ୍ଷରୁ ଆଇପିଓ ଜରିଆରେ ୨୦୦୦-୨୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସଂଗ୍ରହ କରାଯିବ। ଏଥିରେ ନୂଆ ସେୟାର ଜାରି କରାଯିବ ଏବଂ ଅଫର ଫର ସେଲରେ ଅଂଶଧନକାରୀମାନେ ମଧ ସେୟାର ବିକ୍ରି କରିବେ। କମ୍ପାନିର ମୂଲ୍ୟାଙ୍କନ ୮୫୦୦ କୋଟି ଟଙ୍କା କରାଯାଇଛି। ୨୦୨୫ ଫେବ୍ରୁଆରିରେ ହୋଇଥିବା ପାଣ୍ଠି ଉଠାଣ ପର୍ଯ୍ୟାୟରେ କମ୍ପାନି ପ୍ରାୟ ୬୦୦୦ କୋଟି ଟଙ୍କାର ମୂଲ୍ୟାଙ୍କନ ସହ ପ୍ରାଥମିକ ଓ ମାଧ୍ୟମିକ ପୁଞ୍ଜି ହାସଲ କରିଥିଲା। ଏହି ଆଇପିଓ ଜରିଆରେ ଯେଉଁ ପାଣ୍ଠି ସଂଗ୍ରହ କରାଯିବ ତାହାକୁ କମ୍ପାନି ଦକ୍ଷତାରେ ଉନ୍ନତି, ଅଭିବୃଦ୍ଧି ବଢ଼ାଇବା ଏବଂ କମ୍ପାନିର ବ୍ୟବସାୟ ନେଟୱର୍କରେ ଅଧିକ ନିବେଶ କରିବାରେ ବିନିଯୋଗ କରିବାକୁ ପ୍ରସ୍ତାବ ରଖିଛି। କମ୍ପାନି ପାଇଁ ଇ-କମର୍ସ ବର୍ଗ ହେଉଛି ସର୍ବବୃହତ ଯୋଗଦାନକାର ଯାହା ବ୍ୟବସାୟ ପ୍ରତି ୭୫ ପ୍ରତିଶତ ଯୋଗଦାନ କରୁଛି। ଅବଶିଷ୍ଟ ବ୍ୟବସାୟ କ୍ୱିକ କମର୍ସ ଓ ହାଇପର ଲୋକାଲ ଡେଲିଭରିରୁ ଆସୁଛି। ସ୍ୟାଡୋଫ୍ୟାକ୍ସକୁ ଫ୍ଲିପକାର୍ଟ, ଟିପିଜି, ଏଇଟ ରୋଡସ ଭେଂଚର୍ସ, ମିରାଏ ଆସେଟ ଭେଂଚର୍ସ ଓ ନୋକିଆ ଗ୍ରୋଥ ଫଣ୍ଡର ସମର୍ଥନ ରହିଛି। ସ୍ୟାଡୋଫ୍ୟାକ୍ସ ହେଉଛି ଇ-କମର୍ସ ପାର୍ସଲ ଓ ମୂଲ୍ୟଯୁକ୍ତ ସେବା ପାଇଁ ଭାରତର ଅଗ୍ରଣୀ ଲଜିଷ୍ଟିକ୍ସ କମ୍ପାନି। ଏହାର ଦୃଢ଼ ବିତରଣ ନେଟୱର୍କ ୨୨୦୦ରୁ ଅଧିକ ସହର ଓ ୧୪,୩୦୦ରୁ ଅଧିକ ପିନକୋଡରେ ପହଂଚିଛି। ସ୍ୟାଡୋଫ୍ୟାକ୍ସ ନିଜକୁ ଲଜିଷ୍ଟିକ୍ସ ଶିଳ୍ପରେ ଅଗ୍ରଣୀ ଭାବେ ପ୍ରତିଷ୍ଠିତ କରିପାରିଛି।

## କିଓରଫୁଡ୍ସ ଇଣ୍ଡିଆ ଲିଃ.ର ଡିଆର୍‌ଏଚ୍‌ପି ଦାଖଲ

ନୂଆଦିଲ୍ଲୀ:ମଲ୍ଟିବ୍ରାଣ୍ଡ ଖାଦ୍ୟ ସେବା କମ୍ପାନି କିଓରଫୁଡ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। ୨୦୨୪ ଆର୍ଥିକ ବର୍ଷରେ ପରିଚାଳନାରୁ ରାଜସ୍ୱ ଦୃଷ୍ଟିରୁ କିଓରଫୁଡସ ହେଉଛି ଭାରତର ଦ୍ୱିତୀୟ ବୃହତମ ଡିଜିଟାଲ ପ୍ରଥମ ଖାଦ୍ୟ ସେବା କମ୍ପାନି। ଏହି ଇସ୍ୟୁରେ ୮୦୦ କୋଟି ଟଙ୍କାର ନୂଆ ସେୟାର ଜାରି କରାଯିବ ଏବଂ ଅଫର ଫର ସେଲରେ ଅଂଶଧନକାରୀ୪୮,୫୩୭,୫୯୯ ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଅଫରରୁ ଯେଉଁ ପାଣ୍ଠି ସଂଗୃହୀତ ହେବ, ସେଥିରୁ ୧୫୨.୫୪ କୋଟି ଟଙ୍କାକୁ କମ୍ପାନି ସମ୍ପ୍ରସାରଣ ଓ ଉପକରଣରେ ବ୍ୟବହାର କରାଯିବ। ନୂଆ କ୍ରିସପିକ୍ରିମ କ୍ଲାଉଡ କିଚେନ, ରେଷ୍ଟୋରାଁ, କିଓସ୍କ ଓ ସେଂଟ୍ରାଲ କିଚେନ ସ୍ଥାପନ କରିବାରେ ୧୨୬.୩୨ କୋଟି ଟଙ୍କା, ନୂଆ ବ୍ରାଣ୍ଡ ଜରିଆରେ କ୍ଲାଉଡ କିଚେନର ସମ୍ପ୍ରସାରଣ କରିବାରେ ୧୯.୯୧ କୋଟି ଟଙ୍କା ଏବଂ ମେସିନ୍ ଓ ଉପକରଣ କିଣିବାରେ ୬.୩୧ କୋଟି ଟଙ୍କାକୁ ବ୍ୟବହାର କରାଯିବ। କିଓର ଫୁଡ୍ସର ମୁଖ୍ୟ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ରହିଛି ଇଟ୍ ଫିଟ୍, କେକ୍‌ଜୋନ୍, ନୋମାଡ୍ ପିଜା, ସରିଫ୍ ଭାଇବିରିଆନି, ଓଲିଓ ପିଜା, ଫ୍ରୋଜେନ୍ ବୋତଲ୍, ମିଲେଟ୍ ଏକ୍ସପ୍ରେସ୍, ଏବଂ କ୍ରିସ୍ପିକ୍ରିମ୍। ୨୦୨୫ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ କିଓର ଫୁଡସର ଭାରତର ୭୦ରୁ ଅଧିକ ସହର ଏବଂ ନଗଦଗୁଡ଼ିକରେ ୫୦୨ଟି ସ୍ଥାନରେ ଉପସ୍ଥିତି ରହିଛି। ଏହି ଅଫରର ବୁକ ରନିଂ ଲିଡ ମ୍ୟାନେଜର ହେଉଛନ୍ତି ଜେଏମ ଫାଇନାନ୍ସିଆଲ ଲିମିଟେଡ, ଆଇଆଇଏଫଏଲ କ୍ୟାପିଟାଲ ସର୍ଭିସେସ ଲିମିଟେଡ ଓ ନୁଭାମାୱେଲଥ ମ୍ୟାନେଜମେଂଟ ଲିମିଟେଡ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମହାରାଷ୍ଟ୍ରରେ ଚଳିତ ମାସ ୫ରୁ ୭ ତାରିଖ ପର୍ଯ୍ୟନ୍ତ ହୀରାବାଡ଼ି ନାସିକ ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତା ଆରମ୍ଭ ହେବ। ଏଥିପାଇଁ ଓଡ଼ିଶା ଦଳ ଘୋଷିତ ହୋଇଛି। ଭୁବନେଶ୍ୱର ଅସିଚାଳନା ଏକାଡେମି ପ୍ରଶିକ୍ଷକ ସୁକାନ୍ତ ସେଠ, ବଲାଙ୍ଗୀର କ୍ରୀଡ଼ା ଛାତ୍ରାବାସର ଅନ୍ୱେଷା ରାଉତ, ରୋଶନ ସାହୁ, ଅସିଚାଳନା ଏନଆଇଏସ୍ ପ୍ରଶିକ୍ଷକ କରିସ୍ମା ରାଉତ, ଜ୍ୟୋତିରଞ୍ଜନ ଠାକୁର, ପରିଚାଳନା କରିଥିଲେ। ଶିବିରରେ ମୋଟ ୩୦ ଖେଳାଳି ଯୋଗ ଦେଇଥିଲେ। ସେଥିମଧ୍ୟରୁ ୧୮ ଖେଳାଳିଙ୍କୁ ନେଇ ଓଡ଼ିଶା ଦଳ ଗଠନ କରାଯାଇଛି ବୋଲି ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏବଂ ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷ ଲୁକ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାଶର ବାଗ, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦ୍ର ସେଠ, ସଂକେତ ଯୋଶୀ, ପୟୋସ୍ୱିନୀ ପୁରୋହିତ ଯୋଗଦେଇ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶା ଦଳ: ପ୍ରିୟଲୋଚନ ନାଏକ, ମନିଷ ନାଏକ, ନିଖିଳ କୁମାର ସାହୁ, ଓମ୍‌ଶଙ୍କର ପଟେଲ, ଅରଜିତ ପଟେଲ, ଶୋଭିତ ମୁଗ୍ରୀ, ପ୍ରଭାସ ଦୋରା, ସ୍ମିଠିକା ସାହୁ (୧୦ ବର୍ଷରୁ କମ୍), ବିଭୁତି ଶଙ୍କର ପଟେଲ, ରୁଦ୍ରାଂଶ ସ୍ୱାଇଁ, ସ୍ୱୟମ୍ ପଟେଲ, ସମ୍ବିତ ପଧାନ, ସୋମ୍ୟରଞ୍ଜନ ବଗର୍ତ୍ତୀ, ଶ୍ରୀୟା ପଟେଲ, ଇଶି ସ୍ୱାଇଁ, ଦିବ୍ୟାଂଶୁ ବାହାଲିଆ, ପ୍ରଜ୍ଞାଶା ମହାନ୍ତି, ସିପୁନ ପଟେଲ (୧୨ ବର୍ଷରୁ କମ୍)। ସୁକାନ୍ତ ସେଠ, କରିସ୍ମା ରାଉତ, ରୋଶନ ସାହୁ, ଜ୍ୟୋତି ରଞ୍ଜନ ଠାକୁର (ପ୍ରଶିକ୍ଷକ)।

# ବର୍ମିଂହାମ ଟେଷ୍ଟ: ଦୃଢ଼ ସ୍ଥିତରେ ଭାରତ




ବର୍ମିଂହାମ: ଅଧିନାୟକ ଶୁବମନ ଗିଲ୍‌ଙ୍କ କ୍ରମାଗତ ଶତକ ଏବଂ ଲୋକେଶ ରାହୁଲ, ରିଷଭ ପନ୍ତ ଓ ରବୀନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ବର୍ମିଂହାମରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଅଧିନାୟକ ଭାବେ ୪ ଇନିଂସରେ ୩ ଶତକ ହାସଲ କରି ଗିଲ୍ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୪୨୭/୬ରେ ଘୋଷଣା କରିଛି। ଫଳରେ ଇଂଲଣ୍ଡ ସମ୍ମୁଖରେ ୬୦୮ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରିପୋର୍ଟ ପ୍ରସ୍ତୁତ ହେବା ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୧ ରନ ମଧ୍ୟରେ ୨ ଉଇକେଟ ହରାଇ ବିପଦରେ ପଡ଼ିଛି। ତୃତୀୟ ଦିବସର ଅସମାପ୍ତ ସ୍କୋର ୬୪/୧ରୁ ଖେଳ ଆରମ୍ଭ କରିଥିଲା ଭାରତ। ଭଲ ଆରମ୍ଭ କରିଥିବା କରୁଣ ନାୟାର ୨୬ ରନକରି ଆଉଟ ହୋଇଥିବା ବେଳେ ଅର୍ଦ୍ଧଶତକ ହାସଲ କରିଥିଲେ ଲୋକେଶ ରାହୁଲ। ତେବେ ସେ ୫୫ ରନ କରି ଜୋଶ୍ ଟଙ୍ଗ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଗିଲ୍‌ଙ୍କ ସହ କ୍ରିଜ୍‌ରେ ଯୋଗଦେଇ ରିଷଭ ପନ୍ତ ଦ୍ରୁତ ହାରରେ ରନ ସଂଗ୍ରହ ସହ ଭାରତୀୟ ଇନିଂସକୁ ଆଗେଇ ନେଇଥିଲେ। ୪ର୍ଥ ଉଇକେଟରେ ଦୁହେଁ ଶତକୀୟ ଭାଗୀଦାରି ଗଢ଼ିଥିଲେ। ୧୦୩ ବଲ୍‌ରୁ ୧୧୦ ରନ ସଂଗ୍ରହ ପରେ ପନ୍ତ ୫୮ ବଲ୍‌ରୁ ୬୫ ରନକରି ଆଉଟ ହୋଇଥିଲେ। ଏହାପରେ ଗିଲ୍ ଓ ରବୀନ୍ଦ୍ର ଜାଡେଜାଙ୍କ ଯୋଡ଼ି ୫ମ ଉଇକେଟରେ ଶତକୀୟ ପାର୍ଟନରଶିପ୍ ଗଢ଼ିଥିଲେ। ଏହି ଅବସରରେ ଗିଲ୍ ଶତକ ହାସଲ କରିଥିଲେ। ସୁନୀଲ ଗାଭାସ୍କର ଓ ବିରାଟ କୋହଲିଙ୍କ ପରେ ଭାରତର ତୃତୀୟ ଅଧିନାୟକ ଭାବେ ସେ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ଅଧିନାୟକ ଭାବେ ନିଜ ପ୍ରଥମ ୨ ଟେଷ୍ଟରେ ୩ ଶତକ ହାସଲ କରିବାରେ ସେ ଦ୍ୱିତୀୟ ଭାରତୀୟ ହୋଇଥିଲେ। ପୂର୍ବରୁ ବିରାଟ କୋହଲି ଏହି ରେକର୍ଡର ଅଧିକାରୀ ଥିଲେ। ସେହିପରି ଗୋଟିଏ ଟେଷ୍ଟରେ ସର୍ବାଧିକ ରନ କରିବାରେ ସୁନୀଲ ଗାଭାସ୍କରଙ୍କ ରେକର୍ଡ ଭାଙ୍ଗିଥିଲେ ଗିଲ୍। ଗାଭାସ୍କର ୧୯୭୧ରେ ପୋର୍ଟ ଅଫ୍ ସ୍ପେନ୍ ଟେଷ୍ଟରେ ୩୪୪ ରନ କରି ରେକର୍ଡର ଅଧିକାରୀ ଥିଲେ। ପୂର୍ବ ଟେଷ୍ଟରେ ଇଂଲଣ୍ଡ ୩୭୧ ରନକୁ ସଫଳତାର ସହ ଚେଜ୍ କରିଥିବାରୁ ଗିଲ୍ ଦ୍ୱିତୀୟ ଇନିଂସରେ ଯଥା ସମ୍ଭବ ବଡ଼ ସ୍କୋର କରିବାକୁ ଉଦ୍ୟମ କରିଥିଲେ। ଶତକ ହାସଲ ପରେ ସେ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଫଳରେ ଆଉଟ ହେବା ବେଳକୁ ସେ ୧୬୨ ବଲ୍‌ରୁ ୧୬୧ (୧୩ ଚୌକା, ୮ ଛକା) ରନ ସଂଗ୍ରହ କରିଥିଲେ। ପନ୍ତ ୬୫ ଓ ଜାଡେଜା ୬୯ ରନର ଇନିଂସ ଖେଳି ଭାରତର ବଡ଼ ସ୍କୋରେ ଉପଯୋଗୀ ଯୋଗଦାନ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ୍ ଓ ଶୋଏବ ବଶିର ୨ଟି ଲେଖାଏ ଏବଂ ବେର୍ଡନ କାର୍ସ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରକାଶ ଯୋଗ୍ୟ ଯେ, ଗିଲ୍ ପ୍ରଥମ ଇନିଂସରେ ୨୬୯ ରନ ସ୍କୋର କରିଥିଲେ।

# ବିସିସିଆଇର ନିଷ୍ପତ୍ତି, ବାଂଲାଦେଶ ଯିବନି ଭାରତୀୟ ଟିମ୍

ନୂଆଦିଲ୍ଲୀ: ଆସନ୍ତା ଅଗଷ୍ଟରୁ ବାଂଲାଦେଶରେ ଭାରତ ସହ ହେବାକୁ ଥିବା ଦ୍ୱିପାକ୍ଷିକ ସିରିଜକୁ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ବାଂଲାଦେଶ କ୍ରିକେଟ୍ ବୋର୍ଡ ଏବଂ ବିସିସିଆଇ ମିଳିତ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି କେବଳ କ୍ରିକେଟ୍ ସହ ଜଡ଼ିତ ନୁହେଁ, ବରଂ ବାଂଲାଦେଶରେ ଦେଖାଦେଇଥିବା ରାଜନୈତିକ ଅସ୍ଥିରତା, ସଂଖ୍ୟାଲଘୁଙ୍କ ବିରୁଦ୍ଧରେ ହିଂସା ଏବଂ ଭାରତ ସହିତ ଚାଲିଥିବା ସୀମା ବିବାଦର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ବୋଲି ଧରାଯାଉଛି। ବାଂଲାଦେଶରେ ଚାଲିଥିବା ଘଟଣା ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ବିରୁଦ୍ଧରେ ଏହାର ଅବାନ୍ତର ବୟାନ ବିସିବିକୁ ମହଙ୍ଗା ପଡ଼ିଛି। ବାଂଲାଦେଶରେ ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରାଜନୈତିକ ଅସ୍ଥିରତା ଜାରି ରହିଛି। ୨୦୨୪ ଅଗଷ୍ଟରେ ଛାତ୍ର ଆନ୍ଦୋଳନ ପରେ ଶେଖ୍ ହସିନାଙ୍କ ସରକାରର ପତନ ଘଟିଥିଲା। ତାଙ୍କୁ ଦେଶ ଛାଡି ଭାରତରେ ଆଶ୍ରୟ ନେବାକୁ ପଡିଥିଲା। ବାଂଲାଦେଶରେ ଏବେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ଅଛି। ଅନ୍ତରୀଣ ସରକାର ଲଗାତାର ଭାରତ ବିରୋଧରେ ବୟାନ ଦେଇ, ଚୀନର ଗୁଣଗାନ କରୁଛି। ଏହାଛଡ଼ା ଭାରତ ଲଗାତାର ଆପତ୍ତି ସତ୍ତ୍ୱେ ସେଠାକାର ସରକାର ସଂଖ୍ୟାଲଘୁ ହିନ୍ଦୁଙ୍କୁ ସୁରକ୍ଷା ଦେଇପାରୁ ନାହିଁ। ଏପରି ସ୍ଥିତିରେ ବିସିସିଆଇ ଖେଳାଳିଙ୍କ ସୁରକ୍ଷାକୁ ନେଇ ଚିନ୍ତା ବ୍ୟକ୍ତ କରିଥିଲା। ଭାରତ ସରକାର ବି ବିସିସିଆଇକୁ ସୁରକ୍ଷା ନେଇ ସତର୍କ କରାଇଥିଲେ। ଭାରତ ସରକାର ଚାହୁଁଛନ୍ତି ଯେ ବାଂଲାଦେଶରେ ସ୍ଥିର ସରକାର ଓ ଆଇନ ବ୍ୟବସ୍ଥା ସ୍ଥିତି ନିୟନ୍ତ୍ରଣକୁ ଆସିବା ପରେ ହିଁ ଖେଳାଳି ଗସ୍ତ କରନ୍ତୁ। ଆସନ୍ତା ବର୍ଷ ଆରମ୍ଭରେ ବାଂଲାଦେଶରେ ନିର୍ବାଚନ ହେବାର ସମ୍ଭାବନା ରହିଛି। ବିସିବି ୨୦୨୬ ସେପ୍ଟେମ୍ବରରେ ଭାରତ ସହ ସିରିଜ ପାଇଁ ଇଚ୍ଛୁକ ଅଛି। କିନ୍ତୁ ବାଂଲାଦେଶରେ ସ୍ଥିର ସରକାର ପରେ ହିଁ ତାରିଖ ସ୍ପଷ୍ଟ ହୋଇପାରିବ। ଏହି ସ୍ଥଗିତ କେବଳ କ୍ରିକେଟ୍ ସିରିଜକୁ ଟାଳିବା ନୁହେଁ, ବରଂ ବାଂଲାଦେଶର ଆଭ୍ୟନ୍ତରୀଣ ଆହ୍ୱାନ ଓ ଭାରତ ସହ ଏହାର ଜଟିଳ ସମ୍ପର୍କକୁ ଦର୍ଶାଉଛି।

# ଭାରତ ପାଇଁ ସୁନାମ ଆଣିଲେ ଡି. ଗୁକେଶ




ନୂଆଦିଲ୍ଲୀ: ବିଶ୍ୱ ସ୍ତରରେ ଭାରତ ପାଇଁ ସୁନାମ ଆଣିଲେ ଡି ଗୁକେଶ। ୧୯ ବର୍ଷୀୟ ବିଶ୍ୱ ଚେସ୍ ଚାମ୍ପିଅନ୍ ଡି. ଗୁକେଶ କ୍ରୋଏସିଆର ଜାଗ୍ରେବ ସହରରେ ଚାଲିଥିବା ସୁପରୟୁନାଇଟେଡ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟରେ ରାପିଡ୍ ଗେମ୍ ଜିତିଛନ୍ତି। ଏହି ଟୁର୍ନାମେଣ୍ଟ ଗ୍ରାଣ୍ଡ ଚେସ୍ ଟୁ୍ର୍-୨୦୨୫ର ଏକ ଅଂଶ। ଗୁକେଶ ରାପିଡ୍ ଫର୍ମରେ ୧୮ ପଏଣ୍ଟରୁ ୧୪ ପଏଣ୍ଟ ଅର୍ଜନ କରି ଏହି ଗେମ୍ ଜିତିଛନ୍ତି। ପ୍ରଥମ ରାଉଣ୍ଡରେ ପରାଜୟ, ତା'ପରେ ୫ଟି ଲଗାତାର ବିଜୟ। ଗୁକେଶଙ୍କ ଅଭିଯାନ ବିପର୍ଯ୍ୟୟରୁ ଆରମ୍ଭ ହୋଇଥିଲା କାରଣ ସେ ପ୍ରଥମ ରାଉଣ୍ଡରେ ପୋଲାଣ୍ଡର ଜାନ-କ୍ରିଜଷ୍ଟୋଫ୍ ଡୁଡାଙ୍କଠାରୁ ପରାସ୍ତ ହୋଇଥିଲେ। ତଥାପି ସେ ଚମତ୍କାର ଭାବରେ କମବ୍ୟାକ୍ ? କରିଥିଲେ। ପାଞ୍ଚଟି ଲଗାତାର ମ୍ୟାଚ୍ ଜିତିଥିଲେ। ଏହାମଧ୍ୟରୁ ବିଶ୍ୱର ନମ୍ବର ୱାନ୍ ମ୍ୟାଗନସ୍ କାର୍ଲସନଙ୍କ ବିପକ୍ଷରେ ଚତୁର୍ଥ ରାଉଣ୍ଡରେ ସବୁଠାରୁ ଚର୍ଚ୍ଚିତ ବିଜୟ ଥିଲା। ଗୁକେଶ ଶେଷ ରାଉଣ୍ଡରେ ୩୬ଟି ଚାଲରେ ଆମେରିକୀୟ ଅଭିଜ୍ଞ ୱେସ୍ଲି ସୋ'ଙ୍କୁ ପରାସ୍ତ କରି ବିଜୟ ହୋଇଛନ୍ତି। ତାଙ୍କର ଦ୍ରୁତ ରେକର୍ଡ ହେଉଛି ୬ ବିଜୟ, ୨ ଡ୍ର ଏବଂ ୧ ପରାଜୟ। - ଏହା ତାଙ୍କର ସ୍ଥିରତା ଏବଂ ଦୃଢ଼ ଖେଳର ପ୍ରମାଣ। ମାଗନସ୍ କାର୍ଲସନ୍ ଶେଷ ଦିନ ଫାବିଆନୋ ଡି ରୁଆନାଙ୍କ ବିପକ୍ଷରେ ବିଜୟ ସହିତ ଆରମ୍ଭ କରିଥିଲେ, କିନ୍ତୁ ପରବର୍ତ୍ତୀ ମ୍ୟାଚ୍ ?ରେ ନୋଦିରାବେକ୍ ଅବଦୁସାତ୍ ରୋଭଙ୍କ ସହିତ ଡ୍ର କରି ସେ ଗୁକେଶଙ୍କୁ ଚ୍ୟାଲେଞ୍ଜ କରିପାରି ନଥିଲେ। ଅନ୍ୟପକ୍ଷରେ ଡୁଡା ଗୁକେଶଙ୍କୁ ପରାସ୍ତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ

# ନିୟମିତ ୯୦+ ଥ୍ରୋ ପାଇଁ ଅଧିକ ନିୟନ୍ତ୍ରଣ ଆବଶ୍ୟକ: ନୀରଜ




ବେଙ୍ଗାଲୁରୁ: ନିରନ୍ତର ଭାବେ ୯୦+ ମିଟର୍ ଥ୍ରୋ କରିବାକୁ ହେଲେ ଅଧିକ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ଆଭ୍ୟନ୍ତରୀଣ ମାଂସପେଶୀ ଉପରେ ଅଧିକ କାମ କରିବା ସହ ଟେକ୍‌ନିକ୍‌କୁ ବି ଶାଣିତ କରିବାକୁ ହେବ। ଏଭଳି ଅନୁଭବ କରିଛନ୍ତି ଡବଲ୍ ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା। ନିଜ ନାମରେ ଏକ ବିଶ୍ୱସ୍ତରୀୟ ଇଭେଣ୍ଟ୍ ହେବାକୁ ଯାଉଥିବାରୁ ସେ ଏଥି ପାଇଁ ଅତ୍ୟନ୍ତ ଗର୍ବିତ ହୋଇଛନ୍ତି। ଶନିବାର ବେଙ୍ଗାଲୁରୁର ଶ୍ରୀ କାନ୍ତିରବା ଷ୍ଟାଡିୟମ୍‌ରେ ନୀରଜ ଚୋପ୍ରା କ୍ଲାସିକ୍ ଜାଭଲିନ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବିଶ୍ୱର ପ୍ରମୁଖ ଜାଭଲିନ୍ ଫିଙ୍ଗାଳି ଭାଗ ନେଉଛନ୍ତି। ''ପଦକ ଜିତିବା ଭିନ୍ନ କଥା, କିନ୍ତୁ ଏହା ମୋତେ ସ୍ୱପ୍ନ ଭଳି ଲାଗୁଛି। ଭାରତୀୟ ଆଥଲେଟ୍‌ମାନଙ୍କୁ ମୁଁ କିଛି ଦେଇ ପାରିଥିବାରୁ ଖୁସି ଲାଗୁଛି'' ବୋଲି ପ୍ରାକ୍ ଇଭେଣ୍ଟ୍ ସାମ୍ବାଦିକ ସମ୍ମିଳନୀରେ ନୀରଜ ପ୍ରକାଶ କରିଛନ୍ତି। ସରକାରଙ୍କଠାରୁ ଆରମ୍ଭ କରି କର୍ଣ୍ଣାଟକ ଅଲିମ୍ପିକ୍ ଆସୋସିଏସନ୍, ବିଶ୍ୱ ଆଥଲେଟିକ୍ସ ଓ ପ୍ରାୟୋଜକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସମର୍ଥନ ମିଳିଛି। ଏହି ଇଭେଣ୍ଟ ଉନ୍ନତ ଭାବେ ହେବ ବୋଲି ବିଶ୍ୱାସ ବି ରହିଛି ବୋଲି ନୀରଜ ପ୍ରକାଶ କରିଛନ୍ତି। ଆମେରିକା ଓ ୟୁରୋପରେ ଏଭଳି ପ୍ରତିଯୋଗିତା ନିୟମିତ ହେଉଛି। ଭାରତରେ ଏଭଳି 'ଏ', 'ବି' ଓ 'ସି' ଶ୍ରେଣୀଭୁକ୍ତ ପ୍ରତିଯୋଗିତା ଅତି କମ୍‌ରେ ୪/୫ଟି ହେବାର ଆବଶ୍ୟକତା ରହିଛି। ଆଗାମୀ ବିଶ୍ୱ ପ୍ରତିଯୋଗିତା ପାଇଁ ଏହା ଭଲ ପ୍ରସ୍ତୁତି ବି ଦେବ ବୋଲି ଗତ ମାସରେ ପ୍ୟାରିସ୍ ଡାଏମଣ୍ଡ୍ ଲିଗ୍ ଜିତିଥିବା ନୀରଜ ପ୍ରକାଶ କରିଛନ୍ତି।

# ଆମେ କୌଣସି ବି ଟାର୍ଗେଟ୍ ପିଛା କରି ପାରିବୁ: ବ୍ରୁକ୍




ଏଜବାଷ୍ଟନ: ଭାରତ ବିପକ୍ଷ ଏଜବାଷ୍ଟନ ଟେଷ୍ଟ ମ୍ୟାଚ୍ ?ରେ ଇଂଲଣ୍ଡ ବ୍ୟାଟର ହ୍ୟାରି ବ୍ରୁକ ଓ ଜେମି ସ୍ମିଥ ଦମଦାର ବ୍ୟାଟିଂ କରିଛନ୍ତି। ବ୍ରୁକ ପ୍ରଥମ ଇନିଂସରେ ୧୭ ଚୌକା ଓ ଏକ ଛକା ଜରିଆରେ ୨୩୪ ବଲ୍ ?ରୁ ୧୫୮ ରନ କରିଛନ୍ତି। ବ୍ରୁକ ଏହି ସମୟରେ ଜେମି ସ୍ମିଥଙ୍କ ସହ ମିଶି ଷଷ୍ଠ ୱିକେଟ୍ ? ପାଇଁ ୩୦୩ ରନର ପାର୍ଟନରଶିପ କରି ଇଂଲଣ୍ଡକୁ କେବଳ ଫଲୋଅନରୁ ବଞ୍ଚାଇ ନ ଥିଲେ ବରଂ ଦଳକୁ ମ୍ୟାଚ୍ ?ରେ ଲଢ଼ିବା ପାଇଁ ସ୍କୋର କରିଥିଲେ। ଏହି ଦୁଇ ବ୍ୟାଟରଙ୍କ ବିଶାଳ ଶତକୀୟ ଇନିଂସ ବଳରେ ଇଂଲଣ୍ଡ ୪୦୭ ରନ କରି ପାରିଛି। ଭାରତ ୧୮୦ ରନର ଅଗ୍ରଣୀ ହାସଲ କରିଛି। ଏବେ ଶତକବୀର ହ୍ୟାରି ବ୍ରୁକ ଭାରତୀୟ ଦଳକୁ ଚେତାବନୀ ଦେଇଛନ୍ତି। ବ୍ରୁକଙ୍କ କହିବା କଥା ତାଙ୍କ ଦଳ ଚତୁର୍ଥ ଇନିଂସରେ କୌଣସି ବି ଲକ୍ଷ୍ୟ ପିଛା କରିବାକୁ ସକ୍ଷମ। ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଭାରତ ମୋଟ୍ ୨୪୪ ରନ ଅଗ୍ରଣୀ ହାସଲ କରିଛି। ଖବର ଲେଖା ଯିବା ବେଳକୁ ଭାରତ ଚତୁର୍ଥ ଦିନରେ ୨ ୱିକେଟ୍ ହରାଇ ୧୦୯ ରନ କରିଛି ଏବଂ ୨୮୯ ରନ ଅଗ୍ରଣୀ ହାସଲ କରିଛି। ହାତରେ ଆହୁରି ୮ ୱିକେଟ୍ ବାକି ରହିଛି। ଭାରତୀୟ ଦଳ ଯଦି ଦୁଇ କିମ୍ବା ଅଢ଼େଇ ସେସନ ବ୍ୟାଟିଂ କରେ ତେବେ ଇଂଲଣ୍ଡ ସମ୍ମୁଖରେ ପାଖାପାଖି ୫୦୦ ରନର ବିଜୟ ଲକ୍ଷ୍ୟ ରହିପାରେ। ହ୍ୟାରି ବ୍ରୁକ ବିବିସି ସହ ସ୍ୱତନ୍ତ୍ର ଆଲୋଚନା ବେଳେ କହିଛନ୍ତି, ମୋତେ ଏବେ ବି ଲାଗୁଛି ଆମେ ଏହି ଟେଷ୍ଟ ମ୍ୟାଚ୍ ଜିତି ପାରିବୁ। ସମସ୍ତଙ୍କୁ ଜଣା ଯେ, ଆମେ ଲକ୍ଷ୍ୟ ପିଛା କରିବୁ, ସେ ଯେତେ ରନ ହେଉନା କାହିଁକି। ଜେମି ସ୍ମିଥଙ୍କ ସହ କ୍ରିଜରେ ସମୟ ବିତାଇବା ଦଳ ପାଇଁ ଫାଇଦା ସାବ୍ୟସ୍ତ ହୋଇଛି। ଆଶା କରୁଛି ଆମେ ମ୍ୟାଚ୍ ?ରେ ପ୍ରତ୍ୟାବର୍ତ୍ତନ କରିବୁ। ବ୍ରୁକ ଭାରତୀୟ ବୋଲରଙ୍କ ପ୍ରଶଂସା କରି କହିଛନ୍ତି ଯେ, ତାଙ୍କ ଆଉଟ୍ ହେବା ସହ ମ୍ୟାଚ୍ ?ର ଦିଗ ହିଁ ବଦଳିଗଲା। ଯଦି ମୁଁ ଆଉଟ୍ ହୋଇ ନ ଥାନ୍ତି ତେବେ ଏବେ ଏହି ସ୍ଥିତିରେ ଆମେ ନ ଥାଆନ୍ତୁ। ଭାରତକୁ ଶୀଘ୍ର ଆଉଟ୍ କରିବାକୁ ଚେଷ୍ଟା କରିବୁ।

# ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଆସିକାର ଦୁଇ ଖେଳାଳି




ଆସିକା(ଭାସ୍କର ନ୍ୟୁଜ): ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଗଞ୍ଜାମ ପକ୍ଷରୁ ଜିଲ୍ଲା ସ୍ତରୀୟ ବ୍ୟାଟମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଉକ୍ତ ପ୍ରତିଯୋଗିତାରେ ଆସିକା ଇଣ୍ଡୋର ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ଦୁଇ ଖେଳାଳି କୃତିତ୍ୱ ହାସଲ କରିଛନ୍ତି। ବାଳକ ବିଭାଗରେ ଅଣ୍ଡର ୧୫ ସ୍ତରରେ ଆସିକାର ଦାସୁ ସାଇ ହେମନ୍ତ ଓ ବାଳିକା ବିଭାଗରେ ପ୍ରସିଦ୍ଧି ପ୍ରିୟା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଆସିକାର ଏହି ଦୁଇଜଣ କୃତି ଛାତ୍ରଛାତ୍ରୀଙ୍କ ଏହି ଯାତ୍ରାକୁ ନେଇ ଜିଲ୍ଲା ଓ ରାଜ୍ୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ଖେଳୁଆଡ଼ ମନୋଭାବ ନେଇ ବ୍ୟାଟମିଣ୍ଟନ ଖେଳୁଥିବା ଏହି ଦୁଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଛନ୍ତି ପ୍ରଶିକ୍ଷିକ ଚନ୍ଦନ କୁମାର ବେହେରା। ଖେଳ ଶେଷରେ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଜେଡିର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ୟାଟମିଣ୍ଟନ ଆସୋସିଏସନ ସମ୍ପାଦକ କେଶବ ପ୍ରଧାନ, ମିତେନ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ଏହି କୃତିତ୍ୱକୁ ନେଇ ଆସିକା ଅଞ୍ଚଳର ଅଭିଜ୍ଞ କ୍ରୀଡ଼ାବିତ ସାଗର କୁମାର ସାବତ, ପ୍ରଶାନ୍ତ କୁମାର ମୁନି, ରଂଜିତ ପାତ୍ର, ବାବୁ ଗୌଡ଼ ରବୀନ୍ଦ୍ର କୁମାର ସେଠି, ଆର. ଚିଦାନନ୍ଦ ଆଚାରୀ, ଅରୁଣ ଗୁପ୍ତା, ସଂଜୀବ ସୁବୁଦ୍ଧି, ଝୁଲୁ ପଣ୍ଡା, ପବିତ୍ର କୁମାର ଡାକୁଆ, ସି ଏଚ ବାଲାଜୀ ରେଡ୍ଡି, ରାଜୀବ ରେଡ୍ଡି, ସୂର୍ଯ୍ୟ ନାରାୟଣ ଶତପଥି, ସଂସ୍କୃତି ପ୍ରେମୀ ରତ୍ନାକର ଶିୟ, ଅନିଲ ପାଣିଗ୍ରାହୀ, କମେଳେନ୍ଦୁ ହୋତା ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ଆସିକା ଇଣ୍ଡୋର ଷ୍ଟାଡିୟମରେ ବହୁ ଛାତ୍ରଛାତ୍ରୀ ଖେଳ ପ୍ରତି ଆଗ୍ରହ ପ୍ରକାଶ କରି ପ୍ରଶିକ୍ଷିତ ହେଉଥିବା ବେଳେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଖେଳିବା ପାଇଁ ପ୍ରତିନିଧିତ୍ୱ କରୁଥିବାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ବିଧାୟକ ସରୋଜ କୁମାର ପାଢ଼ୀ।

## ସୁଧୁରିଯିବ କି ସମ୍ପର୍କ ?

# ୭ ବର୍ଷ ପରେ ଶାମିଙ୍କୁ 'ଆଇ ଲଭ୍ ୟୁ' କହିଲେ ହାସିନ



ନୂଆଦିଲ୍ଲୀ: ଭାରତୀୟ ଷ୍ଟାର ବୋଲର ମହମ୍ମଦ ଶାମି ଏବଂ ତାଙ୍କ ପତ୍ନୀ ହାସିନ ଜାହାଁ ପ୍ରାୟ ୭ ବର୍ଷ ଧରି ଅଲଗା ରହୁଛନ୍ତି। କଲିକତା ହାଇକୋର୍ଟ ହାସିନଙ୍କ ଭରଣପୋଷଣ ଆବେଦନର ଶୁଣାଣି କରି ଶାମିଙ୍କୁ ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ପ୍ରତି ମାସରେ ୪ ଲକ୍ଷ ଟଙ୍କା ଭରଣପୋଷଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପ୍ରତିକ୍ରିୟାରେ ହାସିନ କହିଛନ୍ତି, ୪ ଲକ୍ଷ ଟଙ୍କା ଭରଣପୋଷଣ କମ। କିନ୍ତୁ ଏବେ ସେ ଏକ ଭିଡିଓ ଏବଂ ତା ସହିତ ଏକ ଲମ୍ବା ମେସେଜ୍ ଶେୟାର କରିଛନ୍ତି, ଯେଉଁଥିରେ ଶାମିଙ୍କ ପ୍ରତି ତାଙ୍କର ପ୍ରେମ ଉଜାଗର କରିଛନ୍ତି। ହାସିନ ଇନଷ୍ଟାଗ୍ରାମରେ ଏକ ଭିଡିଓ କ୍ଲିପ ଶେୟାର କରିଛନ୍ତି, ଯେଉଁଥିରେ ସେ 'ପ୍ୟାର ମେଁ ହୋତା ହେ କ୍ୟା ଜାଦୁ' ଗୀତ ଗାଉଥିବାର ଦେଖାଯାଉଛି। ହାସିନ ଏହି ଭିଡିଓ କ୍ଲିପ ସହିତ ଏକ ଲମ୍ବା ମେସେଜ୍ ଶେୟାର କରିଛନ୍ତି, ଯେଉଁଥିରେ ସେ ମହମ୍ମଦ ଶାମିଙ୍କ ପାଇଁ 'ଆଇ ଲଭ ୟୁ' ମଧ୍ୟ ଲେଖିଛନ୍ତି। ସେ ଲେଖିଛନ୍ତି, ଶାମିଙ୍କ ସହ ତାଙ୍କର ଆଇନଗତ ଲଢ଼େଇ ୭ ବର୍ଷ ଧରି ଚାଲିଛି, ଯାହାରୁ କେହି କିଛି ପାଇନାହାଁନ୍ତି। ସେ ତାଙ୍କ ପୋଷ୍ଟରେ ଚରିତ୍ରହୀନ, ଲୋଭୀ ଏବଂ ଅହଂକାର ଭଳି ଶବ୍ଦ ମଧ୍ୟ ବ୍ୟବହାର କରିଥିଲେ। ମହମ୍ମଦ ଶାମି ଏବଂ ହାସିନ ଜାହା: ୨୦୧୪ ମସିହାରେ ବିବାହ କରିଥିଲେ। ୪ ବର୍ଷ ବିବାହ ପରେ, ମାର୍ଚ୍ଚ ୨୦୧୮ରେ, ହାସିନ ଶାମି ଏବଂ ତାଙ୍କ ପରିବାର ଉପରେ ଶାରୀରିକ ଏବଂ ମାନସିକ ନିର୍ଯାତନାର ଅଭିଯୋଗ ଆଣିଥିଲେ। ଶାମିଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଘରୋଇ ନିର୍ଯାତନା ଏବଂ ବିଷ ଦେବାର ପ୍ରୟାସ ଭଳି ଗମ୍ଭୀର ଅଭିଯୋଗ ଆସିଥିଲା। ତଥାପି, ଶାମି ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଥିଲେ। ହାସିନ ଶାମିଙ୍କ ଉପରେ ମ୍ୟାଚ ଫିକ୍ସିଂର ଅଭିଯୋଗ ମଧ୍ୟ ଲଗାଇଥିଲେ, କିନ୍ତୁ ବିସିସିଆଇର ଦୁର୍ନୀତି ନିବାରଣ ୟୁନିଟ ତଦନ୍ତ ପରେ ମ୍ୟାଚ ଫିକ୍ସିଂ ମାମଲାରେ ଭାରତୀୟ ଦ୍ରୁତ ବୋଲରଙ୍କୁ କ୍ଲିନ ଚିଟ ଦେଇଥିଲା।


**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION,**
**ADVANCE PLANNING, ROAD CONSTRUCTION DEPARTMENT,RANCHI**
Nirupan Bhawan,3rd Floor, Room No. 401,56-Set, Doranda, Ranchi-834002

e-Procurement (Very Short Tender Notice)
Letter of Invitation (LOI) No.-15/2025-26, 2nd Call
e-Tender Ref No:–RCD/SID/AP/RAN/15/2025-26 Date:- 03.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Manpur to Bengal border via Bhojdih including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro Districtin the State of Jharkhand. *Empanelled consulant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 08.00 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationershave to deposit a fixed amount of Rs 15,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.govin) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & eGovernance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 07.07.2025,10:30 AM |
| 7 | Last Date/Time of Bid Submission | 14.07.2025 12:00PM |
| 8 | Last Date/Time of Submission of Tender Fee & EMD | 14.07.2025 12:00PM |
| 9 | Date and Time of Bid opening | 15.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob-9905660677. |
| 13 | PR No.- | 355141 Road (2025-26)#D |

Note:-Only e-Tender shall be accepted.
Sd./-
(Ravi Shankar Pravakar), Executive Engineer, Soil Investigation Division, Advance Planning, Road Construction Department,Ranchi
PR 356610 Road (25-26)#D

**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION,**
**ADVANCE PLANNING, ROAD CONSTRUCTION DEPARTMENT,RANCHI**
NirupanBhawan,3rd Floor,Room No. 401,56-Set, Doranda,Ranchi-834002

e-Procurement (Very Short Tender Notice)
Letter of Invitation (LOI) No.-17/2025-26 2nd Call
e-Tender Ref No:–RCD/SID/AP/RAN/17/2025-26 Date:- 03.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Bandhdih Tracker Stand to Surajmore including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 07.00 K.m.) *Empanelled consulant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 07.00 K.m |
| 3 | Period of Completion of Work | 30 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationershave to deposit a fixed amount of Rs 15,000 as Earnest Money. As per the Departmental Letter no-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & eGovernance Department, Government ofJharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 07.07.2025,10:30 AM |
| 7 | Last Date/Time of Bid Submission | 14.07.2025 12:00PM |
| 8 | Last Date/Time of Submission of Tender Fee & EMD | 14.07.2025 12:00PM |
| 9 | Date and Time of Bid opening | 15.07.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob-9905660677. |
| 13 | PR No.- | 355123 Road (2025-26) : D |

Note:-Only e-Tender shall be accepted.
Sd./-
(Ravi Shankar Pravakar), Executive Engineer, Soil Investigation Division, Advance Planning, Road Construction Department,Ranchi
PR 356604 Road(25-26)#D

**कार्यपालक अभियंता का कार्यालय**
पथ निर्माण विभाग, पथ प्रमण्डल, सिमडेगा

ई–प्रोक्योरमेंट सूचना
(प्रथम आमंत्रण)
ई–टेन्डर रेफरेंस नं0–प0नि0वि0/सिमडेगा/02/2025–26 दिनांक–05.07.2025

| | | |
|---|---|---|
| 1. | कार्य का नाम | पथ प्रमण्डल सिमडेगा अंतर्गत "सिमडेगा–सेवई–किंकेल–कुरडेग–कुटमाकच्छार–छत्तिसगढ़ सीमा तक पथ (MDR-044) (कुल लंबाई 63.20कि.मी.)का राईडिंग क्वालिटी में सुधार (IRQP) कार्य। |
| 2. | प्राक्कलित राशि (रूपया में) | रूपया 38,00,34,800.00 (अड़तीस करोड़ चौतीस हजार आठ सौ) मात्र। |
| 3. | कार्य पूर्ण करने की अवधि | 08 (आठ) माह। |
| 4. | बेबसाईड पर निविदा प्रकाशन की तिथि | 17.07.2025 को पूर्वाह्न 10.30 बजे से। |
| 5 | ऑनलाईन निविदा प्राप्ति की अंतिम तिथि एवं समय | 28.07.2025 को दोपहर 12.00 बजे तक। |
| 6. | ई–निविदा खोलने की तिथि एवं समय | 30.07.2025 को अपराह्न 12.30 बजे तक। |
| 7. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, सिमडेगा–835223 |
| 8. | प्रोक्योरमेंट पदाधिकारी का सम्पर्क संख्या | 82358–16924 |
| 9. | ई–प्रोक्योरमेंट सेल का हेल्पलाईन संख्या | 0651–2401010 |

नोट :– 1. प्राक्कलित राशि घट–बढ़ सकती है।
2. विशेष जानकारी के लिये http://jharkhandtenders.gov.in पर देखा जा सकता है।
3. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
4. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी जवाबदेही आपकी होगी।

कार्यपालक अभियंता
पथ निर्माण विभाग, पथ प्रमण्डल, सिमडेगा
PR 356590 (Simdega) 25-26 (D)



## ଆତ୍ମନେପଦୀ

✶ ସୁଦର୍ଶନ ମହାପାତ୍ର

ତୁମରି ଆଶିଷ ପରଶେ ଧ୍ୱନିତ
ଜୀବନ ବୀଣାର ତାର
ନିନାଦିତ ହେବ ଓଁକାର କ୍ଷଣିକେ
ଇପ୍ସିତ ମନ୍ତ୍ରିତ ସ୍ୱର ।।

ଆଉ କିଛି ଲୋଡା ନାହିଁ ଏ ଜୀବନେ
ସବୁ ପ୍ରଲୋଭନ ତୁଚ୍ଛ
ତୁମରି ପରଶ କର ହେ ନିବେଶ
ରହୁ ମୋର ମନ ସ୍ୱଚ୍ଛ ।।

ପ୍ରେମ ଅନୁରାଗେ ସତ୍ୟର ଆଧାରେ
ଜୀବନ ହେଉ ଉନ୍ମୁଖ
ଜୀବନ ଯାତ୍ରାରେ ଅମୃତ ମୁହୂର୍ତ୍ତେ
ମୃତ୍ୟୁ ପରା ମୋର ଲକ୍ଷ୍ୟ ।।


ଜନ୍ମ ହେଲେ ମୃତ୍ୟୁ ଚିରନ୍ତନ ସତ୍ୟ
ବିମୁଖ ନୁହେଁ ମୁଁ କେବେ
ତୁମ ରୂପ ଧାଇ ତୁମ ଗୁଣ ଗାଇ
ଜୀବନ କଟୁ ମୋ ଭବେ ।।
ମୃତ୍ୟୁ ବି ହେଉ ସର୍ବସ୍ୱ ମୋହର
ପାପ ପୁଣ୍ୟ ବି ନିଜସ୍ୱ
ଜୀବନ ସାୟହ୍ନେ ଭେଟିଲେ ତୁମକୁ
ନଥିବି ମୁଁ ଆଉ ନିଃସ୍ୱ ।।

ଆସିବ କି ପ୍ରଭୁ ଧରି ମୋର ହାତ
ପାଛୋଟି ନେବ କି ହେଳେ
ପୂଣ୍ୟ ଫଳ ମୋର କିଞ୍ଚିତ ସଞ୍ଚିତ
ଭାବିବି ମୁଁ ଭବ ତଳେ ।।

କୁଞ୍ଜବିହାରୀ ଲେନ୍, କଟକ
୯୪୩୮୧୭୫୫୪୨



# ବାପାଙ୍କ ହମ୍ବର୍ ସାଇକେଲ



ସନ୍ତୋଷ ମିଶ୍ର

ବାପା କଲିକତାରୁ ଗୋଟେ ହମ୍ବର୍ ସାଇକେଲ ଆଣିଥିଲେ। ରଙ୍ଗ କଳା। ସିଟଟା ଏତେ ଉଚ୍ଚା ଥିଲା ଯେ ବାପା ସାଇକେଲ ଚଲାଉଥିଲାବେଳେ ଲାଗୁଥିଲା ଯେମିତି ସେ ପବନରେ ପହଁରୁଛନ୍ତି। ସାହି ପଡିଶା ଲୋକେ ଆଚମ୍ବିତ ହେଉଥିଲେ। ବାପାଙ୍କ ଦୁଇଚକ ବିଶିଷ୍ଟ ଯାନଟି ଦେଖି ବେଶ୍ ପ୍ରଲୁବ୍ଧ ହେଉଥିଲା ଅଭିଜିତ। କଳ୍ପନା କରୁଥିଲା - କେବେ ଥରେ ସେ ବାପାଙ୍କ ଯାନରେ ଉଡ଼ିଉଡ଼ି ଯାଆନ୍ତା ! ସ୍କୁଲରେ ସମସ୍ତେ ତାକୁ ଦେଖି ତାଜୁବ ହୋଇ କହନ୍ତେ - ଉଡନ୍ତା ଯାନରେ ଅଭିଜିତ ! ବାଃ।

ଅଭିଜିତ ଦେଖିଲା - ବାପା ସାଇକେଲରେ ହାଟରୁ ମନ୍ଥର ବେଗରେ ଫେରୁଚନ୍ତି। ହାଣ୍ଡେଲରେ ୪/୫ ଟା ବ୍ୟାଗ। ମାଛ, ପନିପରିବା ଭର୍ତ୍ତି । ଷ୍ଟାଣ୍ଡକରି ବାପା ବ୍ୟାଗଗୁଡ଼ିକ କାଢ଼ିଲେ।

ସନ୍ଧ୍ୟାରେ ତାୱାରେ ମାଆ ମାଛ ଭାଜୁଥିଲା ବେଳେ ଚୁଲି ମୁଣ୍ଡରେ ବସିଥାନ୍ତି ବାପା। କହିଲେ - ସତରେ କଲିକତା ଯିଏ ନଦେଖିଚି ସିଏ ମାଆ ପେଟରୁ ବାହାରି ନାହିଁ ବୋଲ। ସେଠି ତ ରାତି ନାହିଁ। ସବୁବେଳେ ଦିନ। ସୂର୍ଯ୍ୟ ସେଠି ଅସ୍ତମିତ ହୁଅନ୍ତି ନାହିଁ। ରାସ୍ତାରେ ଲକ୍ଷ ଲକ୍ଷ ଲୋକ। ହଳଦିଆ ଟ୍ୟାକ୍ସି, ଟ୍ରାମ, ଘୋଡାଗାଡି , କାର, ଦୁଇ ମହଲା ବିଶିଷ୍ଟ ବସ୍, ମେଟ୍ରୋ ଟ୍ରେନ ସବୁ କିଛି ଦୃଶ୍ୟମାନ। ଦ୍ୱିପ୍ରହର ବେଳେ ହୋଟେଲକୁ ଖାଇବାକୁ ଗଲି। ହଜାର ହଜାର ଲୋକ। ଯେମିତି ବାହାଘରିଆ ଭୋଜିଭାତ ଚାଲିଛି ।ଯିବା ଆସିବା ଲାଗିଚି । ଖାଇବା ପାଇଁ ବରାଦ କରିଥିଲି ଭାତ,ଡାଲି,ମାଛ ମୁଣ୍ଡ, ଖଟା। ମଣିଷ ମୁଣ୍ଡ ଆକାରର ମୁଣ୍ଡ। ଆତ୍ମା ତୃପ୍ତି ହୋଇଗଲା। ସନ୍ଧ୍ୟାବେଳେ ମଣ୍ଡା ପିଠା ସଦୃଶ ମିଠା, ସିଙ୍ଗଡ଼ା,ଆଳୁଚପ୍। ଶୂନ୍ୟରେ ନିର୍ମିତ ହାୱଡାବ୍ରିଜ। ଇଞ୍ଜିନ୍ ଚାଳିତ ନୌକାଭ୍ରମଣ। ବେଶ୍ ଉପଭୋଗ୍ୟ !!! ପରଦିନ ସାଇକେଲ କିଣିବାକୁ ଯାଇ ଦୋକାନ ମାଲିକକୁ କହିଲି - ଦାଦା, ତମ ଦୋକନରେ ସର୍ବମୋଟ କେତୋଟି ସାଇକେଲ ଅଛି।

: ହଁ, ଏମିତି ଲକ୍ଷେରୁ ଅଧିକ। କାହିଁକି କ'ଣ ହେଲା କି।

: ମୋର ଗୋଟେ ସାଇକେଲ ଦରକାର ଥିଲା। ଆଚ୍ଛା,ସବୁଠୁଁ ଭଲ ଏବଂ ଦାମିକା ସାଇକେଲ କୋଉଟା।

: ନିଃସନ୍ଦେହରେ ହମ୍ବର୍ ସାଇକେଲ। ରୂପ ଯେମିତି, ଗୁଣ ସେମିତି। କାମ ଯେମିତି ଦାମ ସେମିତି।

କିଛି ସମୟ ପରେ ଦାଦା ଗୋଟିଏ ହମ୍ବର୍ ସାଇକେଲ ଆଣି ମୋ ସାମ୍ନାରେ ଥୋଇଲେ। ଦାଦା ହସି ହସି କହିଲେ - ଯାକୁ ଟିକେ ସଜେଇବାକୁ ପଡ଼ିବ। ମୁଁ କହିଲି - ଯେମିତି ଖୁବ୍ ସୁନ୍ଦର ଦେଖା ଯିବ, ସେମିତି ସଜାଡ଼।

ସଜେଇ ସାରିବା ପରେ ସାଇକେଲଟି ଦେଖା ଯାଉଥିଲା ଗୋଟେ ନବବଧୂ ଭଳି। ପେଡାଲ, ସିଟ କଭର ସବୁଜ ରଙ୍ଗ। ଫୁଲ ସବୁ ନାଲି ରଙ୍ଗ । ପୁଣି ଅନ୍ଧାରରେ ଆଲୋକ ପାଇଁ ଡାୟନମା । ବାଃ ଚମତ୍କାର !!

ତାପରେ ସିଧା କଲିକତାରୁ ଘର। ଲାଗୁଥିଲା ଯେମିତି ବ୍ୟୋମଯାନରେ ଉଡ଼ି ଉଡ଼ି ଆସୁଚି।

ମାଛଭଜା ସରିବା ପରେ ମା ' ଗୋଟିଏ କଂସା ଥ୍ଲୋରେ ପଖାଳ ଆଉ କଂସା ଥାଳିରେ ମାଛଭଜା ପରସି ଦେଲା।

ଖାଇସାରି ବାପା ମଝିବାହାର ବାରଣ୍ଡାରେ ଦଉଡ଼ିଆ ଖଟ ଉପରେ ବସିଲେ। ମାଆ ଖାଇ ସାରିବା ପରେ ବାପା ଉଭୟଙ୍କର ବିଛଣା ପାରିଦେଲେ। ମାଆର ବିଛଣା ପାରିବା ବାପାଙ୍କ ନିତି ଦିନିଆ କାମ। ଭାବନ୍ତି ,ବିଚାରି ଦିନସାରା ଘରକାମ କରୁଛି । କଷ୍ଟ ଲାଗୁଥିବ। ଟିକିଏ ସାହାଯ୍ୟ କରିଦେଲେ ତା ମନଟା ତ ଖୁସି ହେବ !!

ଅଭିଜିତ ବାପା ମା'ଙ୍କ ଝଗଡ଼ା କେବେହେଲେ ଦେଖି ନାହିଁ। କେବଳ ଅନୁଭବ କରିଛି ସେମାନଙ୍କ ଭିତରେ ଭଲ ପାଇବାର ଗଭୀରତା। ବାପା ଯେତେବେଳେ ହମ୍ବର୍ ସାଇକେଲ ବିଷୟରେ କହନ୍ତି ମାଆ ଧ୍ୟାନ ଦେଇ ଶୁଣେ। ବାପା ଉତଫୁଲ୍ଲିତ ହୁଅନ୍ତି। ବାପା ଯେବେ ମାକୁ ଗାଳି ଦିଅନ୍ତି ମା' ଚୁପ୍ ରହେ। କିଛି ସମୟ ପରେ ବାପା ଥଣ୍ଡା ହୋଇଗଲେ ମା' ରାଗେ,ଅଭିମାନ କରେ। ବାପା ହସନ୍ତି। ମା'କୁ ମନେଇବାକୁ ଉଦ୍ୟମ କରନ୍ତି। ମା' ବି ମୁହୂର୍ତ୍ତକେ ବରଫ ଭଳି ତରଳି ଯାଏ।

ବାପା ସବୁବେଳେ ବିଲ ବାଡି କାମରେ ବ୍ୟସ୍ତ ରହନ୍ତି। ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅଭିଜିତ ପ୍ରଥମେ ଗୋଡ଼ଗଳା , ତାପରେ ସିଟରେ ବସି ସାଇକେଲ ଚଲାଇବା ଶିଖିଗଲା। ବଡ଼ଭାଇ ସୁରଜିତ ଉଭୟ ସାଇକେଲ, ସ୍କୁଟର ଚଳାଇ ପାରନ୍ତି। ଅଭିଜିତ ଭାବୁଥିଲା ଏଥର ବଡ଼ଭାଇ ଆସିଲେ ସ୍କୁଟର ଚଲାଇବା ଶିଖିଯିବ।

ଗ୍ରୀଷ୍ମ ଛୁଟିରେ ବଡ଼ ଭାଇ ସ୍କୁଟର ନେଇ ଘରକୁ ଆସିଲେ। ଗାଁରେ ସେତେବେଳେ କେବଳ ବୁଲୁ ଭାଇଙ୍କର ସ୍କୁଟର ଚଲାଇବାର ଅଭିଜ୍ଞତା ଥିଲା। ଅଭିଜିତର ଅନୁରୋଧ କ୍ରମେ ବୁଲୁଭାଇ ତାକୁ ସ୍କୁଟରଚଳା ଶିଖେଇବା ପାଇଁ ରାଜି ହେଲେ। ଅଭିଜିତ ଘରର ଦୁଇଟି ଘର ଛାଡ଼ି ବୁଲୁଭାଇଙ୍କ ଘର।

ସେଦିନ ଗାଁରେ ଥିବା ମାମୁଁ ଘରକୁ ସୁରଜିତ ବୁଲିବାକୁ ଯାଇଥିଲା। ଏଇଟା ସୁବର୍ଣ୍ଣ ସୁଯୋଗ ଭାବି ଅଭିଜିତ ବୁଲୁଭାଇଙ୍କୁ ଡାକି ଆଣିଲା। ସ୍କୁଟର ଚଳେଇବା ପାଇଁ ଅଭିଜିତ ଫୁଲ୍ ପ୍ୟାଣ୍ଟ୍ ,ସାର୍ଟ ଇନ୍ କରି ପିନ୍ଧିଥିଲା। ବୁଲୁଭାଇ ପ୍ରଥମେ ସ୍କୁଟର ଷ୍ଟାର୍ଟ କରିବା ତଥା ଗିଅର୍ ଚେଞ୍ଜ ସମ୍ପର୍କରେ ଭଲ ଭାବେ ବୁଝେଇ ଦେଲେ। ତାପରେ ଅଭିଜିତ ସ୍କୁଟର ସିଟରେ ବସି ଷ୍ଟାର୍ଟ କଲା। ଗିଅର ଚେଞ୍ଜ କରି କ୍ଲଚ୍ ନଛାଡ଼ି ଏକ୍ସିଲେରେଟର ଜୋରରେ ମୋଡ଼ି ଦେବାରୁ ସ୍କୁଟରଟି ଭୟଙ୍କର ଗର୍ଜନ ଛାଡ଼ିଲା। ଠିକ୍ ସେହି ସମୟରେ କୁଆଡେ ଥିଲେ ଦୌଡ଼ି ଦୌଡ଼ି ଆସିଲା ବଡ଼ଭାଇ ସୁରଜିତ। ଅଭିଜିତର ତଣ୍ଟିକୁ ଧରି ରୁକ୍ଷ କଣ୍ଠରେ କହିଲା - ଶଳା ! ମୋ ସ୍କୁଟର ଛୁଇଁବାକୁ ତୋତେ କିଏ କହିଲା ବେ। ଭାଙ୍ଗିବା ମତଲବରେ ଅଛୁନା କ'ଣ। ଭାଗ୍ ଶଳା। ଆଉ ଦିନେ ମୋ ସ୍କୁଟର ଛୁଇଁବୁନି। ନହେଲେ ହାଣି ପକାଇବି। କାନ୍ଦିକାନ୍ଦି ଅଭିଜିତ ସେହି ସମୟରେ ମନେମନେ ପ୍ରତିଜ୍ଞା କଲା - ନିଜେ ଦୁଇ ଚକିଆ ଗାଡ଼ି କିଣିଲା ପରେ ହିଁ ଡ୍ରାଇଭିଂ ଶିଖିବି। ଅନ୍ୟଥା ନୁହେଁ।

କିଛିବର୍ଷ ପରେ ଏମ୍. ଏ. ପାସ୍ କରି ଅଭିଜିତ ସରକାରୀ ଚାକିରୀରେ ନିଯୁକ୍ତି ପାଇଲା। ସଞ୍ଚିତ ଅର୍ଥରେ ଗୋଟିଏ ମୋଟର ସାଇକେଲ କିଣି ଚଳାଇବା ମଧ୍ୟ ଶିଖିଗଲା। ତଥାପି ବାପାଙ୍କ ହମ୍ବର୍ ସାଇକେଲ ପ୍ରତି ତାର ଅହେତୁକ ଆକର୍ଷଣ ଥିଲା। କେବଳ ଦୂର ସ୍ଥାନକୁ ସେ ମୋଟର ସାଇକେଲରେ ଯାଉଥିଲା। ଅନ୍ୟ ସବୁଠିକୁ ସାଇକେଲରେ। ପ୍ରତି ରବିବାରରେ ସାଇକେଲ ସର୍ଫମିଶା ପାଣିରେ ଭଲଭାବେ ଧୋଇ,ଶୁଖିଲା ସଫା କନାରେ ପୋଛେ। ତାପରେ ନଡ଼ିଆ ତେଲ ମାରି ଘଷିଲେ ଚକ୍ ଚକ୍ ଦେଖାଯାଏ। ଲାଗେ ଯେମିତି ନୂଆ ସାଇକେଲ। ବାପା ଖୁସି ହୁଅନ୍ତି। ବିଶ୍ୱକର୍ମା ପୂଜା ଦିନ ବାପା ମୋଟର ସାଇକେଲ ସହିତ ହମ୍ବର ସାଇକେଲ ବି ପୂଜା କରନ୍ତି !!

ଦିନେ ଅଚାନକ ଘରେ ପହଞ୍ଚିଲା ସୁରଜିତ। ବାପାଙ୍କୁ କହିଲା - ବାପା, ଗଞ୍ଜାମ ବ୍ରହ୍ମପୁର ଠାରେ ମୋର ଟ୍ରେନିଂ ପଡ଼ିଛି। ଯିବାଆସିବା ପାଇଁ ଗୋଟେ ସାଇକେଲ ଦରକାର।ମୁଁ ମୋ ସ୍କୁଟର ନେବାପାଇଁ ଭାବୁଥିଲି। ହେଲେ ଏତେ ଦୂର ବାଟ... ମୟୂରଭଞ୍ଜରୁ ବ୍ରହ୍ମପୁର ପ୍ରାୟ ୪୦୦ କିମି। ସ୍କୁଟରରେ ଯିବାକୁ ସାହାସ ପାଉନାହିଁ।ସାଇକେଲ ବସ୍ ଉପରେ ଲଦି ନେଇଯାଇପାରିବି। ଟ୍ରେନିଂ ସରିଲେ ପୁଣି ନେଇ ଆସିବି। ବାପା କହିଲେ - ହଁ ଯେ ,ଏଇଟା କଲିକତାର ହମ୍ବର ସାଇକେଲ। ମୋର ଅତି ପ୍ରିୟ... ପୁଅ ଭଳି। ସୁରଜିତ କହିଲା - ତୁମେ ବ୍ୟସ୍ତ ହୁଅନି। ମୁଁ ଖୁବ୍ ଯତ୍ନ ସହକାରେ ରଖିବି। ସାଇକେଲ ଫେରାଇଲା ବେଳକୁ ଦେଖିବ କେମିତି ନୂଆ ସାଇକେଲ ଭଳି ଚକ୍ ଚକ୍ କରୁଥିବ। ବାପା ଜାଣନ୍ତି ସୁରଜିତ ବହୁତ ଲୋଭୀ , ଜିଦଖୋର୍ ଆଉ ସ୍ୱାର୍ଥପର। ନିଜ ସ୍ୱାର୍ଥ ପୂରଣ ପାଇଁ ସେ କିଛି ବି କରିପାରେ। ଯୋଉ ଜିନିଷ ପ୍ରତି ତାର ଲୋଭ ଉତ୍ପନ୍ନ ହୁଏ, ତାହା ଯେମିତି ହେଲେ ହାସଲ କରେ। ବାପା ବୁଝି ପାରିଲେ ସୁରଜିତର ପାପ ଦୃଷ୍ଟି ତାଙ୍କର ପ୍ରିୟ ହମ୍ବର୍ ସାଇକେଲ ଉପରେ ପଡ଼ି ସାରିଲାଣି। ଅତଏବ ନୀରବତାକୁ ହିଁ ସେ ଶ୍ରେୟ ମଣିଲେ।

ଟ୍ରେନିଂ ପରେ ସୁରଜିତ ଘରକୁ ଆସି ବାପାଙ୍କୁ କହିଲା - ବାପା !! ବସରେ ସାଇକେଲ ଆଣୁଥିବା ସମୟରେ କୋଉଠି କେଜାଣି ଖସି ପଡ଼ିଲା। ବାପା ସୁରଜିତର ପ୍ରକୃତି ଭଲ ଭାବେ ଜାଣନ୍ତି। ସେ ବୁଝି ପାରିଲେ ସୁରଜିତ ସାଇକେଲଟିକୁ ବ୍ରହ୍ମପୁରରେ ବିକ୍ରିକରି ଏଠାରେ ହଜିବାର ବାହାନା କରୁଛି। ତେଣୁ ସେ କିଛି କହିଲେ ନାହିଁ। କେବଳ ତାଙ୍କ ଆଖିରୁ ଦୁଇଟୋପା ଲୁହ ଝରି ପଡ଼ିଲା !!!!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

## କବିତା ଗୁଚ୍ଛ

### ରଥପଥ ଜଗନ୍ନାଥ

✶ରାମଚନ୍ଦ୍ର ପ୍ରଧାନ



କାଇଁଚ ମାଳିଆ ହେ ଜଗାକାଳିଆ
ଯଶୋଦା ମା' ର କହ୍ନେଇଁ
ରଥ ପଥ ଆଜି ଜଗନ୍ନାଥମୟ
ତୁମରି ଦର୍ଶନ ପାଇଁ ।
ପଣ୍ଡା ପଡ଼ିଆରୀ ସେବାୟତ ଭିଡ଼େ
ଝୁଲି ଆସ ବଡ଼ଦାଣ୍ଡେ
ଶଙ୍ଖ ହୁଳହୁଳି ହରିବୋଲ ଧ୍ୱନି
ଶୁଭୁଥାଏ ଭକ୍ତ ତୁଣ୍ଡେ ।
ଭାବ ବିନୋଦିଆ ଭାବର ଠାକୁର
ତୁମ ପରି ନାହିଁ କେହି
ତୁମେ ଦାରୁବ୍ରହ୍ମ ତୁମେ ପରଂବ୍ରହ୍ମ
ଭାବସିନ୍ଧୁ ଭାବଗ୍ରାହୀ ।
ଦୁଃଖ ବିନାଶନ ହେ କଳା ବଦନ
ଦୀନବନ୍ଧୁ ଦଇତାରୀ
ଏ ବିଶ୍ୱ ବ୍ରହ୍ମାଣ୍ଡେ ତୁମ୍ଭଶ୍ରୀ ଚରଣୁ
ଝରାଅ କରୁଣାବାରି ।
ଚତୁର୍ଦ୍ଧା ମୂରତି ଆହେ ବିଶ୍ୱପତି
ଚକାଆଖି ଚକାଡୋଳା
ତୁମେ ନ ଚାହିଁଲେ ଏ ଭବ ସଂସାରେ
ବୁଡ଼ିବ ସଭିଙ୍କ ଭେଳା ।
ଏତିକି ମିନତି ଏ ରଥଯାତରେ
ତୁମ ପାଦେ ଜଗନ୍ନାଥ
ବଧିର ନ ହୋଇ ଶୁଣିବାରେ ପ୍ରଭୁ
ଡାକେ ଆଜି ଏ ଅନାଥ ।
ଲୋପ ପାଇଯାଉ ଅନ୍ୟାୟ ଅନୀତି
ନ ରହୁ ଆତଙ୍କ ଭୟ
ଦୁଃଖୀରଙ୍କ ଓଠେ ହସଫୁଲ ଫୁଟି
ଧରମର ହେଉ ଜୟ।

ଆସିକା, ଗଞ୍ଜାମ
ମୋ:୯୮୬୧୬୩୮୭୩୬

### ବରଷା ଆମର ମିତ

✶ ନଳିନୀ ଦାଶ

ମୌସୁମୀ ଆସିଲା ଧରାକୁ ଛୁଇଁଲା
ମାଟି ହୋଇଲାଣି ଓଦା
ଖରା ଗୁଳୁଗୁଳି କମି କମି ଗଲା
ନିଦାଘ ହେଲାଣି ବିଦା ।

ମୌସୁମୀ ପରଶେ ଭିଜିଲାଣି ମାଟି
ଧରଣୀ ଉଠଇ ହସି
ଆନନ୍ଦ ମନରେ ଗାଇଲେଣି ଗୀତ
ଗଛଡ଼ାଳେ ପକ୍ଷୀ ବସି ।

ଚାଷବାସ କାମ କରିବା ପାଇଁକି
ହଳ ଲଙ୍ଗଳକୁ ଧରି
ଚାଷୀଭାଇ ଆମ ତରତର ହୋଇ
କ୍ଷେତକୁ ଯାଏ ବାହାରି ।

ବର୍ଷା ପାଣି ପଡ଼ି ବାଡ଼ି ବଗିଚାରେ
ସବୁଜ ସୁନ୍ଦର ଦିଶେ
ଜାତି ଜାତି ଫୁଲ ଫୁଟି ଧରଣୀରେ
ଚଉଦିଗ ଧରି ବାସେ ।

ଝରଣାରେ ପାଣି ଧିରେ ଗଡ଼ିଲାଣି
କୁଳୁକୁଳୁ ଗୀତ ଗାଇ
ଫୁଲ ତୋଳିବାକୁ ପଖିଆ ମୁଣ୍ଡେଇ
ସକାଳୁ ଯାଉଛି ଆଇ ।

ପିଲାଏ ମିଶିକି ପାଠ ପଢ଼ା ସାରି
ଗାଇଲେ ବରଷା ଗୀତ
ଜେଜେ କହିଲେଣି ବର୍ଷା କରେ ହିତ
ସେ ପରା ଆମର ମିତ ।

ମୌସୁମୀ ଆସିଛି ଧରଣୀ କୋଳରେ
ବରଷା ଗଲାଣି ଝରି
ପାଣିର ଅଭାବ ରହିବ ନାହିଁଟି
ନଈ ନାଳ ଯିବ ଭରି ।

ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ- ୯୨୩୮୯୯୬୬୪୯

### ଆଡପରେ ଏକଦିନ...

✶ ରାମଚନ୍ଦ୍ର ବେହେରା

ଶୁକ୍ଳ ଆଷାଢର ତୃତୀୟା ତିଥିରେ
ଗୋଟି ପହଣ୍ଡିରେ ଯାଇ
ଆଡପରେ ବିଜେ କରନ୍ତି ସାଆନ୍ତ
ସାଥିରେ ଭଉଣୀ ଭାଇ
ପୁଣି ପ୍ରଭୁ ସୁଦର୍ଶନ
ଜନମ ବେଦୀରେ ସାତଦିନ ରହି
ଦିଅନ୍ତି ଦିବ୍ୟ ଦର୍ଶନ।
ସନ୍ଧ୍ୟା ଧୂପ ପରେ ଦିବ୍ୟ ପହଣ୍ଡିରେ
ଗୁଣ୍ଡିଚା ଗୃହେ ପ୍ରବେଶି
ଶ୍ରଦ୍ଧାଳୁଙ୍କ ଦୁଃଖ ଶୁଣନ୍ତି ମଣିମା
ମୁରୁକି ମୁରୁକି ହସି
ଶୁଭେ ଶଙ୍ଖ ହୁଳହୁଳି
ଘଣ୍ଟ ଘଣ୍ଟି ତୂରୀ ମୃଦଙ୍ଗ କାହାଳୀ
ଶବଦ ପଡେ ଉଚ୍ଛୁଳି।
ଜନମ ବେଦୀରେ କଳା ଦିଅଁଙ୍କର
ହୁଏ ଭିନ୍ନ ବେଶଭୂଷା
ଆଡପ ଦର୍ଶନ ଯେ କରେ ଭକ୍ତିରେ
ପୂର୍ଣ୍ଣ ହୁଏ ଅଭିଳାଷା
ଶାସ୍ତ୍ରରେ ଅଛି ବର୍ଣ୍ଣନ
ନୀଳାଦ୍ରିରେ ଦଶ ବର୍ଷର ଦର୍ଶନ
ଆଡପରେ ଏକଦିନ।
ଆଡପ ମଣ୍ଡପେ ରାସଲୀଳା ବିଧି
ଶ୍ରେଷ୍ଠ ବିଧି ମଧ୍ୟେ ଗଣା
ସର୍ପମଣୋହିର ଭେଗଲାଗି ହୁଏ
ପରେ ହୁଏ ବନ୍ଦାପନା
ପବିତ୍ର ଆଡପ ଯାତ
ମାଉସୀଙ୍କ ହାତ ପୋଡପିଠା ଖାଇ
ବାହୁଡନ୍ତି ଜଗନ୍ନାଥ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

### ଶୁଭ ଶୁକ୍ରବାର

✶ ପୂର୍ଣ୍ଣଚନ୍ଦ୍ର ପ୍ରଧାନ

ଶୁଭ ଶୁକ୍ରବାର
ସାରା ଜଗତର ସୁସମାଚାର ।
ମସ୍ତକେ ଦାରୁଣ କଣ୍ଟା ମୁକୁଟ
ବକ୍ଷରେ ତୀକ୍ଷଣ ବର୍ଷା ଆଘାତ,
ହସ୍ତରେ ପାଦରେ ରକତ ଝରେ
ଲଙ୍ଗଳ ଶିଆର ସମ ତାଙ୍କ ଶରୀର।(୧)

ପିତାଙ୍କ ଯୋଜନା ପ୍ରେମର ସାର
ଶାସ୍ତ୍ରର ଭବିଷ୍ୟବାଣୀ ମସିହଙ୍କର,
ପୁତ୍ର ରୂପରେ ଖ୍ରୀଷ୍ଟ ଯୀଶୁ ନାମରେ
ସଫଳ କରିଲେ ସେ କୃଶ ଉପରେ।(୨)

ପବିତ୍ର କୃଶରୁ ଯୀଶୁଙ୍କ ମୂଖରୁ
ଶୁଭିଲା କ୍ଷମାର ସୁମଧୁର ସ୍ୱର,
ବହି ମାନବର ପାପର ଭାର
ପରିତ୍ରାଣ ଦେଇ କଲେ ପାପ ଦୂର।(୩)

ଶତପ୍ରତିଶତ ସେ ଯେ ଇଶ୍ୱର
ଶତପ୍ରତିଶତ ସେ ଅଟନ୍ତି ନର
ଇଶ୍ୱରଙ୍କ ବଳେ ମାନବ ରୂପରେ
ଭାଙ୍ଗିଲେ ନାହୁଡ ବଳ ମୃତ୍ୟୁର।(୪)

ମୋ- ୯୪୩୭୯୭୬୯୯୯

### ବାପା ପରି କେହି ଦୁନିଆଁରେ ନାହିଁ

✶ ଦୀପକ କୁମାର ନାୟକ

ବାପା ପରି କେହି ଦୁନିଆଁରେ ନାହିଁ
ଏ କଥାଟି ଲେଖି ରଖ
ବାପାଙ୍କ ଆଦର ଆଗେ ସବୁ ତୁଚ୍ଛ
ଜାଣେ ଏ ଦୁନିଆଁ ଯାକ ।।
ଆଙ୍ଗୁଠି ଧରି ସେ ଚାଲିବା ଶିଖାନ୍ତି
ଜୀବନର ଚଲାପଥ
ମୁଣ୍ଡ ଝାଳକୁ ସେ ତୁଣ୍ଡେ ମାରି ଆମ
ପାଟିରେ ଦିଅନ୍ତି ଭାତ ।।
ଆମକୁ ମଣିଷ କରିବା ପାଇଁକି
କେତେ ଦୁଃଖ ସହିଥାନ୍ତି
ଆଖିର ଲୁହକୁ ଲୁଚାଇ ଆମକୁ
ହସେଇବା ଶିଖାଅନ୍ତି ।।
ନିଜେ ଚିରା ଲୁଙ୍ଗି ପିନ୍ଧି ଆମକୁ ସେ
ନୂଆ ଡ୍ରେସ୍ ଦେଇଥାନ୍ତି
ଯେତେ ଝଡ ଝଞ୍ଜା ଆସୁ ପଛେ ଆମ
ଅଳିକୁ ପୂରଣ କରନ୍ତି ।।
ଏପରି ମହାନ୍ ମଣିଷକୁ କେବେ
କରିବାନି ହତାଦର
ପିତା ଧର୍ମ ପିତା ସ୍ୱର୍ଗ ପୁଣି ଆମ
ପିତା ହିଁ ପରମେଶ୍ୱର ।।

ଗଣ୍ଡାନାଳୀ,ହିନ୍ଦୋଳ,ଢେଙ୍କାନାଳ
ମୋବାଇଲ୍ -୮୬୩୭୨୬୧୮୨୮

### ଧୋକାଗ୍ରସ୍ତ ସମୟ

✶ ଗୋଲୋକବିହାରୀ ବେହେରା

ଧୋକାଗ୍ରସ୍ତ ସମୟର
ନହକା ଡାଳରେ
ନିରାଶର ଅପରାହ୍ଣ
ଉଦାସ ସଞ୍ଜରେ,
ଅହରହ ଖୋଜୁଅଛି
ବିଶ୍ୱାସର ଫୁଲ
ମାନବୀୟ ସମ୍ପର୍କର
ମଧୁର ବାସ୍ନାରେ ।

ଆୟୁଷର ବ୍ୟବଧାନ
ଜନମ ମୃତ୍ୟୁରେ
ଯନ୍ତ୍ରଣାରେ ବୃଦ୍ଧାଶ୍ରମ
କୋଠରୀ ମଧ୍ୟରେ,
ମିଠା ମିଠା ମିଛ ସ୍ୱପ୍ନ
ହାର ମୋ ବେକରେ
ବତୁରାଇ ଦେଇ ମନ
ନିବିଡ଼ ସ୍ନେହରେ ।

ଆହ୍ଲାଦିତ ହୁଏ ପୁଣି
ସ୍ୱପ୍ନର ହ୍ରଦରେ
ତୁମ ଅନ୍ତରଙ୍ଗତାରୁ
ଝରିପଡ଼େ ଲୁହର ଅନଳ
ମଉଳା ଫୁଲର ବାସ୍ନା
ଝରିପଡ଼େ ସ୍ମୃତିରେ ସ୍ମୃତିରେ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬

### ପ୍ରଭାତ ସ୍ତୁତି

✶ ରତ୍ନକାନ୍ତି ମିଶ୍ର

ବ୍ରାହ୍ମ ମୁହୂର୍ତ୍ତରେ ହେ ଜଗତ ନାଥ
ନିଦ୍ରା ଭାଙ୍ଗି ଯେବେ ଚାହେଁ
ଚକା ଚକା ଡୋଳା ଦର୍ଶନ ମାତ୍ରକେ
ପଡ଼ିଯାଏ ତୁମ ମୋହେ ।।

ପ୍ରତି ପ୍ରଭାତରେ ତୁମକୁ ସ୍ମରଣେ
ଲାଗେ କଟିଗଲା ରିଷ୍ଟ
ଯାହା ଭଲମନ୍ଦ ସବୁ ତୁମ ଦାନ
ହୋଇଯାଏ ଭାବି ତୁଷ୍ଟ ।।

ମନ୍ଦିର ବେଢ଼ାରୁ ଭାସି ଆସେ ଯେବେ
ଘଣ୍ଟ ଘଣ୍ଟା ଶଙ୍ଖ ଧ୍ୱନି
ପବିତ୍ର ମୋ କର୍ଣ୍ଣ ପବିତ୍ର ମୋ ମନ
ହୋଇଯାଏ ସେଇକ୍ଷଣି ।।

ବଗିଚାର ଫୁଲ ହସି କହିଥାନ୍ତି
ତୋଳି ନିଅ ଆଗ ମୋତେ
ପ୍ରଭୁଙ୍କ ସେବାରେ ଲାଗିଲେ ଜାଣିବି
ଜୀବନ ମୋ ଧନ୍ୟ ସତେ ।।

ପ୍ରଜାପତି ଛୁଏଁ ଫୁଲକୁ ସରାଗେ
କହେ ତୁହି ମୋର ମିତ
ତୋତେ ଛୁଇଁଲେ ତ ଶ୍ରୀଅଙ୍ଗ ପରଶ
ମୋତେ ହୋଇଯିବ ପ୍ରାପ୍ତ ।।

ଦୀପ ଧୂପ ଝୁଣା ମଣନ୍ତି ସୌଭାଗ୍ୟ
ଯେଣୁ ସେବା ଧର୍ମ ଯୋଗ
ଯାହା ବାଢ଼ିଦେଲେ ନୈବେଦ୍ୟ ଆକାରେ
ପୀୟୂଷ ପରାଏ ଭୋଗ ।।

ହେ ବିଶ୍ୱ ନିଅନ୍ତା ଏ ଜଗତେ ସର୍ବେ
ତୁମରି ଶରଣାଗତ
ଭକତିର ଅର୍ଘ୍ୟ ବାଢେ ତୁମ ପାଦେ
ଘେନାକର ଜଗନ୍ନାଥ ।।

ଆଳି, କେନ୍ଦ୍ରାପଡା
ମୋ-୮୨୪୯୭୯୯୯୬୧

### ସେହି ଦୁଇ ଆଖି

✶ ଲକ୍ଷ୍ମୀକାନ୍ତ ଦାସ

ରତ୍ନସିଂହାସନେ ବସିଥିବା କଳା ରସିଆର
ଚକା ଚକା ଦୁଇ ଆଖି
ଦେଖିଦେଲେ ଥରେ
ଭୁଲିଯାଏ ଦୁଃଖ ଭୋକ
ଭୁଲିଯାଏ ମାଗିବା ଜାଚିବା
କି ମନ୍ତର କରିଦିଏ ସିଏ
ହଜିଯାଏ ମଜ୍ଜି ଯାଏ
ମନ ମୋର ଯାଏ ସେ ଆଖିରେ ଲାଖି
ସେହି ଦୁଇ ଚକା ଆଖି।
ଆର ଦୁଇ ଆଖି
ମୋତେ କରିଛି ପାଗଳ
ହୃଦୟରେ ମୋର ଲାଗିଛି ଅନଳ
ଅବୋଧ ମଣିଷର
ଅଭିଳିପ୍ସୁ ଭୂଗୋଳ
ଅବାଞ୍ଛିତ ହୃଦୟର
ସୁନେଲି ସକାଳ
ତା ମୁହଁ ନ ଦେଖିଲେ
ଲାଗଇ ବିକଳ
ସାମ୍ନା ସାମ୍ନି ଦେଖିଦେଲେ
ଭୁଲିଯାଏ କହିବାକୁ ବାକି ଥିବା କଥା ସକାଳ
ମନ ମୋର ଆନମନା ହୁଏ
ସେ ଆଖିର ଭାଷା ପଢୁ ପଢୁ
ଏ ସେଠି ଯାଏ ଲାଖି
ସେହି ଦୁଇ ଆଖି।
ପ୍ରଥମ ଆଖି ଦୁଇ
ଜନମରୁ ମୋର ରହିଛି ସାକ୍ଷୀ
ତା ପ୍ରେମରେ ପଡ଼ିଛି ମୁଁ
ଜୀବନ ସଉଦା ମୁଁ
ନିଇତି କରୁଛି
ହିସାବ ନିକାସ ମୋତେ ଜଣାନାହିଁ
ସେ ଜାଣିଛି କେତେ ଅସୁଲ କେତେ ବାକି।
ଆର ଦୁଇ ଆଖି
ମୋ ଜୀବନ ପରିଧି ବାହାରେ
ମୋ ଭାଗ୍ୟ ଓ ଭବିଷ୍ୟତର ବହୁଦୂରେ
ତା ଜୀବନ ଯାତ୍ରାରେ ବିଭୋର
ତା ସହିତ ମୋର
ନାହିଁ ପରିଚୟ
ତଥାପି ବି ଯେବେ ଠୁ ଦେଖିଛି ତା ଆଖି
କେଜାଣି କାହିଁକି କେମିତି
ତା ପ୍ରେମରେ ଭୁଲିଛି ନିଜକୁ
ହୃଦୟ ମୋହର
ଅଜଣା ହାଟ ରେ ଦେଇଛି ବିକି
ସେହି ଦୁଇ ଆଖି
ମୋର ହୋଇଛି ସର୍ବସ୍ୱ
ଦେଖୁ ବା ନ ଦେଖୁ
ମୋର ଆତୁର କାତର
ଭଜୁଥିବି ମଜୁଥିବି ଡାକି ଡାକି
ସେହି ଦୁଇ ଆଖି.... ।

### କିଏତୁମେ.. ?

✶ମନୋଜ କୁମାର ବେହେରା

ତୁମେ ହିଁ ମୋର ଅଭିଳାଷା
ମୋର ଜୀବନ ଅଟ..
ପରିଚୟ ଅଟ
ତୁମେ ହିଁ ମୋର ପରିଭାଷା !
ତଥାପି ମୁଁ ପଚାରୁଛି ତୁମକୁ
କିଏ ତୁମେ.. ?
ତୁମେ ମୋର ଅର୍ନ୍ତମନର ବେଦନା
ମୋର ସାଧନା ଅଟ..
ମୋର କଳ୍ପନା ଅଟ,
ତୁମେ ମୋର ହୃଦୟର ପ୍ରେରଣା !
ତଥାପି ମୁଁ ପଚାରୁଛି ତୁମକୁ
କିଏ ତୁମେ.. ?
ତୁମେ ମୋର ସ୍ୱପ୍ନର ଆଶା
ତୁମେ ପ୍ରେମ ଅଟ..
ତୁମେ ସତ୍ୟ ଅଟ,
ତୁମେ ଜୀବନର ବିଶ୍ୱାସ ଅଟ !
ତଥାପି ମୁଁ ପଚାରୁଛି ତୁମକୁ
କିଏ ତୁମେ.. ?
ତୁମେ ମୋର ଜୀବନର ଦର୍ପଣ ଅଟ
ତୁମେ ମୋର ହୃଦୟର ନିଶ୍ୱାସ
ଓଠର ହସରେ ତୁମେ..
ସର୍ବସ୍ୱ ତୁମକୁ କରୁଛି ଅର୍ପଣ,
ତଥାପି ମୁଁ ପଚାରୁଛି ତୁମକୁ
କିଏତୁମେ.. ?

ବାୟାବାବାମଠଲେନ୍,
ୟୁନିଟ୍-୯,ଭୁବନେଶ୍ୱର-୨୨
ମୋ-୭୯୭୮୮୩୦୬୧୧

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ମାଲକାନଗିରି, (ଭାସ୍କର ନ୍ୟୁଜ): ବାହୁଡ଼ା ଯାତରେ ମହାପ୍ରଭୁ ଜଗନ୍ନାଥ, ବଡ଼ ଭାଇ ବଳଭଦ୍ର ଓ ସାନ ଭଉଣୀ ମା ସୁଭଦ୍ରା ରତ୍ନ ବେଦୀ ମୁହାଁ ହୋଇ ବାହୁଡ଼ିଛନ୍ତି। ପୁରୀ ଠାରୁ ନେଇ ସାରା ବିଶ୍ୱରେ ଆଜି ପାଳନ ହେଉଛି ପବିତ୍ର ବାହୁଡ଼ା ଦଶମୀ ତଥା ବାହୁଡ଼ା ଯାତ୍ରା। ଶାନ୍ତି ଶୃଙ୍ଖଳା ସହ ନିର୍ବିଘ୍ନରେ ସମସ୍ତ ମଧ୍ୟରେ ସମାପ୍ତ ହୋଇଛି ଯାତ୍ରା। ଏହି ଅବସରରେ ମାଲକାନଗିରି ଜିଲ୍ଲା ସଦର ମହକୁମାର ଦୁର୍ଗାଗୁଡ଼ି ସାହିରେ ଆଜି ମାଉସୀ ମା ମନ୍ଦିର ପରିସରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରିବା ସହ ନୀତିକାନ୍ତି ଶେଷ ପରେ ହଜାର ହଜାର ଭକ୍ତ ରଥକୁ ଜଗନ୍ନାଥ ମନ୍ଦିର ଅଭିମୁଖେ ଟାଣି ନେଇଥିଲେ। ସନ୍ଧ୍ୟା ୪ ଟା ସମୟରେ ରଥ ଟଣା ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ପ୍ରାୟ ୬ ଘଟିକାରେ ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ସେହିପରି ସଦର ମହକୁମାରେ ବନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଜଗନ୍ନାଥ ମନ୍ଦିରର ମଧ୍ୟ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ସୁକମାଲୋଷ ଛକ ନିକଟରେ ଥିବା ମାଉସୀ ମା ମନ୍ଦିରରୁ ତିନି ଠାକୁରଙ୍କୁ ରଥରେ ବିଜେ କରିବା ପରେ ସହ ସହ ଶ୍ରଦ୍ଧାଳୁ ରଥକୁ ଟାଣି ନେଇ ମନ୍ଦିରକୁ ଯାଇଥିଲେ। ସେହିପରି ଜିଲ୍ଲାର ଗୋବିନ୍ଦପାଲି, ମୋଟୁ, କଙ୍ଗୁଡ଼ା, କାଲିମେଲା, ବାଲିମେଲା, ଖଇରପୁଟ ସହ ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି।



## ବଡ଼ଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ତରଫରୁ ଭଜନ ସନ୍ଧ୍ୟା

ବାରିପଦା, (ଭାସ୍କର ନ୍ୟୁଜ୍): ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ତରଫରୁ ପବିତ୍ର ରଥଯାତ୍ରା ଅବସରରେ ବାରିପଦାରେ ପ୍ରଥମ ଥର ପାଇଁ ଏକ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ଶ୍ରୀଗୁରୁ ଭାଗବତ ଗ୍ରନ୍ଥର ପ୍ରଥମ କୋଡିଏ ଧାଡିର ସାମୂହିକ ପାରାୟଣ ସହ ଏହି ଭଜନ ସନ୍ଧ୍ୟା ଆରମ୍ଭ ହୋଇଥିଲା। ଭଜନ ସନ୍ଧ୍ୟାରେ ସ୍ଥାନୀୟ କଳାକାର ଚନ୍ଦନ ଭଞ୍ଜ ଓ ସୁଶ୍ରୀ ସୁଲଗ୍ନା ରଣା ସୁନ୍ଦର ସୁନ୍ଦର ଭଜନ ପରିବେଷଣ କରିବା ସହ ଶ୍ରୀଗୁରୁ ଭାଗବତ ଗ୍ରନ୍ଥର ପିତା ମାତା ସ୍ତବକ ଉପସ୍ଥିତ ଦର୍ଶକମାନଙ୍କ ମନକୁ ଛୁଇଁଥିଲା। ସାଇ ଶ୍ରିତା ଭଞ୍ଜଦେଓ, ଶ୍ରୀୟା ମହାନ୍ତି, ସାଇ ଆସ୍ଥା ମହାନ୍ତ, ଦୁର୍ଗା ମାଧବ ବାରିକ, ସାଇ ସମର୍ପିତ ବାରିକ ଆଦି କୁନି କୁନି କଳାକାର ମାନଙ୍କ ଦ୍ୱାରା ପରିବେଷିତ ସାମୁହିକ ଶ୍ରୀଗୁରୁ ଭାଗବତ ପାରାୟଣ ବଡଦାଣ୍ଡରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଏହି ଭଜନ ସନ୍ଧ୍ୟାରେ ତବଲାରେ ବିଭୁତି ବେହେରା, ପ୍ୟାଡ଼ରେ ନିନି, ଅର୍ଗାନରେ ଦୁର୍ଗା ସହଯୋଗ କରିଥିଲେ।

## ବସ ପଛରେ ପିଟିହେଲା କାର୍



କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଥାନା ଅନ୍ତର୍ଗତ ନରଣପୁର ରେଲୱେ ଓଭରବ୍ରିଜ ନିକଟରେ ଗତକାଲି ଅପରାହ୍ନରେ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସ ପଛରେ ଦ୍ରୁତଗତିରେ ଆସୁଥିବା କାର ଧକା ଦେଇ ଅଳ୍ପକେ ରକ୍ଷାପାଇଛନ୍ତି। କାରଚାଳକ ଜଣଙ୍କ ଅତ୍ୟଧିକ ମଦ୍ୟପାନ କରି ଖୁବ ଦ୍ରୁତଗତିରେ ଆସି ବସକୁ ପଛରୁ ଧକା ଦେବା ପରେ ମଧ୍ୟ ମଦର ନିଶା କମି ନଥିଲା। କାରରେ ସମସ୍ତେ ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଉଥିବା ବେଳେ ଧକା ଦେବା ପରେ କାରରୁ ଓହ୍ଲାଇ ବସ ଚଳକଙ୍କ ସହ ଝମିଲା ଆରମ୍ଭ କରିଥିଲେ। ଯାତ୍ରୀବାହୀ ଘରୋଇ ବସଟି ପ୍ରାୟ ଅଧା ଘଣ୍ଟା ଯାଏ ଠିଆ ହୋଇ ରହିଥିଲା। ବସରେ ଯାତ୍ରା କରୁଥିବା ବରିଷ୍ଠ ନାଗରିକ ଓ ଶିଶୁମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହୋଇଥିଲେ। ଖବର ପାଇ କେନ୍ଦୁଝର ବସ ଷ୍ଟାଣ୍ଡ ନିକଟରୁ ଅନେକ ସ୍ଥାନୀୟ ଯୁବକ ପହଞ୍ଚି କାର ଯାତ୍ରୀଙ୍କୁ ବୁଝାଇଥିଲେ। ମଦ ନିଶାରେ ସେମାନେ ବୁଝିବା ପରିବର୍ତ୍ତେ ଅଶ୍ଳୀଳ ଭାଷାରେ ଗାଳି ଗୁଳଜ ଆରମ୍ଭ କରିଥିଲେ। ଉପାୟ ନପାଇ ପିସିଆର ଭ୍ୟାନକୁ ଡକା ଯାଇଥିଲା। ପିସିଆର୍‌ରେ ଆସିଥିବା ପୋଲିସମାନଙ୍କୁ ମଧ୍ୟ ସେମାନେ ଷ୍ଟାରବାଲା ପୋଲିସ କାହିଁ ବୋଲି ପ୍ରଶ୍ନ କରିଥିଲେ। ପୋଲିସ ଅନେକ ବୁଝା ଶୁଝା କରିବା ପରେ ସେମାନେ ସେ ସ୍ଥାନ ଛାଡି ଚାଲି ଯିବା ପରେ ବସ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲା।

## ଆଶୀର୍ବାଦ ଲୁଣ 'ଆୟୋଡିନର ତିଳକ' ରଥଯାତ୍ରା ଅଭିଯାନ



ପୁରୀ, (ଭାସ୍କର ନ୍ୟୁଜ): ପୁରୀରେ 'ଜୟ ଜଗନ୍ନାଥ' ପବିତ୍ର ଧ୍ୱନିରେ ଗଗନ ପବନ ପ୍ରତିଧ୍ୱନିତ ହେଉଥିବାବେଳେ ଆଶୀର୍ବାଦ ଲୁଣ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ତାହାର 'ଆୟୋଡିନର ତିଳକ' ଅଭିଯାନ ସହିତ ପ୍ରତ୍ୟାବର୍ତ୍ତନ କରିଛି। ଚଳିତ ବର୍ଷ ଏହି ବ୍ରାଣ୍ଡ ଆୟୋଡିନର ଗୁରୁତ୍ୱ ସମ୍ପର୍କରେ ଜନସମୁଦାୟଙ୍କୁ ପ୍ରଶିକ୍ଷିତ କରିବା,ଏ ସମ୍ପର୍କିତ ଆଲୋଚନାକୁ ଆଗକୁ ବଢାଇବା ଏବଂ କାହାଣୀ କଥନର କଳା ଜରିଆରେ ଦର୍ଶକଙ୍କ ସହିତ ଭାବପ୍ରବଣ ଭାବରେ ଯୋଡି ହେବାକୁ ଏକ ଶକ୍ତିଶାଳୀ ନୂଆ ମାଧ୍ୟମ ପଥ ନାଟକ (ପ୍ରତ୍ୟକ୍ଷ ପଥପ୍ରାନ୍ତ ନାଟକ ପ୍ରଦର୍ଶନ) ଆରମ୍ଭ କରିଛି। ପଥପ୍ରାନ୍ତ ନାଟକ ରଥ ଯାତ୍ରାର କାହାଣୀ ଏବଂ ପ୍ରତିଦିନ ଆହାରରେ ଆୟୋଡିନର ଗୁରୁତ୍ୱକୁ ଏକତ୍ରିତ କରୁଛି। ଏହି ପ୍ରତ୍ୟକ୍ଷ ପ୍ରଦର୍ଶନ ସ୍ଥାନୀୟ ମଞ୍ଚ କଳାକାରମାନଙ୍କ ଦ୍ୱାରା ଅଭିନୀତ ହେଉଛି ଯେଉଁଥିରେ ଏଥିରେ ଜଣେ ମା' କିଭଳି ନିଜ ପିଲାର ସ୍କୁଲରେ ପ୍ରଦର୍ଶନକୁ ନେଇ ଚିନ୍ତିତ ଅଛନ୍ତି ଏବଂ ଡାକ୍ତର ସେମାନଙ୍କୁ ଆୟୋଡିନ ଅଭାବ ଦୂରକରିବା ଏବଂ ମସ୍ତିଷ୍କର ବିକାଶ ନିମନ୍ତେ ଆୟୋଡିନଯୁକ୍ତ ଲୁଣ ବ୍ୟବହାର ଉପରେ ପରାମର୍ଶ ଦେଉଛନ୍ତି ତାହା ପ୍ରଦର୍ଶିତ ହେଉଛି। ଏହି ନାଟକରେ ଲୋକକଥାର ଅବତାରଣା, ହାସ୍ୟରସ ଏବଂ ଭାବ ପ୍ରବଣତାର ସମ୍ମିଶ୍ରଣ ଘଟିଛି ଯାହା ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ, ଆୟୋଡିନଯୁକ୍ତ ଲୁଣ କେବଳ ରୋଷେଇ ଘର ସାମଗ୍ରୀ ନୁହେଁ, ଏହା କ୍ରମବର୍ଦ୍ଧିଷ୍ଣୁ ପିଲାଙ୍କର ମସ୍ତିଷ୍କ ବିକାଶ ଏବଂ ସେମାନଙ୍କର ବାଲ୍ୟାବସ୍ଥାରେ ବୌଦ୍ଧିକ ସାମର୍ଥ୍ୟରେ ବୃଦ୍ଧି ଘଟାଇବାରେ ସହାୟତା କରୁଛି। ଏହି ପ୍ରୟାସର କେନ୍ଦ୍ରସ୍ଥଳରେ ରହିଛି ପ୍ରତୀକାତ୍ମକ 'ଆୟୋଡିନର ତିଳକ'- ଯାହା ଭକ୍ତମାନଙ୍କ ଲଲାଟରେ ଆୟୋଡିନ ଦ୍ରବଣ ସମ୍ମିଶ୍ରିତ ଘୋରା ଚନ୍ଦନକାଠର ତିଳକ ଲେପନ କରାଯାଉଛି ଏବଂ ଏହା ଶରୀର ପାଇଁ ଆୟୋଡିନ ଖୋରାକ ପ୍ରଦାନର ପ୍ରତୀକାତ୍ମକ ଏବଂ ଶାରୀରିକ ଯୋଗାଣ ହେଉଛି। ଏହି ବିଧି ବିଧାନକୁ ଅଧିକ ପରିପୁଷ୍ଟ କରିବାକୁ ସାମୁହିକ ସ୍ୱାସ୍ଥ୍ୟ ସମ୍ପର୍କିତ ଶପଥ ପାଠ କରାଯାଉଛି, ଯେଉଁଥିରେ ପ୍ରତ୍ୟେକ ପରିବାରକୁ ସେମାନଙ୍କର ଦୈନନ୍ଦିନ ଭୋଜନରେ ଆୟୋଡିନଯୁକ୍ତ ଲୁଣକୁ ଏକ ମୁଖ୍ୟ ଉପାଦାନ ଭାବରେ ସାମିଲ କରିବାକୁ ନିବେଦନ କରାଯାଉଛି। ଅନୁଜ ଗୁପ୍ତା, ସିଓ, ଷ୍ଟାପଲସ ଆଣ୍ଡ ଆଡଜାକେନ୍ସି, ଫୁଡ୍ସ ଡିଭିଜନ, ଆଇଟିସି ଲିମିଟେଡ କହିଥିଲେ, 'ଆୟୋଡିନର ତିଳକ' ସହିତ ଆମେ ପରିବାରଗୁଡିକୁ ଆୟୋଡିନ ଅଭାବ ଜନିତ ଆପଦ ସମ୍ପର୍କରେ ପ୍ରଶିକ୍ଷିତ କରିବା ଜାରି ରଖିଛୁ। ଆୟୋଡିନ ଯୁକ୍ତ ଲୁଣ ମସ୍ତିଷ୍କର ବିକାଶ, ବିଶେଷକରି ପିଲାମାନଙ୍କ ପାଇଁ ଆୟୋଡିନର ଆବଶ୍ୟକତା ପୂରଣ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଚଳିତ ବର୍ଷ ପଥପ୍ରାନ୍ତ ନାଟକ ଜରିଆରେ ଆମେ ଏହି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାକୁ ସିଧାସଳଖ ଜନସମୁଦାୟଙ୍କ ନିକଟରେ ପହଞ୍ଚାଉଛୁ ଏବଂ ଏହାକୁ ନିୟୋଜନକାରୀ, ସୁଲଭ ଏବଂ ସଂସ୍କୃତି ଭାବରେ ଗଭୀର ଜଡିତ କରିବା ପ୍ରଚେଷ୍ଟା କରୁଛୁ। ଏହି ପ୍ରୟାସ ଜରିଆରେ ଦୈନନ୍ଦିନ କାର୍ଯ୍ୟ ଭାବରେ ଆଶୀର୍ବାଦ ଲୁଣର ଥରକରେ ଚିମୁଟାଏ ଲୁଣ ପ୍ରତ୍ୟେକ ରୋଷେଇ ଘରେ ପୁଷ୍ଟିସାଧନ ସହଯୋଗୀ ଭାବରେ ବ୍ୟବହାର କରିବାର ଅଭ୍ୟାସ ସୃଷ୍ଟି ଆଶା କରୁଛୁ।" କ୍ଷେତ୍ରସ୍ତରରେ ଅନୁଭୂତି ହାସଲର ଅଂଶ ଭାବରେ ପୁରୀରେ ଜୁନ୍ ୩୦ ତାରିଖରେ ଏକ ପଥପ୍ରାନ୍ତ ନାଟକ ବଡଦାଣ୍ଡରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଭକ୍ତମାନେ ମଧ୍ୟ ଜୁନ୍ ୨୭ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ 'ଆୟୋଡିନ କା ତିଳକ' ପାଇପାରୁଛନ୍ତି। ପଥପ୍ରାନ୍ତ ନାଟକ ଭ୍ୟାନ୍ ଭୁବନେଶ୍ୱର (୨୭-୨୯ଜୁନ) ଗସ୍ତ କରିବା ସହିତ କୋଣାର୍କକୁ (ଜୁଲାଇ ୧)ରେ ଗସ୍ତ କରିସାରିଛି ଏବଂ ସମ୍ପ୍ରତି ଏହା କଟକକୁ (୨-୫ ଜୁଲାଇ) ଯାତ୍ରା କରିଛି ଯାହା ପୁରୀ ବାହାରେ ମଧ୍ୟ ଏହି ଅଭିଯାନର ବାର୍ତ୍ତାର ଅନୁଭୂତି ପାଇବା ପରିବାରଗୁଡିକ ନିମନ୍ତେ ସୁନିଶ୍ଚିତ କରୁଛି।

## ରାସ୍ତା ଖଣ୍ଡେ ପାଇଁ ହନ୍ତସନ୍ତ ବାଙ୍କେଶ୍ୱର ଗ୍ରାମବାସୀ

ଆଳି, (ଭାସ୍କର ନ୍ୟୁଜ): ଆଳି ବି ଅପହଞ୍ଚରେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତ ବାଙ୍କେଶ୍ୱର ଗ୍ରାମର ହରିଜନ ସାହି। ଏହି ସାହି ରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଆଜିଯାଏଁ ଲୋକେ ମୌଳିକ ସୁବିଧା ପାଇପାରି ନାହାନ୍ତି। ଏହି ସାହିକୁ ରାସ୍ତା ଟିଏ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିରେ ଯଦି ଅଗ୍ନିକାଣ୍ଡ ଘଟେ ତେବେ ଅଗ୍ନିଶମ ଗାଡ଼ିଟିଏ ସହଜରେ ପହଞ୍ଚି ପାରେ ନାହିଁ। ଅପରପକ୍ଷେ ହଠାତ କାହାର ଦେହ ଖରାପ ହେବାଠାରୁ ଆରମ୍ଭ କରି ଯଦି ଗର୍ଭବତୀ ମହିଳାଟିଏ ଚିକିତ୍ସା ପାଇ ଶୀଘ୍ର ମେଡିକାଲ ଯିବାକୁ ଚାହେଁ ତେବେ ଆମ୍ବୁଲାନ୍ସ ମଧ୍ୟ ଏହି ସାହିକୁ ପ୍ରବେଶ କରିପାରେ ନାହିଁ। ଫଳରେ ସାଧାରଣ ସ୍ୱାସ୍ଥ୍ୟ ସ୍ଥିତି ସଂଗୀନ ହୋଇପଡେ। ଦୁଃଖର ବିଷୟ ଏହିକି ଯେ ଏହି ସାହିର ଏକମାତ୍ର ନଳକୂପ ନିକଟରେ ଆଣ୍ଠୁଏ ଉଚ୍ଚର କାଦୁଅ। ମହିଳାମାନେ ଏହି ପଚପଚ କାଦୁଅ ମଧ୍ୟରେ ପଶି ପିଇବା ପାଣି ପାଇଁ ଯିବାଆସିବା କରନ୍ତି। ଏବେ ଝାଡାବାନ୍ତି ଭଳି ରୋଗ ବ୍ୟାପୁଥିବା ବେଳେ ଏହି ସାହି ର ଲୋକ ମାନେ ଏକ ଅସ୍ୱାସ୍ଥ୍ୟକର ପରିସ୍ଥିତି ମଧ୍ୟରେ ବସବାସ କରୁଛନ୍ତି। ଏ ନେଇ ସାହିବାସିନ୍ଦା ମାନେ ବିଭିନ୍ନ ସମୟରେ ପ୍ରଶାସନକୁ ଭେଟି ବାରମ୍ବାର ଜଣାଇଥିଲେ ମଧ୍ୟ ଫଳ ଶୂନ। ତେଣୁ ଶେଷରେ ନିରୁପାୟ ହୋଇ ଯଦି ଏହି ରାସ୍ତା ନିର୍ମାଣ କରା ନଯାଏ ତେବେ ଆଗାମୀ ଦିନରେ ସାହିବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଆନ୍ଦୋଳନର ପନ୍ଥା ଆପଣେଇବେ ବୋଲି ଆନନ୍ଦ ମଲିକ, ବିନୋଦ ମଲିକ, ବ୍ରହ୍ମାନନ୍ଦ ମଲିକ, ଆଦିକନ୍ଦ ମଲିକ, ହାଡିବନ୍ଧୁ ମଲିକ, ସୁରେଶ ମଲିକ, ତ୍ରିଲୋଚନ ମଲିକ, ହଳଧର ମଲିକ ମାନେ ଚେତାବନୀ ଦେଇଛନ୍ତି।

## ମାଉସୀଘରୁ ହରିବୋଲ କ୍ଷେତ୍ରକୁ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତୀ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ମୋଡ଼ସାହି ସ୍ଥିତ ମାଉସୀମା' ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତୀ ଭଦ୍ରକ ବ୍ଲକ ଅଧୀନ କେଶପୁର ସ୍ଥିତ ହରିବୋଲ କ୍ଷେତ୍ରକୁ ବାହୁଡ଼ିଛନ୍ତି। ଚତୁର୍ଦ୍ଧା ମୂର୍ତ୍ତି ତିନିରଥକୁ ବିଜେ କରିବା ବେଳେ ଭକ୍ତମାନେ ଭାବ ବିହ୍ୱଳ ହୋଇ ପଡ଼ିବା ସହିତ ଭଗବାନ-ଭକ୍ତ ଏକାକାର ହୋଇ ଯାଇଥିଲେ। ବାହୁଡ଼ା ଯାତ୍ରା ପାଇଁ ମାଉସୀମା' ମନ୍ଦିରରେ ପ୍ରାତଃକାଳରୁ ପୂଜକଙ୍କ ଦ୍ୱାରା ବିଭିନ୍ନ ପୂଜା ବିଧି ଅନୁସାରେ ଅନୁଷ୍ଠିତ ହୋଇଥିଲା। ମହନ୍ତ ଭାଗବତ ମିଶ୍ର ପୂଜକ କଳ୍ପତରୁ ଉଦ୍‌ଗାତା, ଦେବେନ୍ଦ୍ର ଉଦ୍‌ଗାତା, ଜଗନ୍ନାଥ ପଣ୍ଡା ପ୍ରମୁଖ ଶ୍ରୀଜୀଉଙ୍କ ନୀତିକାନ୍ତୀ ସମ୍ପନ୍ନ କରିଥିଲେ। ପୂର୍ବାହ୍ନରେ ପହଣ୍ଡି ବିଜେ ପରେ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ପାଲିଙ୍କିରେ ରଥ ପାଖକୁ ନିଆଯାଇଥିଲା। ସମସ୍ତ ବିଧିମୁତାବକ ତିନି ରଥ ଉପରେ ଜିଲାପାଳ ଛେରା ପହଁରା କରିଥିଲେ। ଆଖପାଖ ଅଞ୍ଚଳ ସମେତ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଭକ୍ତଙ୍କ ସମାଗମରେ ପୂରି ଉଠିଥିଲା ମୋଡ଼ସାହି ଶ୍ରୀଗୁଣ୍ଡିଚା କ୍ଷେତ୍ର। ପରେ ତିନି ରଥ କେଶପୁର ସ୍ଥିତ ହରିବୋଲ କ୍ଷେତ୍ରକୁ ଗଡ଼ିଥିଲା। ମହିଳାମାନେ ମା' ସୁଭଦ୍ରାଙ୍କ ଦେବଦଳନ ରଥ ଟାଣିଥିଲେ। ମୋଡ଼ସାହି ମାଉସୀ ମା ମନ୍ଦିର କମିଟି ତରଫରୁ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ସନାତନ ଜେନା, କୋଷାଧ୍ୟକ୍ଷ ମନୋରଞ୍ଜନ ଖୁଣ୍ଟିଆ, ରବିନାରାୟଣ ସାମଲ, ଭରତ ଚନ୍ଦ୍ର ସାହୁ, ରବିନ୍ଦ୍ର ପୃଷ୍ଟି, ପ୍ରମୋଦ କୁମାର ନାୟକ, ଅତୁଲ୍ୟ ବେହେରା, ସନ୍ତୋଷ ସାମଲ, ଦୀପ୍ତିକାନ୍ତ ଖୁଣ୍ଟିଆ, ଦିଲୀପ ଖୁଣ୍ଟିଆ, ବିଦ୍ୟାଧର ସାମଲ, ଶଶିକାନ୍ତ ଜେନା, ପ୍ରକାଶ ଖୁଣ୍ଟିଆ, ପ୍ରିୟରଂଜନ ବେହେରା, ପ୍ରଶାନ୍ତ ସାହୁ, ପ୍ରମୁଖଙ୍କ ସମେତ ହରିବୋଲ କ୍ଷେତ୍ର ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ନଗେନ ଦାଶ, ସମ୍ପାଦକ ପତିତପାବନ ପଣ୍ଡା, ସରୋଜ କୁମାର ପଣ୍ଡା, ଶ୍ରୀଧର ପୁହାଣ, ସନ୍ତୋଷ ନାୟକ, ସଞ୍ଜୟ ସାହୁ, ରବିନ୍ଦ୍ରନାଥ ସାହୁ, ପ୍ରକାଶ ସାହୁ, ପ୍ରତାପ ସାହୁ ଉପସ୍ଥିତ ରହି ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଶରତ କୁମାର ସାହୁ, ବିଶ୍ୱମୈତ୍ରୀ ନାୟକ, ସୁଶ୍ରୀ ତପସ୍ୱିନୀ ପାଢ଼ୀ, ଲଳିତ ମୋହନ ମିଶ୍ର, ମନୋରମା ଆଚାର୍ଯ୍ୟ, ନିତ୍ୟାନନ୍ଦ ମିଶ୍ର, ଉଦ୍ଧବ ଚରଣ ମିଶ୍ର, ପୁଷ୍ପଲତା ପଣ୍ଡା, ଅନିମା କର, ହରିହର ଦାସ, ଭରତ ସାହୁ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ତିହିଡ଼ି ପୁଲିସ ପକ୍ଷରୁ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ନିର୍ଦ୍ଦେଶକ୍ରମେ ଏସଆଇ ପ୍ରକାଶ ନାୟକଙ୍କ ସମେତ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ତିହିଡ଼ି ଅଗ୍ନିଶମ କେନ୍ଦ୍ର ପକ୍ଷରୁ ଅଧିକାରୀ ଅନନ୍ତ ପ୍ରସାଦ ବେହେରା ଦମକଳ ବାହିନୀ ସହ ଉପସ୍ଥିତଥିଲେ। ଏଥି ସହ ତିହିଡି ଓ ଗୁଆମଳା ଡାକ୍ତରଖାନା କର୍ମଚାରୀମାନେ ଉପସ୍ଥିତ ରହି ସେବା ଯୋଗାଇଥିଲେ। ସେହିପରି ତିହିଡ଼ି ବ୍ଲକର ପୀରହାଟ, ଚାରିତରଫ, ତିହିଡ଼ି, ମଙ୍ଗରାଜ ପୁର, ମୂଷାଙ୍ଗ, କୋହ୍ଲ, ତାଳପଦା, କାଳିମେଘା, ନୂଆନନ୍ଦ, ଅଲୀନଗର, ତାଳପଦା ଇତ୍ୟାଦି ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ଗୋପବନ୍ଧୁ ସେବକ ସେନା ପକ୍ଷରୁ ସର୍ବତ ବଣ୍ଟନ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବକ ସେନା ପକ୍ଷରୁ ଗୁଆମାଳ ପଞ୍ଚାୟତ ଅଧୀନ ମୋଡ଼ସାହି ବାହୁଡ଼ା ଯାତ୍ରାରେ ଦହି ସର୍ବତ ବଣ୍ଟନ କରାଯାଇଛି। ଶ୍ରଦ୍ଧାଳୁମାନଙ୍କୁ ସେନାର କର୍ମକର୍ତ୍ତାମାନେ ସର୍ବତ ବିତରଣ କରିଥିଲେ। ଗୋପବନ୍ଧୁ ସେବକ ସେନା ଦୀର୍ଘ ୧୨ବର୍ଷ ଧରି ବିଭିନ୍ନ ସେବା କାର୍ଯ୍ୟ କରି ଆସୁଥିବା ବେଳେ ପୁରୀ ରଥଯାତ୍ରାରେ ମଧ୍ୟ ଭକ୍ତମାନଙ୍କୁ ସେବା ଯୋଗାଇ ଦେଇ ଆସୁଛି। ଚଳିତ ବର୍ଷ ପୁରୀ ବଳଗଣ୍ଡି ଛକ ସ୍ଥିତ ଛତା ମଠ ଠାରେ ଶୁଖିଲା ଖାଦ୍ୟ ବଣ୍ଟନ ସହିତ ବିଞ୍ଚଣା ଓ ପାଣି ସିଞ୍ଚନ ସେବା କରିଥିଲେ। ଶନିବାର ବାହୁଡ଼ା ଯାତ୍ରା ଉପଲକ୍ଷେ ମୋଡ଼ସାହିରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଜଳଦାନ ସେବା ଯୋଗାଇ ଦେଇଥିଲେ। ସେନାର ସଭାପତି ରାଜୀବ କୁମାର ନାୟକ, ଉପସଭାପତି ଅଭିରାମ ଦାସ, ସମ୍ପାଦକ ଅଶୋକ କୁମାର ନାୟକ, ସହସମ୍ପାଦକ ବୀରେନ ସେନାପତି, ଶ୍ରଦ୍ଧାଞ୍ଜଳି ମିଶ୍ର, ସୀମାରାଣୀ ପ୍ରଧାନ, ସେକ୍ ଲିଆକତ, ସଦସ୍ୟ ସତ୍ୟରଂଜନ ନାୟକ, ବାବୁରାମ ଗାରିଡ଼ି, ଧନେଶ୍ୱର ପଣ୍ଡା, ହରିହର ମଲିକ, ତ୍ରିଲୋଚନ ସାହୁ, ପ୍ରମୁଖ ଏହି ସବା କାର୍ଯ୍ୟରେ ସହଯୋଗ କରିଥିଲେ।

## କଳାରାହାଙ୍ଗ, ପଟିଆରେ ହେବ ରେଳ ଓଭରବ୍ରିଜ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଖୁବଶୀଘ୍ର ଭୁବନେଶ୍ୱର ଉପକଣ୍ଠ କଳାରାହାଙ୍ଗ ଏବଂ ପଟିଆରେ ନିର୍ମାଣ ହେବ ରେଳ ଓଭର ବ୍ରିଜ। ୧୪୦କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ ହେବ ବହୁ ପ୍ରତିକ୍ଷୀତ ୨ଟି ରେଳ ଓଭରବ୍ରିଜ। ଫଳରେ ପଟିଆ-କଳାରାହାଙ୍ଗ ଅଞ୍ଚଳରେ ଗମନାଗମନର ଲାଇଫ୍ ଲାଇନ୍ ପାଲିଟିଥିବା ରାସ୍ତାରେ, ରେଳ ଚଳାଚଳ ସମୟରେ ଫାଟକ ବନ୍ଦ କାରଣରୁ ଦେଖା ଦେଉଥିବା ଟ୍ରାଫିକ୍ ସମସ୍ୟା ସବୁଦିନ ପାଇଁ ଦୂର ହୋଇଯିବ। ଶନିବାର ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଭୁବନେଶ୍ୱରର ପଟିଆ ଏବଂ କଳାରାହାଙ୍ଗ ରେଳ ଷ୍ଟେସନ ଅଞ୍ଚଳକୁ ଗସ୍ତ କରି ଅଧିକାରୀଙ୍କ ସହିତ ସ୍ଥିତି ସମୀକ୍ଷା କରିଥିଲେ। ପଟିଆ ଓ କଳାରାହାଙ୍ଗ ଅଂଚଳରେ ରେଳ ଓଭର ବ୍ରିଜ ନିର୍ମାଣ ନେଇ ବହୁ ବର୍ଷରୁ ଦାବି କରି ଆସୁଥିଲେ ସ୍ଥାନୀୟ ଲୋକେ। ଲୋକଙ୍କର ଏହି ଦାବିକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପୂରା କରିବାକୁ ଯାଇ ରେଳ ଓଭର ବ୍ରିଜ ନିର୍ମାଣରେ ରହିଥିବା ସମସ୍ୟାକୁ ଦୂର କରାଇଛନ୍ତି। କଳାରାହାଙ୍ଗ ରେଳ ଓଭର ବ୍ରିଜ ପାଇଁ ୮୦କୋଟି ଏବଂ ପଟିଆ ରେଳ ଓଭର ବ୍ରିଜ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ସାଂସଦ ଅପରାଜିତା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଏହି ପ୍ରକଳ୍ପ ପାଇଁ ଟେଣ୍ଡର ହେବା ପରେ ଆଗାମୀ କାର୍ଯ୍ୟକ୍ରମ ଆଗେଇବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ। ପୂର୍ବରୁ ଏହି ରେଳ ଓଭରବ୍ରିଜ ନିର୍ମାଣ ପ୍ରକଳ୍ପ ପାଇଁ କଳାରାହାଙ୍ଗ ଏବଂ ପଟିଆ ଅଞ୍ଚଳରେ ଜମି ଅଧିଗ୍ରହଣ ଏକ ବଡ ସମସ୍ୟା ଭାବେ ଠିଆ ହୋଇଥିଲା। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନଥିଲା। ତେବେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପୂର୍ତ୍ତବିଭାଗ ଓ ରେଳବାଇ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହିତ ବାରମ୍ବାର ସମ୍ପର୍କରେ ରହିଥିଲେ, ଏବଂ କଥା ହୋଇ ଜମି ସମ୍ପର୍କିତ ସମସ୍ତ ସମସ୍ୟା ଦୂର କରାଇବାରେ ବଡ଼ ଭୂମିକା ନେଇଛନ୍ତି। ଦୀର୍ଘଦିନ ଧରି ଏହି ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମସ୍ୟା ଦୂର ହୋଇଥିବାରୁ ଆଗକୁ ଖୁବଶୀଘ୍ର ପ୍ରକଳ୍ପ କାମ ଆଗେଇବା ନେଇ ସ୍ଥାନୀୟ ଲୋକେ ବେଶ୍ ଆଶାବାଦୀ ଅଛନ୍ତି। କଳାରାହାଙ୍ଗ ଏବଂ ପଟିଆ ଅଞ୍ଚଳରେ ଏହି ରାସ୍ତା ଦେଇ ରେଳଟ୍ରାକ୍ ଯାଇଥିବା ବେଳେ, ରେଳ ଚଳାଚଳ ସମୟରେ ଫାଟକ ପଡୁଥିବାରୁ ଦୀର୍ଘ ସମୟ ଟ୍ରାଫିକ ଜାମ୍ ରହୁଥିଲା। ରେଳ ଓଭରବ୍ରିଜ ନିର୍ମାଣ ହେବା ପରେ ଏହି ସମସ୍ୟା ଆଉ ରହିବ ନାହିଁ। ଲୋକମାନେ ଅବାଧରେ ବିନା କୌଣସି ଅଟକିବାରେ ରେଳ ଚଳାଚଳ ସମୟରେ ବି ଗମନାଗମନ କରିପାରିବେ। ଶନିବାର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କଳାରାହାଙ୍ଗ ପଟିଆ ଅଞ୍ଚଳକୁ ଗସ୍ତ କରି ନିଜେ ସ୍ଥିତି ସମୀକ୍ଷା କରିଥିଲେ। ଏହି ସମୀକ୍ଷା ସମୟରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟ ସାମିଲ ହୋଇଥିଲେ। ଖୋର୍ଦ୍ଧା ଏଡିଏମ୍, ଭୁବନେଶ୍ୱର ତହସିଲଦାର, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସହିତ ସମୀକ୍ଷା ସମୟରେ ଉପସ୍ଥିତ ରହିଥିଲେ।

## କ୍ରୀଡା ପ୍ରତିଯୋଗିତାରେ ଓଡ଼ିଶା ପୋଲିସର ୧୪ ପଦକ ହାସଲ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ୨୦୨୫ରେ ଓଡ଼ିଶା ପୋଲିସର ୩ ଜଣ ଯୁବ କ୍ରୀଡାବିତ ଅଶୋକ ଦଣ୍ଡସେନା ଦୁଇଟି ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ରୌପ୍ୟ ପଦକ, ସବିତା ଟପ୍ପୋ ଗୋଟିଏ ସ୍ୱର୍ଣ୍ଣ ପଦକ, ଗୋଟିଏ ବ୍ରୋଂଚ ପଦକ ଏବଂ ସୁସ୍ମିତା ଟିଗା ଗୋଟିଏ ବ୍ରୋଂଚ ପଦକ ବିଜୟୀ ହୋଇ ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଓଡିଶା ପୋଲିସର କ୍ରୀଡ଼ାବିତମାନେ ଗତ ଚାରି ଦିନ ମଧ୍ୟରେ ୯ ଟି ସ୍ୱର୍ଣ ପଦକ, ୨ଟି ରୌପ୍ୟ ପଦକ ଓ ୩ଟି ବ୍ରୋଂଚ ପଦକ ବିଜୟୀ ହୋଇ ଐତିହାସିକ ସଫଳତା ଲାଭ କରିଛନ୍ତି। କନଷ୍ଟେବଲ ଅଶୋକ ଦଣ୍ଡସେନା ପୁରୁଷ ବିଭାଗ ୫୦୦୦ ମିଟର ଓ ୧୦୦୦୦ ମିଟର ଦୌଡ଼ରେ ୨ଟି ସ୍ୱର୍ଣ୍ଣ ପଦକ ଏବଂ ୪୦୦, ୪୦୦ ରିଲେରେ ଗୋଟିଏ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୁର୍ବରୁ ସେ ୮୦୦ ମିଟର ଓ ୧୫୦୦ ମିଟର ଦୌଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। କନଷ୍ଟେବଲ ସବିତା ଟପ୍ପୋ ମହିଳା ବିଭାଗ ୧୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ ୪୦୦ ମିଟର ବାଧାଦୌଡ଼ରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ସେହିପରି କନଷ୍ଟେବଲ ସୁସ୍ମିତା ଟିଗା ମହିଳା ବିଭାଗ ୪୦୦ ଗୁଣା୪୦୦ ରିଲେରେ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ପୂର୍ବରୁ ସେ ୧୫୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଓ ୮୦୦ ମିଟର ଦୌଡ ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ଯୁବ ଖେଳାଳି ମାନଙ୍କ ନିଷ୍ଠା, ଆଗ୍ରହ, ଦୃଢ଼ତା ଏବଂ ପରିଶ୍ରମ ଦେଶ ତଥା ରାଜ୍ୟକୁ ଗର୍ବିତ କରିଛି। ଏହି ଯୁବ କ୍ରୀଡ଼ାବିତ ମାନଙ୍କ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।


## ଡାବୁଗାଁ କୃଷି କାର୍ଯ୍ୟାଳୟରେ ପିଅନ ଜଗିଛି ଅଫିସ

ଡାବୁଗାଁ, (ଭାସ୍କର ନ୍ୟୁଜ): ବର୍ତ୍ତମାନ ଖରିଫ ଋତୁ ପାଇଁ ଚାଷ କାର୍ଯ୍ୟ ଆରମ୍ଭ ହେଲାଣି। ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ଚାଷୀ ଏଥି ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେବେ ଚାଷ କାର୍ଯ୍ୟର ବିଭିନ୍ନ ଅଭିଯୋଗ ଓ ସହାୟତା ପାଇଁ ଚାଷୀମାନଙ୍କୁ ବ୍ଲକ କୃଷି କାର୍ଯ୍ୟାଳୟରେ କୃଷି ସହାୟତା କେନ୍ଦ୍ରରେ ସହାୟତା ଆବଶ୍ୟକ ଥିବା ବେଳେ ଏଠାରେ ଦିନ ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟର ତାଲା ଖୋଲାଯାଉ ନାହିଁ। ଅଫିସରେ ଜଣେ ହେଲେ କର୍ମଚାରୀଙ୍କ ଦେଖା ନଥିବା ବେଳେ ଜଣେ ପିଅନ ଅଫିସକୁ ଜଗି ରହିଛି। ଡାବୁଗାଁ ବ୍ଲକ କୃଷି କାର୍ଯ୍ୟାଳୟରେ ଜଣେ କୃଷି ଅଧିକାରୀ, ୫ ଜଣ ଓଭରସିଅର ସହ କ୍ଷେତ୍ର କର୍ମଚାରୀ ରହିଛନ୍ତି। ବର୍ତ୍ତମାନ କୃଷିକାର୍ଯ୍ୟ ସମୟରେ ଚାଷୀଙ୍କୁ ବିଭିନ୍ନ ସହାୟତା ପାଇଁ କୃଷି କାର୍ଯ୍ୟାଳୟକୁ ଆସିବାକୁ ପଡୁଛି। କେଉଁ ଜମିରେ କେଉଁ ଚାଷ କଲେ ଚାଷୀ ଉପକୃତ ହେବେ, ଉନ୍ନତ ବିହନ କ୍ରୟ, ସାରର ବ୍ୟବହାର, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ଚାଷୀଙ୍କୁ କିଭଳି ସହାୟତା ପ୍ରଦାନ ବ୍ୟବସ୍ଥା ଅଛି ଜାଣିବା ପାଇଁ ଚାଷୀ ପ୍ରତିଦିନ କୃଷି କାର୍ଯ୍ୟାଳୟକୁ ଆସିଥାନ୍ତି। ତେବେ ଡାବୁଗାଁ କୃଷି କାର୍ଯ୍ୟାଳୟରେ ଶୁକ୍ରବାର କାର୍ଯ୍ୟଦିବସ ଥିଲେ ସୁଦ୍ଧା ଦିନ ୧୨ ଘଣ୍ଟା ପର୍ଯ୍ୟନ୍ତ ଅଫିସରେ ତାଲା ଖୋଲାଯାଇ ନଥିଲା। ଏପରିକି ଜଣେ ପିଅନକୁ ଛାଡି କାର୍ଯ୍ୟାଳୟରେ କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ଏ ନେଇ ଡାବୁଗାଁ ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳଙ୍କୁ ଯୋଗାଯୋଗ କରିବାରୁ ଦୁଇ ଦିନ ପାଇଁ ସେ ଛୁଟିରେ ରହିଥିବା ପ୍ରକାଶ କରିଥିଲେ। ଏଥି ନିମନ୍ତେ ଅନ୍ୟ କର୍ମଚାରୀଙ୍କୁ କାର୍ଯ୍ୟାଳୟ ଦାୟିତ୍ୱ ଦିଆ ଯାଇଥିବା କହିଥିଲେ। ସେପଟେ ଡାବୁଗାଁ ବ୍ଲକର କିଛି ଚାଷୀ କୃଷି ସହାୟତା ପାଇଁ ସକାଳେ କାର୍ଯ୍ୟାଳୟ ଆସି କେହି ନ ଥିବାରୁ ନିରାଶ ହୋଇଥିଲେ। କୋଇଲାରି ଗ୍ରାମ ପଞ୍ଚାୟତର ଜଣେ ବୃଦ୍ଧ ଚାଷୀ ଧନିରାମ ଭତରା ଶନିବାର ସକାଳ ୧୦ ଘଣ୍ଟା ଠାରୁ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ କୃଷି ସହାୟତା ପାଇଁ ଅପେକ୍ଷା କରିଥିଲେ ସୁଦ୍ଧା କାର୍ଯ୍ୟାଳୟରେ କୌଣସି କର୍ମଚାରୀଙ୍କ ଦେଖା ନ ଥିବାରୁ ବୃଦ୍ଧ ଚାଷୀ ନିରାଶ ହୋଇଥିଲେ। ବ୍ଲକ କୃଷି ଅଧିକାରୀ ଡାବୁଗାଁ ସଦରରେ ରହୁ ନ ଥିବା ବେଳେ କାର୍ଯ୍ୟଦିବସ ମାନଙ୍କରେ ସଠିକ୍ ସମୟରେ କାର୍ଯ୍ୟାଳୟ ଆସୁ ନ ଥିବାରୁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କୃଷି ଅଧିକାରୀ ନିୟମିତ ଠିକ୍ ସମୟରେ ଉପସ୍ଥିତ ନଥିବାରୁ କାର୍ଯ୍ୟାଳୟ ପରିସର ମଦ୍ୟପଙ୍କ ଆଡ୍ଡାସ୍ଥଳ ପାଲଟିଛି। ଅପରିଷ୍କାର ପରିବେଶରେ କୃଷି କାର୍ଯ୍ୟାଳୟ ରହିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହୋଇଛି।

## ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା

ନୂଆଦିଲ୍ଲୀ, (ଭାସ୍କର ନ୍ୟୁଜ): ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରଠାରେ ୪୭ତମ ପବିତ୍ର ବାହୁଡ଼ା ଯାତ୍ରା ପର୍ବ ଆଧ୍ୟାତ୍ମିକ ଉଲ୍ଲାସ ଓ ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଉପଲକ୍ଷେ ବଡ଼ି ଭୋରରୁ ମୁଖ୍ୟ ମନ୍ଦିରର ବେସମେଣ୍ଟ ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରୁଥିବା ଚାରି ଦିଅଁ ମାନଙ୍କ ସାମ୍ନାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଏହା ପରେ ଦିନ ୪ଟା ବେଳେ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଏବଂ ଶଙ୍ଖ ଧ୍ୱନି ତଥା ବାଦ୍ୟ, କୀର୍ତ୍ତନର ତାଳେତାଳେ ଚାରି ଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡ଼ି ପହଣ୍ଡି କରି ମନ୍ଦିର ସାମ୍ନା ସ୍ଥିତ ବଡ଼ଦାଣ୍ଡରେ ଦଣ୍ଡାୟମାନ ଥିବା ସୁନ୍ଦର, ସୁଶୋଭିତ ରଥ ଉପରକୁ ଆଣି ଥିଲେ। ଅପରାହ୍ନ ସାଢେ ୪ଟା ସମୟରେ ବିଶିଷ୍ଟ ଅତିଥି ଦିଲ୍ଲୀ ସରକାରର ମନ୍ତ୍ରୀ କପିଳ ମିଶ୍ର ଏବଂ ସୁପ୍ରିମ କୋର୍ଟର ପୂର୍ବତନ ଜଜ ଜଷ୍ଟିସ ଅରିଜିତ ପଶାୟତ ପାରମ୍ପରିକ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ ସେମାନଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଏଠାରେ ସନ୍ଧ୍ୟା ୫ଟା ବେଳେ ରଥଟଣାର ଶୁଭାରମ୍ଭ ହୋଇଥିଲା। ହାଉଜଖାସ ଭିଲେଜ ସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା। ବିଳମ୍ବିତ ରାତିରେ ପୁଣି ସାହିରୋଷଣୀ କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥ ଉପରୁ ନିଆଯାଇ ନାଟ୍ୟ ମଣ୍ଡପଠାରେ ଆସୀନ କରାଯାଇଥିଲା। ମହାପ୍ରଭୁ ନାଟ୍ୟମଣ୍ଡପ ଠାରେ ଆସନ୍ତା ୮ତାରିଖ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ପ୍ରକାଶ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଡେଲାଙ୍ଗ, (ଭାସ୍କର ନ୍ୟୁଜ): ଡେଲାଙ୍ଗ ମୁକ୍ତାମଣୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ଶିକ୍ଷୟିତ୍ରୀ ପ୍ରତିମା ମହାନ୍ତି ସେବା ନିବୃତ ଅବସର ଗ୍ରହଣ କରିଛନ୍ତି। ଜାତୀୟ ପୁରସ୍କାର ଶିକ୍ଷକ ତଥା ପ୍ରକୃତି ବନ୍ଧୁ ସନ୍ତୋଷ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ମଣ୍ଡଳଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ମୁଖ୍ୟ ବକ୍ତା ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ସହ ଶିକ୍ଷାଧିକାରୀ ସଂଯୁକ୍ତା ମିଶ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦୁର୍ଯ୍ୟୋଧନ ପ୍ରଧାନ ରେଚଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଗମ୍ବର ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପମାଲ୍ୟା ଅର୍ପଣ ଓ ବିଭୁ ବନ୍ଦନା ପରେ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଦୁର୍ଯ୍ୟୋଧନ ପ୍ରଧାନଙ୍କ ପ୍ରାରମ୍ଭିକ ସୂଚନା ସହିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ପରେପରେ ଦିବଂଗତ ଦୁଇଜଣ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଡ଼େଲାଙ୍ଗ ମଣ୍ଡଳର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନେକ ଶିକ୍ଷକ ଯୋଗଦେଇ ସର୍ବଗୁଣା ସମ୍ପର୍ଣ୍ଣା ବିଦାୟ ଶିକ୍ଷୟିତ୍ରୀଙ୍କର ବହୁବିଧ ପ୍ରତିଭାର ଗୁଣଗାନ କରିଥିଲେ। ସେବାନିବୃତ ପ୍ରତିମା ଜଣେ ସମୟାନୁବର୍ତି, ଛାତ୍ରବତ୍ସଳ, ଲୋକପ୍ରିୟ ଶିକ୍ଷୟିତ୍ରୀ ଏବଂ ନୃତ୍ୟ, ଗୀତ ବିଜ୍ଞାନ ମେଳାରେ ଅଂଶଗ୍ରହଣ ଓ ଶିକ୍ଷାଦାନ କ୍ଷେତ୍ରରେ ଜଣେ ସଫଳ ଶିକ୍ଷୟିତ୍ରୀ ଭାବରେ ବେଶ ପରିଚିତ ବୋଲି ସମସ୍ତ ବକ୍ତା ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ଛାତ୍ରଛାତ୍ରୀ ଏବଂ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ ରତ କେତେଜଣ ଛାତ୍ରଛାତ୍ରୀ ଭାବବିହ୍ୱଳ ହୋଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉର୍ମିଳା ପରିଡ଼ା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପ୍ରଧାନ ଓଡ଼ତରାବୋଇ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଦେଇ ପ୍ରମୁଖ ନିଜର ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଦୀପକ କୁମାର ଛାଟୋଇ, ସଂଜୀ ମିଶ୍ର, ଶିକ୍ଷୟିତ୍ରୀ ଅମିତା ସାମନ୍ତରାୟ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ରଶ୍ମୀରଂଜନ ବଡ଼ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନଭି ମୁମ୍ବାଇର ଖାରଘର ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଯାତ୍ରା

ମୁମ୍ବାଇ, (ଭାସ୍କର ନ୍ୟୁଜ୍): ନଭି ମୁମ୍ବାଇର ଖାରଘରଠାରେ ଅବସ୍ଥିତ ଏକମାତ୍ର ଜଗନ୍ନାଥ ମନ୍ଦିରରେ ମହାସମାରୋହରେ ପବିତ୍ର ବାହୁଡ଼ା ଯାତ୍ରା ପାଳନ କରାଯାଇଥିବା ଜଣାଯାଇଛି। ମହାରାଷ୍ଟ୍ର ଓଡ଼ିଆ କଲ୍ୟାଣ ସଂଘ (ମୋୱା) ଦ୍ୱାରା ଆୟୋଜିତ ଏହି ଭବ୍ୟ ଉତ୍ସବ ଉପଲକ୍ଷେ ବଢିଭୋରରୁ ହରିହର ପୀଠ ଠାରେ ଥିବା ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରିଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କର ସାମ୍ନାରେ ସ୍ୱତନ୍ତ୍ର ନୀତିକାନ୍ତି ଓ ପୂଜାର୍ଚ୍ଚନା ଧାର୍ମିକ ବିଧି ମୁତାବକ ସମ୍ପନ୍ନ କରାଯାଇଥିଲା। ଅପରାହ୍ନରେ ହରିବୋଲ ହୁଳହୁଳି ଜୟ ଜଗନ୍ନାଥ ଏବଂ ଶଙ୍ଖଧ୍ୱନୀ ତଥା ବାଦ୍ୟ କୀର୍ତ୍ତନର ତାଳେ ତାଳେ ଚାରିଠାକୁରଙ୍କୁ ପୂଜକ ଓ ଭକ୍ତ ମାନେ ଧାଡି ପହଣ୍ଡି କରି ଗୁଣ୍ଡିଚା ମନ୍ଦିର ସାମ୍ନାରେ ଦଣ୍ଡାୟମାନ ଥିବା ସୁନ୍ଦର ଓ ସୁଶୋଭିତ ରଥ ଉପରକୁ ଆଣିଥିଲେ। ଅପରାହ୍ନ ଦୁଇଟା ସମୟରେ ମୌୱାର ଟ୍ରଷ୍ଟି ଓ ସଭାପତି ଡ଼ଃ ଭଗବାନ ପଣ୍ଡା ପାରମ୍ପରିକ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ଦିନ ଚାରିଟା ସମୟରେ ରଥ ଟଣା କାର୍ଯ୍ୟ ଶୁଭାରମ୍ଭ ହୋଇଥିଲା। ହରିହର ପୀଠ ଠାରେ ଉପସ୍ଥିତ ସହସ୍ରାଧିକ ଭକ୍ତମାନେ ରଥଟିକୁ ଟାଣି ଟାଣି ମୁଖ୍ୟ ମନ୍ଦିରର ବେଢ଼ାକୁ ସନ୍ଧ୍ୟା ସୁଦ୍ଧା ଫେରାଇ ଆଣିଥିଲେ। ଖାରଘରର ରାଜରାସ୍ତାରେ ରାଜକୀୟ ରଥ ଉପରେ ମହାପ୍ରଭୁଙ୍କର ବାହୁଡା ଯାତ୍ରା ବେଶ ହୃଦୟସ୍ପର୍ଶୀ ଥିଲା।ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ଅନନ୍ୟ ଓ ଅନୁପମ ଥିଲା।ମନ୍ଦିର ଅଗଣାକୁ ଫେରିବା ପରେ ରଥ ଉପରେ ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ଭକ୍ତମାନଙ୍କୁ ଦିବ୍ୟ ଓ ଭବ୍ୟ ଦର୍ଶନ ପ୍ରଦାନ କରିଥିଲେ। ରଥ ଉପରେ ଠାକୁର ମାନେ ଆସନ୍ତା ଦୁଇଦିନ ଧରି ରହିବେ ବୋଲି ପରିଚାଳନା କମିଟି ସୂତ୍ରରୁ ପ୍ରକାଶ ଓ ଆସନ୍ତା ଛଅ ତାରିଖରେ ରଥରେ ହିଁ ସୁନା ବେଶ ଏବଂ ଏକାଦଶୀ ଆଦି ବିଧି ସମ୍ପନ୍ନ କରାଯିବା ପରେ ସାତ ତାରିଖ ଦିନ ବିଳମ୍ବିତ ରାତିରେ ସାହି ରୋଷଣୀ କରାଯାଇ ଚାରିଦିଅଁଙ୍କୁ ରଥ ଉପରୁ ମୁଖ୍ୟ ମନ୍ଦିର ଭିତରକୁ ନିଆଯାଇ ରତ୍ନ ସିଂହାସନ ରେ ଆସୀନ କରାଯିବ ବୋଲି ଜଣାଯାଇଛି।

## ଲୁଚକାଳି ଖେଳୁଛି ମୌସୁମୀ

# କାମରେ ଆସୁନି ଲଘୁଚାପ ବର୍ଷା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଆକାଶରେ ଘୋଟୁଛି କଳାହାଣ୍ଡିଆ ମେଘ। ପ୍ରବଳ ବର୍ଷିବ ବର୍ଷିବ ହୋଇ ଝିପି ଝିପି ବର୍ଷାରେ ସରି ଯାଉଛି ଦିନ। ଦିନେ ଅଧେ ନୁହେଁ, ଗଲା ଦଶ ଦିନ ହେଲା ଭବାନୀପାଟଣା ସହର ଓ ଏହାର ଆଖପାଖ ଅଞ୍ଚଳରେ ମୌସୁମୀ ତାହାର ଲୁଚକାଳି ଖେଳ ଅବ୍ୟାହତ ରଖିଛି ।ଏଥିରେ ପ୍ରମାଦ ଗଣୁଛନ୍ତି ଚାଷୀକୁଳ। ଏବେ ଯାଏଁ ଅନେକ ଚାଷୀ ଧାନତଳି ମଧ୍ୟ ପକାଇ ପାରିନାହାନ୍ତି। ତେବେ ଆଗକୁ ଧାରା ଶ୍ରାବଣ ମାସ ଥିବାରୁ ଓ ଏବର୍ଷ ଅଧିକ ବର୍ଷା ଥିବା ଦୃଷ୍ଟିରୁ ଚାଷୀମାନେ ବର୍ଷା ପାଇଁ ଆଶାୟୀ ଥିବା ଦେଖିବାକୁ ମିଳିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଅଧିକାଂଶ ସମୟରେ ପ୍ରବଳ ବର୍ଷା ପାଇଁ କଳାହାଣ୍ଡି ଜିଲ୍ଲାକୁ ସତର୍କ ସୂଚନା ଦିଆ ଯାଉଲେ ମଧ୍ୟ ଅନୁରୂପ ଭାବେ ଆଦୌ ବର୍ଷା।

### ଆଶଙ୍କାରେ ଚାଷୀ

ହେଉନାହିଁ। ଜିଲ୍ଲାର ଅନ୍ୟ କେତେକ ଅଞ୍ଚଳରେ ବର୍ଷା ହେଉଥିଲେ ମଧ୍ୟ ଭବାନୀପାଟଣା ସହର ଓ ବ୍ଲକର ବିଭିନ୍ନ ସ୍ଥାନରେ ଅତି ଅଳ୍ପ ବର୍ଷା। ହେଉଛି ।ମେଘୁଆ ପାଗ, ଝିପିଝିପି ବର୍ଷା ତଥା ଆକାଶରେ କଳାହାଣ୍ଡିଆ ମେଘଖଣ୍ଡ ଦେଖାଯାଉଥଲେ ହେଁ ବର୍ଷର ପରିମାଣ କମ୍ ରହୁଛି। ସରକାରୀ ଭାବେ ମିଳିଥିବା ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ଜୁନ ୨୮ ତାରିଖ ସକାଳ ଘ.୮.୩୦ ଠାରୁ ୨୯ ତାରିଖ ଦିନ ସକାଳ ଘ.୮.୩୦.ପର୍ଯ୍ୟନ୍ତ ମାତ୍ର ୦.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ୩୦ ଜୁନ୍ ସକାଳ ସୁଦ୍ଧା ୧୧.୦୬ ମିମି, ଜୁଲାଇ ୦୧. ଦିନ ୩୭ ମି.ମି.,ଜୁଲାଇ ୦୨ ତାରିଖରେ ୧୩.୦୬ ମି ମି, ୦୩ ତାରିଖରେ ୨୭.୦୦ ମିମି, ୦୪ ତାରିଖରେ ୩.୦୪ ମିମି, ଏବଂ୦୫ ତାରିଖ ସକାଳ ଘ.୮.୩୦ ସୁଦ୍ଧା ମାତ୍ର ୨.୦୪ମି ମି ବର୍ଷା ରେକର୍ଡ କରାଯାଇଛି। ତେବେ ସମୟେ ସମୟେ ଝିପିଝିପି ବର୍ଷା ଓ ସବୁବେଳେ ମେଘୁଆ ପାଗ ହୋଇଥିବାରୁ ଉଠା ଦୋକାନୀ,ଗାଆଁ ଗହଳିରୁ ଆସୁଥିବା ପରିବା ଚାଷୀ, ଦିନ ମଜୁରିଆ ଭାବେ କାମ କରୁଥିବା ଲୋକେ,ବୟସ୍କ ଲୋକମାନେ ତଥା ଛୋଟଛୋଟ ପିଲା ଓ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଧାନ ଚାଷୀମାନେ ଉପଯୁକ୍ତ ବର୍ଷା ନ ହେବାରୁ ଆଶଙ୍କା ଭିତରେ ଥିବା ବେଳେ କପା ଚାଷୀମାନେ ମଧ୍ୟ ଲଗାଣ ବର୍ଷା ଯୋଗୁଁ କପାଗଛରେ ହୁଡା ଟେକିବା କାମରେ ପଛରେ ପଡି ରହିଛନ୍ତି। ତେବେ ସମସ୍ତେ ଧାରା ଶ୍ରାବଣ ଅପେକ୍ଷାରେ ଆଶା ବାନ୍ଧି ବସି ରହିଛନ୍ତି ।ଲଗାଣ ଝିପିଝିପି ବର୍ଷା ଯୋଗୁଁ ବଜାରରେ ପନି ପରିବା ଦରଦାମ୍ ଅହେତୁକ ଭାବେ ବଢି ଚାଲିଥିବାରୁ ଖାଉଟିମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି।

## ଜନ୍ମଦିନରେ ଅଘଟଣ, ବିଦ୍ୟୁତ୍ ନେଲା ଜୀବନ



କୋକସରା, (ଭାସ୍କର ନ୍ୟୁଜ୍): ହସ ଖୁସିର ସହକାରେ ନିଜର ଜନ୍ମଦିନ ପାଳନ କରିଥାନ୍ତେ। ହେଲେ କିଏ ଜାଣିଥିଲା, ଜନ୍ମ ଦିନରେ ବିଦ୍ୟୁତ୍ ରୁପରେ ଯମ ନେଇଯିବ ଜୀବନ ବୋଲି। ମୋବାଇଲ ଚାର୍ଜ କରୁଥିବା ସମୟରେ ବିଦ୍ୟୁତ୍ ସମ୍ପର୍ଶରେ ଆସି ଜଣେ ନାବାଳକର ମୃତ୍ୟୁ ହୋଇଛି। ଏମିତି ଏକ ହୃଦୟବିଦାରକ ଘଟଣା କୋକସରା ଥାନା ଚିଲିଗୁଡା ନୂଆପଡାରେ ଘଟିଛି। ଗ୍ରାମର ଡମ୍ବରୁଧର ନାଏକଙ୍କ ୧୩ ବର୍ଷର ନାବାଳକ ପୁଅ ପ୍ରତାପ ନାଏକ। ମୋବାଇଲ ଚାର୍ଜ କରୁଥିବା ସମୟରେ ବିଦ୍ୟୁତ୍ ସମ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପରିବାର ବର୍ଗଙ୍କ କହିବା ଅନୁସାରେ, ପ୍ରତାପଙ୍କ ଜନ୍ମ ଦିନ ଥିବାରୁ ସେ ସ୍କୁଲ ନଯାଇ ଘରେ ରହିଥିଲେ। ତେବେ ତାଙ୍କ ବାପା, ମା’ ପ୍ରତାକୁ ଏକୁଟିଆ ଛାଡ଼ି ଚାଷ ଜମିକୁ ଯାଇଥିଲେ। ଫେରିଲେ ପ୍ରତାପଙ୍କ ଜନ୍ମ ଦିନ ପାଳନ ହୋଇଥାନ୍ତା। ହେଲେ ଘରକୁ ଫେରି ଦେଖିବା ବେଳକୁ ଅଚେତ ଅବସ୍ଥାରେ ପୁଅ ପ୍ରତାପ ପଡିଥିବା ଦେଖିବାକୁ ପାଇଥିଲେ। ତେବେ ନାବାଳକ ପ୍ରତାପ ବିଦ୍ୟୁତ୍ ସମ୍ପର୍ଶରେ ଆସି ଏଭଳି ହେଇଥିବା ଜାଣି ପରିବାର ଲୋକ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ପ୍ରତାପକୁ ମୃତ ବୋଲି ଘୋଷଣା କରିଥିଲେ। ଖବର ପାଇ କୋକସରା ଥାନା ପୁଲିସ ମେଡିକାଲରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଅନ୍ୟପଟେ ନାବାଳକ ପୁଅର ମୃତ୍ୟୁରେ ପୁରା ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି।

## ଜବାହର ଉଚ୍ଚ ବିଦ୍ୟାପୀଠରେ ଚାରାରୋପଣ

କୋକସରା, (ଭାସ୍କର ନ୍ୟୁଜ୍): ୭୬ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କୋକସରା ସଦର ମହକୁମା ସ୍ଥିତ ଜବାହର ଉଚ୍ଚ ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, କୋକସରା ଫରେଷ୍ଟର ରଶ୍ମି ରଞ୍ଜିତା ନାଏକ, ସ୍କୁଲ ପରିଚାଳନା କମିଟି ସଦସ୍ୟ ତ୍ରିଭୁବନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଏହି କ୍ରମରେ ସ୍କୁଲ ପରିସରରେ ମୂଲ୍ୟବାନ ଗଛ ଗୁଡ଼ିକ ରୋପଣ କରାଯାଇଥିଲା। କୋକସରା ଫରେଷ୍ଟ ଗାର୍ଡ ହିମାଦ୍ରୀ ତନୟା ବିଶି, ଅଶୋକ କୁମାର ନାଏକ, ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, ଶିକ୍ଷକ ହେମନ୍ତ ମାଝୀ, ଶିକ୍ଷୟିତ୍ରୀ ସିମାରାଣୀ ସିଂ, ରଶ୍ମିତା ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।



## ଲଗାଣ ବର୍ଷାରେ ବେହାଲ ଥୁଆମୂଳ-ରାମପୁର ରାସ୍ତା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ବିଭିନ୍ନ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ମଧ୍ୟ ବେଶ୍ ପ୍ରଭାବିତ ହୋଇଛି । ଥୁଆମୂଳ ରାମପୁର-କଲମପୁର ସିଙ୍ଗାରୀ ଘାଟି ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥା ଦେଇ ଗତି କରୁଥିବା ବେଳେ ଚଳିତ ବର୍ଷାରେ ବିଭିନ୍ନ ସ୍ଥାନରେ ମାଟି ଅତଡା ଏବଂ ପଥର ଖସି ରାସ୍ତା ଅବରୋଧ କରୁଥିବା ଭଳି ସ୍ଥିତି ପାଇଁ ଏହି ଘାଟି ରାସ୍ତା ମରଣଯନ୍ତା ପାଲଟିଛି । ଡୁମେରପଦର ତଳଝାପି ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ । ଏହି ରାସ୍ତାର ବିଷମଗିରି ନିକଟ ଏକ ପୋଲ ଏବଂ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଥିବା ଅଭିଯୋଗ ସାମ୍ନାକୁ



ଆସିଛି ।କେରପାଇ ଅଞ୍ଚଳର ସର୍ଗିପଦର ଠାରୁ ସେରକାପାଇ ରାସ୍ତା ମାଟି କାଦୁଅରେ ସରସର ହେଉଥିବା ଯୋଗୁଁ ଏହି ଅଞ୍ଚଳ ଭିତରକୁ ଆମ୍ବୁଲାନ୍ସ ପଶିବା ସମ୍ଭବ ହେଉନଥିବା ଜଣାପଡିଛି । ସେହିପରି ବର୍ଷା ଯୋଗୁଁ ମହୁଲପାଟଣା-ଖମାରପଦର ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡିଛି । ବ୍ଲକର ଏଭଳି ଅନେକ ରାସ୍ତା ଅଛି, ଯେଉଁଠି ସବୁଦିନିଆ ରାସ୍ତା ନଥିବାରୁ ବର୍ଷା ଦିନେ ନାନା ସମସ୍ୟା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି ।

## କେସିଙ୍ଗା ମହାବିଦ୍ୟାଳୟର ନୂତନ ପ୍ରକୋଷ୍ଠ ଉଦ୍‌ଘାଟିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟ ପରିସରରେ ଅନେକ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗର ଆର୍ଥିକ ଅନୁଦାନରେ ନିର୍ମିତ ବାଳକ ସାଧାରଣ ପ୍ରକୋଷ୍ଠ, ଲୋକ ସଭା ସଦସ୍ୟଙ୍କ ପଶ୍ଚିମ ଓଡିଶା ବିକାଶ ପରିଷଦର ଆର୍ଥିକ ଅନୁଦାନରେ ନିର୍ମିତ ରାତ୍ରି ଜଗୁଆଳି କକ୍ଷ ଏବଂ ଅଧ୍ୟକ୍ଷଙ୍କ ନୂତନ କାର୍ଯ୍ୟାଳୟକୁ କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥ ଭାବରେ ଜନ୍ମେଜୟ ସ୍ୱାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ତଥା ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଯୁବ ରେଡ୍‌କ୍ରସ ଏବଂ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବନମହୋତ୍ସବ ପାଳନ କରାଯାଇ ଚାରାରୋପଣ କରାଯାଇଥିଲା। ଯୁବ ରେଡ୍‌କ୍ରସ୍ କାଉନସେଲର ଅଧ୍ୟାପକ ରାଇମୋହନ ମାଝୀ ଏବଂ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମଣି ରଣାଙ୍କ ତତ୍ତ୍ୱାବଧାନରେ ଅତିଥିମାନେ ଚାରାରୋପଣ କରିଥିଲେ।

## ବିଭିନ୍ନ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ନର୍ଲା,(ଭାସ୍କର ନ୍ୟୁଜ୍): ରାଜ୍ୟରେ ଓଡ଼ିଶା ସରକାରଙ୍କ ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ବନ ମହୋତ୍ସବ ସପ୍ତାହ ପାଳନ କରୁଥିବା ବେଳେ କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଆନୁକୂଲ୍ୟରେ ମଧ୍ୟ ନର୍ଲା ସେକ୍ସନ ତରଫରୁ ବିଭିନ୍ନ ସ୍କୁଲଗୁଡ଼ିକରେ ଚାରା ରୋପଣ ସହିତ ବନମହୋତ୍ସବ ସପ୍ତାହ ପାଳନ କରାଯାଇଛି। ନର୍ଲା ବ୍ଲକ୍ ଅନ୍ତର୍ଗତ ସର୍ଗିଗୁଡ଼ା ପଞ୍ଚାୟତର କସ୍ତୁରବା ଉଚ୍ଚ ବିଦ୍ୟାଳୟ ପରିସରରେ ପଣସ, ଜାମୁ କୋଳି, କାଜୁ, ଅଁଳା ଓ ସଜନା ଛୁଇଁ ଭଳି ମୂଲ୍ୟବାନ୍ ଗଛ ଲଗାଯାଇ ବନ ମହୋତ୍ସବ ସପ୍ତାହ ପାଳନ କରିଥିବା ବେଳେ ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ଉକ୍ତ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱମ୍ବର୍ ଭୋଇ, ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର, ଚକ୍ରଧର ସା , ଖେଳ ଶିକ୍ଷକ ନାରାୟଣ ପଧାନ୍ ଓ ସ୍କୁଲର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଠିକ୍ ସେହପରି ଖାଇର୍ ମାଲ୍, ବୋରିଙ୍ଗପଦର, କୁର୍ମେଲରେ ମଧ୍ୟ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଚାରାରୋପଣ କରି ବନ ମହୋତ୍ସବ ସପ୍ତାହ ପାଳନ କରିଛନ୍ତି। ବୃକ୍ଷର ଆବଶ୍ୟତା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନର୍ଲା ବନପାଳ ଭବାନୀ ଶଙ୍କର ନାଏକ୍, ମୋତିରଶ୍ମି ଛତ୍ରିଆ, ଫରେଷ୍ଟ ଗାର୍ଡ ସଂଯୁକ୍ତା ନାୟକ୍, ସୋନାଲି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ସ୍ୱାମୀ ବିବେକାନନ୍ଦଙ୍କ ମହାସମାଧି ଦିବସ ପାଳିତ

ଭବାନୀପାଟଣା,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ତାରିଣୀ ମନ୍ଦିର ରୋଡସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ୧୨୩ ତମ ମହାସମାଧି ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି । ସ୍ୱାମୀ ବିବେକାନନ୍ଦ ଯୁବପିଢ଼ିଙ୍କ ଆଦର୍ଶ ଓ ସମସ୍ତ ଛାତ୍ରଛାତ୍ରୀ ତାଙ୍କ ନୀତି,ନିଷ୍ଠା, ଦେଶଭକ୍ତି, ଭାଇଚାରା ତଥା ରାଷ୍ଟ୍ର ଗଠନରେ ନିଜକୁ ନିୟୋଜିତ ରଖିବା ପାଇଁ ସ୍କୁଲର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ଼.ଶିବରାମ ନାୟକ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ ।ଏହି ଅବସରରେ ସ୍ୱାମୀଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ସଭା ଆରମ୍ଭ ହୋଇଥିଲା ବେଳେ ଛାତ୍ରଛାତ୍ରୀମାନେ ସ୍ୱାମୀଜୀଙ୍କ ସମ୍ପର୍କରେ ନିଜନିଜର ବକ୍ତବ୍ୟ ଦେଇଥିଲେ। ମାତ୍ର ୨୬ ବର୍ଷ ବୟସରେ ସ୍ୱାମୀଜୀ ସନ୍ୟାସୀ ହୋଇ ପାଶ୍ଚାତ୍ୟ ଦେଶ ଭ୍ରମଣ କରି ହିନ୍ଦୁଧର୍ମ ଓ ବେଦନ୍ତର ପ୍ରଚାର ପ୍ରସାର କରିଥିଲେ । ୪ ଜୁଲାଇ ୧୯୦୨ ମସିହାରେ ମାତ୍ର ୩୯ ବୟସ ରେ ତାଙ୍କର ମହାସମାଧି ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ସ୍ୱାମୀଜୀଙ୍କ ଫଟୋ ଚିତ୍ରରେ ଭକ୍ତିପୂତ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ମନୀଷା ସିଂହା, ଚନ୍ଦ୍ରପ୍ରଭା ମିଶ୍ର,ତପସ୍ୱିନୀ ଦୁର୍ଗା, ବୃଷଭ ଦାସଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




## ସର୍ବମଙ୍ଗଳା ଉଚ୍ଚମାଧମିକ ବିଦ୍ୟାଳୟରେ ବନ ମହୋତ୍ସବ

ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସର୍ବ ମଙ୍ଗଳା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଆଜି ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଏକ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉଚ୍ଚ ମାଧମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସରୋଜ କାନ୍ତ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସଚେତନତା ସଭାରେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ନାୟକ, ବିଜୟ କୁମାର ସାହୁ , ପ୍ରଦୀପ କୁମାର ମିଶ୍ର, ବନପାଳ ରମେଶ ଚନ୍ଦ୍ର ବାଗ, ବନରକ୍ଷୀ ବିଶ୍ୱଜିତ ବଗର୍ତ୍ତି ଓ ଆଦିତ୍ୟ ବାଗ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଓ ଚାରା ରୋପଣର ଉପାଦେୟତା ବିଷୟରେ ଆଲୋଚନା କରିଥଲେ। ଚଳିତ ବର୍ଷକୁ ବିଦ୍ୟାଳୟ ସୋନ୍ଦର୍ଯ୍ୟକରଣ ବର୍ଷ ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯିବା ସହିତ ମାଟି ଓ ମାଆ ପାଇଁ ଗଛଟିଏ ଲଗାଇବାକୁ ଉପସ୍ଥିତ ଅତିଥି, କର୍ମଚାରୀ ଓ ଛାତ୍ର ଛାତ୍ରୀମାନେ ଶପଥ ଗ୍ରହଣ କରିଥିଲେ। ଅଧ୍ୟାପକ ପ୍ରବୀର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଯୁବ ରେଡ଼କ୍ରସ ପରାମର୍ଶଦାତା ଶାନ୍ତନୁ କୁମାର ପରିଡ଼ା ମଞ୍ଚ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଉତ୍ତର ବନଖଣ୍ଡ ଅଧିନସ୍ଥ କେଗାଁ ବନାଞ୍ଚଳର ଗୋଲାମୁଣ୍ଡା ସେକ୍ସନ , ସର୍ବ ମଙ୍ଗଳା ଉଚ୍ଚ ମାଧମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ, ଜାତୀୟ ସେବା ଯୋଜନା, ଇକୋ କ୍ଲବ୍ ଓ ଭାରତ ସ୍କାଉଟ ଗାଇଡ (ରୋଭର ରେଞ୍ଜର ବିଭଗ)ଙ୍କ ମିଳିତ ସହାୟତାରେ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଦୁଇ ଶହ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଘନଶ୍ୟାମ ଭାଟି, କବି ପ୍ରସାଦ ପଟ୍ଟନାୟକ,ସନ୍ଦୀପ କାନୁନଗୋ, ତ୍ରିନାଥ ପଟ୍ଟନାୟକ, ଦିଲ୍ଲୀପ କୁମାର ସ୍ୱାଇଁ, ପ୍ରମୋଦ ମହାନ୍ତି, ପ୍ରସନ୍ନ କୁମାର ପ୍ରଧାନ, ବୈକୁଣ୍ଠ ପଟେଲ୍ , କ୍ଷିରସିନ୍ଧୁ ବାରିକ, ଲିଙ୍ଗେଶ୍ୱର ମେହେର ତଥା ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।



## ରାଶିଫଳ

**ରବିବାର, ୦୬ ଜୁଲାଇ ୨୦୨୫**



**ମେଷ:** ବକେୟା ରାଶି ପୁନରୁଦ୍ଧାର ପାଇଁ ଉଦ୍ୟମ ସଫଳ ହେବ । ବ୍ୟବସାୟ ଯାତ୍ରା ଲାଭଦାୟକ ହେବ। ଲାଭ ସୁଯୋଗ ଆସିବ । ଏକ ନୂତନ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବିନିଯୋଗ ଶୁଭ ହେବ। ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ପାରିବାରିକ ସୁଖ ଏବଂ ଶାନ୍ତି ରହିବ।




**ବୃଷ:** ନୂତନ ଯୋଜନା ପ୍ରସ୍ତୁତ ହେବ। ଜଣେ ପ୍ରଭାବଶାଳୀ ବ୍ୟକ୍ତି ମାର୍ଗଦର୍ଶନ ଏବଂ ସମର୍ଥନ ପାଇପାରିବେ। ବ୍ୟବସାୟ କାର୍ଯ୍ୟରେ ଉନ୍ନତି ହେବ । ଆପଣ ସାମାଜିକ ସେବା କରିବାକୁ ପ୍ରେରଣା ପାଇବେ। ସମ୍ମାନ ପାଇବେ । ଟଙ୍କା ମିଳିବା ସହଜ ହେବ।




**ମିଥୁନ:** ଯେକୌଣସି ବଡ ସମସ୍ୟାର ସମାଧାନ ସହଜ ହେବ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ । ବ୍ୟବସାୟ ବୃଦ୍ଧି ହେବାର ସମ୍ଭାବନା ଅଛି । ଭାଗ୍ୟ ଆପଣଙ୍କ ସହିତ ରହିବ ।



**କର୍କଟ :** ମୂଲ୍ୟବାନ ଜିନିଷକୁ ସୁରକ୍ଷିତ ରଖନ୍ତୁ । ଅପ୍ରତ୍ୟାଶିତ ଖର୍ଚ୍ଚ ଆସିବ । ଆର୍ଥିକ ପରିସ୍ଥିତି ଆହୁରି ଖରାପ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ତତ୍ପର ହୁଅନ୍ତୁ ନାହିଁ । ବକ୍ତବ୍ୟର ନିୟନ୍ତ୍ରଣ କରନ୍ତୁ । ଚିନ୍ତା ଏବଂ ଟେନସନ ରହିବ।



**ସିଂହ:** ଶତ୍ରୁତା ରହିବ । ପୂଜାରେ ନିୟୋଜିତ ହେବେ। ବ୍ୟବସାୟରୁ ଲାଭ ବୃଦ୍ଧି ହେବ। କୋର୍ଟ ଇତ୍ୟାଦିରେ ପରିସ୍ଥିତି ଅନୁକୂଳ ହେବ। ଏକ ବିବାଦରେ ବିଜୟ ହାସଲ କରାଯାଇପାରେ । ବ୍ୟବସାୟରେ ନୂତନ ସୁଯୋଗ ମିଳିପାରିବ । ଚିନ୍ତିତ ହେବେ ।




**କନ୍ୟା:** ଦୂରରୁ ଭଲ ଖବର ଗ୍ରହଣ କରାଯିବ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଚାକିରିରେ ଥିବା ସହକର୍ମୀମାନେ ଆପଣଙ୍କୁ ସମର୍ଥନ କରିବେ । ପରିବାରରେ ଯେ କୈଣସି ଚାହିଦା କାମ ସମ୍ଭବ । ଅସ୍ଥିରତା ହୋଇପାରେ । ବକ୍ତବ୍ୟରେ କଠିନ ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ । ଦୁଷ୍ଟ ଲୋକମାନଙ୍କଠାରୁ ଦୂରରେ ରୁହନ୍ତୁ ।



**ତୁଳା:** ବିବାଦକୁ ପ୍ରୋତ୍ସାହନରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ। ଶାରୀରିକ ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ପ୍ରୟାସ ସଫଳ ହେବ। ଚାକିରିରେ କାର୍ଯ୍ୟକୁ ପ୍ରଶଂସା କରାଯିବ। କିଛି ବଡ କରିବାର ଇଚ୍ଛା ହେବ। ବ୍ୟବସାୟ ଭଲ କରିବ। ଟଙ୍କା ମିଳିବା ସହଜ ହେବ।




**ବିଛା:** ଯାତ୍ରାରେ ଶୀଘ୍ର ଯାଆନ୍ତୁ ନାହିଁ । ଜଣେ ବ୍ୟକ୍ତି ସହିତ ବିନା କାରଣରେ ବିବାଦ ହୋଇପାରେ । ଦୌଡାଦୌଡି ଯୋଗୁଁ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ । ବେପରୁଆ ହୁଅନ୍ତୁ ନାହିଁ। କିଛି ଦୁଃଖଦ ଖବର ପାଇବାର ସମ୍ଭାବନା ଅଛି । ଚିନ୍ତା ଏବଂ ଟେନସନ ରହିବ । ବ୍ୟବସାୟ ଭଲ କରିବ ।



**ଧନୁ:** ଟଙ୍କା ନଷ୍ଟ ହେବାର ସମ୍ଭାବନା ଅଛି । ଯାନ ଏବଂ ଯନ୍ତ୍ରପାତି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ଶାରୀରିକ ଯନ୍ତ୍ରଣା ଦ୍ୱାରା କରାଯାଇଥିବା କାର୍ଯ୍ୟରେ ବ୍ୟାଘାତ ହୋଇପାରେ। ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନିଅନ୍ତୁ। କ୍ରୋଧ ଏବଂ ଉତ୍ତେଜନାକୁ ନିୟନ୍ତ୍ରଣ କରନ୍ତୁ। ବ୍ୟବସାୟ ଭଲ କରିବ । ଆୟରେ ନିଶ୍ଚିତତା ରହିବ । ଚିନ୍ତିତ ହେବେ ।




**ମକର:** କାରବାରରେ ସାବଧାନ ରୁହ। ସ୍ଥାୟୀ ସମ୍ପତ୍ତି ବୃଦ୍ଧିର ସମ୍ଭାବନା ହେଉଛି । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ଆୟ ବୃଦ୍ଧି ପାଇବ। ଅଂଶୀଦାରମାନଙ୍କଠାରୁ ଭିନ୍ନତା ପରିସ୍ଥିତିକୁ ଅନୁକୂଳ କରିବ। କାହା ସହିତ ବିବାଦ ହେବାର ସମ୍ଭାବନା ଅଛି । ବଦନାମ ହୋଇପାରନ୍ତି, ସାବଧାନ ରୁହନ୍ତୁ ।



**କୁମ୍ଭ:** ମାନସିକ ଅସ୍ଥିରତା ଦେଖାଯିବ। ବନ୍ଦ କାର୍ଯ୍ୟଗୁଡିକ କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟରେ ଗତି କରିବ। ବିବାଦର ସମାଧାନ ହୋଇପାରିବ । ଜୀବନସାଥୀ ଉପହାର ଦେବାର ସୁଯୋଗ ପାଇବେ। ଖୁସି ହେବେ। ପାରିବାରିକ ସହାୟତା ଜାରି ରହିବ। ଆୟ ବୃଦ୍ଧି ପାଇବ ।



**ମୀନ:** ସୁଖ ବୃଦ୍ଧି ପାଇବ। ଏକ ଚିତ୍ତାକର୍ଷକ ମାର୍ଗ ପ୍ରସ୍ତୁତ କରାଯାଇପାରିବ । ଛାତ୍ରମାନେ ସେମାନଙ୍କର କାର୍ଯ୍ୟକୁ ସଫଳତାର ସହିତ କରିବାକୁ ସମର୍ଥ ହେବେ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଆପଣ ପ୍ରିୟ ଖାଦ୍ୟର ଆନନ୍ଦ ପାଇବେ । ପ୍ରେମ ସମ୍ପର୍କ ପାଇଁ ଏକ ପ୍ରସ୍ତାବ ମିଳିପାରିବ ।

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯